# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 1/2024 Page 16 ₹ 7.00 | RAYAGADA

୫୦ଶ ଭାଗ ୨୭୮ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 50 ISSUE 278 ମୂଲ୍ୟ ₹୭/-





## ସଂକ୍ଷେପରେ

### ଅକ୍ଟୋବର ୫ରେ ହରିୟାଣା ନିର୍ବାଚନ

ନୂଆଦିଲ୍ଲୀ,୩୧।୮ (ପି.ଟି.)

ଭାରତର ନିର୍ବାଚନ କମିଶନ (ଇସିଆଇ) ହରିୟାଣା ବିଧାନସଭା ନିର୍ବାଚନ ତାରିଖ ପରିବର୍ତ୍ତନ କରିଛନ୍ତି। ଅକ୍ଟୋବର ୧ରେ ହରିୟାଣାରେ ଭୋଟଗ୍ରହଣ ପାଇଁ ପୂର୍ବରୁ ତାରିଖ ଘୋଷଣା ହୋଇଥିଲା। ତେବେ ସେଦିନ ବିଷ୍ଣୋଇ ସମ୍ପ୍ରଦାୟର ବହୁ ପୁରାତନ ଉତ୍ସବକୁ ଦୃଷ୍ଟିରେ ରଖି ଅକ୍ଟୋବର ୫ରେ ନିର୍ବାଚନ କରାଇବାକୁ ଇସିଆଇ ଶନିବାର ନିଷ୍ପତ୍ତି ନେଇଛନ୍ତି। ଜମ୍ମୁ-କଶ୍ମୀର ନିର୍ବାଚନ ତାରିଖରେ ପରିବର୍ତ୍ତନ ହୋଇନାହିଁ। ତେବେ ଉଭୟ ରାଜ୍ୟର ଭୋଟ ଗଣତି ଅକ୍ଟୋବର ୪ ପରିବର୍ତ୍ତେ ୮ ତାରିଖରେ ଅନୁଷ୍ଠିତ ହେବ। ବିଷ୍ଣୋଇ ସମ୍ପ୍ରଦାୟ ୩୦୦ରୁ ୪୦୦ ବର୍ଷ ହେଲା ସେମାନଙ୍କ ଗୁରୁ ଜମ୍ଭେଶ୍ୱରଙ୍କ ସ୍ମୃତିରେ ଅକ୍ଟୋବର ୧ରେ ଏହି ଉତ୍ସବ ପାଳିଥାନ୍ତି। ପରମ୍ପରା ଏବଂ ଭୋଟ ଅଧିକାରକୁ ସମ୍ମାନ ଦେଇ ଏହି ନିଷ୍ପତ୍ତି ନିଆଯାଇଥିବା ନିର୍ବାଚନ କମିଶନ କହିଛନ୍ତି। ହରିୟାଣା ଭୋଟଗ୍ରହଣ ତାରିଖ ବଦଳାଇବା ପାଇଁ ରାଜସ୍ଥାନ ବିକାନେର୍‌ର ସର୍ବଭାରତୀୟ ବିଷ୍ଣୋଇ ମହାସଭାର ଅଧ୍ୟକ୍ଷ ନିର୍ବାଚନ କମିଶନଙ୍କ ନିକଟରେ ଦାବି କରିଥିଲେ।

### ୫ ବର୍ଷର ଶିଶୁକନ୍ୟାଙ୍କୁ ନାବାଳକଙ୍କ ବଳାତ୍କାର

ନୂଆଦିଲ୍ଲୀ,୩୧।୮

ଦିଲ୍ଲୀର କାପାଶେରା ଅଞ୍ଚଳରେ ୫ ବର୍ଷର ଶିଶୁକନ୍ୟାକୁ ଜଣେ ୧୪ ବର୍ଷର ବାଳକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଶିଶୁଟି ଘରେ ଏକୁଟିଆ ଥିବାବେଳେ ପଡୋଶୀ ଘରର ନାବାଳକ ତାଙ୍କ ଯୌନ ନିର୍ଯାତନା ଦେଇଥିବା ପୋଲିସ କହିଛି। ନାବାଳକଙ୍କୁ ଧରାଯାଇ ସୁଧାର ଗୃହକୁ ପଠାଯାଇଛି। ଶିଶୁକନ୍ୟାର ମାଆବାପା ଶ୍ରମିକ ହୋଇଥିବାରୁ ସେମାନେ ବାହାରକୁ କାମରେ ଯାଇଥିଲେ। ଏହି ସୁଯୋଗରେ ବାଳକ ଜଣକ ତାଙ୍କ ଘରେ ପଶି ବଳାତ୍କାର କରିଥିଲେ ବୋଲି ଡିସିପି ରୋହିତ ମୀନା କହିଛନ୍ତି।

### ଏୟାରଲିଫ୍ଟ ହେଉଥିବା ହେଲିକପ୍ଟର ଖସିପଡ଼ିଲା

ନୂଆଦିଲ୍ଲୀ,୩୧।୮

ଯାନ୍ତ୍ରିକ ତ୍ରୁଟି ଯୋଗୁ ଏକ ଘରୋଇ ହେଲିକପ୍ଟର ଗତ ମେ' ମାସରେ ଉତ୍ତରାଖଣ୍ଡରେ ଜରୁରୀ ଅବତରଣ କରିଥିଲା। ଉକ୍ତ ତ୍ରୁଟିପୂର୍ଣ୍ଣ ହେଲିକପ୍ଟରକୁ ଶନିବାର ସକାଳେ ଭାରତୀୟ ବାୟୁସେନାର ଏକ ବିମାନ କେଦାରନାଥରୁ ଗୌଚରକୁ ଏୟାରଲିଫ୍ଟ କରୁଥିବାବେଳେ ମନ୍ଦାକିନୀ ନଦୀର ଲିଞ୍ଚୋଲା ନିକଟରେ ତାହା ଖସିପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଘରୋଇ ହେଲିକପ୍ଟରକୁ ନେବାବେଳେ ବାୟୁସେନା ହେଲିକପ୍ଟର ଏମ୍ଆଇ-୧୭ ଭାରସାମ୍ୟ ହରାଇବା ଆରମ୍ଭ କରିଥିଲା। ସୁରକ୍ଷା ଦୃଷ୍ଟିରୁ ତ୍ରୁଟିଯୁକ୍ତ ହେଲିକପ୍ଟରକୁ ଏକ ନିଛାଟିଆ ସ୍ଥାନରେ ଖସାଇ ଦିଆଯାଇଥିଲା ବୋଲି ରୁଦ୍ରପ୍ରୟାଗ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ କହିଛନ୍ତି।

# ଗୁପ୍ତ କ୍ୟାମେରାରେ ହେଉଥିଲା ନଗ୍ନ ଭିଡିଓ

## ମାଲୟାଲମ୍ ସିନେମାର କଳା ଅଧ୍ୟାୟ

ଥିରୁଭାନନ୍ତପୁରମ୍,୩୧।୮

ଜଷ୍ଟିସ୍ ହେମା କମିଟି ରିପୋର୍ଟ ମାଲୟାଲମ୍ ଚଳଚ୍ଚିତ୍ର ଶିଳ୍ପର ପାଣ୍ଡୋରା ବାକ୍ସ ଖୋଲିଥିବାବେଳେ ଅଭିନେତ୍ରୀମାନଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବାର ନୂଆ ନୂଆ ଘଟଣା ପ୍ରତିଦିନ ପ୍ରଘଟ ହେବାରେ ଲାଗିଛି। ଖ୍ୟାତନାମା ଅଭିନେତ୍ରୀ ରାଧିକା ଶରଥକୁମାର ମାଲୟାଲମ ଚଳଚ୍ଚିତ୍ରରେ କାର୍ଯ୍ୟ କରିବାର ଅଭିଜ୍ଞତା ଶେୟାର କରିଛନ୍ତି। ହିରୋଇନ୍‌ମାନଙ୍କୁ ନେବାଆଣିବା କରୁଥିବା କାରାଭାନ୍‌ରେ ଗୁପ୍ତ କ୍ୟାମେରା ଲଗାଯାଇ ନଗ୍ନ ଦୃଶ୍ୟ ରେକର୍ଡ କରାଯାଉଥିଲା ବୋଲି ସେ ଚାଞ୍ଚଲ୍ୟକର ଅଭିଯୋଗ ଆଣିଛନ୍ତି। ଉକ୍ତ ଭିଡିଓକୁ ଚଳଚ୍ଚିତ୍ର ଶିଳ୍ପ ସହ ଜଡ଼ିତ ପୁରୁଷ ଲୋକମାନଙ୍କ ମଧ୍ୟରେ ବ୍ୟାପକ ଭାବେ ଶେୟାର କରାଯାଉଥିଲା। ଏହାକୁ ଅଲଗା ଫୋଲ୍ଡରରେ ଷ୍ଟୋର କରି ରଖାଯାଉଥିଲା। ସବୁ ଫୋଲ୍ଡରକୁ ଭିନ୍ନ ଭିନ୍ନ ଅଭିନେତ୍ରୀଙ୍କ ନାଁରେ ନାମିତ କରାଯାଇଥିଲା। ଇଣ୍ଡଷ୍ଟ୍ରି ସହ ଜଡ଼ିତ ପୁରୁଷମାନେ ସେମାନଙ୍କ ମୋବାଇଲ ଫୋନ୍‌ରେ ଉକ୍ତ ଭିଡିଓ ଦେଖୁଥିଲେ। ଏହି କାରଣରୁ ସେ ହୋଟେଲରେ ରହିବା ବନ୍ଦ କରିଦେବା ସହ ଶୁଟିଂ ସମୟରେ କାରାଭାନ ବ୍ୟବହାର କରିବାକୁ ମନା କରିଦେଇଥିଲେ ବୋଲି ରାଧିକା କହିଛନ୍ତି। ତେବେ ସେ ଅନ୍ୟ ଅଭିନେତ୍ରୀମାନଙ୍କୁ ଲଜ୍ଜିତ କରିବାକୁ ଚାହୁଁ ନ ଥିବାରୁ ଉକ୍ତ ଚଳଚ୍ଚିତ୍ରର ନାଁ କହିବାକୁ ମନା କରିଦେଇଛନ୍ତି।

ହେମା କମିଟିର ରିପୋର୍ଟକୁ ରାଧିକା ସ୍ୱାଗତ କରିଛନ୍ତି। ରିପୋର୍ଟରେ ଯାହା ଉଲ୍ଲେଖ ରହିଛି, ସେଭଳି ଅଭିଜ୍ଞତା ତାଙ୍କର ଅଙ୍ଗେନିଭା ଘଟଣା ଥିଲା। ସେ ୪୦ ବର୍ଷରୁ ଊର୍ଦ୍ଧ୍ୱ ମଲିଉଡ୍ (ମାଲୟାଲମ ଚଳଚ୍ଚିତ୍ର ଜଗତ)ରେ କାମ କରିଥିଲେ। ତାଙ୍କୁ ପୁରୁଷମାନେ ଅସଦ୍‌ବ୍ୟବହାର କରୁଥିଲେ ବୋଲି ଅଭିନେତ୍ରୀ କହିଛନ୍ତି। ସିନେମା ଶିଳ୍ପରେ ଯୌନ ନିର୍ଯାତନା ଏବଂ ପକ୍ଷପାତ ଘଟଣା ପଦାକୁ ଆସିବା ସତ୍ତ୍ୱେ ପୁରୁଷମାନେ ନୀରବ ରହିବା ଘଟଣାରେ ରାଧିକା ଚିନ୍ତା ପ୍ରକଟ କରିଛନ୍ତି।

ସେହିପରି ଅନ୍ୟତମ ବର୍ଷୀୟାନ ଅଭିନେତ୍ରୀ ମାଲା ପାର୍ବତୀ ଆଉ ଏକ ଲଜ୍ଜାଜନକ ଘଟଣା ପ୍ରଘଟ କରିଛନ୍ତି। ୨୦୧୦ରେ ଅପୂର୍ବରାଗମ୍ ଚଳଚ୍ଚିତ୍ର ଶୁଟିଂ ବେଳେ ତାଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି। ଚଳଚ୍ଚିତ୍ରରେ ତାଙ୍କ ସ୍ୱାମୀ ଭୂମିକାରେ ଅଭିନୟ କରୁଥିବା ବ୍ୟକ୍ତି ଜଣକ ତାଙ୍କ ଝିଅ ଭୂମିକା ନିଭାଉଥିବା ଅଭିନେତ୍ରୀଙ୍କୁ ଗୋଟିଏ ହାତରେ ସ୍ୱର୍ଶ କଲାବେଳେ ଅନ୍ୟ ହାତରେ ତାଙ୍କ ଶରୀରକୁ ଅଣ୍ଡାଳିଥିଲେ ବୋଲି ମାଲା କହିଛନ୍ତି। ଏହି ଘଟଣାରେ ତାଙ୍କୁ ଅତ୍ୟନ୍ତ ବାଧିଥିଲା ଏବଂ ସେ ୬ ମାସ ଯାଏ ସିନେମାରେ କାମ କରିବା ବନ୍ଦ କରିଦେଇଥିଲେ। ତେବେ ଏଭଳି ଅପରାଧ ବିରୋଧରେ ସ୍ୱର ଉଠାଇବା ପାଇଁ ସ୍ୱାମୀଙ୍କ ପରାମର୍ଶକ୍ରମେ ମାଲା ପୁଣିଥରେ ଚଳଚ୍ଚିତ୍ର ଜଗତକୁ ଫେରିଥିଲେ ବୋଲି କହିଛନ୍ତି।

ଜଣେ ଯୁବ ଅଭିନେତ୍ରୀଙ୍କ ଅଭିଯୋଗ ଆଧାରରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ରଞ୍ଜିଥ୍‌ଙ୍କ ନାଁରେ କୋଚି ପୋଲିସ ମାମଲା ରୁଜୁ କରିଛି। ଅଡିଶନ ଦେବାକୁ କହି ରଞ୍ଜିଥ୍ ଉକ୍ତ ଅଭିନେତ୍ରୀଙ୍କୁ ବେଙ୍ଗାଲୁରୁର ଏକ ହୋଟେଲକୁ ଡାକିଥିଲେ। ତାଙ୍କୁ ସିନେମାରେ ରୋଲ୍ ଦେବାର ପ୍ରଲୋଭନ ଦେଖାଇ ଜବରଦସ୍ତ ଉଲଗ୍ନ କରିବା ସହ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା।



ରାଧିକା ଶରଥକୁମାର



ମାଲା ପର୍ବତୀ

### ମଲିଉଡ୍‌କୁ ଧ୍ୱଂସ କରା ନ ଯାଉ: ମୋହନଲାଲ୍



ମାଲୟାଲମ୍ ଚଳଚ୍ଚିତ୍ରରେ ମହିଳା କଳାକାରମାନଙ୍କ ପ୍ରତି ଯୌନ ନିର୍ଯାତନା ସମ୍ପର୍କିତ ହେମା କମିଟି ରିପୋର୍ଟ ଆସିବାର ସପ୍ତାହେ ପରେ ବର୍ଷୀୟାନ ଅଭିନେତା ତଥା ଏଏମ୍ଏମ୍ଏ (ଆସୋସିଏଶନ ଅଫ୍ ମାଲୟାଲାମ ମୁଭି ଆର୍ଟିଷ୍ଟସ୍)ର ପୂର୍ବତନ ଅଧ୍ୟକ୍ଷ ମୋହନଲାଲ୍ ଶନିବାର ପ୍ରଥମ ଥର ମୁହଁ ଖୋଲିଛନ୍ତି। ଚଳଚ୍ଚିତ୍ର ସଂଗଠନ ପରିଚାଳନା ସଂସ୍ଥାର କେତେଜଣ ସଦସ୍ୟଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆସିବା ପରେ ନୈତିକତା ଦୃଷ୍ଟିରୁ ସେ ଗତ ୨୭ ତାରିଖରେ ଏଏମ୍ଏମ୍ଏର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ଚଳଚ୍ଚିତ୍ର ଶିଳ୍ପକୁ ଧ୍ୱଂସ ନ କରିବାକୁ ସେ ପ୍ରତ୍ୟେକଙ୍କୁ ନିବେଦନ କରିଛନ୍ତି। ଘଟଣାର ତଦନ୍ତ ଚାଲିଥିବାରୁ ଏଏମ୍ଏମ୍ଏ ଉପରେ ସବୁ ଫୋକସ୍ ନ କରିବାକୁ ମୋହନଲାଲ କରିଛନ୍ତି। ହେମା କମିଟି ରିପୋର୍ଟକୁ ଆମେ ସ୍ୱାଗତ କରୁଛୁ। ତେବେ ସବୁ ପ୍ରଶ୍ନର ଉତ୍ତର ଏଏମ୍ଏମ୍ଏ ଦେଇପାରିବ ନାହିଁ ବୋଲି ସେ କହିଛନ୍ତି।

## ଏକ୍ସ'କୁ ବ୍ୟାନ୍ କଲା ବ୍ରାଜିଲ୍

ସାଓ ପାଉଲୋ, ୩୧।୮

ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଏକ୍ସ'କୁ ଶନିବାର ବ୍ରାଜିଲ ବ୍ୟାନ୍ କରିଛି। ୨୪ ଘଣ୍ଟା ମଧ୍ୟରେ ଜଣେ ଆଇନ ଅଧିକାରୀଙ୍କୁ ନିଯୁକ୍ତ କରିବା ପାଇଁ ଶୁକ୍ରବାର ବ୍ରାଜିଲର ସୁପ୍ରିମକୋର୍ଟ ଏକ୍ସ'କୁ ଡେଡ୍‌ଲାଇନ ଜାରି କରିଥିଲେ। ତେବେ ଏକ୍ସ' ପକ୍ଷରୁ ବ୍ରାଜିଲରେ ଆଇନ ଅଧିକାରୀଙ୍କୁ ନିଯୁକ୍ତ କରାଯାଇ ନ ଥିବାରୁ ଜଷ୍ଟିସ୍ ଆଲେକଜାଣ୍ଡର ଡି ମାରିଆସ ଦେଶବ୍ୟାପୀ ଏହାକୁ ବ୍ୟାନ୍ କରିବା ପାଇଁ ଆଦେଶ ଜାରି କରିଛନ୍ତି। ଏହାପୂର୍ବରୁ ଗତ ୧୭ ତାରିଖରେ ଏକ୍ସ' ନିଜର ପୁରୁଣା ଆଇନ ଅଧିକାରୀଙ୍କୁ ଜେଲ୍‌ରେ ରଖିବାକୁ ବ୍ରାଜିଲରୁ ଧମକ ମିଳୁଥିବା ଦାବିକରି ନିଜର କାର୍ଯ୍ୟାଳୟକୁ ବନ୍ଦ କରିଦେଇଥିଲା। ସ୍ଥାନୀୟ ମିଡିଆ ରିପୋର୍ଟ ଅନୁଯାୟୀ, ଅନେକ ମାସ ଧରି ଦେଶରେ ଜଣେ ଆଇନ ଅଧିକାରୀଙ୍କୁ ନିଯୁକ୍ତ କରିବା ନେଇ କୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ ନ କରିବାରୁ ବ୍ରାଜିଲରେ ଏକ୍ସ' ବିବାଦରେ ରହିଆସିଥିଲା। ଦେଶର ଗଣତନ୍ତ୍ରକୁ ଦୁର୍ବଳ କରୁଥିବା କଣ୍ଟେଣ୍ଟକୁ ପ୍ରୋତ୍ସାହନ ଯୋଗାଉଥିବା ଏକ୍ସ'ର ଅଧିକାରୀମାନଙ୍କୁ ହଟାଇବାକୁ ବ୍ରାଜିଲରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି କରାଯାଉଥିଲା। ତେବେ ନିର୍ଦ୍ଦେଶ ପାଳନ ନ କରିଥିବା ହେତୁ ବ୍ରାଜିଲର ସୁପ୍ରିମ ଫେଡେରାଲ କୋର୍ଟ ଏକ୍ସ' ଉପରେ ୩ ମିଲିୟନ ଡଲାରର ଜରିମାନା ଲଗାଇଛନ୍ତି।

# ମହିଳା ବିରୋଧୀ ଅପରାଧ: ତ୍ୱରିତ ନ୍ୟାୟ ଲୋଡ଼ା



ଜିଲା ନ୍ୟାୟପାଳିକା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼।

ନୂଆଦିଲ୍ଲୀ,୩୧।୮ (ପି.ଟି.)

ମହିଳା ବିରୋଧୀ ଅପରାଧ ସହ ସମ୍ପୃକ୍ତ ମାମଲାଗୁଡ଼ିକରେ ତ୍ୱରିତ୍ ନ୍ୟାୟ ଜରୁରୀ। ଏହା ମହିଳାମାନଙ୍କ ସୁରକ୍ଷା ପାଇଁ ବଡ଼ ଆଶ୍ୱାସନା ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଜିଲା ନ୍ୟାୟପାଳିକା ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି। ସେ କହିଥିଲେ, ନ୍ୟାୟପାଳିକାକୁ ସମ୍ବିଧାନର ତତ୍ତ୍ୱାବଧାରକ ବିବେଚନା କରାଯାଏ। ସୁପ୍ରିମକୋର୍ଟ ଓ ନ୍ୟାୟପାଳିକା ଏହି ଦାୟିତ୍ୱକୁ ନିର୍ବାହ କରିଛନ୍ତି। ଦେଶବାସୀ କଦାପି ସୁପ୍ରିମକୋର୍ଟ କିମ୍ବା ନ୍ୟାୟ ବ୍ୟବସ୍ଥା ପ୍ରତି ଅନାସ୍ଥା ଦେଖାଇନାହାନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ସମ୍ମିଳନୀରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଉପସ୍ଥିତ ଥିଲେ।

ଏମର୍ଜେନ୍ସି ଲାଗୁ ସମୟରେ ଦେଶ ଅନ୍ଧକାର ମଧ୍ୟରେ ଗତି କରୁଥିବାବେଳେ ମୌଳିକ ଅଧିକାରକୁ ବଜାୟ ରଖିବାରେ ନ୍ୟାୟପାଳିକା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା। ଜାତୀୟ ସ୍ୱାର୍ଥକୁ ନ୍ୟାୟପାଳିକା ସର୍ବାଧିକ ପ୍ରାଥମିକତା ଦେଇ ଜାତୀୟ ସଂହତିକୁ ସୁରକ୍ଷିତ ରଖିଥିବା ମୋଦି କହିଛନ୍ତି। କୋଲକାତାରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଏବଂ ଠାଣେରେ ୨ ଶିଶୁକନ୍ୟାଙ୍କୁ ଯୌନ ନିର୍ଯାତନାକୁ ନେଇ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଥିବାବେଳେ ଏଗୁଡ଼ିକ ସମାଜ ପାଇଁ ଗମ୍ଭୀର ଚିନ୍ତାର ବିଷୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଜିଲା ନ୍ୟାୟପାଳିକା ଆଇନ ଶାସନର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ: ସିଜେଆଇ

ନୂଆଦିଲ୍ଲୀ,୩୧।୮ (ପି.ଟି.)

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଜିଲା ନ୍ୟାୟ ବ୍ୟବସ୍ଥାକୁ ନ୍ୟାୟପାଳିକାର ମେରୁଦଣ୍ଡ ବୋଲି କହିବା ସହ ଏହାକୁ ଆଇନ ଶାସନର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ବର୍ଣ୍ଣନା କରିଛନ୍ତି। ଜିଲା ନ୍ୟାୟପାଳିକା ଜାତୀୟ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ସିଜେଆଇ କହିଛନ୍ତି, ଜିଲା ଅଦାଲତଗୁଡ଼ିକୁ ଅଧୀନସ୍ଥ ଅଦାଲତ କହିବା ବନ୍ଦ ହେବା ଜରୁରୀ। ନ୍ୟାୟ ଚାହୁଁଥିବା ନାଗରିକ ପ୍ରଥମେ ଜିଲା ନ୍ୟାୟପାଳିକା ସହ ଯୋଗାଯୋଗ କରିଥାଏ। ବିଚାର ବ୍ୟବସ୍ଥା ଉପରେ ନାଗରିକଙ୍କ ଆସ୍ଥା ନ୍ୟାୟପାଳିକା ପ୍ରଦାନ କରୁଥିବା ନ୍ୟାୟର ମାନ ଓ ସ୍ଥିତିରୁ ନିର୍ଦ୍ଧାରିତ ହୋଇଥାଏ। ସ୍ୱାଧୀନତାର ୭୫ ବର୍ଷ ପରେ ବ୍ରିଟିଶ ଯୁଗର ଆଉ ଏକ ପରମ୍ପରା ଅଧୀନସ୍ଥର ଉପନିବେଶୀୟ ମାନସିକତାକୁ ତ୍ୟାଗ କରିବା ସମୟ ଆସିଛି ବୋଲି ସିଜେଆଇ କହିଛନ୍ତି।

୨୦୨୩-୨୪ରେ ୪୬.୪୮ କୋଟି ପୃଷ୍ଠାର କୋର୍ଟ ରେକର୍ଡକୁ ଡିଜିଟାଇଜ୍ କରାଯାଇଛି। ନ୍ୟାଶନାଲ ଇନ୍‌ଫର୍ମେଟିକ୍ସ ସେଣ୍ଟର ସହ ମିଶି ଇ-କମିଟି ନ୍ୟାଶନାଲ ଜୁଡିସିଆଲ ଡେଟା ଗ୍ରୀଡ୍‌କୁ ପରିଚାଳନା କରୁଛି। ଇ-କୋର୍ଟ ପ୍ରୋଜେକ୍ଟ ଦ୍ୱାରା ୩,୫୦୦ କୋର୍ଟ କମ୍ପ୍ଲେକ୍ସ ଏବଂ ୨୨,୦୦୦ରୁ ଊର୍ଦ୍ଧ୍ୱ କୋର୍ଟରୁମ୍‌ର କମ୍ପ୍ୟୁଟରୀକରଣ ହୋଇପାରିଛି।

## ଭିଏତ୍‌ନାମ ଡାକ୍ତରଙ୍କୁ ରମନ୍ ମାଗାସେସେ ପୁରସ୍କାର

ମାନିଲା, ୩୧।୮



ଗୁୟେନ୍ ଥୀ ନଗୋକ୍ ଫୁଓାଙ୍ଗ୍

ଚଳିତ ବର୍ଷର ରମନ୍ ମାଗାସେସେ ପୁରସ୍କାର ପାଇଁ ଆୱାର୍ଡ ଫାଉଣ୍ଡେଶନ ପକ୍ଷରୁ ଶନିବାର ମନୋନୀତ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ୧୯୫୫ରୁ ୧୯୭୫ ମଧ୍ୟରେ ହୋଇଥିବା ଭିଏତ୍‌ନାମ ଯୁଦ୍ଧ ସମୟରେ ଆମେରିକୀୟ ସେନା ଦ୍ୱାରା ବ୍ୟବହୃତ ହୋଇଥିବା ଶକ୍ତିଶାଳୀ କେମିକାଲ 'ଏଜେଣ୍ଟ ଅରେଞ୍ଜ'ର ପୀଡ଼ିତଙ୍କୁ ନ୍ୟାୟ ଦେବାରେ ସାହାଯ୍ୟ କରିଥିବା ଭିଏତ୍‌ନାମୀ ଚିକିତ୍ସକ ଗୁୟେନ୍ ଥୀ ନଗୋକ୍ ଫୁଓାଙ୍ଗ୍‌ଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯିବ। ଥାଇଲାଣ୍ଡ ଗ୍ରାମାଞ୍ଚଳରେ ଗରିବଙ୍କ ନିମନ୍ତେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟସେବା ସୁବିଧା ପାଇଁ ସଂଘର୍ଷ କରୁଥିବା 'ଦି ରୁରାଲ ଡକ୍ଟର୍ସ ମୁଭ୍‌ମେଣ୍ଟ' ନାମକ ଚିକିତ୍ସକ ଗୋଷ୍ଠୀ, ଇଣ୍ଡୋନେସିଆର ପରିବେଶ ସୁରକ୍ଷାକର୍ମୀ ଫର୍‌ୱିଜା ଫର୍‌ହାନ, ପିଲାମାନଙ୍କ ଜଟିଳ ପ୍ରସଙ୍ଗକୁ ନେଇ କାର୍ଯ୍ୟ କରୁଥିବା ଜାପାନୀ ଆନିମେଟର ମିୟାଜାକୀ ହୟାଓ, ଭୁଟାନର ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରୁଥିବା ଶିକ୍ଷାବିତ୍ କର୍ମା ଫୁଣ୍ଟଶୋ ମାଗାସେସେ ପାଇଁ ମନୋନୀତ ହୋଇଛନ୍ତି। ଏହି ପୁରସ୍କାରକୁ ଏସିଆର ନୋବେଲ ପୁରସ୍କାର ବିବେଚନା କରାଯାଏ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ୩ଟି ବନ୍ଦେ ଭାରତ ଟ୍ରେନ୍‌ର ଚଳାଚଳକୁ ଆଭାସିରେ ଶୁଭାରମ୍ଭ କରିଛନ୍ତି। ମୀରଟରୁ ଲକ୍ଷ୍ନୌ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳକୁ ଭାଜପା ଏମ୍‌ପି ଅରୁଣ ଗୋଭିଲ ଓ ଅନ୍ୟ ନେତାମାନେ ପତାକା ଦେଖାଇ ଆରମ୍ଭ କରୁଛନ୍ତି।

## ୨୨ ଯାତ୍ରୀଙ୍କ ସହ ହେଲିକପ୍ଟର ନିଖୋଜ



ମସ୍କୋ, ୩୧।୮

ରୁଷିଆର ପୂର୍ବବର୍ତ୍ତୀ କାମ୍‌ଚଟ୍‌କା ଅଞ୍ଚଳରୁ ଉଡ଼ାଣ ଭରିବାର କିଛି ସମୟ ପରେ ଶନିବାର ଏକ ଏମ୍ଆଇ-୮ ହେଲିକପ୍ଟର ନିଖୋଜ ହୋଇଯାଇଛି। ରିପୋର୍ଟ ଅନୁଯାୟୀ, ହେଲିକପ୍ଟରଟି କାମ୍‌ଚଟ୍‌କା ଅଞ୍ଚଳର ଭାଚକାଜେଟ୍ସ ଆଗ୍ନେୟଗିରି ନିକଟରୁ ଉଡାଣ ଭରିଥିବାବେଳେ ଏହା ନିର୍ଦ୍ଧାରିତ ସମୟରେ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରି ନ ଥିଲା। ଏନେଇ ରୁଷିଆର ଫେଡେରାଲ ଏୟାର ଟ୍ରାନ୍ସପୋର୍ଟ ଏଜେନ୍ସି ଏକ ବିବୃତିରେ ସୂଚନା ଦେଇଛି। ତେବେ ୧୯ ଜଣ ଯାତ୍ରୀ ଏବଂ ୩ ଜଣ କ୍ରିଉ ସଦସ୍ୟ ଥିବା ଉକ୍ତ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥିବାର ଆଶଙ୍କା କରାଯାଉଛି। ଭାରତୀୟ ସମୟ ଅନୁଯାୟୀ, ଶନିବାର ସକାଳ ୯.୩୦ରେ ହେଲିକପ୍ଟରଟିକୁ ଏହାର ଗନ୍ତବ୍ୟ ସ୍ଥଳକୁ ଫେରିବାର ଥିଲା। ଅନେକ ପ୍ରୟାସ କରାଯିବା ସତ୍ତ୍ୱେ ମଧ୍ୟ କ୍ରିଉ ସଦସ୍ୟଙ୍କ ସହ ସମ୍ପର୍କ ସ୍ଥାପନ ହୋଇ ପାରି ନ ଥିଲା। ରୁଷିଆରେ ଉଦ୍ଧାରକାରୀ ଦଳ ଏହି ହେଲିକପ୍ଟରଟିକୁ ଖୋଜିବାରେ ଲାଗିଛନ୍ତି। ତେବେ ଏମ୍ଆଇ-୮ ହେଲିକପ୍ଟର ବାରମ୍ବାର ଦୁର୍ଘଟଣାଗ୍ରସ୍ତ ହେବାର ନଜିର ରହିଛି। ଗତ ୧୨ ତାରିଖରେ ମଧ୍ୟ କାମ୍‌ଚଟ୍‌କା ଅଞ୍ଚଳରେ ଗୋଟିଏ ଏମ୍ଆଇ-୮ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉକ୍ତ ହେଲିକପ୍ଟରରେ ଥିବା ୧୩ ଯାତ୍ରୀ ଓ ୩ କ୍ରିଉ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଥିବା ସ୍ଥାନୀୟ ଜରୁରିକାଳୀନ ସେବା ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶ ଯେ, ୧୯୬୦ ଦଶକରେ ଡିଜାଇନ କରାଯାଇଥିବା ଏମ୍ଆଇ-୮ ହେଉଛି ୨ ଇଞ୍ଜିନ ବିଶିଷ୍ଟ ହେଲିକପ୍ଟର। ଏହି ହେଲିକପ୍ଟର ରୁଷ ଏବଂ ଏହାର ପଡ଼ୋଶୀ ଦେଶଗୁଡ଼ିକରେ ବହୁଳ ଭାବେ ବ୍ୟବହୃତ ହୋଇଥାଏ।

## ଆନ୍ଦୋଳନ ବେଳେ ବଳ ପ୍ରୟୋଗ

# କୋଲକାତା ପୋଲିସ ମୁଖ୍ୟଙ୍କୁ ଏନ୍‌ଏଚ୍‌ଆର୍‌ସି ନୋଟିସ


ନୂଆଦିଲ୍ଲୀ,୩୧।୮ (ପି.ଟି.)

କୋଲକାତାର ଆର୍.ଜି. କର ହସ୍ପିଟାଲର ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ନ୍ୟାୟ ଦାବିକରି ଛାତ୍ରୀଛାତ୍ର ଗତ ୨୭ ତାରିଖରେ ନବାନ୍ନ ଅଭିମୁଖେ ବିକ୍ଷୋଭ ଶୋଭାଯାତ୍ରାରେ ଯାଉଥିବାବେଳେ ସେମାନଙ୍କ ଉପରେ ବର୍ବରତା ଓ ଅତ୍ୟଧିକ ବଳ ପ୍ରୟୋଗ ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) କୋଲକାତା ପୋଲିସ କମିଶନରଙ୍କୁ ନୋଟିସ ଜାରି କରିଛନ୍ତି। ଏହି ଘଟଣାରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ୨ ସପ୍ତାହ ମଧ୍ୟରେ ଜଣାଇବା ପାଇଁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ହ୍ୟୁମ୍ୟାନ ରାଇଟ୍ସ ଇନିସିଏଟିଭ୍ (ଭୀମ୍)ର ଓ.ପି. ବ୍ୟାସଙ୍କ ଅଭିଯୋଗ ଆଧାରରେ ନୋଟିସ ଜାରି ହୋଇଛି।

ନ୍ୟାୟ ଦାବିରେ ଛାତ୍ରୀଛାତ୍ର ରାଜ୍ୟ ସଚିବାଳୟ ନବାନ୍ନ ଅଭିମୁଖେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଯାଉଥିବାବେଳେ ପୋଲିସ୍ ସେମାନଙ୍କ ଉପରେ ଲାଠିଚାଳନା କରିବା ସହ ଲୁହବୁହା ବାଷ୍ପ ଏବଂ ପାଣିମାଡ଼ କରିଥିଲା। ଲାଠିମାଡ଼ରେ ବହୁ ଆନ୍ଦୋଳନକାରୀ ଗୁରୁତର ଆହତ ହୋଇଥିଲେ। ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଙ୍କୁ ଗିରଫ କରାଯାଇଥିଲା। ଏଭଳି କାର୍ଯ୍ୟାନୁଷ୍ଠାନ ଶାନ୍ତିପୂର୍ଣ୍ଣ ସମାବେଶ ଅଧିକାରର ଉଲ୍ଲଂଘନ ଏବଂ ମାନବାଧିକାର ପ୍ରତି ଗମ୍ଭୀର ଅବମାନନା। ଛାତ୍ରୀଛାତ୍ରଙ୍କ ଅଧିକାରର ସୁରକ୍ଷା ଏବଂ ଆହତମାନଙ୍କୁ କ୍ଷତିପୂରଣ ଦେବାକୁ ଆବେଦନକାରୀ ନିବେଦନ କରିଥିଲେ। ଏଭଳି କାର୍ଯ୍ୟାନୁଷ୍ଠାନ ଗୁରୁତର ସମସ୍ୟା ବୋଲି ସୁପ୍ରିମକୋର୍ଟ କହିବା ସହ ପୋଲିସର ମାତ୍ରାଧିକ ତଥା ବର୍ବର କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଥିଲେ। ଏହା ମାନବାଧିକାର ଓ ମର୍ଯ୍ୟାଦାର ଉଲ୍ଲଂଘନ ବୋଲି କମିଶନ ମତ ଦେଇଛନ୍ତି।

### ଆନ୍ଦୋଳନକାରୀଙ୍କୁ ଆକ୍ରମଣ କରିଥିବା ସିଭିକ୍ ଭଲ୍ୟୁଣ୍ଟିୟର ଗିରଫ

କୋଲକାତା,୩୧।୮



କୋଲକାତାର ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ନ୍ୟାୟ ଦାବିରେ ଛାତ୍ରୀଛାତ୍ର ଆନ୍ଦୋଳନ ଚଳାଇଥିବାବେଳେ ସେଠାରେ ପ୍ରବେଶ କରି ଆକ୍ରମଣ କରିଥିବା ପୋଲିସର ଜଣେ ସିଭିକ୍ ଭଲ୍ୟୁଣ୍ଟିୟରଙ୍କୁ ଶନିବାର ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ରାତି ୨ଟାରେ ମୋଟରସାଇକେଲ ନେଇ ରବୀନ୍ଦ୍ର ଭାରତୀୟ ୟୁନିଭର୍ସିଟି ନିକଟ ବି.ଟି. ରୋଡ୍‌ସ୍ଥିତ ଆନ୍ଦୋଳନ ସ୍ଥଳରେ ପ୍ରବେଶ କରିଥିଲେ। ସେ ନିଶାଗ୍ରସ୍ତ ଅବସ୍ଥାରେ ଜଣେ ଛାତ୍ରଙ୍କୁ ଆହତ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

### ବର୍ତ୍ତମାନର ଆଇନ ଯଥେଷ୍ଟ ସୁଦୃଢ଼

## ମମତାଙ୍କୁ ଜଣାଇଲା କେନ୍ଦ୍ର

ମହିଳା ବିରୋଧୀ ହିଂସା ଓ ଅପରାଧ ରୋକିବା ପାଇଁ ବର୍ତ୍ତମାନର ଆଇନ ସବୁଠୁ ଶକ୍ତିଶାଳୀ ବୋଲି କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ପଶ୍ଚିମବଙ୍ଗ ସରକାରଙ୍କୁ ଜଣାଇବା ସହ ଏହାକୁ ପୂରା ଦମ୍‌ରେ କାର୍ଯ୍ୟକାରୀ କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି। ବଳାତ୍କାର ଓ ହତ୍ୟା ଭଳି ଜଘନ୍ୟ ଅପରାଧରେ କଠୋର ଆଇନ ଆଣିବା ସହ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ବ୍ୟବସ୍ଥା କରିବା ପାଇଁ ନିବେଦନ କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦ୍ୱିତୀୟ ଥର ପାଇଁ ପତ୍ର ଲେଖିଥିଲେ। ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ଦେଶବ୍ୟାପୀ ଉତ୍ତେଜନା ଦେଖାଦେଇଥିବାବେଳେ ମମତା ୨ ଥର ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ମହିଳା ବିରୋଧୀ ଅପରାଧ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ଦାବି କରିଥିଲେ। ପଶ୍ଚିମବଙ୍ଗରେ ୪୮,୬୦୦ ବଳାତ୍କାର ଓ ପୋକ୍‌ସୋ ମାମଲା ବିଚାରାଧୀନ ରହିଥିବାବେଳେ ସେଗୁଡ଼ିକର ସମାଧାନ ପାଇଁ ରାଜ୍ୟ ସରକାର ଅତିରିକ୍ତ ୧୧ଟି ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ ସ୍ଥାପନ କରି ନ ଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧/୨୦୨୪ | Bhubaneswar, Sunday, September 1/2024 | ପୃଷ୍ଠା-୧




**ଭାରତୀୟ ଦଳରେ ସମିତ ଦ୍ରାବିଡ** ୧୯ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳରେ ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡଙ୍କ ପୁଅ ସମିତଙ୍କୁ ସ୍ଥାନ ମିଳିଛି। ୧୪

୧୦ **୫୦ କୋଟି କ୍ଷତିପୂରଣ ମାଗିଲେ ରିମି ସେନ୍** ନିଜର ଲ୍ୟାଣ୍ଡ୍ ରୋଭର କାର୍ ମରାମତି ତାଙ୍କୁ ମାନସିକ ଯନ୍ତ୍ରଣା ଦେଉଥିବା ଅଭିଯୋଗ ଆଣି ଅଭିନେତ୍ରୀ ରିମି ସେନ୍ କମ୍ପାନୀଠାରୁ ୫୦ କୋଟି ଟଙ୍କାର କ୍ଷତିପୂରଣ ଦାବି କରିଛନ୍ତି।



# ପିଟି ମାରୁଛନ୍ତି ଗୋରକ୍ଷକ

**କେତେକ ରାଜ୍ୟରେ ସଂଖ୍ୟାଲଘୁମାନଙ୍କୁ ଲଗାତର ଟାର୍ଗେଟ କରାଯାଉଛି। ଗୋମାଂସ ରଖିବା, ବିକିବା ଓ ଖାଇବା ସନ୍ଦେହରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକଙ୍କୁ ପିଟି ପିଟି ହତ୍ୟା କରାଯାଉଥିବାର ଅନେକ ଦୃଷ୍ଟାନ୍ତ ସାମ୍ନାକୁ ଆସିବାରେ ଲାଗିଛି। ବିଶେଷକରି ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ହରିୟାଣା, ମହାରାଷ୍ଟ୍ର ଭଳି ରାଜ୍ୟରେ ସଂଖ୍ୟାଲଘୁ ମରଣାନ୍ତକ ଆକ୍ରମଣର ଶିକାର ହେଉଛନ୍ତି। ଗୋ ସୁରକ୍ଷା ପାଇଁ ଭାଜପା ଶାସିତ ରାଜ୍ୟ ଓ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଥିବାବେଳେ ଏହାକୁ ନେଇ ଭିଡ଼ହିଂସା ବଢ଼ିବାରେ ଲାଗିଛି। ଏଥିଯୋଗୁ ଦେଶରେ ସାମ୍ପ୍ରଦାୟିକ ସଦ୍‌ଭାବନା ବିପଦରେ ପଡ଼ିଥିବା ଦର୍ଶାଇ ବିରୋଧୀ ତୀବ୍ର ସମାଲୋଚନା କରିଛନ୍ତି।**



ହରିୟାଣାର ଚର୍‌ଖି ଦାଦ୍ରିରେ ପଶ୍ଚିମବଙ୍ଗର ଜଣେ ଦାଦନ ଶ୍ରମିକଙ୍କୁ ଗୋରକ୍ଷକମାନେ ପିଟୁଛନ୍ତି।

**ଚଣ୍ଡିଗଡ଼/ ମୁମ୍ବାଇ/ ଗୁଆହାଟୀ, ୩୧।୮**

ଗୋମାଂସ ଖାଉଥିବା ସନ୍ଦେହରେ ପଶ୍ଚିମବଙ୍ଗର ଜଣେ ଦାଦନ ଶ୍ରମିକଙ୍କୁ ହରିୟାଣା ଗୋରକ୍ଷକ ସଙ୍ଗଠନର ସଦସ୍ୟମାନେ ପିଟି ହତ୍ୟା କରିଛନ୍ତି। ଗତ ୨୭ ତାରିଖରେ ହରିୟାଣାର ଚର୍‌ଖି ଦାଦ୍ରି ଜିଲାରେ ଘଟିଥିବା ଏହି ହତ୍ୟା ମାମଲାରେ ୨ ନାବାଳକଙ୍କ ସମେତ ୭ ଜଣଙ୍କୁ ଗିରଫ କରାଯାଇଛି। ମୃତକଙ୍କ ନାଁ ସବୀର ମଲିକ। ଖାଲି ପ୍ଲାଷ୍ଟିକ୍ ବୋତଲ ବିକୁଥିବା ସବୀରଙ୍କୁ ଅଭିଯୁକ୍ତମାନେ ଏକ ଦୋକାନକୁ ଡାକି ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ହସ୍ତକ୍ଷେପ କରିବାରୁ ଅଭିଯୁକ୍ତମାନେ ସବୀରଙ୍କୁ ଅନ୍ୟତ୍ର ନେଇଯାଇ ବାଡ଼େଇ ମାରିଦେଇଥିଲେ। ସବୀର ବାନ୍ଧ୍ରା ଗ୍ରାମ ନିକଟ ଏକ ବସ୍ତିରେ ରହୁଥିବାବେଳେ ଖାଲି ବୋତଲ ବିକି ଗୁଜରାଣ ମେଣ୍ଟାଉଥିଲେ। ଏନେଇ ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି କହିଛନ୍ତି, ଗାଈକୁ ରାଜ୍ୟରେ ସମ୍ମାନ ଦିଆଯାଉଛି। କିନ୍ତୁ ଗୋମାଂସକୁ ନେଇ ଭିଡ଼ହିଂସା ଦୁର୍ଭାଗ୍ୟଜନକ। ଏଭଳି ଘଟଣା ଘଟିବା ଅନୁଚିତ। ପ୍ରକାଶ ଯେ, ହରିୟାଣାରେ ବିଗତ ୧୦ ବର୍ଷ ମଧ୍ୟରେ ଗୋରକ୍ଷକଙ୍କ ଦୌରାତ୍ମ୍ୟ ବଢ଼ିଛି। ୨୦୨୩ରେ ରାଜସ୍ଥାନ ଭରତପୁର ଜିଲାର ଦୁଇଜଣ ମୁସଲମାନ ବ୍ୟକ୍ତି (ନାସିର ଓ ଜୁନୈଦ)ଙ୍କୁ ଗୋରକ୍ଷକମାନେ ହରିୟାଣାର ଭିୱାନି ଜିଲାରେ ଅପହରଣକରି ଜୀବନ୍ତ ଜାଳିଦେଇଥିଲେ। ଏହି ଘଟଣାକୁ ନେଇ ଦେଶବ୍ୟାପୀ ଉତ୍ତେଜନା ସୃଷ୍ଟିହେବା ପରେ ବଜରଙ୍ଗ ଦଳର ମୋନୁ ମାନେସର ଓ ଅନ୍ୟ ୨୦ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା।

ମହାରାଷ୍ଟ୍ରରେ ମଧ୍ୟ ଏକ ଅନୁରୂପ ଘଟଣା ଦେଖିବାକୁ ମିଳିଛି। ଏକ ଏକ୍ସପ୍ରେସ୍ ଟ୍ରେନ୍‌ର ଜଣେ ବୃଦ୍ଧ ଯାତ୍ରୀଙ୍କୁ ଗୋମାଂସ ନେଉଥିବା ସନ୍ଦେହରେ ବର୍ବର ଆକ୍ରମଣ କରାଯାଇଛି। ନାସିକ୍ ଜିଲା ଅନ୍ତର୍ଗତ ଇଗତପୁରୀ ନିକଟରେ ଏଭଳି ନୃଶଂସ ଘଟଣା ଘଟିଛି। ଭିଡିଓ ସାମ୍ନାକୁ ଆସିବା ପରେ ଗଭର୍ନମେଣ୍ଟ ରେଲୱେ ପୋଲିସ (ଜିଆର୍‌ପି) ତଦନ୍ତ ଆରମ୍ଭ କରିଥିବା ଶନିବାର କହିଛି। ଚଳିତ ସପ୍ତାହ ପ୍ରଥମ ଭାଗରେ ଏହି ଆକ୍ରମଣ ଘଟଣା ଘଟିଥିଲା। ଟ୍ରେନ୍ ଭିତରେ ୧୨ରୁ ଊର୍ଦ୍ଧ୍ୱ ଯାତ୍ରୀ ବୃଦ୍ଧ ଜଣକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରୁଥିବା ଭିଡିଓରୁ ଦେଖିବାକୁ ମିଳିଛି। ଆକ୍ରମଣର ସମ୍ମୁଖୀନ ହୋଇଥିବା ହାଜି ଅଶ୍ରଫ୍ ମୁନ୍ୟାରଙ୍କ ଘର ଜଲଗାଁଓ ଜିଲାରେ। ସେ କଲ୍ୟାଣସ୍ଥିତ ତାଙ୍କ ଝିଅ ଘରକୁ ଯାଉଥିବାବେଳେ ଇଗତପୁରୀଠାରେ ସହଯାତ୍ରୀମାନେ ତାଙ୍କ ଉପରେ ସନ୍ଦେହ କରି ମାଡ଼ ମାରିଥିଲେ ବୋଲି ଜିଆର୍‌ପି କହିଛି। ଆକ୍ରମଣରେ ସମ୍ପୃକ୍ତ କେତେଜଣଙ୍କୁ ଚିହ୍ନଟ କରାଯାଇଥିବାବେଳେ ଏପର୍ଯ୍ୟନ୍ତ ମାମଲା ରୁଜୁ ହୋଇନାହିଁ।

ସେହିପରି ଆସାମରେ ମଧ୍ୟ ଗୋସୁରକ୍ଷା ଓ ଅନ୍ୟ ଆଳରେ ସଂଖ୍ୟାଲଘୁମାନଙ୍କୁ ଟାର୍ଗେଟ କରାଯାଉଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି। ଡୋଲବାଙ୍ଗ୍‌ରେ ଚାଲିଥିବା ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ନିୟୋଜିତ କେତେଜଣ ବଙ୍ଗଳା ମୁସଲମାନ ଶ୍ରମିକଙ୍କ ମାଡ଼ ମରାଯାଇଛି। ଏପରି କି ସେମାନଙ୍କ ପାରିଶ୍ରମିକ ବାବଦକୁ ୧୫ ଲକ୍ଷ ଟଙ୍କା ସରକାର ପଇଠ କରି ନ ଥିବା ଅଭିଯୋଗ ହୋଇଛି। ଗତ ୨୪ ତାରିଖରେ ଏହି ଆକ୍ରମଣ ହୋଇଥିବାବେଳେ ଇଣ୍ଡିଆ ମେଣ୍ଟରେ ସାମିଲ ଥିବା ୟୁନାଇଟେଡ୍ ଅପୋଜିଶନ୍ ଫୋରମ୍ (ୟୁଓଏଫ୍) ଗତ ବୁଧବାର ☞ପୃଷ୍ଠା-୨

# ରୁବିନା ଫ୍ରାନ୍ସିସ୍‌ଙ୍କୁ ବ୍ରୋଞ୍ଜ



**ଚାଟେରକ୍ସ,୩୧।୮ (ପି.ଟି.)**

ପ୍ୟାରିସ୍‌ରେ ଅନୁଷ୍ଠିତ ପାରାଲିମ୍ପିକ୍ସ ୨୦୨୪ରେ ଶନିବାର ଭାରତ ପାଇଁ ପଞ୍ଚମ ପଦକ ବିଜୟୀ ହୋଇଛନ୍ତି ପିସ୍ତଲ ଶୁଟର ରୁବିନା ଫ୍ରାନ୍ସିସ୍। ଏସ୍‌ଏଚ୍୧ ବର୍ଗର୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟର ଫାଇନାଲରେ ରୁବିନା ୨୧୧.୧ ପଏଣ୍ଟ ସ୍କୋର କରିବା ସହ ବ୍ରୋଞ୍ଜ ପଦକ ହାତେଇଥିଲେ। ଚଳିତ ସଂସ୍କରଣରେ ଶୁଟିଂରେ ଏହା ଭାରତର ଚତୁର୍ଥ ପଦକ। ପୂର୍ବରୁ ଅଭନି ଲେଖରା, ମୋନା ଅଗ୍ରୱାଲ ଓ ସୁମିତ ନରୱାଲ ପଦକ ବିଜୟୀ ହୋଇଥିଲେ।

୮ଜଣ ଶୁଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ବେଳେ ରୁବିନା ଚମତ୍କାର ପ୍ରଦର୍ଶନ କରିଥିଲେ। ୧୮ ତମ ରାଉଣ୍ଡ ପର୍ଯ୍ୟନ୍ତ ରୁବିନା ଦ୍ୱିତୀୟ ସ୍ଥାନରେ ରହିଥିଲେ। ତେବେ ୧୯ ଓ ୨୦ ତମ ଶଟ୍‌ରେ ରୁବିନା ତୃତୀୟ ସ୍ଥାନକୁ ଖସି ଆସିଥିଲେ। ଏହି ଦୁଇ ଶଟ୍‌ରେ ସେ ୯.୮ ଓ ୮.୯ ପଏଣ୍ଟ ସ୍କୋର କରିଥିଲେ। ତୁର୍କୀର ଓଜଗାନ ଅୟସେଲ ୨୩୧.୬ ପଏଣ୍ଟ ସହ ରୌପ୍ୟ ଓ ଇରାନର ଜାଭନାମର୍ଡି ସାରେହ ୨୩୬.୮ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏସ୍‌ଏଚ୧ ବର୍ଗରେ ଆଥଲେଟ ନିଜର ବନ୍ଧୁକ ଧରି ପାରୁଥିଲେ ମଧ୍ୟ ଭିନ୍ନକ୍ଷମତା କାରଣରୁ ହ୍ୱିଲଚେୟାର କିମ୍ବା ଚେୟାରରେ ବସି ☞ପୃଷ୍ଠା-୨

# ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ଆବଶ୍ୟକ

**କଟକ,୩୧।୮ (କାର୍ତ୍ତିକ ସାହୁ/ ଶିଳ୍ପା ପ୍ରିୟଦର୍ଶିନୀ)**

**ଧର୍ମେନ୍ଦ୍ରଙ୍କ ପ୍ରସ୍ତାବକୁ ନେଇ ବିତର୍କ**



ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ପ୍ରସ୍ତାବ ଦେଇଛନ୍ତି, ଯାହାକୁ ନେଇ ରାଜ୍ୟରେ ବିତର୍କ ଆରମ୍ଭ ହୋଇଛି। ଯେଉଁ ରେଭେନ୍‌ଶା ସାହେବଙ୍କ ନାଁରେ ଏହା ହୋଇଛି, ତାଙ୍କ ଭୂମିକା କ'ଣ ଥିଲା? ନଅଙ୍କ ଦୁର୍ଭିକ୍ଷ ବେଳେ ସେହି ରେଭେନ୍‌ଶା କ'ଣ କରୁଥିଲେ? ଓଡ଼ିଆଙ୍କୁ କଷ୍ଟଦେବା କ'ଣ ଗୌରବର ବିଷୟ ବୋଲି ସେ ପ୍ରଶ୍ନ କରିଛନ୍ତି। ରେଭେନ୍‌ଶା ନାଁ ବଦଳିବା ତାଙ୍କ ବ୍ୟକ୍ତିଗତ ମତ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହା ଉପରେ ବିତର୍କ ଆବଶ୍ୟକ ଏବଂ ଓଡ଼ିଶାର ବୁଦ୍ଧିଜୀବୀମାନେ ଏନେଇ ଚିନ୍ତା କରିବା ଉଚିତ ବୋଲି ପୁରୁଣା ଜେଲଠାରେ ସିଡିଏ ଏବଂ ସିଏମସି ପକ୍ଷରୁ ଆୟୋଜିତ ସ୍ୱାୟତ୍ତ ଶାସନ ଦିବସର ସଭା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି କହିଛନ୍ତି। ତେବେ କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ପ୍ରସ୍ତାବ ପରେ ରେଭେନଶା ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ଅଧ୍ୟାପକ, ପୁରାତନ ଅଧ୍ୟାପକଙ୍କ ସମେତ ବିଶ୍ୱବିଦ୍ୟାଳୟ ସହ ଜଡ଼ିତ ଅନେକ ବ୍ୟକ୍ତି ନାନା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଶିକ୍ଷାବିତ୍ ତଥା ପୂର୍ବତନ ଛାତ୍ର ପ୍ରଫେସର ଡ. ସତ୍ୟକାମ ମିଶ୍ରଙ୍କ କହିବାନୁସାରେ, ☞ପୃଷ୍ଠା-୨

# ୩କୁ ବଢ଼ିଲା ଚିକିଟି ମଦମୃତ୍ୟୁ

**ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେଡି**

**ଚିକିଟି (ପ୍ରକାଶ ଚନ୍ଦ୍ର ସାହୁ)/ ଅନିଲ ଦାସ (ଭୁବନେଶ୍ୱର), ୩୧।୮**

ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ମାଉନ୍ଦପୁର ଗ୍ରାମରେ ବିଷାକ୍ତ ମଦ୍ୟପାନ ଘଟଣାରେ ଶୁକ୍ରବାର ରାତିରେ ଆଉ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚିକିଟି ଏନ୍‌ଏସିର ଜେନାପୁର ଗ୍ରାମର ଲକ୍ଷ୍ମଣ ବେହେରା। ବ୍ୟବଚ୍ଛେଦ ପରେ ତାଙ୍କ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଏହି ମଦମୃତ୍ୟୁ ଘଟଣରେ ମୃତକଙ୍କ ସଂଖ୍ୟା ୩ରେ ପହଞ୍ଚିଛି। ଅନ୍ୟପକ୍ଷରେ ଚିକିଟି ମଦମୃତ୍ୟୁକୁ ନେଇ ବିଜେଡି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଇସ୍ତଫା ଦାବି କରିଛି। ଶନିବାର ଶୂନ୍ୟକାଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଚିକିଟି ମଦମୃତ୍ୟୁ ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି, ନୀତି ନୈତିକତା ଓ ନିଶାମୁକ୍ତ କଥା କହି ସରକାରକୁ ଆସୁଥିବା ଭାଜପା ଚିକିଟି ମଦମୃତ୍ୟୁ ପ୍ରସଙ୍ଗରେ କୁଆଡ଼େ ଗଲା ନୀତିନୈତିକତା। ମଦ ପିଇ ଯେଉଁମାନେ ଚିକିତ୍ସିତ ହେଉଥିଲେ ସେମାନଙ୍କ ମଧ୍ୟରୁ ଶନିବାର ଜଣଙ୍କର ମୃତ୍ୟୁ ଘଟିଛି। ଆଉ ୪ ଜଣଙ୍କ ଅବସ୍ଥା କହିହେବ ନାହିଁ। ଏହାକୁ ନେଇ ସରକାର ଚିନ୍ତିତ ନାହାନ୍ତି। ନୈତିକତା ଦୃଷ୍ଟିରୁ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ। ଗୃହରେ ବି ତା'ର ତଥ୍ୟ ରଖନ୍ତୁ ବୋଲି ପ୍ରମିଳା ଦାବି କରିଛନ୍ତି। ☞ପୃଷ୍ଠା-୨

## ରାଜ୍ୟରେ ଖୋଲିବ ୨୫ ଅବକାରୀ ଥାନା

**ଭୁବନେଶ୍ୱର,୩୧।୮ (ଅନିଲ ଦାସ)**

ରାଜ୍ୟରେ ଆଉ ୨୫ଟି ନୂଆ ଅବକାରୀ ଥାନା ଖୋଲିବ। ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଓଡ଼ିଶାର ୧୬ ସ୍ଥାନରେ ଏହି ଅବକାରୀ ଥାନା ଖୋଲାଯିବ। ଅବକାରୀ ନିର୍ଦ୍ଦେଶାଳୟ ପକ୍ଷରୁ ସବୁ ଅବକାରୀ ଅଧୀକ୍ଷକଙ୍କୁ ଚିଠି ଲେଖାଯାଇଛି। ସେଥିମଧ୍ୟରୁ ଗଞ୍ଜାମରେ ୬ଟି ନୂଆ ଅବକାରୀ ଥାନା ଖୋଲିବାକୁ ନେଇ ନିଷ୍ପତ୍ତି ହୋଇଥିବା ବେଳେ ଗଞ୍ଜାମରେ ୩, ବ୍ରହ୍ମପୁରରେ ୩ଟି ନୂଆ ଅବକାରୀ ଥାନା ପ୍ରତିଷ୍ଠା ହେବ। ଆସନ୍ତା ସେପ୍ଟେମ୍ବର ୪ରେ ଅବକାରୀ ଥାନା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ କହିଛନ୍ତି।

**ବିଷାକ୍ତ ମଦ ନେଇଛି ୨୩୧ ଜୀବନ**

ସେହିପରି ବିଷାକ୍ତ ମଦମୃତ୍ୟୁ ନେଇ ଶନିବାର ବିଧାନସଭାରେ ଅବକାରୀ ମନ୍ତ୍ରୀ କହିଛନ୍ତି, ୧୯୯୨ଠାରୁ ଏପର୍ଯ୍ୟନ୍ତ ବିଷାକ୍ତ ମଦ ପିଇ ୨୩୧ ଜଣଙ୍କ ମୃତ୍ୟୁ ହୋଇଛି। ୧୯୯୨ରେ କଟକରେ ସର୍ବାଧିକ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ନୂଆ ପଥରେ ସମସ୍ୟା**

**ଆଜିର ମନ୍ତବ୍ୟ**

"ବିବିଧତା ମଧ୍ୟରେ ଏକତା ପାଇଁ ଭାରତ ଜଣାଶୁଣା। ତେଣୁ ସରକାର ସବୁ ଧର୍ମକୁ ସୁରକ୍ଷା ଦେବା ଜରୁରୀ।
-ଫାରୁକ୍ ଅବଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଅଧକ୍ଷ






# କୃଷକ ଆନ୍ଦୋଳନରେ ଭିନେଶ ଫୋଗଟ

**ନୂଆଦିଲ୍ଲୀ,୩୧।୮**



ଶମ୍ଭୁ ସୀମାରେ ମହିଳା କୁସ୍ତିଯୋଦ୍ଧା ଭିନେଶ ଫୋଗଟ୍‌ଙ୍କୁ ଚାଷୀ ନେତାମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ସମେତ ବିଭିନ୍ନ ଦାବି ନେଇ କୃଷକମାନେ ଗତ ଫେବୃଆରୀ ୧୩ରୁ ଶମ୍ଭୁ ସୀମାରେ ଆନ୍ଦୋଳନ ଜାରି ରଖିଥିବାବେଳେ ଶନିବାର ତାହା ୨୦୦ ଦିନରେ ପହଞ୍ଚିଛି। ଏହି ଅବସରରେ ଅଲିମ୍ପିଆନ୍ କୁସ୍ତିଯୋଦ୍ଧା ଭିନେଶ ଭୋଗଟ୍ ସେମାନଙ୍କ ସହ ସାମିଲ ହୋଇଛନ୍ତି। ସେ କୃଷକମାନଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ଚାଷୀଙ୍କୁ ସେମାନଙ୍କ ଅଧିକାର ଏବଂ ନ୍ୟାୟ ପ୍ରଦାନ ପାଇଁ ସେ ସେମାନଙ୍କ ସହ ଝିଅ ଭଳି ଛିଡ଼ା ହେବେ ବୋଲି ଭିନେଶ କହିଛନ୍ତି।

ଅନ୍ୟପକ୍ଷରେ ଭିନେଶ ରାଜନୀତିରେ ପ୍ରବେଶ କରିବା ନେଇ ଯେଉଁ କଳ୍ପନାଜଳ୍ପନା ପ୍ରକାଶ ପାଇଛି, ତାହାକୁ ସେ ଖଣ୍ଡନ କରିଛନ୍ତି। ସେ ଜଣେ କ୍ରୀଡ଼ାବିତ୍ ଏବଂ ସାରା ଦେଶର। ଆଗାମୀ ବିଧାନସଭା ନିର୍ବାଚନରେ ତାଙ୍କର କିଛି କରିବାର ନାହିଁ ବୋଲି ରେସ୍‌ଲର କହିଛନ୍ତି। ତେବେ ଦେଶ ବିଭିନ୍ନ ସମସ୍ୟାରେ ଜର୍ଜରିତ। କୃଷକମାନେ ସମସ୍ୟା ମଧ୍ୟରେ ଦିନ କାଟୁଛନ୍ତି। ସେମାନଙ୍କ ପ୍ରସଙ୍ଗଗୁଡ଼ିକର ସମାଧାନ ହେବା ଆବଶ୍ୟକ ଏବଂ ଏ ଦିଗରେ ସରକାର ପ୍ରାଥମିକତା ଦେବା ଉଚିତ ବୋଲି ଭିନେଶ କହିଛନ୍ତି। ୨୦୦ ଦିନ ହେଲା ଚାଷୀମାନେ ଖରା ବର୍ଷା ଓ ଶୀତରେ ଶମ୍ଭୁ ସୀମାରେ ପଡ଼ିରହିଛନ୍ତି। ଏହା ଅତ୍ୟନ୍ତ ଯନ୍ତ୍ରଣାଦାୟକ। ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇ ଭିନେଶ କହିଛନ୍ତି, ଆପଣମାନେ ଯେଉଁଥିପାଇଁ ଏଠାରେ ପଡ଼ିରହିଛନ୍ତି, ତାହା ପାଇବା ପାଇଁ ମୁଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି। ଆମେ ନାଗରିକ ହିସାବରେ ସ୍ୱର ଉତ୍ତୋଳନ କରିବା ସବୁବେଳେ ରାଜନୀତି ନୁହେଁ। ସରକାର ସେମାନଙ୍କ ଦାବି ଶୁଣିବା ସହ ପୂରଣ କରିବା ପାଇଁ ଭିନେଶ ଆହ୍ୱାନ ଦେଇଛନ୍ତି। ଶମ୍ଭୁ ସୀମାରେ ପହଞ୍ଚିବା ପରେ ଭିନେଶଙ୍କୁ କୃଷକ ନେତାମାନେ ସମ୍ବର୍ଦ୍ଧିତ ☞ପୃଷ୍ଠା-୨




**ବଜ୍ରପାତରେ ମହିଳାଙ୍କ ମୃତ୍ୟୁ**

ରାଇରଙ୍ଗପୁର, ୩୧।୮ ( ମାନସ ମହାନ୍ତି ): ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ଦେଉଡାଙ୍ଗ ଗ୍ରାମରେ ଶନିବାର ଅପରାହ୍ନରେ ବଜ୍ରପାତ ହୋଇ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ଉକ୍ତ ଗ୍ରାମର କାର୍ତ୍ତିକ ବୈଠାଙ୍କ ସ୍ତ୍ରୀ ସୈଉଦାମଣି( ୫୫ )। ଅପରାହ୍ନରେ ସୈଉଦାମଣି ନିଜ ଘର ସାମ୍ନାରେ ଲୁଗା ଶୁଖାଉଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ସମ୍ପୃକ୍ତ ମହିଳାଙ୍କ ମୃତଦେହକୁ ଜବତ କରି ରାଇରଙ୍ଗପୁର ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ( ନଂ. ୧୭/ ୨୦୨୪ ) ରୁଜୁ ହୋଇଛି।

# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଭୁବନେଶ୍ୱର ପକ୍ଷରୁ ଓରିଏଣ୍ଟେଶନ ପ୍ରୋଗ୍ରାମ, ସ୍ଥାନ: ଅନୁଷ୍ଠାନ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷର ୪୨ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ୱିନର ଆସୋସିଏଶନର ଖବରଦାତା ସମ୍ମିଳନୀ, ସ୍ଥାନ: ଆସୋସିଏଶନ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ଆସ୍ଥା ଅଭିଶେକ, ସ୍ଥାନ: ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ, ସମୟ: ପୂର୍ବାହ୍ନ ୧୧ଟା।
- ନନ୍ଦୋତ୍ସବ, ସ୍ଥାନ: ଲା ଫେଏସ୍ତା, ସମୟ: ଅପରାହ୍ନ ୪ଟା।
- କଳିଙ୍ଗ ଭାଷା ମୁକ୍ତ ମଞ୍ଚ ପକ୍ଷରୁ ସପ୍ତମ ସଂସ୍କରଣ ‘କଫି, କଥା ଓ କବିତା ୭.୦’, ସ୍ଥାନ: ରୋଟାରୀ ଭବନ, ସମୟ: ଅପରାହ୍ନ ୪ଟା ୩୦।
- ଝରଣା ସାହିତ୍ୟ ସଂସଦର ଆଲୋଚନା ଚକ୍ର, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ଅପରାହ୍ନ ୫ଟା।
- ଶ୍ରୀ ଅଚ୍ୟୁତାନନ୍ଦ ପତି ସମ୍ମାନ ପ୍ରଦାନ ସମାରୋହ ଏବଂ ସ୍ୱାୟୁ ଓ ସନ୍ୟାସୀ ପୁସ୍ତକର ଲୋକାର୍ପଣ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ଅପରାହ୍ନ ୫ଟା।

## କଟକ

- କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟିର ଦୁର୍ଗାପୂଜା ଓ ଭସାଣି ପ୍ରସ୍ତୁତି ସଭା, ସ୍ଥାନ:କଟକସ୍ଥିତ ଯଶୋଦା ଗାର୍ଡେନ, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ

- ହର୍ବାଲ ଲାଇଫ ନ୍ୟୁଟ୍ରିଶନ କ୍ଲବ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଜାଡୁଆଣି ଲାଇବ୍ରେରୀ, ପୁରୀ, ସମୟ: ସକାଳ ୯ଟା।
- ପୁରୀ ଜିଲା ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଦାସ ଭବନ ମାର୍କେଟ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ନୀଳାଚଳ ତତ୍ତ୍ୱସନ୍ଧାନ ପକ୍ଷରୁ ମାସିକ ଆଲୋଚନା ଚକ୍ର, ସ୍ଥାନ: ଜଗନ୍ନାଥ ବଲ୍ଲଭ ମଠ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ରିଜିଓନାଲ ଆର୍ଟ ଗ୍ୟାଲେରୀ, ସଂସ୍କୃତି ଭବନ, ପୁରୀ, ସମୟ: ଅପରାହ୍ନ ୪ଟା ୩୦।

## ଖୋର୍ଦ୍ଧା

- ଜଟଣୀ ବ୍ଲକ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳନ, ସ୍ଥାନ: ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ନିକଟ ସଂଘ କାର୍ଯ୍ୟାଳୟ, ଜଟଣୀ ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ସରସ୍ୱତୀ ଶିଶୁ ମନ୍ଦିର ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ଖୁସି ପ୍ଲାଜା, ଜଳେଶ୍ୱର, ସମୟ: ସକାଳ ୯ଟା।
- ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା, ସ୍ଥାନ: ଆୟୁଷ୍ମାନ କଲ୍ୟାଣମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ‘ଓଡ଼ିଆ ଅସ୍ମିତା ଓ ମଧୁସୂଦନ ଦାସ’ ଶୀର୍ଷକ ବୌଦ୍ଧିକ ଆଲୋଚନାଚକ୍ର, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବାଲେଶ୍ୱର ପୌରପାଳିକା ଆନୁକୂଲ୍ୟରେ ସ୍ୱାୟତ୍ତ ଶାସନ ଦିବସର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କାଳୀପଡ଼ିଆ, ତିହିଡ଼ି, ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସାଧାରଣ ସଭା, ସ୍ଥାନ: କାଳୀମନ୍ଦିର ପଡ଼ିଆ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ପରିଷଦ ପକ୍ଷରୁ ପୁସ୍ତକ ଉନ୍ମୋଚନ ସ୍ଥାନ: ମହେନ୍ଦ୍ର ଭବନ, ଭଦ୍ରକ, ସମୟ: ଅପରାହ୍ନ ୩ଟା ୩୦।

## କେନ୍ଦୁଝର

- ଚତୁର୍ଦ୍ଦଶୀ ଉପଲକ୍ଷେ ଶିବ ମନ୍ଦିରରେ ମାନସିକ ପୂଜା ଏବଂ ଭଜନ ସମାରୋହ, ସ୍ଥାନ: ହାବଳେଶ୍ୱର, ପଞ୍ଚୁଗୋଛିଆ, ଶଡ଼ା, ହାଟଡ଼ିହୀ, ସମୟ: ସକାଳ ୬, ସନ୍ଧ୍ୟା ୭ ଟା।
- ମା’ ଗଡ଼ଚଣ୍ଡୀଙ୍କ ଚତୁର୍ଦ୍ଦଶୀ ମେଳା, ପୂଜା ଏବଂ ଭଜନ କୀର୍ତ୍ତନ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସକାଳ ଏବଂ ସନ୍ଧ୍ୟା ୭ ଟା।
- ଜଳସୁଆଁ ପଞ୍ଚାୟତ ଅଫିସ ସଭାଗୃହରେ ଗ୍ରାମସଭା, ସ୍ଥାନ: ଜଳସୁଆଁ, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆନନ୍ଦପୁର ପ୍ରେସ୍ ଫୋରମ ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଫୋରମ କାର୍ଯ୍ୟାଳୟ, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ଦୁର୍ଗାପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ପ୍ରସ୍ତୁତି, ସ୍ଥାନ: ଦୁର୍ଗା ମନ୍ଦିର ପରିସର, ସାଇଁକୁଳ, ଘସିପୁରା, ସମୟ: ଅପରାହ୍ନ ୫ ଟା।
- ସତ୍ୟସାଇ ସମିତି ତରଫରୁ ଆଧାତ୍ମିକ ସତ୍‌ସଙ୍ଗ, ଭଜନ ସଭା, ସ୍ଥାନ: ଡ଼ଅଁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା ୩୦।
- ଦ୍ୱିତୀୟ ପାଳି ମା’ ଖୁଦୁରୁକୁଣୀ ଓଷା, ସ୍ଥାନ: ଜଳସୁଆଁ ଖଣ୍ଡାୟତ ସାହି ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।
- ରୁଦ୍ରନାରାୟଣପୁର ୟୁଥ୍ କ୍ଲବ୍ ପକ୍ଷରୁ ଗଣେଶ ପୂଜା ପାଇଁ ପ୍ରସ୍ତୁତି, ସ୍ଥାନ: ରୁଦ୍ରନାରାୟଣପୁର, ମଛାଳ, ଘସିପୁରା, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳନ, ସ୍ଥାନ: ଶୀର୍ଷାପାଳ ଛକ, ଚିତ୍ରଡ଼ା, ମୋରଡ଼ା, ସମୟ: ସକାଳ ୭ଟା।
- ରକ୍ତଦାନ ଶିବିର, ସ୍ଥାନ: ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଚିକିତ୍ସା, ପରାମର୍ଶ ଓ ସଚେତନତା ଶିବିର, ସ୍ଥାନ: ବିଜିପୁର ଶ୍ରୀମା ଅରବିନ୍ଦ ଯୋଗ ସାଧନା କେନ୍ଦ୍ର, ମାନଗୋବିନ୍ଦପୁର, ବଡ଼ସାହି, ସମୟ:ପୂର୍ବାହ୍ନ ୧୦ଟା।
- ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀର ପ୍ରତିଷ୍ଠା ଦିବସ, ସ୍ଥାନ: ଦେବେନ୍ଦ୍ରପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଚିତ୍ରଡ଼ା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଚିତ୍ରଡ଼ା ମହାବିଦ୍ୟାଳୟ, ଚିତ୍ରଡା, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ସାଧାରଣ ପରିଷଦ ବୈଠକ, ସାମ୍ବାଦିକ ଓ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ନିଯୁ ରାଜସ୍ଥାନୀ କଟନ ଫାବ୍ ପ୍ରଦର୍ଶନୀ, ସ୍ଥାନ: ଛଉପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ମ୍ୟୁନିସିପାଲିଟି ପରିସର, ସମୟ: ସନ୍ଧ୍ୟା ୭ଟା।
- ଦୁର୍ଗାପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଦୁର୍ଗାପୂଜା ମଣ୍ଡପ, ଚିତ୍ରଡା, ମୋରଡା ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ବରିଷ୍ଠ ନାଗରିକ ମଞ୍ଚର ବୈଠକ, ସ୍ଥାନ: ଭଞ୍ଜନଗର ବନ ବିଭାଗ ଡାକ ବଙ୍ଗଳା, ସମୟ: ପୂର୍ବାହ୍ନ ୧୧ ଟା।

## କନ୍ଧମାଳ

- କନ୍ଧମାଳ ଡ୍ରାଇଭର ମହାସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସଭାଗୃହ ପରିସର, ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୧ ଟା।

## ବ୍ରହ୍ମପୁର

- ଆଉଟସୋର୍ସିଂ କର୍ମଚାରୀ ଛଟେଇକୁ ନେଇ ଖବରଦାତା ସମ୍ମିଳନୀ,ସ୍ଥାନ: ଅଭିରାମ ମଠ, ବ୍ରହ୍ମପୁର, ବସଷ୍ଟାଣ୍ଡ ନିକଟ,ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।
- ଏଆଇଡିଏସଓର ଶୋଭାଯାତ୍ରା, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପଡିଆ, ବ୍ରହ୍ମପୁର, ସମୟ: ମଧ୍ୟାହ୍ନ ୧୨ଟା।
- ଗଞ୍ଜାମ ଜିଲା ରେଳବାଇ ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ, ସ୍ଥାନ: ଇଞ୍ଜିନିୟରିଂ ସ୍କୁଲ ଛକ ରାଜସ୍ୱ ବଙ୍ଗଳା, ବ୍ରହ୍ମପୁର,ସମୟ: ପୂର୍ବାହ୍ନ ୧୧ଟା ୩୦ମି।

## ଜଗତସିଂହପୁର

- ଭାରତୀୟ ତୈଳ ନିଗମ (ଇଣ୍ଡିଆନ ଅଏଲ)ର ପ୍ରତିଷ୍ଠା ଦିବସ ଉପଲକ୍ଷେ ତୈଳ ବିଶୋଧନାଗାର ପକ୍ଷରୁ ଜନକଲ୍ୟାଣ କାର୍ଯ୍ୟକ୍ରମ, ସ୍ଥାନ: ତୈଳ ବିଶୋଧନାଗାର ଟାଉନଶିପ, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ଶ୍ରୀସାଇ କେୟାର ହସ୍ପିଟାଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର, ସ୍ଥାନ: ଶାମଗୁଡ଼ିଆ, ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ:ସକାଳ ୯ଟା।
- ରାକେଶ ବଳଙ୍କ ଜନ୍ମଦିନ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ:ଜିଲା ମୁଖ୍ୟ ଚିକିତ୍ସାଳୟ, ଶାମଗୁଡିଆ, କେନ୍ଦ୍ରପଡ଼ା, ସମୟ:ସକାଳ ୯ଟା।
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ତ୍ରିଲୋଚନପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଲାୟନ୍ସ କ୍ଲବ ଯାଜପୁର ଷ୍ଟିଲ ସିଟି ଓ ଭିକେୟାର ଚାରିଟେବଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ସ୍ମାର୍ଟ ୱାଚ ବଣ୍ଟନ, ସ୍ଥାନ: ଯାଜପୁର ରୋଡ ସଂସ୍କୃତି ଭବନ, ସମୟ: ସକାଳ ୯ଟା।
- ଯାଜପୁର ଜିଲା ଟ୍ୟାକ୍ସ ବାର ଆସୋସିଏଶନ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ଯାଜପୁର ରୋଡ ହୋଟେଲ ରୟାଲ କଳିଙ୍ଗ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ନୟାଗଡ଼ରେ ସାର୍ବଜନୀନ ଦୂର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ , ସ୍ଥାନ:ନୟାଗଡ଼ ବ୍ଲକ୍ ସଭାଗୃହ, ସମୟ:ଅପରାହ୍ନ ୪ ।

## ରାୟଗଡ଼ା

- ଜିଲାସ୍ତରୀୟ ରାୟଗଡ଼ା ସୁନ୍ଦରୀ ପ୍ରତିଯୋଗିତା ପାଇଁ ନାମ ପଞ୍ଜୀକରଣ, ସ୍ଥାନ: ରାୟଗଡ଼ା ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ସକାଳ ୯ ଟା।
- ବିଶ୍ୱ ହିନ୍ଦୁ ପରିଷଦର ୬୦ ତମ ସ୍ଥାପନ ଦିବସ, ସ୍ଥାନ: ଗାୟତ୍ରୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ନ ୧୦ ଟା।
- ମରାଠୀଗୁଡ଼ା ଜାଗୃତି ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଗୁଣପୁର କାଶୀ ବିଶ୍ୱନାଥ ମନ୍ଦିର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ତୃତୀୟ ଜିଲା ବ୍ୟାଡ୍‌ମିଣ୍ଟନ ଚମ୍ପିୟନଶିପ୍ ଉଦ୍‌ଯାପନୀ, ସ୍ଥାନ: ଇଣ୍ଡୋର ଷ୍ଟାଡିୟମ, କୋରାପୁଟ, ସମୟ: ଅପରାହ୍ନ ୫ ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ : ହାୱା ମଇଦାନ ପରିସର, ସମୟ : ସକାଳ ୭ଟା।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରଶିକ୍ଷଣ ଶିବିର, ସ୍ଥାନ : ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ ୮ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଭୁବନେଶ୍ୱର ସମ୍ଭାଗର ଭାରତ ସ୍କାଉଟ ଏବଂ ଗାଇଡ୍ସର ପାଞ୍ଚ ଦିନିଆ ରାଜ୍ୟ ପୁରସ୍କାର ଟେଷ୍ଟିଂ କ୍ୟାମ୍ପ, ସ୍ଥାନ : ସମ୍ବଲପୁର ସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧, ସମୟ : ସକାଳ ୯ଟା ୩୦ ।
- ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ, ସ୍ଥାନ : ଜ୍ୟୋତି ବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ସକାଳ ୯ଟା ୩୦ ।
- ଦ୍ୱିତୀୟ ବିଶ୍ୱସ୍ତର ବହିଦାର ସ୍ମାରକୀ ପାୱାର ଲଫ୍ଟିଂ ଚାମ୍ପିୟନଶିପ, ସ୍ଥାନ : କମଳିବଜାର ସ୍ଥିତ ପାଟଣେଶ୍ୱରୀ କଲ୍ୟାଣ ମଣ୍ଡପ, ସମୟ : ପୂର୍ବାହ୍ନ ୧୦ଟା।
- ପ୍ରମୋଦ ତ୍ରିପାଠୀ ସ୍ମୃତି ସଂସଦ ପକ୍ଷରୁ ପ୍ରମୋଦନାମା କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର କଳାକେନ୍ଦ୍ର ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ସେବା ଚାରିଟେବଲ ଟ୍ରଷ୍ଟର ପ୍ରଥମ ପ୍ରତିଷ୍ଠା ଦିବସ, ସ୍ଥାନ : ନାରୀ ସେବା ସଦନ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ହିନ୍ଦୁ ଏକତା ରାଷ୍ଟ୍ରୀୟ ସମିତିର ବୈଠକ, ସ୍ଥାନ : ସଞ୍ଜିବନୀ ସଭାକକ୍ଷ, ସମୟ : ସନ୍ଧ୍ୟା ୫ଟା।
- ଭାଷା ସଙ୍ଗମ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା।
- ଜ୍ୟୋତି ଆୟୋଜନରେ ରାଷ୍ଟ୍ରୀୟ ଚକ୍ଷୁଦାନ ପକ୍ଷ କାର୍ଯ୍ୟକ୍ରମ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ସନ୍ଧ୍ୟା ୬ଟା ୩୦ ।
- ସମ୍ବଲପୁର ଲିଟିଲ ମିସ୍ ଓ ମାଷ୍ଟର କାର୍ଯ୍ୟକ୍ରମ ନେଇ ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ସାଇଶିକ୍ଷା ପରିଷଦ ସଭାକକ୍ଷ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ବିଶ୍ୱ ହିନ୍ଦୁ ପରିଷଦର ଷଷ୍ଠ ପୂର୍ତ୍ତି ଅବସରରେ ଦେଶାତ୍ମବୋଧକ କବିତା ଆସର, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଦମପଡା, ବଲାଙ୍ଗୀର, ସମୟ: ସକାଳ ୯ଟା ।
- ବଲାଙ୍ଗୀ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଚତୁର୍ଥ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ନୂଆ ଏକାଡେମିକ୍ କୋଠା ସମ୍ମିଳନୀ କକ୍ଷ, ବିଶ୍ୱବିଦ୍ୟାଳୟ, ପରିସର, ସମୟ:୧୦ଟା ୩୦ ।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁରରେ ପ୍ରସିଦ୍ଧ ଲଙ୍କାପୋଡି ଉପଲକ୍ଷେ କାନଭାସରେ ଲଙ୍କାପୋଡି ପ୍ରତିଯୋଗିତା, ସ୍ଥାନ: ସୁବର୍ଣ୍ଣପୁର ସହର ବିଜୁ ପଟ୍ଟନାୟକ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥଙ୍କ ପୂଜାର୍ଚ୍ଚନା ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ତରଭା ବ୍ଲକ ଅନ୍ତର୍ଡାର ତ୍ରିନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।
- ଗଣେଶ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭାଲୁଢୁଙ୍ଗୁରୀ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କେଉଁଟିପାଲି ଆର୍‌ଏମ୍‌ସି ପଡ଼ିଆ, ବିଜେପୁର, ସମୟ: ସକାଳ ୯ଟା।
- ଏବିସିଡି ଅନୁଷ୍ଠାନର ନୂଆଁଖାଇ ଭେଟଘାଟ ପାଇଁ ରଙ୍ଗୋଲି ଓ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ମାରୱାଡି ଧର୍ମଶାଳା, ପଦ୍ମପୁର,ସମୟ: ସକାଳ ୯ଟା।
- ଆନ୍ତଃଜିଲା ସିନିୟର ପି.ସି ବେହେରା ମହିଳା ଫୁଟ୍‌ବଲ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ, ସ୍ଥାନ: ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।

## ସୁନ୍ଦରଗଡ଼

- ନିଖିଳ ଓଡିଶା ଛାତ୍ର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ,ସ୍ଥାନ:ବିକାଶ ଭବନ: ସମୟ:ପୂର୍ବାହ୍ନ ୧୨ଟା।

## ରାଉରକେଲା

- ବିଶାଳ ହିନ୍ଦୁ ରାଲି, ସ୍ଥାନ: ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ଆମ୍ ଆଦ୍‌ମୀ ପାର୍ଟିର ବୈଠକ, ସ୍ଥାନ: ବାସନ୍ତୀ କଲୋନୀ, ଏମ-୨୭, ସମୟ: ପୂର୍ବାହ୍ନ ୧୦ଟା।
- ଗାୟତ୍ରୀ ପରିବାର ପକ୍ଷରୁ ବୈଦିକ ମନ୍ତ୍ରପାଠ, ସ୍ଥାନ: ସେକ୍ଟର-୩ ଗାୟତ୍ରୀ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ସେୟାର ପକ୍ଷରୁ ଜାତୀୟ କ୍ରୀଡା ଦିବସ, ସ୍ଥାନ: ରାଉରକେଲା କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍‌ଏସ୍‌ପିରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଆର୍‌ଏସ୍‌ପି ପରିସର, ସମୟ: ୧୦ଟା।
- ଶ୍ରଦ୍ଧା ଅନୁଷ୍ଠାନ ପକ୍ଷରୁ ସଚେତନତା ଶିବିର, ସ୍ଥାନ: ଶ୍ରଦ୍ଧା ଅନୁଷ୍ଠାନ, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ଗାପୂଜା କମିଟିର ପ୍ରେସମିଟ୍, ସ୍ଥାନ: ସେକ୍ଟର-୨୦, ସମୟ: ଅପରାହ୍ନ ୫ଟା।

## ଦେବଗଡ଼

- ସତ୍ୟ ସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ ସହର, ସମୟ: ପ୍ରାତଃ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ:ବାରକୋଟ ବ୍ଲକ, ସମୟ:ପୂର୍ବାହ୍ନ ୧୦।
- ଡ୍ରାଇଭର ଦିବସ ଉପଲକ୍ଷେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ନୂଆ ବସଷ୍ଟାଣ୍ଡ, ଦେବଗଡ,ସମୟ: ପୂର୍ବାହ୍ନ ୧୦ଟା।
- ଡ୍ରାଇଭର ଦିବସ ଉପଲକ୍ଷେ ବିଶାଳ ଶୋଭାଯାତ୍ରା ଝାଡେଶ୍ୱର ମନ୍ଦିରରୁ ନୂତନ ବସଷ୍ଟାଣ୍ଡ , ସ୍ଥାନ : ନଗର ପରିକ୍ରମା, ଦେବଗଡ , ସମୟ : ପୂର୍ବାହ୍ନ ୧୦ଟା।
- ଡ୍ରାଇଭର ଦିବସ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ନୂଆ ବସଷ୍ଟାଣ୍ଡ, ଦେବଗଡ,ସମୟ :ମଧ୍ୟାହ୍ନ ୧୨ଟା।
- ତ୍ରିନାଥ ମନ୍ଦିରରେ ମେଳା, ସ୍ଥାନ:ବାବୁ ସାହି, ଦେବଗଡ ସହର,ସମୟ: ସନ୍ଧ୍ୟା ୬ଟା।
- ମା କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ:ମଠ ସାହି, ମା କନକ ଦୁର୍ଗା ମନ୍ଦିର, ପସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଡ୍ରାଇଭର ଦିବସ ସମାରୋହ ଓ ଶୋଭାଯାତ୍ରା, ସ୍ଥାନ: ଜୁନାଗଡ ଲଙ୍କେଶ୍ୱରୀ ମନ୍ଦିର, ସମୟ: ସକାଳ ୯ଟା।
- ଅଲ ଓଡ଼ିଶା ସିଡ୍ୟୁଲକାଷ୍ଟ ଫେଡେରେଶନର ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ପୂର୍ବାହ୍ନ ୧୦ଟା।
- ଡ୍ରାଇଭର ଦିବସ, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ କୋଷାବରାସ୍ଥିତ ହେଲୋପଏଣ୍ଟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ୧୬ତମ ଇଣ୍ଡିପେଣ୍ଡେଣ୍ଟ କପ ଫୁଟ୍‌ବଲ ଟୁର୍ନାମେଣ୍ଟ ସେମି ଫାଇନାଲ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- କୁଳତା ସମାଜର ଜିଲାସ୍ତରୀୟ ନୂଆଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ ଥାନାପଡ଼ା ଯଜ୍ଞବେଦୀ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ହରଭଙ୍ଗା ବ୍ଲକରେ ଡ୍ରାଇଭର ଦିବସ ପାଳନ, ସ୍ଥାନ:ଚାରିଛକ, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ଚତୁର୍ଥ କେନ୍ଦ୍ରରେ ଅବସ୍ଥାନ କରିଥିବା ଯୋଗୁ କର୍ମାରମ୍ଭ ପ୍ରସ୍ତୁତି କରିପାରନ୍ତି। ପାପଗ୍ରହ ମଧ୍ୟସ୍ଥ ହେତୁ ଅଧିକାଂଶ ସମୟ ନିଜ ଲୋକଙ୍କ ବିରୁଦ୍ଧାଚରଣ ଯୋଗୁ ଚିନ୍ତିତ ରହିବେ। କର୍ମକ୍ଷେତ୍ରରେ ସହକର୍ମୀ କେହି ବେଖାତିର ପ୍ରଦର୍ଶନ କରିପାରନ୍ତି। ସଭାସମିତି, ମାଲିମକଦ୍ଦମା କଥା କିମ୍ବା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ମୁଖଭାବରେ ମଙ୍ଗଳ ଥିବାରୁ ଏମିତି କିଛି କାମ କରନ୍ତୁ ନାହିଁ, ଯଦ୍ୱାରା ପରେ ଅନୁତପ୍ତ ହେବେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି କିମ୍ବା ପରୋକ୍ଷରେ କହିଥିବା କୌଣସି କଥାକୁ ନେଇ ବନ୍ଧୁ କଳହ କରିପାରନ୍ତି। ବନ୍ଧୁଙ୍କ ଅପ୍ରତ୍ୟାଶିତ ଆଗମନରୁ ଖୁସି ହୋଇଯିବେ। ଶିଳ୍ପ, ବାଣିଜ୍ୟ, ପରିବହନ ପାଇଁ ବିଶେଷ ସତର୍କତାର ଆବଶ୍ୟକତା ପଡ଼ିବ ନାହିଁ।

**ମିଥୁନ** ବୁଧ ଧନ ସ୍ଥାନରେ ଥିବାରୁ ଆଜି ବନ୍ଧୁ ଦେଇଥିବା ପ୍ରତିଶ୍ରୁତି, ପାଇବାକୁଥିବା ଅର୍ଥ, ଆରମ୍ଭ କରିବାକୁଥିବା କାମ ସବୁ ଠିକ୍‌ଠିକ୍ ହୋଇଯିବ। ଘରୋଇ ସମସ୍ୟା ସମାଧାନ ପାଇଁ ପଡ଼ୋଶୀଙ୍କ ସାହାଯ୍ୟ ନେଇପାରନ୍ତି। କର୍ମକ୍ଷେତ୍ରରେ ଅସ୍ଥିରତା ଦୂର ହେବ ଏବଂ ବ୍ୟବସାୟିକ ଦିଗ ଭଲ ରହିବ। ସାମାଜିକ ସ୍ତରରେ ସମ୍ମାନିତ ହେବେ।

**କର୍କଟ** ସ୍ୱଗୃହୀ ଚନ୍ଦ୍ର ପ୍ରଭାବରେ ପ୍ରତ୍ୟେକ ଦିଗରୁ ଅନୁକୂଳତା ପ୍ରାପ୍ତହୋଇ ଲକ୍ଷ୍ୟପୂରଣ କରିବେ। ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବା ସହ ବିଭିନ୍ନ କ୍ଷେତ୍ରରେ ସମ୍ପର୍କ ବୃଦ୍ଧି ପାଇବ। ଅତୀତରେ ଘଟିଯାଇଥିବା ଘଟଣା ଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିପାରନ୍ତି। କୌଣସି ଭୁଲ୍ ନିଷ୍ପତ୍ତି ପରିସ୍ଥିତି ଓ ପରିବେଶକୁ ବିଗାଡ଼ିଦେବାର ଆଶଙ୍କା ରହିଛି।

**ସିଂହ** ରବିଙ୍କ ଶୁଭତ୍ୱରୁ ଯେକୌଣସି ପରିସ୍ଥିତି ଆସୁନା କାହିଁକି ପଛକୁ ହଟିବାର ପ୍ରଶ୍ନ ଉଠିବ ନାହିଁ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, ମାଲିମକଦ୍ଦମା, କ୍ରୀଡ଼ା ଓ ମନୋରଞ୍ଜନରୁ ସମ୍ମାନିତ ହେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବା ସାଙ୍ଗକୁ ପାରିବାରିକ ସ୍ଥିତି ପୂର୍ବପରି ରହିବ। ଆନୁଷ୍ଠାନିକ କାମରେ ପ୍ରିୟଜନମାନଙ୍କ ନିକଟରୁ ସାହାଯ୍ୟ ସହଯୋଗ ମିଳିବ।

**କନ୍ୟା** ଭାଗ୍ୟସ୍ଥ ବୃହସ୍ପତିଙ୍କ ହେତୁ ପାରିବାରିକ ଜୀବନ, ଲୋକ ସମ୍ପର୍କ, ଜନକଲ୍ୟାଣକାରୀ କାର୍ଯ୍ୟ ପାଇଁ ଅନୁକୂଳ ରହିବ। ଆଜି ଗୃହୋପକରଣ ସାମଗ୍ରୀ କିମ୍ବା ନୂତନ ଯାନବାହନ କ୍ରୟ କରିପାରନ୍ତି। ଜଣେ ବନ୍ଧୁଙ୍କ ସହଯୋଗରୁ ସ୍ଥଗିତ କାମକୁ ସମ୍ପନ୍ନ କରିବେ।

**ତୁଳା** କର୍ମାଧିପତି ଚନ୍ଦ୍ରଙ୍କ ଶୁଭତ୍ୱ କାରଣରୁ ଅଭିଳଷିତ କାମଟି ହାସଲ ନକରି ଫେରିବେ ନାହିଁ। ପାରିବାରିକ କ୍ଷେତ୍ର, ପରିବହନ, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ କୌଣସି ଅସୁବିଧା ରହିବ ନାହିଁ। ତଥାପି ଯାନ୍ତ୍ରିକ ତ୍ରୁଟି ଆଜିର ଯାତ୍ରାକୁ ବିଳମ୍ବିତ କରିପାରେ। ସଭାସମିତି କିମ୍ବା ଅଟକି ରହିଥିବା ଆଲୋଚନାଟି ଆଜି ପୂର୍ଣ୍ଣାଙ୍ଗ ହୋଇଯିବ।

**ବିଛା** ଶନିଙ୍କ ଦୃଷ୍ଟିଜନିତ ପରିସ୍ଥିତିର ବିଷମତା ସତ୍ତ୍ୱେ ଉଦ୍ୟମ ନିଷ୍ଫଳ ହେବନାହିଁ। ଯାହା ପାଖରୁ ଅର୍ଥ ପାଇବା କଥା, ତାହା ଅବଶ୍ୟ ପାଇପାରିବେ। ସାହାଯ୍ୟ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି। ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ ଏବଂ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ଅଷ୍ଟମ ଚନ୍ଦ୍ରଙ୍କ ଯୋଗୁ ଅସଫଳତାକୁ କେନ୍ଦ୍ରକରି ଅଧିକାଂଶ ସମୟ ଟେନ୍‌ସନ ଲାଗିରହିବ। ମାନସିକ ସ୍ଥିରତା ଅଭାବଜନିତ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖା ଦେଇପାରେ। ସନ୍ଧ୍ୟା ସମୟରେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ବ୍ୟବସାୟିକ ସଫଳତା ମିଳିବା ସହ କେତେକ ନୂତନ କାମର ପରିକଳ୍ପନା କରିବେ।

**ମକର** ଶନିଙ୍କ ସୁପ୍ରଭାବରୁ ଶାରୀରିକ ସୁସ୍ଥତା ସହ ଟେକ୍‌ନିକାଲ୍ କାର୍ଯ୍ୟ, ଅଦାଲତ ପ୍ରଭୃତିରୁ ସଫଳତା ମିଳିବ। ପଡ଼ୋଶୀ ପ୍ରତିବାଦ କରି କାମରେ ଅସ୍ଥିରତା ସୃଷ୍ଟି କରିପାରନ୍ତି। ସରକାରୀ ସ୍ତରରୁ ଅର୍ଥପ୍ରାପ୍ତିର ସୂଚନା ରହିଛି। ହଠାତ୍ କୌଣସି ଖବର ପାଇ ଖୁସି ହେବେ ଏବଂ ପ୍ରତିକୂଳ ପରିସ୍ଥିତିର ଚାପ କମିପାରେ।

**କୁମ୍ଭ** କର୍ମାଧିପ କୋଣସ୍ଥ ଯୋଗୁ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ। ନିଜର ମନେହେଉଥିବା ଏବଂ ସମ୍ମୁଖରେ ତୋଷାମଦିଆ କଥା କହୁଥିବା ବନ୍ଧୁଟି ଅସୁବିଧାରେ ପକାଇପାରନ୍ତି। ଗୃହ, ଭୂମି, ଗାଡିମୋଟର, ପ୍ରେସ୍ ସମ୍ପର୍କୀୟ ଦୁଶ୍ଚିନ୍ତା ଆସିପାରେ। ନୂତନ ବନ୍ଧୁ ସମ୍ପର୍କ ଦୃଢ଼ୀଭୂତ ହେବ।

**ମୀନ** ଅନୁକୂଳ ଗ୍ରହସ୍ଥିତିରୁ ଅଟକି ରହିଥିବା କାମଟିକୁ ପୂରା କରିବେ ଏବଂ ଆଶା କରୁଥିବା ଜିନିଷ ମଧ୍ୟ ପାଇବେ। ବିବାଦର ସମାଧାନ ହୋଇପାରିବ ଏବଂ ବାଣିଜ୍ୟ, ବ୍ୟବସାୟରେ ଲାଭବାନ୍ ହେବେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ତଥାପି ପୂର୍ବଋଣ, ପରୋକ୍ଷ ଶତ୍ରୁତା, କଚେରି ମାମଲା ଓ ସାମୟିକ ପରିସ୍ଥିତି ଟେନ୍‌ସନ ସୃଷ୍ଟି କରିପାରେ।

ଆଜି ସେପ୍ଟେମ୍ବର ୧ ତାରିଖ, ଜାତୀୟ ପରିପୁଷ୍ଟି ସପ୍ତାହ ଆରମ୍ଭ, ଭାଦ୍ରବ କୃଷ୍ଣପକ୍ଷର ଅଘୋର ଚତୁର୍ଦ୍ଦଶୀ ରବିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଶ୍ରୀମନ୍ଦିରରେ ସାତପୁରୀ ତାଡ଼ବିଜେ, ଖୁଦୁରୁକୁଣୀ ଓଷା ଦ୍ୱିତୀୟ ପାଳି, ରାଶିନକ୍ଷତ୍ର- ଅଶ୍ଳେଷା/କର୍କଟ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୫।୩୪ ଗତେ ଘ.୦୯।୪୨ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୫ ଗତେ ୦୫।୫୮ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ୩କୁ ବଢ଼ିଲା ଚିକିଟି......

ଗତ ୧୯ ତାରିଖରେ ବିଷାକ୍ତ ମଦ ପିଇ ଜେନାପୁର ଓ କରବାଲୁଆ ଗ୍ରାମର ୨୩ ଜଣ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ୧୬ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ୧୦ଜଣ ସୁସ୍ଥ ହୋଇ ଫେରିଥିବାବେଳେ ୨୦ ତାରିଖରେ ଜେନାପୁରର ଜ୍ଞୁର ବେହେରା ଓ ୨୧ ତାରିଖରେ ଲୋକନାଥ ବେହେରାଙ୍କ ମୃତ୍ୟୁ ହୋଇଥିଲା। ଏବେ ୫ଜଣ ଚିକିତ୍ସାଧୀନ ଥିବାବେଳେ ୪ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଶନିବାର ଚିକିଟିର ପୂର୍ବତନ ମନ୍ତ୍ରୀ ଉଷାଦେବୀଙ୍କ ସ୍ୱାମୀ ତ୍ରିଗୁଣାତୀତ ଦେବ ମୃତ ଲକ୍ଷ୍ମଣଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଏଥିସହ ଚିକିଟି ତହସିଲଦାର ବଳଦେବ ବେହେରା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର ମୃତ ଲକ୍ଷ୍ମଣଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଦେଇଛନ୍ତି। ପୂର୍ବରୁ ଦୁଇ ମୃତକଙ୍କ ପରିବାରକୁ ରେଡକ୍ରସ୍ ତରଫରୁ ୩୦ ହଜାର ଟଙ୍କା ଲେଖାଏ ସହାୟତା ମିଳିଥିଲା।

## ରାଜ୍ୟରେ ଖୋଲିବ ...

୧୩୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୨ରେ ଭୁବନେଶ୍ୱର ଉପକଣ୍ଠ ଗୁକୁଲିପଡ଼ାରେ ୪୧ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୦୧ରେ ପୁରୀରେ ୨୦, ୨୦୦୬ରେ ଗଞ୍ଜାମରେ ୧୯ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୯ ନିର୍ବାଚନ ବେଳେ ଭଦ୍ରକ ତିହିଡ଼ିରେ ୭ ଜଣଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମାଞ୍ଚଳରେ ୪୩୩ ଦେଶୀଭାଟି ରହିଥିବା ବେଳେ ସେଥିରୁ ୨୨୭ କୋଟିର ରାଜସ୍ୱ ଆଦାୟ କରାଯାଉଛି। ପାଉଚ ଉତ୍ପାଦନ ପାଇଁ ୪୯୦ ମଦଭାଟିକୁ ଲାଇସେନ୍ସଦିଆଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ୨୩ କୋଟି ଲିଟର ମହୁଲି ମଦ ପ୍ରସ୍ତୁତ ହୋଇଥିବା ମନ୍ତ୍ରୀ କହିଛନ୍ତି।

## କୃଷକ ଆନ୍ଦୋଳନରେ ...

କରିଥିଲେ। କୃଷକ ନେତା ସରୱନ ସିଂ ପାନ୍ଧେର କହିଛନ୍ତି, ସେମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଜାରି ରଖିଛନ୍ତି। କେନ୍ଦ୍ର ସରକାର ସେମାନଙ୍କ ସଙ୍କଳ୍ପର ପରୀକ୍ଷା ନେଉଛନ୍ତି ଏବଂ ଏପର୍ଯ୍ୟନ୍ତ ଦାବି ପୂରଣ କରୁନାହାନ୍ତି। ଆପେ ପୁଣିଥରେ ସରକାରଙ୍କୁ ଆମ ଦାବି ଜଣାଇବା ସହ ନୂଆ ଘୋଷଣା କରିବୁ ବୋଲି ପାନ୍ଧେର ଗଣମାଧ୍ୟମକୁ କହିଛନ୍ତି। ଏଥିସହିତ କୃଷକମାନଙ୍କ ଆନ୍ଦୋଳନକୁ ନେଇ ଅପମାନଜନକ ମନ୍ତବ୍ୟ ଦେଇଥିବା ବଲିଉଡ୍ ଅଭିନେତ୍ରୀ ତଥା ଭାଜପା ଏମ୍‌ପି କଙ୍ଗନା ରାଣାୱତ୍‌ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ କୃଷକମାନେ ଦାବି କରିଛନ୍ତି। ହରିୟାଣା ନିର୍ବାଚନ ପାଇଁ ଚାଷୀମାନେ ନୂଆ ରଣକୌଶଳ ଖୁବ୍‌ଶୀଘ୍ର ଘୋଷଣା କରିବେ ବୋଲି ସୂଚନା ଦେଇଛନ୍ତି।

## ପିଟି ମାରୁଛନ୍ତି ଗୋରକ୍ଷକ...

ବିଶ୍ୱଶର୍ମାଙ୍କ ନାଁରେ ଥାନାରେ ଏତଲା ଦେଇଥିଲେ। ବିଶ୍ୱଶର୍ମାଙ୍କ ଉତ୍ତେଜନା ସୃଷ୍ଟିକାରୀ ମନ୍ତବ୍ୟ ଓ ପଦକ୍ଷେପ ମୁସଲମାନ ସମ୍ପ୍ରଦାୟକୁ ଅସୁରକ୍ଷିତ କରିଦେଇଥିବା ସେମାନେ ଅଭିଯୋଗ କରିଥିଲେ। ଦେଖିବାକୁ ଗଲେ ୨୦୧୪ ପରଠୁ ଗୋସୁରକ୍ଷା ନାମରେ ବେଆଇନ ଗୋଚାଲାଣକାରୀଙ୍କ ଉପରେ ଆକ୍ରମଣ ବଢ଼ିବାରେ ଲାଗିଛି। ଅନେକ ସ୍ଥଳେ ଲାଇସେନ୍ସପ୍ରାପ୍ତ ଗୋରୁ ବ୍ୟବସାୟୀମାନେ ଟାର୍ଗେଟ ହୋଇଛନ୍ତି। ରଏଟର୍ସରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ୨୦୧୦ରୁ ୨୦୧୭ ମଧ୍ୟରେ ଏଭଳି ୬୩ଟି ମାମଲା ସାମ୍ନାକୁ ଆସିଥିଲା। ଆକ୍ରମଣର ଶିକାର ହୋଇଥିବା ୨୮ ଜଣଙ୍କ ମଧ୍ୟରୁ ୨୪ ଜଣ ମୁସଲମାନ ସମ୍ପ୍ରଦାୟର। ଏହି ଅବଧି ମଧ୍ୟରେ ଗୋରକ୍ଷକଙ୍କ ଆକ୍ରମଣରେ ୧୨୪ ଜଣ ଆହତ ହୋଇଥିଲେ। ହ୍ୟୁମାନ୍ ରାଇଟ୍ସ ୱାଚ୍ ମଧ୍ୟ ୨୦୧୫ରୁ ଏଭଳି ଆକ୍ରମଣ ବଢ଼ିବାରେ ଲାଗିଥିବା ରିପୋର୍ଟ କରିଛି। ୨୦୧୪ରେ କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର କ୍ଷମତାସୀନ ହେବା ପରଠୁ ଗୋରକ୍ଷକମାନେ ନିଜକୁ ଅଧିକ କ୍ଷମତାଶାଳୀ ମନେକରୁଥିବା ଏଥିରେ ଦର୍ଶାଯାଇଛି। ୨୦୧୭ ସେପ୍ଟେମ୍ବରରେ ସୁପ୍ରିମକୋର୍ଟ ଗୋରକ୍ଷା ନାମରେ ବଢୁଥିବା ହିଂସାକୁ ନେଇ ଚିନ୍ତା ପ୍ରକଟ କରିବା ସହ ପ୍ରତି ଜିଲାରେ ଭିଡ଼ହିଂସା ରୋକିବା ପାଇଁ ସ୍ୱତନ୍ତ୍ର ପୋଲିସ ଅଧିକାରୀଙ୍କୁ ନିଯୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ରୁବିନା ଫ୍ରାନ୍ସିସ୍‌ଙ୍କୁ ...

ଶୁଟ କରିଥାନ୍ତି। ପୂର୍ବରୁ ୬ ନମ୍ବର ସ୍ଥାନରେ ରହି ରୁବିନା ଫାଇନାଲକୁ ଉନ୍ନୀତ ହୋଇଥିଲେ। ରୁବିନା ୫୫୬ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଥିଲେ। ଏହା ମଧ୍ୟରେ ସେ ୧୩ ଥର ଇନର ୧୦ ସ୍କୋର କରିଥିଲେ। ଇରାନର ଜାଭନାମର୍ଡି ସାରେହ ୫୭୦ ପଏଣ୍ଟ ସହିତ ପ୍ରଥମ ସ୍ଥାନରେ ରହିଥିଲେ।

## ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ...

ରେଭେନ୍‌ଶାଙ୍କର ଓଡ଼ିଶା ପ୍ରତି ବହୁତ ଅବଦାନ ଥିଲା। ତାଙ୍କ ଯୋଗୁ ଓଡ଼ିଆ ଭାଷା ବଞ୍ଚିଥିଲା। ଓଡ଼ିଶା ପାଇଁ ସେ ଜଣେ ପ୍ରାତଃ ସ୍ମରଣୀୟ ବ୍ୟକ୍ତି। ସେତେବେଳେ ବେଙ୍ଗଲ ସରକାର ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେଉ ନ ଥିଲେ। ରେଭେନ୍‌ଶା ୧୮୭୧ରେ ସରକାରୀ ବିଦ୍ୟାଳୟରେ ଓଡ଼ିଆ ଭାଷା ପଢ଼ାଇବା ପାଇଁ ବିଧିବଦ୍ଧ ବ୍ୟବସ୍ଥା କରିଥିଲେ। ପୂର୍ବତନ ପିଜି କାଉନ୍‌ସିଲର ଚେୟାରପର୍ସନ ପ୍ରଫେସର ଡ. ଗୌରାଙ୍ଗ ଚରଣ ନନ୍ଦ କୁହନ୍ତି, ରେଭେନ୍‌ଶା ହେଉଛି ଆମ ଐତିହ୍ୟ, ଗୌରବ ଓ ସମ୍ମାନ। ତାଙ୍କୁ ନେଇ ଆମ ପ୍ରତିଷ୍ଠା। ରେଭେନ୍‌ଶା ସାହେବ ଆସିବାବେଳେ ଶିକ୍ଷା ବୋଲି କିଛି ଆମ ରାଜ୍ୟରେ ନ ଥିଲା। ପିଲାମାନେ ମାଟି ବଂଶ ଅବଧାନଙ୍କ ପାଖରେ ପାଠ ପଢୁଥିଲେ। ସେଭଳି ସମୟରେ ଶିକ୍ଷାର ପ୍ରଚାରପ୍ରସାର ପାଇଁ ସେ ଯେଉଁଭଳି କାର୍ଯ୍ୟ କଲେ, ତାକୁ କେହି ଅସ୍ୱୀକାର କରିପାରିବେନାହିଁ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ଉକ୍ତି ଏକ ରାଜନୈତିକ ମନ୍ତବ୍ୟ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ପ୍ରଫେସର ଡ. ଧର୍ମବ୍ରତ ମହାପାତ୍ର କୁହନ୍ତି, ନାମ ନିଶ୍ଚୟ ପରିବର୍ତ୍ତନ ହେବା ଆବଶ୍ୟକ। ଆମ ଜାଣିବାରେ ଟି. ଇ. ରେଭେନ୍‌ଶାଙ୍କ ଆସିବା ପୂର୍ବରୁ ପ୍ରତିଷ୍ଠା କରାଯାଇଥିବା କଟକ କଲେଜକୁ ଇଂରେଜ ସରକାରଙ୍କ ଗୋଡ଼ାଣିଆ କେତେଜଣ ରାଜା ରେଭେନ୍‌ଶାଙ୍କ ନାମରେ ନାମିତ କରିବାକୁ ପ୍ରସ୍ତାବ ଦେଇ ନାମ ପରିବର୍ତ୍ତନ କରାଇ ଦେଇଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ଓଡ଼ିଶାର ଜଣେ ସ୍ୱାଧୀନତା ସଂଗ୍ରାମୀ ବା ବରପୁତ୍ରଙ୍କ ନାମରେ ନାମିତ କଲେ ଭଲ ହେବ ବୋଲି ସେ ମତ ଦେଇଛନ୍ତି। ରାଜନୀତି ବିଜ୍ଞାନର ବିଭାଗୀୟ ମୁଖ୍ୟ ତଥା ଆସୋସିଏଟ ପ୍ରଫେସର ନେତାଜୀ ଅଭିନନ୍ଦନ କୁହନ୍ତି, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଯେବେ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଥିଲା ସେବେ ଏପରି ନାମ ବଦଳାଇବା ପ୍ରସଙ୍ଗ କେତେଜଣ ବ୍ୟକ୍ତି ଉଠାଇଥିଲେ। କିନ୍ତୁ ଏହା କୌଣସି ଭାବେ କାର୍ଯ୍ୟକାରୀ ହୋଇପାରି ନଥିଲା। ତେବେ ଏହି ପ୍ରସଙ୍ଗର ଯଥାର୍ଥତା ନାହିଁ। ରେଭେନ୍‌ଶାର ପୂର୍ବତନ ଛାତ୍ର ତଥା ପୂର୍ବ ମେଦିନୀପୁରସ୍ଥିତ ଯୋଗଦା ସତ୍‌ସଙ୍ଗ ପାଲପଡ଼ା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ପ୍ରଦୀପ୍ତ କୁମାର ମିଶ୍ର କୁହନ୍ତି, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ହେଲେ ପ୍ରକୃତ ପରିବର୍ତ୍ତନ ହେବ ନାହିଁ। ଶୈକ୍ଷିକ ପରିବେଶ, ବ୍ୟବସ୍ଥା ଓ ଗବେଷଣା ଆଦି ବିଦ୍ୟାର୍ଥୀମୁଖୀ ହେବା ଆବଶ୍ୟକ। ମୋ ମତରେ ନାମ ପରିବର୍ତ୍ତନ କରାଯାଇପାରେ, ମାତ୍ର ଏସବୁକୁ ଧ୍ୟାନ ଦେବା ଏକାନ୍ତ ବିଧେୟ। ରେଭେନଶା ବିଶ୍ୱବିଦ୍ୟାଳୟର ଛାତ୍ର ସିଦ୍ଧାନ୍ତ ଷଡ଼ଙ୍ଗୀ କୁହନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଢ଼ଶହ ବର୍ଷର ବିଶ୍ୱବିଦ୍ୟାଳୟ ନାଁ ବଦଳେଇବା ପରିବର୍ତ୍ତେ ଏହାର ଭିତ୍ତିଭୂମି ବିକାଶ ଦିଗରେ ଭାବିବା ଆବଶ୍ୟକ। ରେଭେନ୍‌ଶା ଛାତ୍ର ନିଶାନ୍ତ ମେହେର କୁହନ୍ତି, ନଅଙ୍କ ଦୁର୍ଭିକ୍ଷ ଭଳି ପରିସ୍ଥିତି ଯୋଗୁ କୌଣସି ବ୍ୟକ୍ତିଙ୍କୁ ଆକ୍ଷେପ କରିବା ଉଚିତ ନୁହେଁ। କେବଳ ନଅଙ୍କ ଦୁର୍ଭିକ୍ଷକୁ ପ୍ରସଙ୍ଗ କରି ଏପରି ମତ ଦେବା ଅଶୋଭନୀୟ।




# ହାଇକୋର୍ଟରେ ୧.୪୨ ଲକ୍ଷ ମାମଲା ବିଚାରାଧୀନ

ଭୁବନେଶ୍ୱର,୩୧।୮ (ଅନିଲ ଦାସ)

### ବିଭିନ୍ନ ଅଦାଲତରେ ଖାଲିପଡ଼ିଛି ୧୯୫ ବିଚାରପତି ପଦବୀ

ରାଜ୍ୟରେ ନ୍ୟାୟିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି। ଗତ ୫ବର୍ଷରେ ହାଇକୋର୍ଟରେ ୫୫,୨୦୩ ମାମଲା ଫଇସଲା ହୋଇଛି। ୧,୪୨,୮୫୮ ମାମଲା ବିଚାରାଧୀନ ଥିବାବେଳେ ବିଭିନ୍ନ ଅଦାଲତରେ ୧୯୫ ବିଚାରପତି ପଦବୀ ଖାଲି ପଡ଼ିଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ ଶନିବାର ଉତ୍ତର ରଖିଛନ୍ତି। ହାଇକୋର୍ଟରେ କେତେ ବିଚାରାଧୀନ ମାମଲା ରହିଛି, କେତେ ଫଇସଲା ହୋଇଛି ଏବଂ ଲୋକ ଅଦାଲତ ଜରିଆରେ ବିଚାରାଧୀନ ମାମଲାଗୁଡ଼ିକର ତ୍ୱରିତ ଫଇସଲା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ବୋଲି ବିଜେଡି ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ପ୍ରଶ୍ନର ଉତ୍ତରରେ ଆଇନ ମନ୍ତ୍ରୀ ହରିଚନ୍ଦନ ଏହି ତଥ୍ୟ ରଖିଛନ୍ତି। ଏଥିସହ ହରିଚନ୍ଦନ କହିଛନ୍ତି, ମାମଲାର ତ୍ୱରିତ ବିଚାର ପାଇଁ ବିଚାରପତିଙ୍କ ସଂଖ୍ୟାକୁ ବୃଦ୍ଧି କରାଯାଇଛି। ଏପରିକି ହାଇକୋର୍ଟରେ ବିଚାରାଧୀନ ମାମଲାର ତ୍ୱରିତ ଫଇସଲା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଛି।

ସେହିପରି ବିଜେଡି ବିଧାୟକ ପ୍ରଶାନ୍ତ ବେହେରା ବିଭିନ୍ନ ଅଦାଲତରେ ମଞ୍ଜୁରପ୍ରାପ୍ତ ବିଚାରପତିଙ୍କ ସ୍ଥାନରେ କେତେ ବିଚାରପତି ପଦବୀ ଖାଲି ପଡ଼ିଛି ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ୩୧।୮।୨୦୨୪ ସୁଦ୍ଧା ରାଜ୍ୟର ବିଭିନ୍ନ କୋର୍ଟରେ ୧୯୫ ବିଚାରପତି ପଦବୀ ଖାଲି ରହିଛି। ସେଥିମଧ୍ୟରେ ୫୧ଟି ଜିଲା ଜଜ୍, ୨୧ଟି ସିଭିଲ ଜଜ୍(ସିନିୟର ଡିଭିଜନ), ୧୦୬ ସିଭିଲ୍ ଜଜ୍(ଜୁନିୟର ଡିଭିଜନ) ଏବଂ ୧୭ ସ୍ପେଶିଆଲ ଜୁଡିସିଆଲ୍ ମାଜିଷ୍ଟ୍ରେଟ ପଦବୀ ଖାଲି ରହିଥିବା ମନ୍ତ୍ରୀ ଉତ୍ତର ରଖିଛନ୍ତି।

## ସାମ୍ବାଦିକ ସ୍ୱାସ୍ଥ୍ୟବୀମା: ଚଳିତ ସପ୍ତାହରୁ ନୂଆ ପଞ୍ଜୀକରଣ ପାଇଁ ଆବେଦନ

ଭୁବନେଶ୍ୱର, ୩୧।୮ (ବନ୍ଦନା ସେଠୀ)

ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟବୀମାର ଅବଧି ୨୦୨୫ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏଥିସହ ସ୍ୱାସ୍ଥ୍ୟବୀମାର ନବୀକରଣ ହୋଇଛି। ଏନେଇ ଓରିଏଣ୍ଟାଲ୍ ଇନ୍ସୁ୍ୟରାନ୍ସ କମ୍ପାନୀ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ମଧ୍ୟରେ ଚୁକ୍ତି ହୋଇଛି। ନୂଆ ପଞ୍ଜୀକରଣ ଲାଗି ସୂଚନା ଓ ଲୋକସମ୍ପର୍କ ବିଭାଗର ପୋର୍ଟାଲ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଖୋଲିବ। ଏହି ପ୍ରକ୍ରିୟା ୧ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସୂଚନା ଦିଆଯାଇଛି।

# ଛତୁଆ: ମଣିଷ କ'ଣ ଗୋରୁ ଖାଉନାହାନ୍ତି

ଭୁବନେଶ୍ୱର,୩୧।୮ (ଅନିଲ ଦାସ)

### ବିଧାନସଭାରେ ଉଦ୍‌ବେଗ

- ସାରା ଓଡ଼ିଶାରେ ଛତୁଆର ମାନ ଯାଞ୍ଚ ହେବ: ଉପମୁଖ୍ୟମନ୍ତ୍ରୀ
- ୫ ବର୍ଷର ଛତୁଆ ଯାଞ୍ଚ ରିପୋର୍ଟ ଦେବାକୁ ବାଚସ୍ପତିଙ୍କ ନିର୍ଦ୍ଦେଶ

ଅଙ୍ଗନୱାଡି ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ନାମରେ ଦିଆଯାଉଥିବା ଛତୁଆ ଅତ୍ୟନ୍ତ ନିମ୍ନମାନର। କେବଳ ଗହମ ଓ ଚିନି ମିଶାଇ ଦିଆଯାଉଛି। ସେ ଛତୁଆକୁ ମଣିଷ କ'ଣ ଗୋରୁ ଖାଉ ନାହାନ୍ତି। ଯେଉଁମାନଙ୍କୁ ଛତୁଆ ପ୍ରସ୍ତୁତି ଦାୟିତ୍ୱ ଦିଆଯାଇଛି ସେମାନେ କୋଟିପତି ହୋଇଗଲେଣି। କାର ଧରି ବୁଲୁଛନ୍ତି। ଛତୁଆର ମାନ ଯାଞ୍ଚ କରାଯାଉ ନାହିଁ। ୨୪ ବର୍ଷ ହେଲା ଗୋଟିଏ ସଂସ୍ଥା ଛତୁଆ ବଣ୍ଟନରେ ରହିଛି। ଛତୁଆ ଯୋଗାଣରେ ମହାଦୁର୍ନୀତି ହୋଇଛି। ରାଜ୍ୟରେ ଛତୁଆ ଯୋଗାଣକୁ ନେଇ ଉଭୟ ବିରୋଧୀ ଓ ଶାସକ ଦଳର ସଭ୍ୟମାନେ ବିଧାନସଭାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଛତୁଆର ମାନ ଯାଞ୍ଚ କରାଯିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଦସ୍ୟମାନେ ଦାବି କରିଛନ୍ତି। ଗୃହର ଉଦ୍‌ବେଗକୁ ଦେଖି ବାଚସ୍ପତି ଗତ ୫ ବର୍ଷ ମଧ୍ୟରେ କେଉଁ ସ୍ଥାନରୁ କେତେ ଛତୁଆର ମାନ ଯାଞ୍ଚ କରାଯାଇଛି, କେଉଁମାନଙ୍କୁ ଧରାଯାଇଛି ସେ ନେଇ ଗୃହରେ ଏକ ବିବରଣୀ ଦେବାକୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ସାରା ଓଡ଼ିଶାରେ ଛତୁଆ ଯୋଗାଣ କରୁଥିବା ଏଜେନ୍ସିଗୁଡ଼ିକୁ ଯାଞ୍ଚ କରାଯିବ। ଛତୁଆର ମାନ ପରୀକ୍ଷା କରାଯାଇ ଗୃହକୁ ଅବଗତ କରାଯିବ।

୪୫୧ ନମ୍ବର ପ୍ରଶ୍ନର ମୂଳ ପ୍ରଶ୍ନକର୍ତ୍ତା ଭାଜପା ସଭ୍ୟ ସଞ୍ଜଲି ମୁର୍ମୁ ପଚାରିଥିଲେ, ମୟୂରଭଞ୍ଜ ଜିଲାର କେଉଁ କେଉଁ ଏସ୍‌ଏଚ୍‌ଜି ଓ ଏଜେନ୍ସିକୁ ଛତୁଆ ପ୍ରସ୍ତୁତି ଦାୟିତ୍ୱ ଦିଆଯାଇଛି। ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀରେ କେତେ ଏସ୍‌ଏଚ୍‌ଜି ଛତୁଆ ବଣ୍ଟନ କରୁଛନ୍ତି। ମନ୍ତ୍ରୀ ଉତ୍ତରରେ କହିଲେ, ଏସ୍‌ଏନ୍‌ପି ମାର୍ଗଦର୍ଶିକା ଅନୁଯାୟୀ ଛତୁଆର ମାନ ଓ ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ପ୍ରତି ବ୍ଲକରେ ଗୋଟିଏ ସ୍ୱୟଂ ସହାୟକ ସଂସ୍ଥା ନିୟୋଜିତ କରିବା ବ୍ୟବସ୍ଥା ରହିଛି। ଯଦି ଗୋଟିଏ ଏସ୍‌ଏଚ୍‌ଜି ଦ୍ୱାରା ବ୍ଲକର ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଛତୁଆ ଯୋଗାଣ ସମ୍ଭବ ନ ହୁଏ ତେବେ ଜିଲାପାଳ ୨ଟି ଏସ୍‌ଏଚ୍‌ଜିକୁ ନିଯୁକ୍ତି ଦେଇପାରିବେ। ଏତଦ୍‌ବ୍ୟତୀତ ପରିପୂରକ ପୁଷ୍ଟି ଯୋଜନାରେ ଦିଆଯାଉଥିବା ଶୁଖିଲା ରାଶନ ଯଥା ହାଲୁଆ, ବାଦାମ, ରାଶି ଏବଂ ବେସନ ଲଡୁ ଇତ୍ୟାଦିର ପ୍ରସ୍ତୁତି ଏବଂ ଯୋଗାଣ ପାଇଁ ପଞ୍ଚାୟତ ସ୍ତରରେ ଏକ ପୃଥକ୍ ସ୍ୱୟଂ ସହାୟକ ଗୋଷ୍ଠୀ ନିୟୋଜିତ କରାଯାଇପାରିବ।

କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ଅତିରିକ୍ତ ପ୍ରଶ୍ନରେ ପଚାରିଲେ ଛତୁଆରେ କେବଳ ଗହମ ଓ ଚିନି ଦିଆଯାଉଛି। ଆଉ ସେଥିରେ କିଛି ନାହିଁ। ଯେଉଁମାନେ ଘୁଷୁରି ପାଳୁଛନ୍ତି, ସେହି ଛତୁଆକୁ ସେମାନେ କିଲୋ ଦରରେ ନେଉଛନ୍ତି। ସେ ଛତୁଆକୁ ଲୋକ କ'ଣ ଗୋରୁ, ଘୁଷୁରି, କୁକୁଡ଼ା ମଧ୍ୟ ଖାଉ ନାହାନ୍ତି। ସେହିପରି ଭାଜପା ସଭ୍ୟ ଫକୀର ମୋହନ ନାୟକ, ନୀହାର ରଞ୍ଜନ ମହାନନ୍ଦ, ସନାତନ ବିଜୁଳି, ଆକାଶ ଦାସ ନାୟକ, ପଦ୍ମଲୋଚନ ପଣ୍ଡା, ସିଦ୍ଧାନ୍ତ ମହାପାତ୍ର, ବିଜେଡି ସଭ୍ୟ ଧ୍ରୁବ ସାହୁ, କଂଗ୍ରେସ ସଭ୍ୟ ଅଶୋକ ଦାସ ପ୍ରମୁଖ ଛତୁଆର ମାନକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଦୀର୍ଘବର୍ଷ ଧରି ଗୋଟିଏ ସଂସ୍ଥା ଛତୁଆ ଯୋଗାଉଛି। ଅତ୍ୟନ୍ତ ନିମ୍ନମାନର ଛତୁଆ ଦିଆଯାଉଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ। ସେହି ସଂସ୍ଥାକୁ ପରିବର୍ତ୍ତନ କରି ନୂଆ ସଂସ୍ଥାକୁ ଦିଆଯାଉ। ଛତୁଆର ମାନ ନିୟମିତ ଭାବେ ତଦାରଖ କରାଯାଉ ବୋଲି ଦାବି କରିଛନ୍ତି। ମନ୍ତ୍ରୀ କହିଛନ୍ତି, ଯେଉଁଠି ଏଭଳି ଅଭିଯୋଗ ଆସୁଛି ତାହା ସରକାରଙ୍କ ଦୃଷ୍ଟିକୁ ଆଣିଲେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମଗ୍ର ରାଜ୍ୟରେ ଛତୁଆର ମାନ ଯାଞ୍ଚ କରାଯିବ। ଯେଉଁଠି ଅନିୟମିତତା ହୋଇଥିବ ସେଠାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଲଗାଣ ବର୍ଷାରେ ବୁଡ଼ିଲା ପୋଲ

ମାଲକାନଗିରି,୩୧।୮ (ଦୁର୍ଯ୍ୟୋଧନ ପାତ୍ର)


କାଙ୍ଗୁରକୋଣ୍ଡା ପୋଲ ବୁଡି ରହିଛି।

ମାଲକାନଗିରି ଜିଲାରେ ପୁଣି ବର୍ଷା ବିପ୍ଳବ ଦେଖିବାକୁ ମିଳିଛି। ଲଗାଣ ବର୍ଷା ଫଳରେ ପୋଲଗୁଡିକ ଜଳମଗ୍ନ ହେବାରୁ ୩୨୬ ନମ୍ବର ଜାତୀୟ ରାଜ ପଥରେ ଯାତାୟାତ ବାଧା ପ୍ରାପ୍ତ ହୋଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ମାଲକାନଗିରି ଜିଲାରେ ଲଗାଣ ବର୍ଷା ଯୋଗୁ ୩୨୬ ନମ୍ବର ଜାତୀୟ ରାଜପଥ ଥିବା କାଙ୍ଗୁରୁକୁଣ୍ଡା ପୋଲ ଉପରେ ଶନିବାର ସକାଳୁ ପ୍ରାୟ ୨ଫୁଟର ଉଚ୍ଚର ଜଳ ପ୍ରବାହିତ ହେଉଥିବାରୁ ମାଲକାନଗିରି–କାଲିମେଲା ଓ ମୋଟୁ ସହ ବିଭିନ୍ନ ସ୍ଥାନକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଅତ୍ୟଧିକ ବର୍ଷା ଯୋଗୁ ଏମ୍‌ଭି ୯୦ ପୋଲ ଓ କନ୍ୟାଶ୍ରମ ପୋଲ ଉପରେ ମଧ୍ୟ ଜଳ ପ୍ରବାହିତ ହେଉଥିବା ବେଳେ ପୋଟେରୁ ସମେତ ଅନ୍ୟ ତଳିଆ ପୋଲଗୁଡିକ ଉପରେ ମଧ୍ୟ ଜଳ ପ୍ରାବାହିତ ହେଉଛି। ପ୍ରଶାସନ ପକ୍ଷରୁ ପୋଲର ଉଭୟ ପାର୍ଶ୍ୱରେ ନାଲିଫିତା ଟଣାଯାଇ ଯାତାୟାତକୁ ବନ୍ଦ କରାଯାଇଛି। ଏହି ରାସ୍ତାରେ ଯାତାୟାତ କରୁଥିବା ସମସ୍ତ ସରକାରୀ ଓ ବେସରକାରୀ ବସ୍ ସେଠାରେ ଅଟକି ରହିଛି। ଫଳରେ ଓଡ଼ିଶାରୁ ମୋଟୁ ଦେଇ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।


ଧରିତ୍ରୀ DHARITRI Oriya daily
ଧରିତ୍ରୀ 50 Years

**ଆବଶ୍ୟକ କରୁଛି**

| ପଦବୀ | ଯୋଗ୍ୟତା | ସ୍ଥାନ |
|---|---|---|
| ସହସମ୍ପାଦକ | ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ। ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ। | ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର |
| ଖବରଦାତା | ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ। ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ | ଭୁବନେଶ୍ୱର, ପୁରୀ |
| ଲେଆଉଟ୍ ଡିଜାଇନର | ଛପା ଗଣମାଧ୍ୟମରେ ସର୍ବନିମ୍ନ ୩ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। InDesign, Photoshop, CorelDRAWରେ ଦକ୍ଷତା ରହିଥିବା ଜରୁରୀ। | ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର |

ବି.ଦ୍ର.: ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି–୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର–୭୫୧୦୧୦
ଇ–ମେଲ: recruitment@dharitri.com / recruitment.dharitri52@gmail.com


# ଲୋକଙ୍କ ଆଶା ପୂରଣ ପାଇଁ କାର୍ଯ୍ୟ କରନ୍ତୁ ପ୍ରତିନିଧି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୧।୮ (ଅନିଲ ଦାସ)

- ୧୧୫୧ କୋଟିର ୪୮୧ ପ୍ରକଳ୍ପ ଲୋକାର୍ପଣ, ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ
- ୨୭ ପୌର ପ୍ରଶାସନିକ ସେବା ଅଧିକାରୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ

### ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ




ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ସମାରୋହ ଶନିବାର ଲୋକସେବା ଭବନ କନ୍‌ଭେସନ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ୩୦ଟି ଜିଲାରେ ୧୧୫୧ କୋଟି ଟଙ୍କାର ୪୮୧ଟି ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ୨୭ଜଣ ନବନିଯୁକ୍ତ ପୌରପ୍ରଶାସନିକ ସେବା ଅଧିକାରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକମାନଙ୍କୁ ସ୍ୱାୟତ୍ତ ଶାସନ ମାଧ୍ୟମରେ ମୌଳିକ ସୁବିଧା ଯୋଗାଇଦେବା ପାଇଁ ବ୍ୟବସ୍ଥା ରହିଛି। ଏହି ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଦେଶରେ ସ୍ୱାଧୀନତା ପ୍ରାପ୍ତିର ବହୁ ପୂର୍ବରୁ ଲର୍ଡ ରିପନଙ୍କ ସମୟରୁ ଆରମ୍ଭ ହୋଇଥିଲା। ପଞ୍ଚାୟତିରାଜ ଓ ସହରାଞ୍ଚଳରେ କାର୍ଯ୍ୟରତ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର କାର୍ଯ୍ୟଭାର ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ନିଜ କାନ୍ଧରେ ଉଠାଇବାକୁ ପଡ଼ିବ। ଏ ସରକାର ହେଉଛି ଲୋକଙ୍କ ସରକାର। ପୌରପ୍ରଶାସନ ସହ ଯୋଡ଼ି ହୋଇ ସମସ୍ତ କାଉନ୍‌ସିଲର, ଉପାଧ୍ୟକ୍ଷ ଓ ଅଧ୍ୟକ୍ଷମାନେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଲୋକଙ୍କ ଆଶା ପୂରଣ କରିବା ଦିଗରେ କାର୍ଯ୍ୟ କରିବା ଉଚିତ। ଜନ ସାଧାରଣଙ୍କୁ ଉପଯୁକ୍ତ ସେବା ପ୍ରଦାନ ପାଇଁ ଏ ଦିଗରେ ସମସ୍ତ ସ୍ୱାୟତ୍ତ ଶାସନ ସଂସ୍ଥାର ଅଧିକାରୀ ତଥା ଜନପ୍ରତିନିଧିମାନେ ନିଜ ନିଜର ଦାୟିତ୍ୱ ତୁଲାଇବା ଉଚିତ। ଶାସନ ବ୍ୟବସ୍ଥାର ବିକେନ୍ଦ୍ରୀକରଣ ଓ ପୌରପାଳିକାଗୁଡ଼ିକୁ ସଶକ୍ତ ଓ ସ୍ୱାଧୀନ ହୋଇ ନିଜ ନିଜ ପରିଧିରେ ବିଭିନ୍ନ ସହରାଞ୍ଚଳର ଭିତ୍ତିଭୂମି ସମ୍ପର୍କିତ ଯୋଜନା ଓ ସେବା ପ୍ରଦାନ ପାଇଁ ସାମ୍ବିଧାନିକ ବ୍ୟବସ୍ଥା ରହିଛି। ଭାରତ ସରକାରଙ୍କ ସହଯୋଗରେ ନାଗରିକ ତଥା ବୈଷୟିକ ସେବା ଯୋଗାଣକାରୀ ବ୍ୟକ୍ତିଙ୍କ ପାଇଁ ଏକ ସରଳ ହ୍ୟାଣ୍ଡ ବୁକ୍ ଓ ଟୁଲକିଟ୍ ପ୍ରସ୍ତୁତ କରାଯାଉଛି। ଏହା ସେମାନଙ୍କୁ ମାଷ୍ଟର ପ୍ଲାନ, ବିଲ୍ଡିଂ ପ୍ଲାନ ଓ ଲେ–ଆଉଟ୍ ଅନୁମୋଦନକୁ ସମୟୋଚିତ ସମ୍ପାଦନ କ୍ଷେତ୍ରରେ ସହାୟତା କରିବ।

ସମଗ୍ର ବିଶ୍ୱରେ ସହରୀକରଣ ବୃଦ୍ଧି ପାଉଛି। ଗ୍ରାମାଞ୍ଚଳରୁ ଅନେକ ଲୋକ ଅଧିକ ରୋଜଗାର ପାଇବା ଆଶାରେ ସହରମୁହାଁ ହେଉଛନ୍ତି। କିନ୍ତୁ ବାସ୍ତବରେ ସେମାନେ ସହରରେ ଏ ସବୁ ପାଇ ନ ଥାନ୍ତି। ରାଜଧାନୀ ଭୁବନେଶ୍ୱରରେ ୧୯୪୮ ମସିହାରେ ମାତ୍ର ୧୦ ହଜାର ଜନସଂଖ୍ୟା ପାଇଁ ଯୋଜନା କରାଯାଇଥିଲା। କିନ୍ତୁ ଆଜି ଏଠାରେ ୧୫ ରୁ ୨୦ ଲକ୍ଷ ଲୋକ ବସବାସ କରୁଛନ୍ତି। ଭୁବନେଶ୍ୱର ଅର୍ଥନୀତିର ଅଭିବୃଦ୍ଧି ଘଟିଛି। ସହରବାସିନ୍ଦାଙ୍କ ପାଇଁ ଆବଶ୍ୟକ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବାର ସମସ୍ୟା ରହିଛି। ଆଗାମୀ ଦିନରେ ଭୁବନେଶ୍ୱର ସମେତ ରାଜ୍ୟର ସବୁ ସହରାଞ୍ଚଳର ବିକାଶ ପାଇଁ ଆମ ସରକାର ସଚେତନ ଅଛନ୍ତି। ଆଗାମୀ ଦିନରେ ଆମ ସହରଗୁଡ଼ିକର ଅବସ୍ଥାରେ ପରିବର୍ତ୍ତନ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିକଶିତ ଓଡ଼ିଶା ନିର୍ମାଣର ଲକ୍ଷ୍ୟ ରଖି ଏଥିନିମନ୍ତେ ଗ୍ରାମାଞ୍ଚଳ ସହିତ ସହରାଞ୍ଚଳ ବିକାଶକୁ ଗୁରୁତ୍ୱ ଦେଇ ବଜେଟରେ ଅଧିକ ଅର୍ଥ ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି ସେ କହିଛନ୍ତି। ପୌରପାଳିକାଗୁଡ଼ିକରେ ଭାରତ ସରକାରଙ୍କ ପକ୍ଷରୁ 'ଜଳ ଜୀବନ ମିଶନ' ଯୋଜନା ମାଧ୍ୟମରେ ପ୍ରତି ଘରକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରହିଛି। ଜଳ ଯୋଗାଣ ପରିଚାଳନାରେ ଜଳସାଥୀମାନେ ଦକ୍ଷତାର ସହ କାମ କରୁଛନ୍ତି। ଜଳର ମାନ ନିର୍ଦ୍ଧାରଣ ପାଇଁ ସେମାନେ ନିୟୋଜିତ ଅଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ରାଜ୍ୟରେ ୫ଟି ମହାନଗର ନିଗମ ସହିତ ୧୧୫ଟି ସ୍ୱାୟତ୍ତ ଶାସନ ସଂସ୍ଥାର କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ଅଛନ୍ତି। ମୁଖ୍ୟମନ୍ତ୍ରୀ ଲୋକଙ୍କ ପାଖରେ ପହଞ୍ଚିବା ଓ ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ କରିବା ଦିଗରେ ସର୍ବଦା ଗୁରୁତ୍ୱ ଦେଉଛନ୍ତି।

ଏହି କାର୍ଯ୍ୟକ୍ରମରେ କୋଭିଡ୍ ସମୟରୁ ଉଠାଦୋକାନୀଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ସ୍ୱ–ନିଧି ଯୋଜନାରେ ହିତାଧିକାରୀ ଏବଂ ଅଂଶୀଦାରମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ବାରିପଦାର ରାଇମଣୀ କିସ୍କୁ ଯୋଜନାରେ ଘର ପାଇଥିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଆଭାସୀ ଜରିଆରେ କଥା ହୋଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସେହିପରି କୋରାପୁଟର ଜଳସାଥୀ ରୀପା ହିଆଲ ଜଣେ ଗୃହିଣୀ ଓ ଜଳସାଥୀର ପରିଚୟ ପାଇ ତାଙ୍କ ପରିବାରକୁ ଖୁସିରେ ଚଳାଉ ଥିବାରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସମସ୍ତେ ଯେପରି ବିଶୁଦ୍ଧ ପାନୀୟ ଜଳ ପାଇବେ ତାକୁ ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ କହିଥିଲେ ଏବଂ ଯିବା ଆସିବା ପାଇଁ ଗାଡ଼ି ଚାଳନା ବେଳେ ହେଲମେଟ୍ ପିନ୍ଧିବା ପାଇଁ ସଚେତନ କରିଥିଲେ।

ଏହି ଅବସରରେ କଟକ ମହାନଗର ନିଗମର ପରିମଳ କର୍ମଚାରୀ ଝୁନୁଲତା ନାୟକ ଓ ଡି. ଶିବା, ଭୁବନେଶ୍ୱର ମହାନଗର ନିଗମର ବାବୁଲି ନାହାକଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବିଧାୟକ ବାବୁ ସିଂ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସ୍ୱଚ୍ଛ ଭାରତ ମିଶନର ମିଶନ ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ ଏବଂ ପୌରପ୍ରଶାସନ ନିର୍ଦ୍ଦେଶକ ଦେବାଶିଷ ସିଂ ଉପସ୍ଥିତ ଥିଲେ।


GAYATRI COLLEGE OF ENGINEERING
Near Income Tax Office, Ambapua, Brahmapur
B.TECH. (4 Yrs./ LE)
Computer Sc. Engineering, Artificial Intelligence, Civil, Mechanical, EEE
100% PLACEMENT ASSISTANCE
MCA, MBA
Approved by AICTE, Affiliated to BPUT
BCA, BBA
Approved by AICTE
B.Sc. Biotech., M.Sc. Biotech. & M.Sc. Computer Sc.
Affiliated to Brahmapur University
Contact : 9437579479, 9437962526, 8144898953



ମୋର ବିଶ୍ୱାସ ଭାରତର ଦୁର୍ବଳତାର ପ୍ରଧାନ କାରଣ ତା'ର ଦାସତ୍ୱ ନୁହେଁ- ଦାରିଦ୍ର୍ୟ କି ଧର୍ମ ବା ଆଧ୍ୟାତ୍ମିକତାର ଅଭାବ ମଧ୍ୟ ନୁହେଁ କିନ୍ତୁ ଚିନ୍ତାଶକ୍ତିର ହ୍ରାସ ଓ ଜ୍ଞାନର ଜନ୍ମଭୂମିରେ ଅଜ୍ଞାନର ବିସ୍ତାର। ସର୍ବତ୍ର ମୁଁ ଦେଖୁଛି- ଚିନ୍ତା କରିବା ନିମିତ୍ତ ଅନିଚ୍ଛା ଓ ଅକ୍ଷମତା ଆଉ ମଧ୍ୟ ଭୟ। -ଶ୍ରୀଅରବିନ୍ଦ



# ନୂଆ ପଥରେ ସମସ୍ୟା



ଆକାର ପଟେଲ

ଆପଣଙ୍କ ମଧ୍ୟରୁ ଅନେକଙ୍କ ପରି ମୁଁ 'ରାଇଟ୍ ୱିଙ୍ଗ୍ ଇନ୍‌ଫ୍ଲୁଏନ୍‌ସର୍ସ' (ପ୍ରଭାବ ପକାଉଥିବା ଦକ୍ଷିଣପନ୍ଥୀ ଚିନ୍ତାଧାରାର ବ୍ୟକ୍ତିମାନେ) ଦ୍ୱାରା ପ୍ରସ୍ତୁତ ସୋସିଆଲ ମିଡିଆ(ସାମାଜିକ ଗଣମାଧ୍ୟମ) ବିଷୟବସ୍ତୁରୁ ଦୂରେଇ ରହିଛି। କଥିତ ଭାଷାରେ ଏହି ବ୍ୟକ୍ତିମାନଙ୍କୁ 'ଭକ୍ତ' କିମ୍ବା ଅନ୍ୟ ଅର୍ଥରେ ଅନୁଗାମୀ କୁହାଯାଏ। ଏହି ସ୍ତମ୍ଭରେ ସେମାନଙ୍କୁ ସଂକ୍ଷେପରେ ଆର୍‌ଡବ୍ଲ୍ୟୁଆଇଏସ୍ ଭାବେ ସୂଚିତ କରାଯାଇଛି। ୨୦୧୪ ପରବର୍ତ୍ତୀ ସମୟରେ ସେମାନଙ୍କ ପାଇଁ ଏପରି ବିଷୟବସ୍ତୁ ପ୍ରସ୍ତୁତ କରିବାର କୌଣସି ସୁଯୋଗ ନ ଥିଲା, କାରଣ ଆମ ପାଖରେ ଥିବା ସରକାର ତାଙ୍କ ନିଜର ପ୍ରଶଂସା ନିଜେ ହିଁ କରିଆସୁଥିଲେ। କିନ୍ତୁ ଭାରତୀୟ ଜନତା ପାର୍ଟି(ଭାଜପା) ୪ ଜୁନ୍‌ରେ ସଂଖ୍ୟାଗରିଷ୍ଠତା ହରାଇବା ପରେ ମୁଁ ଅନୁଭବ କଲି ଯେ ପ୍ରଧାନମନ୍ତ୍ରୀଙ୍କ ଉତ୍ସର୍ଗୀକୃତ ଦୂତମାନେ କିପରି ଅଛନ୍ତି ତାହା ପରୀକ୍ଷା କରିବା ଉଚିତ। ଗତ ସପ୍ତାହର ଅଧିକାଂଶ ସମୟ ଏହିସବୁ ବିଷୟବସ୍ତୁ ଦେଖିବାରେ ମୋ ସମୟ ଅତିବାହିତ ହୋଇଛି ଏବଂ ଏହା ଉପରେ ସଂଗୃହୀତ ପ୍ରତିକ୍ରିୟାଗୁଡ଼ିକ ନିମ୍ନରେ ଦର୍ଶାଉଛି। ପ୍ରଥମରେ, ସେମାନଙ୍କ ମଧ୍ୟରେ ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସଂଖ୍ୟା ଅଧିକ ନୁହେଁ ଓ ଅନେକଙ୍କୁ ଲୋକେ ଜାଣନ୍ତି ନାହିଁ ଏବଂ ସେମାନଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ ବ୍ୟକ୍ତି ପ୍ରାୟତଃ ରବିଶ କୁମାର ଏବଂ ଧ୍ରୁବ ରାଠୀଙ୍କ ଦୃଷ୍ଟିକୋଣକୁ କିଛି ମାତ୍ରାରେ ଆପଣାଇବାକୁ ସଂଘର୍ଷ କରନ୍ତି। ମୋ ମତରେ ଏହାର ଦୁଇଟି କାରଣ ଅଛି। ଗୋଟିଏ, ମୂଳତଃ ସେମାନେ ସରକାରଙ୍କ ଦାବିକୁ ପୁନରାବୃତ୍ତି କରନ୍ତି, ତେଣୁ ସେମାନଙ୍କର ମୂଳ ଦର୍ଶକ ସୀମିତ। ଅନ୍ୟଟି ହେଉଛି, ସେମାନେ ସର୍ବଦା କ୍ରୋଧିତ କିମ୍ବା ଅସୁଖୀ ଏବଂ ଦେଖିବା ଭଳି ବିଷୟବସ୍ତୁ ପ୍ରସ୍ତୁତ କରିପାରନ୍ତି ନାହିଁ। ଦ୍ୱିତୀୟ ବିଷୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଶେଷକରି ଆର୍‌ଡବ୍ଲ୍ୟୁଆଇଏସ୍ ଏପରିକି ସେପ୍ଟେମ୍ବର ପ୍ରଥମ ସପ୍ତାହରେ ମଧ୍ୟ ୪ ଜୁନ୍‌ର ଫଳାଫଳକୁ ନେଇ ସମ୍ପୂର୍ଣ୍ଣ ଦୁଃଖିତ। ପୁନିବ ସମ୍ପୂର୍ଣ୍ଣ ପ୍ରଭୁତ୍ୱ ରଖିବା ଆବଶ୍ୟକ ବୋଲି ସେମାନେ ଚାହାନ୍ତି। କିନ୍ତୁ ସେମାନେ ଫଳାଫଳକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି ଏବଂ ଏହାକୁ ବୁଝିବାକୁ ଅକ୍ଷମ। କାରଣ ସବୁ 'ନୂଆ ଭାରତ' ଓ ଅବଶିଷ୍ଟ କାର୍ଯ୍ୟକ୍ରମ ରାତାରାତି ଅପସରିଯାଇଛି।

ତୃତୀୟ ବିଷୟ ହେଉଛି ଆର୍‌ଡବ୍ଲ୍ୟୁଆଇଏସ୍ ଭଲ ଭାବେ ବୁଝିଛନ୍ତି ଯେ, ବିରୋଧୀଦଳର ସୋସିଆଲ ମିଡିଆ ଷଡ଼ଯନ୍ତ୍ର ଦ୍ୱାରା ଭାଜପା ସଂଖ୍ୟାଗରିଷ୍ଠତା ପାଇଲା ନାହିଁ। ବିଶେଷ ଭାବରେ ଦୁଇଟି ବିଷୟ ମିଥ୍ୟା ଖବର ଭାବରେ ପ୍ରସାର କରାଯାଇଥିଲା। ତାହା ହେଲା ଭାଜପା ସଂରକ୍ଷଣ ବନ୍ଦ କରିବ ଏବଂ ସମ୍ବିଧାନ ବଦଳାଇଦେବ। ମନେରଖିବା ଉଚିତ ଯେ, ଏହି କଣ୍ଟେଣ୍ଟ କ୍ରିଏଟରମାନେ ସଂରକ୍ଷଣ ବିରୋଧୀ। କାରଣ ଏମାନେ ସହରାଞ୍ଚଳର ଉଚ୍ଚବର୍ଗର ଲୋକ ଓ ସେମାନଙ୍କ ବର୍ଗର ସ୍ୱାର୍ଥ ରକ୍ଷା କରୁଛନ୍ତି। ସେମାନେ ଘଟଣା ସମ୍ପର୍କରେ ସଚେତନ ଥିବା କିମ୍ବା ମୋଦିଙ୍କ ଭକ୍ତ ବୋଲି ଜଣାପଡୁନାହିଁ। ସେମାନେ କ୍ରୋଧରେ ସଂରକ୍ଷଣ ବିରୋଧରେ କହୁଛନ୍ତି, ଯାହା ଭୋଟରମାନଙ୍କୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ଜଣାପଡ଼େ, ସେମାନଙ୍କ ମାନସିକତା ଭାଜପାର ସୋସିଆଲ ମିଡିଆ ଚଳାଉଥିବା ଅମିତ ମାଲବ୍ୟଙ୍କ ବିରୋଧୀ। କିନ୍ତୁ ମୁଁ ବୁଝିପାରିଲି ନାହିଁ ସେମାନେ କାହିଁକି ତାଙ୍କ ଉପରେ ରାଗିଗଲେ।

ଚତୁର୍ଥ କଥା ହେଉଛି ମହାରାଷ୍ଟ୍ର ପରି ରାଜ୍ୟରେ ଭାଜପା ମେଣ୍ଟ ପରିବର୍ତ୍ତନକୁ ନେଇ ସେମାନେ ଅସନ୍ତୁଷ୍ଟ। ଏଠାରେ ସେମାନଙ୍କ ସହ ଯେକେହି ସହମତ ହେବେ ଯେ ଏହା ଭାଜପାର କ୍ଷତି ଘଟାଇଛି। ଅସନ୍ତୁଷ୍ଟର ଅନ୍ୟ ଏକ ଦିଗ ସହ ସମ୍ପର୍କ ରହିଛି। ସେମାନେ ଭାଜପା ଦ୍ୱାରା ଅନ୍ତର୍ଭୁକ୍ତୀକରଣ ଏବଂ ଧର୍ମନିରପେକ୍ଷତା ବିଷୟରେ କୌଣସି ଆଲୋଚନାକୁ ଘୃଣା କରନ୍ତି। ପଞ୍ଚମ ବିଷୟ ହେଉଛି, ନିର୍ବାଚନ ଫଳାଫଳ ପରେ ମୋଦି ସରକାର ନେଇଥିବା ସମସ୍ତ ୟୁ-ଟର୍ନରେ ଆର୍‌ଡବ୍ଲ୍ୟୁଆଇଏସ୍ ଅପମାନିତ ହେଉଥିବା ଜଣାପଡୁଛି। ଦଶନ୍ଧି ଧରି ସରକାରରେ କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ନିଷ୍ପତ୍ତି ନିଆଯିବାର ଯୁଗ ଶେଷ ହୋଇଛି ଏବଂ ପ୍ରଧାନମନ୍ତ୍ରୀଙ୍କୁ ଏକ ନୂତନ ପ୍ରକାର କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେମାନେ ଏଯାବତ ସ୍ୱୀକାର କରିନାହାନ୍ତି। ୱକଫ ବିଲ୍ ଏବଂ ଲାଟେରାଲ ଏଣ୍ଟ୍ରି ପରି ପ୍ରସଙ୍ଗରେ ସେମାନେ ବିଶେଷ ଭାବେ କ୍ରୋଧିତ ହୋଇପଡ଼ିଛନ୍ତି। ଷଷ୍ଠ କଥା ହେଉଛି ମୋଦିଙ୍କ ଭାବମୂର୍ତ୍ତି ସେମାନଙ୍କ ଦୃଷ୍ଟିରେ ଅକ୍ଷୁର୍ଣ୍ଣ ରହିଛି। ବୋଧହୁଏ ସେମାନେ ଦଳର ବିପର୍ଯ୍ୟୟକୁ ଏକ ସାମୟିକ ଘଟଣା ଭାବରେ ଦେଖୁଛନ୍ତି। ଏପରିକି ସେମାନଙ୍କ ବିଷୟବସ୍ତୁର ଘଣ୍ଟା ଘଣ୍ଟା ଅନୁଧ୍ୟାନ କରିବା ପରେ ବି ପ୍ରଧାନମନ୍ତ୍ରୀଙ୍କର କିମ୍ବା ତାଙ୍କ କାର୍ଯ୍ୟଶୈଳୀ ଉପରେ କୌଣସି ସମାଲୋଚନା ଦେଖିବା କଷ୍ଟକର। ନିଯୁକ୍ତି କିମ୍ବା ମୁଦ୍ରାସ୍ଫୀତି ପରି ପ୍ରକୃତ ପ୍ରସଙ୍ଗଗୁଡ଼ିକ ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ମନେହୁଏ ନାହିଁ। ଶାସନରେ ଭାଜପା ଭିତରେ ଥିବା ସମ୍ପର୍କବାଦକୁ ଆର୍‌ଡବ୍ଲ୍ୟୁଆଇଏସ୍ ଗ୍ରହଣ ନ କରିବା ଏବଂ ମୋଦିଙ୍କୁ ଭୋଟରଙ୍କ ପ୍ରତ୍ୟାଖ୍ୟାନ ଥିଲା ନିର୍ବାଚନ ପରିଣାମ ବୋଲି ଭାବିବା ଓ ମୋଦିଙ୍କ ପ୍ରଦର୍ଶନ ତଥା ଗ୍ୟାରେଣ୍ଟି ସେମାନଙ୍କ ମନକୁ ନ ଛୁଇଁବା ଦ୍ୱନ୍ଦ୍ୱର ଏକ କାରଣ। ସପ୍ତମ ଏବଂ ଅନ୍ତିମ କଥା ହେଉଛି, ସେମାନେ ଅତ୍ୟଧିକ ରାଗିଛନ୍ତି। କେବଳ ଦୃଷ୍ଟିକୋଣରୁ ନୁହେଁ ବରଂ ସେମାନଙ୍କର ଶବ୍ଦରୁ ଏହା ଜଣାପଡୁଛି। ସେମାନେ ସଂଖ୍ୟାଲଘୁ, ବଞ୍ଚିତ ସମୁଦାୟ ଏବଂ ଏଭଳି ଅନେକଙ୍କ ଉପରେ ବ୍ୟବହାର କରୁଥିବା ଭାଷା ଅତ୍ୟନ୍ତ ଖରାପ। ସେମାନଙ୍କର ବୈଶ୍ୱିକ ଦୃଷ୍ଟିକୋଣ ଅସ୍ୱଚ୍ଛ ଏବଂ ବୁଝାମଣା ସମାଧାନ କିମ୍ବା ମଧ୍ୟସ୍ଥତାର ସ୍ଥାନ ନାହିଁ।

ବୌଦ୍ଧିକ ଭାବରେ, ଆର୍‌ଡବ୍ଲ୍ୟୁଆଇଏସ୍‌ଙ୍କ ଦ୍ୱାରା ପ୍ରସ୍ତୁତ ବିଷୟବସ୍ତୁ ଅବିକଶିତ ଓ ଦର୍ଶକ କିମ୍ବା ପାଠକଙ୍କୁ ନିର୍ଦ୍ଦିଷ୍ଟ ଭାବେ କିଛି ଉପଯୋଗୀ ବିଷୟ ପ୍ରଦାନ କରେନାହିଁ। ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ନେଇ ଶାସନ ଚଳାଇବାକୁ ଏକ ନୂଆ ପଥ ଆପଣାଉଥିବାବେଳେ ଏହା ତାଙ୍କୁ ସମର୍ଥନ କରୁନାହିଁ ଏବଂ କରିବାକୁ ସକ୍ଷମ ମଧ୍ୟ ହେବନାହିଁ। ପ୍ରକୃତରେ ତାଙ୍କ ସମର୍ଥକମାନେ ଅତିକ୍ରାନ୍ତ ହୋଇଯାଇଥିବା ଏକ ଯୁଗକୁ ଅଧିକ ବ୍ୟଥିତ ଥିବା ସହ ତାହାକୁ ପୁଣି ଚାହୁଁଛନ୍ତି। ଏଥିପାଇଁ ମୋଦି କିଛି ନୂଆ କରିବାକୁ ଚେଷ୍ଟା କରୁଥିବାବେଳେ ଆର୍‌ଡବ୍ଲ୍ୟୁଆଇଏସ୍ ତାଙ୍କ ପାଇଁ ଅଧିକ ସମସ୍ୟା ସୃଷ୍ଟି କରିବା ସମ୍ଭାବନା ରହିଛି।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | | | | |
| 8 | | 7 | | | 1 | 4 | 6 | |
| 3 | | | 5 | | | | | |
| 4 | | | | 8 | | 7 | | 5 |
| | | | 2 | | | | 1 | |
| | | | | 3 | 6 | | | 4 |
| | | 8 | | | | | 7 | |
| | 6 | | | | 3 | | | |
| | | | | 7 | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 4 | 3 | 6 | 2 | 9 | 1 | 8 |
| 1 | 3 | 8 | 7 | 9 | 5 | 2 | 4 | 6 |
| 2 | 6 | 9 | 1 | 4 | 8 | 7 | 5 | 3 |
| 3 | 2 | 1 | 8 | 7 | 4 | 5 | 6 | 9 |
| 6 | 4 | 7 | 9 | 5 | 3 | 1 | 8 | 2 |
| 8 | 9 | 5 | 2 | 1 | 6 | 4 | 3 | 7 |
| 7 | 1 | 6 | 4 | 3 | 9 | 8 | 2 | 5 |
| 9 | 8 | 3 | 5 | 2 | 1 | 6 | 7 | 4 |
| 4 | 5 | 2 | 6 | 8 | 7 | 3 | 9 | 1 |

ଗତକାଲିର ଉତ୍ତର



ଚିତ୍ର ଚରିତ୍ର

# ନିନ୍ଦିତ ଈଶ୍ୱରଙ୍କ ସମ୍ପର୍କରେ

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଈଶ୍ୱର ପୁଣି ନିନ୍ଦିତ! ସକଳ ନିନ୍ଦା ପ୍ରଶଂସାର ଊର୍ଦ୍ଧ୍ୱରେ ବୋଲି ତ ତାଙ୍କ ନାମ ଈଶ୍ୱର। ମଣିଷ ସିନା ପ୍ରଶଂସାରେ ଉଲ୍ଲସିତ ହୁଏ ଓ ନିନ୍ଦାରେ ହୁଏ ମର୍ମାହତ; ମାତ୍ର ଈଶ୍ୱରଙ୍କୁ ପ୍ରଶଂସା କଲେ ଅବା ଗଳା ଫଟାଇ ତାଙ୍କର ନିନ୍ଦା କଲେ ତାଙ୍କ ଈଶ୍ୱରତ୍ୱର ମାନ ବଢ଼ିଯାଏ ନାହିଁ କି କମିଯାଏ ନାହିଁ। ନିନ୍ଦା ପ୍ରଶଂସା, ଶତ୍ରୁ ମିତ୍ର ବା ଧନୀ ଗରିବ ନିର୍ବିଶେଷରେ ସମଗ୍ର ସୃଷ୍ଟିର ସମସ୍ତ ଅଧିବାସୀଙ୍କୁ ସମାନ ଭାବରେ ଦେଖୁଥିବା ଭଳି ଦିବ୍ୟ ଗୁଣର ଅଧିକାରୀଙ୍କ ଅନ୍ୟ ନାମ ଈଶ୍ୱର। ତାଙ୍କ ସ୍ଥିତିକୁ ସ୍ୱୀକାର କରୁଥିବା ଅବା ତାଙ୍କ ଅସ୍ତିତ୍ୱକୁ ଅବଜ୍ଞା କରୁଥିବା ସମସ୍ତଙ୍କ ପାଇଁ ସେ ସର୍ବତୋଭାବେ ସମାନ। ତେବେ କିଏ ଏହି ନିନ୍ଦିତ ଈଶ୍ୱର!

ଏ ଈଶ୍ୱର ସ୍ୱର୍ଗରେ ଅବା ଦେବଲୋକରେ ନ ଥାନ୍ତି। ଏଇଠି ଅନ୍ୟମାନଙ୍କ ଗହଣରେ ଏମାନେ ଆତଯାତ ହୁଅନ୍ତି ଓ ନିଜ ନିଜର କର୍ତ୍ତବ୍ୟ ପରିସରରେ ଅନନ୍ୟତା ହାସଲ କରିଥିବାର ସାଧାରଣ ମଣିଷର ସୀମା ସରହଦ ଡେଇଁ ଈଶ୍ୱର ପଦବାଚ୍ୟ ହୋଇଯାଆନ୍ତି। ଆମ ସମାଜରେ ମୁଖ୍ୟତଃ ଦୁଇଟି ବୃତ୍ତିରେ ନିୟୋଜିତ ବୃତ୍ତିଧାରୀମାନେ ସଚରାଚର ଈଶ୍ୱର ଭାବେ ମାନ୍ୟତା ଅର୍ଜନ କରିଥା'ନ୍ତି। ଏମାନେ ହେଲେ ଡାକ୍ତର ଓ ଶିକ୍ଷକ। ଡାକ୍ତରଙ୍କୁ ଦ୍ୱିତୀୟ ଈଶ୍ୱର କୁହାଯାଏ। ଈଶ୍ୱର ସିନା ଶରୀରଟିଏ ସୃଷ୍ଟି କରି ସଂସାରକୁ ପଠାଇଥା'ନ୍ତି, ମାତ୍ର ସେଇ ଶରୀରର ସୁଷମ ପରିପୁଷ୍ଟିର ଦାୟିତ୍ୱ ଯେଉଁ ବିଶାରଦମାନଙ୍କର, ସେମାନେ ଈଶ୍ୱରଙ୍କଠୁଁ କମ୍ ମହାନ୍ ନୁହନ୍ତି। ନାନା ରୋଗ ବ୍ୟାଧି, ଶାରୀରିକ ଘାତ ପ୍ରତିଘାତରେ ଘାଣ୍ଟି ହୋଇ ମାନବ ଶରୀର ଯେତେବେଳେ ରୋଗ ଜ୍ୱାଳାରେ ଜଳୁଥାଏ, ସେତେବେଳେ ତହିଁରେ ନିଜ ଧନ୍ୱନ୍ତରୀ ହାତର ଶୀତଳ ଚନ୍ଦନ ବୋଳି ଜ୍ୱଳନମୁକ୍ତ କରୁଥିବା ଡାକ୍ତରମାନେ ପାଲଟିଯା'ନ୍ତି ଜଣେ ଜଣେ ଦ୍ୱିତୀୟ ଈଶ୍ୱର। ଡାକ୍ତରଙ୍କ ଦେୟ କୁହାଯାଉଥିବା ସାମାନ୍ୟ କିଛି ଅର୍ଥ ବିନିମୟରେ ଏଇ ଈଶ୍ୱରତ୍ୱ କମାଯାଏ ବୋଲି ଉପରକୁ ପ୍ରତୀୟମାନ ହୁଏ ସିନା, ବାସ୍ତବରେ ବ୍ୟାଧିମୁକ୍ତ ମଣିଷର କୃତଜ୍ଞ ଅନ୍ତରରୁ ଯେଉଁ ମୁଗ୍ଧ ଆଶ୍ୱସ୍ତି ଟିକକ ଝରିପଡ଼େ ଓଠରେ ଓ ଆଖିର ଲୁହ ହୋଇ; ତାହା ହିଁ ଏଇ ଈଶ୍ୱରଙ୍କ ପାଇଁ ପ୍ରକୃତ ଭକ୍ତି ନୈବେଦ୍ୟ।

ଅଥଚ ବିଡ଼ମ୍ବନାର ବିଷୟ ଏହା ଯେ, ଏହି ଈଶ୍ୱରମାନଙ୍କ ମଧ୍ୟରୁ ବେଶ୍ କେତେକ ସେମାନଙ୍କ ଦିବ୍ୟ ଈଶ୍ୱରତ୍ୱକୁ ଛୁଟିରେ ପଠାଇ ପାଲଟି ଯା'ନ୍ତି ରାକ୍ଷସଠୁଁ ବଳି ଆହୁରି ଇତର, ଆହୁରି ପାମର। ପୁଳାଏ ଅର୍ଥ ଅର୍ଜନ କରିବାର ଅଭିଳାଷ ଏମାନଙ୍କୁ ଏମିତି ଉଚ୍ଚାଟ କରେ ଯେ ନିଜ ଅଜାଣତରେ ଏମାନେ ଅର୍ଥମୋହ ଭଳି ଏକ ବିଚିତ୍ର ବ୍ୟାଧିରେ ଆକ୍ରାନ୍ତ ହୋଇପଡ଼ନ୍ତି। ପରିଣାମ ହୁଏ ଅତ୍ୟନ୍ତ ଭୟାବହ। ବହୁ କଠୋର ସାଧନାର ସିଦ୍ଧି ସ୍ୱରୂପ ଯେଉଁ ଈଶ୍ୱରତ୍ୱ ଉପଲବ୍ଧ ହୋଇଥାଏ, ଅର୍ଥମୋହର ଆକ୍ରମଣରେ ସେଇ ଦିବ୍ୟ ଉପଲବ୍ଧି ଅକାଳରେ ଅପସରିଯାଏ। ବଦଳରେ ନିଜ ଭିତରେ ଥିବା ମୂଳ ମଣିଷଟିକୁ ନିକାଲି ଦେଇ କାୟା ବିସ୍ତାର କରେ ଅର୍ଥଲୋଲୁପ ଭୟଙ୍କର ଅସୁରଟିଏ, ଯିଏ ଗରିବ ରୋଗୀଟି ପାଖରୁ ପାଉଣା ନ ପାଇଲେ ଲେଖିଥିବା ପ୍ରେସ୍‌କ୍ରିପ୍‌ସନକୁ ଚିରିପକାଏ ଓ ଅପରେଶନ ଅଧା ରଖି ବାକି ଟଙ୍କା ଜମା ନ ଦେଲେ ଅବଶିଷ୍ଟ ଅପରେଶନ ହେବ ନାହିଁ ବୋଲି ଶୁଣାଇଦିଏ।



କାହାକୁ ରୋଗ ହେଲେ ଯେଉଁଠି କିଛି ଡାକ୍ତରଙ୍କୁ ଶୋଷଣ କରିବାର ଏକ ସୁବର୍ଣ୍ଣ ସୁଯୋଗ ମିଳିଥାଏ, ଯେଉଁଠି ମୃତ୍ୟୁର ଭୟ ଦେଖାଇ ଜୀବନକୁ ସବୁମତେ ଲୁଣ୍ଠନ କରାଯାଏ କେବଳ ପରୀକ୍ଷାଗାରରୁ ମୋଟା ଅଙ୍କର କମିଶନ ପାଇବା ପାଇଁ ଆବଶ୍ୟକତା ନ ଥାଇ ମଧ୍ୟ ଦୁଇଟା ଜାଗାରେ ବାରଟା ଅନାବଶ୍ୟକ ପରୀକ୍ଷା କରିବାକୁ ବାଧ୍ୟ କରାଯାଏ। ପୁଣି ରୋଗୀ ସୁସ୍ଥ ହୋଇଗଲା ପରେ ମଧ୍ୟ ଅଧିକ ରୋଜଗାର ପାଇଁ ରୋଗୀକୁ ଡିସ୍‌ଚାର୍ଜ କରାଯାଏ ନାହିଁ ଏବଂ ସର୍ବୋପରି ରୋଗୀ ମରିଗଲା ପରେ ବି ମୋଟା ଅଙ୍କର ବିଲ୍ ପରିଶୋଧ ନ କରିବା ଯାଏଁ ଶବକୁ ଅଟକାଇ ରଖାଯାଏ, ଯେଉଁଥିପାଇଁ ସବୁଦିନ ଲାଗି ସଂସାରକୁ ପିଠି କରି ବାହୁଡ଼ି ଯାଉଥିବା ଲୋକର ଶବ ଉପରେ ଟିକିଏ ମୁଣ୍ଡ କୋଡ଼ି କାନ୍ଦିବାକୁ ଜ୍ଞାତି ପରିଜନଙ୍କୁ ସୁଯୋଗ ମିଳେନାହିଁ; ସେଠି ଡାକ୍ତରଙ୍କୁ ମଣିଷ କହିବାକୁ ବି କଷ୍ଟ ଲାଗିବ, ଈଶ୍ୱର କହିବା ତ ଦୂରର କଥା। ଯେଉଁଠି କେବଳ ପୁଳାଏ ଟଙ୍କା ରୋଜଗାର କରିବାକୁ ଆପେଣ୍ଡିସାଇଟିସ୍ ଭଳି ମାମୁଲି ଅପରେଶନ କରିବାକୁ ଆସିଥିବା ରୋଗୀର ଅଣ୍ଟା ଚିରି କିଡ୍‌ନୀ କାଢ଼ି ନିଆଯାଏ, ସେଠି ଡାକ୍ତରଙ୍କୁ ଈଶ୍ୱର କହିଲେ କେବଳ ଈଶ୍ୱରଙ୍କର ଅସମ୍ମାନ ହେବନାହିଁ, ବରଂ ଈଶ୍ୱର ଭଳି ଏକ ଦିବ୍ୟ ଶବ୍ଦର ମଧ୍ୟ ଅପମାନ ହେବ।

କେବଳ ଅର୍ଥମୋହ ନୁହେଁ, ନାରୀମୋହରେ ବି ଆକ୍ରାନ୍ତ କେତେକ ତଥାକଥିତ ଦ୍ୱିତୀୟ ଈଶ୍ୱର, ଯାହାର ପ୍ରମାଣ ମିଳିଥିଲା ଅଳ୍ପଦିନ ତଳେ ଓଡ଼ିଶାର ସବୁଠୁ ନିର୍ଭରଯୋଗ୍ୟ ବଡ଼ ଡାକ୍ତରଖାନାରେ। ଚିକିତ୍ସା କରିବା ନାଁରେ ନିମ୍ନତମ ନୈତିକତାକୁ ପାସୋରି ପକାଇଥିବା ଏହି ଦ୍ୱିତୀୟ ଈଶ୍ୱରମାନଙ୍କୁ କେବଳ ଚାକିରିରୁ ବହିଷ୍କାର କରିବା ଯଥେଷ୍ଟ ନୁହେଁ, ସେମାନଙ୍କୁ ଏମିତି ଦଣ୍ଡିତ କରିବା ସମୀଚୀନ ହେବ, ଯାହାଙ୍କୁ ଦେଖି ରୋଗୀର ଶରୀର କଷ୍ଟ ନିବାରଣ କରିବା ପାଇଁ ସମର୍ପିତ ଏଇ ଦ୍ୱିତୀୟ ଈଶ୍ୱରମାନେ ନିଜ ଶରୀରର କ୍ଷୁଧା ନିବାରଣ କରିବା ଭଳି ଅସୁରଟିଏ ହେବାକୁ ଭୟ କରିବେ।

ମର୍ତ୍ତ୍ୟର ଈଶ୍ୱର ବୋଲାଉଥିବା ଆଉ ଏକ ବୃତ୍ତିଧାରୀ ହେଲେ ଶିକ୍ଷକ, ଯାହାଙ୍କୁ ଡାକ୍ତରଙ୍କ ଭଳି 'ଦ୍ୱିତୀୟ ଈଶ୍ୱର' ନାମ ନ ଦେଇ ଆମ ଶାସ୍ତ୍ରକାରମାନେ ତାଙ୍କୁ 'ସାକ୍ଷାତ୍ ଈଶ୍ୱର'ର ମର୍ଯ୍ୟାଦା ଦେଇଛନ୍ତି। କେବଳ ଭାରତବର୍ଷ ଭଳି ଏକ ସଂସ୍କାରସିଦ୍ଧ ଦେଶ ନୁହେଁ, ବିଶ୍ୱର ପ୍ରତ୍ୟେକ ଭୂଖଣ୍ଡରେ ଶିକ୍ଷକଙ୍କୁ ଈଶ୍ୱରଙ୍କ ସମତୁଲ ଭାବେ ବିବେଚନା କରାଯାଇଛି। ପ୍ରାଚୀନ ପରମ୍ପରାର ଗୁରୁକୁଳ ଆଶ୍ରମଠୁ ଆରମ୍ଭ କରି ଆଧୁନିକ ଯୁଗର ବିଶ୍ୱବିଦ୍ୟାଳୟ ଯାଏ, ସବୁଠି ସବୁକାଳରେ ନିଜ ଜୀବନ ଗଠନର ପ୍ରସ୍ତୁତିପର୍ବରେ ନିୟୋଜିତ ଥିବା ବିଦ୍ୟାର୍ଥୀର ହାତ ଧରି ବାଟ କଢ଼ାଇ ନେଉଥିବା ମାର୍ଗଦର୍ଶକଙ୍କ ନାମ ଶିକ୍ଷକ ବା ଆଚାର୍ଯ୍ୟ। ଜଣେ ଛାତ୍ର ବା ଛାତ୍ରୀଙ୍କ ଜୀବନରେ ତା' ମାତାପିତାଙ୍କ ପରେ କେବଳ ଶିକ୍ଷକ ହିଁ ଏକମାତ୍ର ବ୍ୟକ୍ତି, ଯାହାଙ୍କୁ ସେ ଈଶ୍ୱରଙ୍କ ସାକ୍ଷାତ୍ ରୂପ ବୋଲି ମାନିନିଏ ଓ ତାଙ୍କ ମୁହଁର ବାଣୀକୁ ବେଦବାକ୍ୟ ବୋଲି ବିବେଚନା କରେ। ଏଥିପାଇଁ ବୋଧହୁଏ ସେଦିନ ପାଶ୍ଚାତ୍ୟ ଜଗତର ବିଶିଷ୍ଟ ଦାର୍ଶନିକ ବର୍ଟ୍ରେଣ୍ଡ ରସେଲ୍ କହିଲେ, ''ସମସ୍ତେ ସ୍ୱର୍ଗ ସ୍ୱର୍ଗ ବୋଲି କହନ୍ତି, ମାତ୍ର ଏ ସଂସାରର କେହି ଜଣେ ବି ସ୍ୱର୍ଗର ଠିକଣା ଜାଣିନାହାନ୍ତି। କିନ୍ତୁ ମୁଁ ଏମିତି ଏକ ସମ୍ପ୍ରଦାୟକୁ ଜାଣେ, ଯିଏ ତୁମକୁ ସ୍ୱର୍ଗର ନିକଟବର୍ତ୍ତୀ ସ୍ଥାନକୁ ନେଇ ଯାଇପାରିବେ। ଏବଂ ସେମାନେ ହେଉଛନ୍ତି- ତୁମ ଶିକ୍ଷକ।''

ନିକଟ ଅତୀତରେ ଟିଭି ସମାଚାରରେ ଏମିତି ଜଣେ ସ୍ୱର୍ଗଦ୍ରଷ୍ଟା ଶିକ୍ଷକଙ୍କ ଅପୂର୍ବ ଅବସରକାଳୀନ ଶୋଭାଯାତ୍ରା ଦେଖି ଲାଗୁଥିଲା ଦାର୍ଶନିକ ରସେଲ୍ କିଛି ଭୁଲ୍ କହିନାହାନ୍ତି। ପ୍ରାୟ ଚାଳିଶ ବର୍ଷ ଶିକ୍ଷାଦାନ କରି ଅବସର ନେଇଥିବା ଏହି ଯଶସ୍ୱୀ ଶିକ୍ଷକଙ୍କୁ ଏକ ସୁସଜ୍ଜିତ ଗାଡ଼ିରେ ପଟୁଆର କରି ତାଙ୍କ ଘରକୁ ନେଇଥିଲେ ପ୍ରାୟ ପାଞ୍ଚଶହ ଲୋକ। କୌଣସି ରାଜନେତାଙ୍କ ବିଜୟ ଶୋଭାଯାତ୍ରାଠୁ କୌଣସି ଗୁଣରେ କମ୍ ନ ଥିଲା ଏହି ବର୍ଣ୍ଣାଢ୍ୟ ପଟୁଆର। କେବଳ ଫରକ ଥିଲା ଏତିକି, ପଟୁଆରରେ ସାମିଲ ଥିଲେ ଜେଜେ, ତାଙ୍କ ପୁଅ ଓ ତାଙ୍କ ନାତି ଭଳି ତିନି ପିଢ଼ିର ଛାତ୍ର, ଯେଉଁମାନଙ୍କୁ ଶିକ୍ଷାଦାନ କରିଥିଲେ ସେଇ ଅବସରପ୍ରାପ୍ତ ଶିକ୍ଷକ। ସମସ୍ତଙ୍କ ମୁହଁଟିମାନ ଥିଲା ବିଷାଦଗ୍ରସ୍ତ, ଯେମିତିକି କେହି ଅନ୍ତରଙ୍ଗ ଆତ୍ମୀୟ ବୃତ୍ତିଚ୍ୟୁତ ନୁହେଁ, ସଂସାରଚ୍ୟୁତ ହୋଇ ଆର ପୁରକୁ ଯାଉଛନ୍ତି! ଈଶ୍ୱର ବୋଲାଇବାର ସାର୍ଥକତା ଆଉ କାହାକୁ କହନ୍ତି କି!

ଅଥଚ ଭାବିଲେ କଷ୍ଟ ଲାଗେ, ଏଇ ଐଶ୍ୱରୀୟ ଅବତାରୀଙ୍କ ମଧ୍ୟରୁ କେତେଜଣ ବାଟ ଭାଙ୍ଗି କେମିତି ନର୍କ ଆଡ଼କୁ ଦ୍ରୁତଗତିରେ ମାଡ଼ି ଚାଲିଛନ୍ତି। ସେଇ ଟିଭିରୁ ବି ଦେଖିବାକୁ ମିଳିଥିଲା କେତେଜଣ ନିନ୍ଦିତ ଈଶ୍ୱରଙ୍କ ନର୍କଯାତ୍ରାର ଅଭିନବ ଦୃଶ୍ୟ। କେଉଁଠି ବିଦ୍ୟାଳୟର ଏକ ଶ୍ରେଣୀକକ୍ଷ ମଧ୍ୟରେ ପ୍ରଚୁର ମଦ୍ୟପାନ କରି ନିଜର ଚେତା ହରାଇଥିବା ଶିକ୍ଷକଙ୍କୁ ହଲାଇ ହଲାଇ ତାଙ୍କ ଚେତା ଫେରାଇ ଆଣିବାକୁ ଉଦ୍ୟମ କରୁଛନ୍ତି ଟିକିଟିକି ବିଦ୍ୟାର୍ଥୀବୃନ୍ଦ ତ ଅନ୍ୟ କେଉଁଠି ନିଜ କିଶୋରୀ ଛାତ୍ରୀକୁ ଯୌନ ନିର୍ଯାତନା ଦେଉଥିବା ଶିକ୍ଷକଙ୍କ ଚୁଟି ଟାଣି ମାଡ଼ ଦେଉଛନ୍ତି ଛାତ୍ରୀଟିର ମା'ବାପା। ମଧ୍ୟାହ୍ନଭୋଜନ ଅନୁଦାନରୁ କିଛି ଭିଡ଼ିଆଣି ପକେଟ୍‌ରେ ପୂରାଉଥିବା ଶିକ୍ଷକ, ମଦ ପିଇ ରାସ୍ତାରେ ଗଡୁଥିବା ଶିକ୍ଷକ ବା ଉଚ୍ଚାରଣରେ ଚରିତ୍ରବତ୍ତା କଥା କହି ଆଚରଣରେ ବିପରୀତ କରୁଥିବା ଶିକ୍ଷକ- ଏମାନେ କ'ଣ ବର୍ଟ୍ରାଣ୍ଡ ରସେଲ୍ ଚିହ୍ନାଇଥିବା ସେଇ ଶିକ୍ଷକ, ଯେଉଁମାନେ ଈଶ୍ୱର ସାଜି ସ୍ୱର୍ଗ ଆଡ଼କୁ ବାଟ କଢ଼ାଇନେବେ! କେଜାଣି!

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ଭ୍ରମଣବିଳାସୀ ବ୍ୟାଖ୍ୟାକାର

ବ୍ୟକ୍ତିତ୍ୱ



ପଙ୍କଜ ମିଶ୍ରା

ବିଶ୍ୱ ସାହିତ୍ୟ କ୍ଷେତ୍ରରେ ୱେସ୍‌ଟନ୍ ଇଣ୍ଟରନ୍ୟାଶନାଲ ଆୱାର୍ଡ ଏକ ପରିଚିତ ପୁରସ୍କାର। ଏହି କାନାଡୀୟ ସାହିତ୍ୟ ସମ୍ମାନ ପ୍ରତିବର୍ଷ ଅଣକାଳ୍ପନିକ (ନନ୍‌ଫିକ୍ସନ) ଲେଖାରେ ଶ୍ରେଷ୍ଠ ପୁସ୍ତକ ରଚନା କରିଥିବା ଲେଖକଙ୍କୁ ପ୍ରଦାନ କରାଯାଇଥାଏ। ୧୯୯୭ରେ ଏହା ରାଇଟର୍ସ ଟ୍ରଷ୍ଟ ଅଫ୍ କାନାଡା ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା। ପରବର୍ତ୍ତୀ ସମୟରେ କାନାଡୀୟ ବ୍ୟବସାୟୀ, ଲେଖକ, ଜନହିତକର ମହିଳା ତଥା ଅଣ୍ଟାରିଓର ଲ୍ୟୁଟ୍‌ନାଣ୍ଟ ଗର୍ଭନର ହିଲାରୀ ୱେସ୍‌ଟନ୍ ଏହି ପୁରସ୍କାରର ପ୍ରାୟୋଜକ ହେବା ପରେ ତାଙ୍କ ନାମରେ ଏହା ନାମିତ ହୋଇଛି। ପୁରସ୍କାର ପାଇଁ ଯୋଗ୍ୟ ହେବାକୁ ହେଲେ ସମ୍ପୃକ୍ତ ଲେଖକଙ୍କର ଅତିକମ୍‌ରେ ଉଚ୍ଚକୋଟୀର ୩ଟି ନନ୍‌ଫିକ୍ସନ ପୁସ୍ତକ ଥିବା ଆବଶ୍ୟକ। ସେଗୁଡ଼ିକ ଇଂଲିଶ୍ ଭାଷା କିମ୍ବା ବହୁଳ ଭାବେ ଅନୁବାଦିତ ହୋଇଥିବା ପୁସ୍ତକ ହେବା ବାଞ୍ଛନୀୟ। ୨୦୨୪ ପାଇଁ ଭାରତୀୟ ଲେଖକ ପଙ୍କଜ ମିଶ୍ରା ଏହି ସମ୍ମାନ ପାଇବେ। 'ଗ୍ଲୋବାଲ ସାଉଥ୍, ୱେଷ୍ଟର୍ନ ଇମ୍ପେରିଆଲିଜମ୍ ଇନ୍ ଏସିଆ ଆଣ୍ଡ କଣ୍ଟେମ୍ପୋରାରି ସ୍ପିରିଚୁଆଲିଟି' ପାଇଁ ତାଙ୍କୁ ୭୫ ହଜାର ଆମେରିକୀୟ ଡଲାର ପୁରସ୍କାର ମିଳିବ। ସେପ୍ଟେମ୍ବର ୧୬ରେ କାନାଡାର ରୟାଲ ଅଣ୍ଟାରିଓ ମ୍ୟୁଜିୟମ୍‌ରେ ତାଙ୍କୁ ସମ୍ମାନିତ କରାଯିବ।

ଉତ୍ତରପ୍ରଦେଶର ଝାନ୍ସିରେ ୯ ଫେବୃଆରୀ ୧୯୬୯ରେ ପଙ୍କଜ ଜନ୍ମ ଲାଭ କରିଥିଲେ। ତାଙ୍କ ପିତା ଜଣେ ରେଳ ଶ୍ରମିକ ଥିଲେ। ସେ ଶ୍ରମିକ ସଂଘ ସହ ମଧ୍ୟ ଜଡ଼ିତ ଥିଲେ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ହୋଇଥିବା ଜମି ପୁନଃବଣ୍ଟନ ଯୋଗୁ ତାଙ୍କ ପରିବାର ଦାରିଦ୍ର୍ୟ ଭିତରକୁ ଚାଲିଯାଇଥିଲା। ଅଭାବ ଅନଟନ ଦେଇ ଗତି କରୁଥିଲେ ମଧ୍ୟ ପିତା ପଙ୍କଜଙ୍କ ପଢ଼ାକୁ ଗୁରୁତ୍ୱ ଦେଇଥିଲେ। ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରୁ ପଙ୍କଜ ବାଣିଜ୍ୟରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ପରେ ସେ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ରୁ ଇଂଲିଶ୍ ସାହିତ୍ୟରେ ସ୍ନାତକୋତ୍ତର କରିଥିଲେ। ଅର୍ଥଚିନ୍ତା ପରିବାରକୁ ଘାରିଥିବା ବେଳେ ସେ ୧୯୯୨ରେ ହିମାଚଳ ପ୍ରଦେଶର ଶିମ୍‌ଲା ଜିଲା ଅନ୍ତର୍ଗତ ମାଶୋବ୍ରା ଚାଲିଯାଇଥିଲେ। ସେଠାରେ ରହି ସେ 'ଦି ଇଣ୍ଡିଆନ୍ ରିଭ୍ୟୁ ଅଫ୍ ବୁକ୍ସ', 'ଦି ଇଣ୍ଡିଆନ୍ ମାଗାଜିନ୍' ଏବଂ ଇଂଲିଶ୍ ଖବରକାଗଜ 'ଦି ପାଓନିୟର'ରେ ସାହିତ୍ୟ ସମୀକ୍ଷା କରିବା ସହ ସେଗୁଡ଼ିକ ପାଇଁ ଲେଖାଲେଖି କରିଥିଲେ। ତାଙ୍କ ସୃଜନଶୀଳତା ଉଚ୍ଚପ୍ରଶଂସିତ ହେବା ପରେ ସେ ପୁସ୍ତକ ଲେଖିବାରେ ମନୋନିବେଶ କଲେ। ୧୯୯୫ରେ ତାଙ୍କ ପ୍ରଥମ ପୁସ୍ତକ 'ବଟର ଚିକେନ୍ ଇନ୍ ଲୁଧିଆନା: ଟ୍ରାଭେଲ୍ସ ଇନ୍ ସ୍ମଲ୍ ଟାଉନ ଇଣ୍ଡିଆ' ପ୍ରକାଶ ପାଇଥିଲା। ଏହା ଏକ ଭ୍ରମଣ ସାହିତ୍ୟ ଥିଲା, ଯେଉଁଥିରେ ସେ ଜଗତୀକରଣ ପରିପ୍ରେକ୍ଷୀରେ ଭାରତର ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନକୁ ଦର୍ଶାଇଥିଲେ। ୨୦୦୦ ମସିହାରେ ପଙ୍କଜଙ୍କ ଉପନ୍ୟାସ 'ରୋମାନ୍‌ଟିକ୍ସ' ବଜାରକୁ ଆସିଥିଲା। ଏଥିରେ ଲୋକେ ସେମାନଙ୍କ ନିଜ ଅଭିଳାଷ ଅପେକ୍ଷା ସାଂସ୍କୃତିକ ପୂର୍ଣ୍ଣତା ସକାଶେ ଅଭୀପ୍ସା ରଖିଥିବାର ଏକ ବକ୍ରୋକ୍ତି ପ୍ରୟୋଗାତ୍ମକ କାହାଣୀ ବାଢ଼ି ସେ ପାଠକୀୟ ଆଦୃତି ପାଇଥିଲେ। ମୁଖ୍ୟ ଚରିତ୍ର ୧୯ ବର୍ଷୀୟ ସମର ଆଲ୍ଲାହାବାଦରୁ ବାରାଣସୀ ଆସିଛନ୍ତି। ଉପନ୍ୟାସର ବହୁଳାଂଶ ଏପରିକି ଶେଷ ଯାଏ ବାରାଣସୀକୁ କେନ୍ଦ୍ରିତ କରାଯାଇଛି। ଶେଷରେ ସମର ଅନୁଭବ କରୁଛନ୍ତି ସେହି ସହର ରହସ୍ୟରେ ପରିପୂର୍ଣ୍ଣ। ଉକ୍ତ ଉପନ୍ୟାସ ୧୧ଟି ୟୁରୋପୀୟ ଭାଷାରେ ପ୍ରକାଶ ପାଇଥିଲା ଓ ଫିକ୍ସନ୍ ବର୍ଗରେ ଲସ୍ ଏଞ୍ଜେଲ୍ସ ଟାଇମ୍ସ ଆର୍ଟ ସେଇଡେନ୍‌ବଉମ୍ ପୁରସ୍କାର ଜିତିଥିଲା। ୨୦୦୪ରେ 'ଆନ୍ ଏଣ୍ଡ୍ ଟୁ ସଫରିଂ: ଦି ବୁଦ୍ଧ ଇନ୍ ଦି ୱାର୍ଲଡ' ପ୍ରକାଶ ପାଇଥିଲା। ସେଥିରେ ବୁଦ୍ଧଙ୍କ ଇତିହାସ, ସ୍ମୃତି, ଦର୍ଶନକୁ ଗଭୀର ଅନ୍ୱେଷଣ କରିବା ସହ ଆଜିର ସମୟରେ ତାଙ୍କ ପ୍ରାସଙ୍ଗିକତାକୁ ପଙ୍କଜ ଉଲ୍ଲେଖ କରିଛନ୍ତି। ୨୦୦୬ରେ 'ଟେମ୍ପ୍‌ଟେଶନ ଅଫ୍ ଦି ୱେଷ୍ଟ: ହାଓ ଟୁ ବି ମଡର୍ନ ଇନ୍ ଇଣ୍ଡିଆ, ପାକିସ୍ତାନ ଆଣ୍ଡ୍ ବିୟଣ୍ଡ' ବହିରେ ସେ କଶ୍ମୀରଠାରୁ ଆରମ୍ଭ କରି ଆଫଗାନିସ୍ତାନ, ତିବ୍ବତ, ନେପାଳ ଏବଂ ଦକ୍ଷିଣ ଓ ମଧ୍ୟଏସିଆର ବିଭିନ୍ନ ସ୍ଥାନକୁ କରିଥିବା ଭ୍ରମଣକୁ ସ୍ଥାନ ଦେବା ସହ ବଲିଉଡ୍‌କୁ ମଧ୍ୟ ସେଥିରେ ଯୋଡ଼ିଛନ୍ତି। 'ଏଜ୍ ଅଫ୍ ଏଙ୍ଗର', 'ଫ୍ରମ୍ ଦି ରୁଇନ୍ସ ଅଫ୍ ଏମ୍ପାୟାର'କୁ ମିଶାଇଲେ ପଙ୍କଜ ୮ଟି ନନ୍‌ଫିକ୍ସନ୍ ଲେଖିଥିବା ବେଳେ 'ରୋମାଣ୍ଟିକ୍ସ' ଓ 'ରନ୍ ଆଣ୍ଡ୍ ହାଇଡ୍' ନାମରେ ଦୁଇଟି ଉପନ୍ୟାସ ଲେଖି ଚର୍ଚ୍ଚିତ ହୋଇଛନ୍ତି। ସାହିତ୍ୟ ରଚନା ସହ ସେ 'ଦି ଗାର୍ଡିଆନ୍', 'ଦି ନ୍ୟୁୟର୍କ ଟାଇମ୍ସ', 'ଦି ନ୍ୟୁୟର୍କର' ଆଦି ଅନ୍ତର୍ଜାତୀୟ ପତ୍ରପତ୍ରିକାରେ ସ୍ତମ୍ଭ ଲେଖି ସୁଖ୍ୟାତି ଅର୍ଜନ କରିଛନ୍ତି। ପୁସ୍ତକ ଓ ସ୍ତମ୍ଭ ରଚନାରେ ସିଦ୍ଧହସ୍ତ ପଙ୍କଜ କ୍ରସ୍‌ୱାର୍ଡ ବୁକ୍ ଆୱାର୍ଡ, ଲିପ୍‌ଜିଗ୍ ବୁକ୍ ଆୱାର୍ଡଠାରୁ ଆରମ୍ଭ କରି ବହୁ ଅନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

ପଙ୍କଜ ତାଙ୍କ ସମୟକୁ ଲଣ୍ଡନ ଓ ମାଶୋବ୍ରା ମଧ୍ୟରେ ଭାଗ କରିଚାଲିଛନ୍ତି। ଏକ ଗରିବ ପରିବାରୁ ଆସିଥିବା ପଙ୍କଜଙ୍କ ସଫଳତା ପଛରେ ରହିଛି ନିଷ୍ଠା ଓ ଅଧ୍ୟବସାୟ। ଲଣ୍ଡନଭିତ୍ତିକ ସମ୍ପାଦକ ମେରୀ ମାଉଣ୍ଟଙ୍କୁ ସେ ୨୦୦୫ରେ ବିବାହ କରିଛନ୍ତି। ମେରୀ ହେଉଛନ୍ତି ଲେଖକ ସାର୍ ଫର୍ଡିନାଣ୍ଡ୍ ମାଉଣ୍ଟଙ୍କ କନ୍ୟା ତଥା ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଡେଭିଡ୍ କାମେରୁନ୍‌ଙ୍କ ସମ୍ପର୍କୀୟ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କର୍ଣ୍ଣାଟକ ଚିକମାଗାଲୁରର ବି.ଜି.ସୀତାରାମନ, ବିନୟ କୁମାର ଏବଂ ରାଜୀବ ଦୀକ୍ଷିତ। ସେମାନେ ବର୍ଜ୍ୟ କାଗଜ ଓ କୃଷି ବର୍ଜ୍ୟର ପୁନଃ ବିନିଯୋଗ କରି ସେଥିରୁ କାଗଜ କପ୍, ଟେଟ୍ରା ପ୍ୟାକ ଓ ଟିସ୍ୟୁ ପେପର ପ୍ରସ୍ତୁତ କରୁଛନ୍ତି। ଏହାଦ୍ୱାରା ପରିବେଶ ଅନେକାଂଶରେ ପ୍ରଦୂଷଣମୁକ୍ତ ହୋଇପାରୁଛି। ସେମାନେ ଏହି ପରିବେଶ ଉପଯୋଗୀ ବିଜ୍‌ନେସ୍ ଆରମ୍ଭ କରିବା ପଛରେ ସୀତାରାମନଙ୍କ ପ୍ରେରଣା ରହିଛି। ସୀତାରାମନ ଜଣେ ମେକାନିକାଲ ଇଞ୍ଜିନିୟର। ତାଙ୍କର ଏକ ପେପର୍ ମିଲ୍ ଥିଲା। କିନ୍ତୁ ତାହା କୋଭିଡ୍ ସମୟରେ ବନ୍ଦ ହୋଇଯିବା ପରେ କାଗଜ ବର୍ଜ୍ୟର ପୁନଃ ବିନିଯୋଗ କଥା ଚିନ୍ତା କରିଥିଲେ। ପରେ ସେ ସୋସିଆଲ ଏଣ୍ଟରପ୍ରିନ୍ୟୁର ବିନୟ କୁମାର ଓ ଗ୍ରୀନ୍ କେମିକାଲ ଏକ୍ସପର୍ଟ ରାଜୀବ ଦୀକ୍ଷିତଙ୍କ ସହ ଆଲୋଚନା କରି ଏକ ନୂଆ ମେଶିନ ନିର୍ମାଣ କରିବାକୁ ପ୍ରସ୍ତାବ ରଖିଥିଲେ। ସେମାନେ ବହୁ ଚେଷ୍ଟା ପରେ ସେମାନଙ୍କ ଦ୍ୱାରା ଇଣ୍ଡିକ୍ ଇନିସିଏଟିଭସ୍ ଷ୍ଟାର୍ଟଅପ୍ ଦ୍ୱାରା ୨୦୨୨ରେ ୱେଷ୍ଟ ପେପର ରିସାଇକେଲର୍ ନିର୍ମାଣ କରିବାକୁ ସକ୍ଷମ ହୋଇଥିଲେ। ପରେ ସେଥିରେ ବର୍ଜ୍ୟ କାଗଜର ରିସାଇକେଲିଂ ଆରମ୍ଭ କରିଥିଲେ। ଏଥିରେ ପ୍ରତିମାସରେ ୩୦୦୦ କେଜି ବର୍ଜକାଗଜର ପୁନଃ ବିନିଯୋଗ କରାଯାଇ ପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୧ ସେପ୍ଟେମ୍ବର ୧୯୭୫

- ଟିମର ଦ୍ୱୀପରେ ଗୃହଯୁଦ୍ଧ ବନ୍ଦ କରି ସେଠାରେ ଏକ ଆନ୍ତର୍ଜାତିକ ଶାନ୍ତିରକ୍ଷାକାରୀ ସଂଗଠନ ପ୍ରତିଷ୍ଠା ପ୍ରସ୍ତାବକୁ ପର୍ତ୍ତୁଗାଲ ନୀତିଗତ ଭାବରେ ଗ୍ରହଣ କରିଛି।
- ଆୟର୍ଲାଣ୍ଡର ପୂର୍ବତନ ରାଷ୍ଟ୍ରପତି ୟେମନ ଡି ଭାଲେରାଙ୍କ ୯୨ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ଜାତୀୟତାବାଦ ଜାଗରଣ ଜାରି ରହୁ

ମହାଶୟ,

ସ୍ୱାଧୀନତା ପୂର୍ବରୁ ଦେଶବାସୀଙ୍କ ମଧ୍ୟରେ ଜାତୀୟତାବାଦ ଜାଗରଣ କରିବାରେ ଆଞ୍ଚଳିକ ଭାଷା ଖବରକାଗଜଗୁଡ଼ିକର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା। ଆଞ୍ଚଳିକ ଭାଷା ଖବରକାଗଜଗୁଡ଼ିକ ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ। ସେତେବେଳେ ଦେଶରେ ପ୍ରକାଶ ପାଉଥିବା ଖବରକାଗଜରୁ ଅର୍ଦ୍ଧାଧିକ ଆଞ୍ଚଳିକ ଭାଷାର ଖବରକାଗଜ ଏହି ଜାତୀୟତାବାଦ ଜାଗରଣରେ ସାମିଲ ହୋଇଥିଲେ। ବିଶେଷକରି ପୂର୍ବ ଭାରତରେ 'ଉତ୍କଳ ଦୀପିକା' ଓ 'ସମ୍ବାଦବାହିକା' ଏହି ଜାତୀୟତାବାଦ ଆନ୍ଦୋଳନକୁ ଆଗକୁ ନେବାରେ ମୁଖ୍ୟ ଆୟୁଧ ସାଜିଥିଲେ। ଏଥିସହିତ 'ବେଙ୍ଗଲୀ', 'ହିନ୍ଦୁ ପାଟ୍ରିଅଟ୍', 'ଇଣ୍ଡିଆନ ମିରର', 'ଆନନ୍ଦ ବଜାର ପତ୍ରିକା', 'ଦି ହିନ୍ଦୁ' ପ୍ରକାଶ ପାଇ ଜାତୀୟତାବାଦ ସ୍ୱରକୁ ପ୍ରତିଫଳିତ କରିଥିଲେ। ଜାତୀୟତାବାଦ ଚିନ୍ତାଧାରା ନେଇ ପ୍ରକାଶ ପାଉଥିବା ଖବରକାଗଜଗୁଡ଼ିକ ଶିକ୍ଷିତଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଭାବ ପକାଉଥିଲା। କେବଳ ସେତିକି ନୁହେଁ, ବ୍ରିଟିଶ ସରକାରଙ୍କୁ ଏହି ଖବରକାଗଜଗୁଡ଼ିକ ଅନେକ ସମୟରେ ଚେତାବନୀ ଦେଉଥିଲେ। ମାତ୍ର ଏବେ ଶହ ଶହ ସଂଖ୍ୟାରେ ଆଞ୍ଚଳିକ ଖବରକାଗଜ ପ୍ରକାଶ ପାଉଥିଲେ ମଧ୍ୟ ସରକାରଙ୍କୁ ଚେତାବନୀ ଦେବା ପାଇଁ ସକ୍ଷମ ହୋଇପାରୁନାହାନ୍ତି। ଖବରକାଗଜରେ ଜାତୀୟତାବାଦ ଜାଗରଣ ଜାରି ରହିବା ଆବଶ୍ୟକ।

– ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

## ଚିରନ୍ତନୀ

ଭୁବନ ତିନ୍ତିଲାଣି ପ୍ରଭାତ ଛନ୍ଦେ
ହରଷ ଉପୁଜାଏ ପବନ ମନ୍ଦେ
ଉଠ ଗୋ ଉଠ ପ୍ରିୟ ! ପୁଲକେ ମାଜି ହିଆ
ବଦନ ପଖାଳ ଗୋ ପରାଗ ଗନ୍ଧେ
ଭୁବନ ତିନ୍ତିଲାଣି ପ୍ରଭାତ ଛନ୍ଦେ।
(ପ୍ରଭାତ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବିଶ୍ୱ ସଂସ୍କୃତ ଦିବସ

କୁନ୍ଦୁରା, ୩୧।୮ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରାସ୍ଥିତ ଅରବିନ୍ଦ ଶିକ୍ଷା ନିକେତନରେ ଉତ୍କଳ ସଂସ୍କୃତ ମହାସଂଘ ପକ୍ଷରୁ ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ଡିଇଓ ଡ ପ୍ରଶାନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି, ଲୋକକବି ଡ କାଳି ପ୍ରସନ୍ନ ଶତପଥୀ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସମାଜିକ କର୍ମୀ ଜଲେନ୍ଦ୍ର ତ୍ରିପାଠୀ, ରାଷ୍ଟ୍ରୀୟ ଲୋକ ଭାଷା ସମିତି ପ୍ରଚାରକ ବିପିନ ବିହାରୀ ଶତପଥୀ, କୁନ୍ଦୁରା ବିଇଓ ସୁକାନ୍ତ କାରତାମି, ଜିଲା ଶିକ୍ଷା ବିଜ୍ଞାନ ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି, ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ସେଠୀ ଏବଂ ଏସ୍ଏମ୍ସି ସଭାପତି ପ୍ରଦୀପ ନାୟକ ଯୋଗ ଦେଇଥିଲେ। ସଂସ୍କୃତ ଭାଷା ଆମ ଭାରତୀୟ ସଂସ୍କୃତିର ପ୍ରାଣ କେନ୍ଦ୍ର। ଏହାକୁ ଅଧ୍ୟୟନ କରି ଦେଶ ବିଦେଶରେ ନିଜର ପ୍ରତିଷ୍ଠା ଲାଭ କରିହେବ ବୋଲି ଡିଇଓ କହିଥିଲେ। ଆଗରୁ ଏହାର ବ୍ୟବହାର ଅଧିକ ଥିଲା। ବର୍ତ୍ତମାନ ସମୟରେ ଏହାର ବହୁଳ ପ୍ରସାର କରିବା ଦିଗରେ ପ୍ରୟାସ କରିବାକୁ ପଡ଼ିବ ବୋଲି ମୁଖ୍ୟବକ୍ତା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବାଶିଷ ପଣ୍ଡା, ଅମିତାଭ ପୃଷ୍ଟି, ସଞ୍ଜୟ ରାଉତ, ଗୀତାଞ୍ଜଳି ରାଉତ, ସୁକନ୍ୟା ନନ୍ଦୁକା, ସବିତା ସୋଡ଼ି, ଭାନୁମତି ଖରା ପ୍ରମୁଖ କାର୍ଯ୍ୟକ୍ରମ କରିଚାଳନା କରିଥିଲେ।

# ମାର୍ଚ୍ଚ ସୁଦ୍ଧା ସବୁ କାମ ସାରିବାକୁ ନିର୍ଦ୍ଦେଶ

କୋରାପୁଟ, ୩୧।୮ (ଅମିତାଭ ବେହେରା)

**ରାଜ୍ୟ ମୃତ୍ତିକା ସଂରକ୍ଷଣ, ଜଳଛାୟା ବିଭାଗର ନିର୍ଦ୍ଦେଶକଙ୍କ କୋରାପୁଟ ଗସ୍ତ**

ରାଜ୍ୟ ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ବିଭାଗର ନିର୍ଦ୍ଦେଶକ ନିତିନ ପବନ କଲ୍ୟାଣ ୨ ଦିନିଆ କୋରାପୁଟ ଜିଲା ଗସ୍ତରେ ଆସି ଉନ୍ନୟନ କାର୍ଯ୍ୟ ଦେଖିଥିଲେ। ସେଗୁଡ଼ିକର ଅଗ୍ରଗତୀ ନେଇ କୋରାପୁଟଠାରେ ସମୀକ୍ଷା କରିଛନ୍ତି।

ସେ ଶୁକ୍ରବାର ବୈପାରିଗୁଡ଼ା ବ୍ଲକର ପାକଲପଡ଼ା ଗ୍ରାମକୁ ଯାଇ ସେଠାରେ କରାଯାଇଥିବା ସମନ୍ୱିତ କୃଷି ଓ କମ ଜଳରେ ହୋଇଥିବା ବିଭିନ୍ନ ଚାଷ ଦେଖିବା ସହ ଚାଷୀଙ୍କ ସହ ଆଲୋଚନା କରିଥିଲେ। ୨୨ ଜଣ ଚାଷୀଙ୍କୁ ସ୍ପିକଲ ସେଟ୍ ଦିଆଯାଇଛି। ପରେ ଖିଲଗୁଡ଼ାରେ ମାଣ୍ଡିଆ ଓ ଯୁଗଳପଦରରେ ଆମ୍ବ ଓ ନଡ଼ିଆ ଚାଷ ଦେଖିଥିଲେ। ଶନିବାର ଲକ୍ଷ୍ମୀପୁର ବ୍ଲକ ନିରାନିଗୁଡ଼ାରେ କଫି ପ୍ଲାଣ୍ଟେସନ ଓ କିନ୍ଦିରିଗୁଡ଼ାରେ କଫି ଚାଷର ଦେଖିଥିଲେ। ସିୱାଇଏସ୍‌ଡି ଦ୍ୱାରା ଡଙ୍ଗର ରାଣୀ ଏଫ୍‌ପିଓ ଦ୍ୱାରା ଦଶମନ୍ତପୁର ବ୍ଲକ ରାଉତପୁଟ ଗ୍ରାମରେ କରାଯାଇଥିବା ଆମ୍ବ ଚାଷ ଦେଖିଥିଲେ। ଏହି ଅବସରରେ କୋରାପୁଟ ଜଳଛାୟା ମିଶନର ଉପନିର୍ଦ୍ଦେଶକ ଅରୁଣ ଦାସ, ଜିଲା ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ସୁଦାମ ବିଶ୍ୱାଳ, ଜିଲା ମୁଖ୍ୟ କୃଷି ଅଧିକାର ପ୍ରଦୀପ ସେଠୀ, ସିୱାଇଏସ୍‌ଡିରେ ଆନନ୍ଦ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଜୟପୁର ଆମ୍ବାଗୁଡ଼ାରେ ଥିବା ୨ ଶୀତଳ ଭଣ୍ଡାର ପରିଦର୍ଶନ କରି ଏହାର କାର୍ଯ୍ୟକାରିତା ନେଇ ଜିଲାପାଳ ଓ ଶୀତଳ ଭଣ୍ଡାରରଙ୍କ ସହ ଆଲୋଚନା କରିଥିଲେ।

ଶନିବାର ଅପରାହ୍ନରେ କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ସମୀକ୍ଷା ବୈଠକରେ ସେ ଯୋଗଦେଇଥିଲେ। ଜିଲାରେ କୃଷି , ଉଦ୍ୟାନ ଓ ଜଳଛାୟା ମିଶନ, କଫି ଆଦି ବିଭାଗର କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ବୈଠକରେ କୋରାପୁଟ ଜିଲାପାଳ ଭି. କିର୍ତ୍ତୀ ଭାସନଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି କୋରାପୁଟ, ରାୟଗଡ଼ା, ମାଲକାନାଗିରି, ନବରଙ୍ଗପୁର ଜିଲାର ବିଭାଗୀୟ ଅଧିକାରୀଙ୍କୁ ନେଇ ଆୟୋଜିତ ଏକ ସମୀକ୍ଷା ବୈଠକରେ ପବନ କଲ୍ୟାଣ ଅଧ୍ୟକ୍ଷତା କରି ରାଜ୍ୟ ସରକାରଙ୍କ ଦ୍ୱାରା ଲକ୍ଷ୍ୟ ରଖାଯାଇଥିବା ବିଭାଗୀୟ ସମସ୍ତ କାର୍ଯ୍ୟ ମାର୍ଚ୍ଚ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଫସଲ ନଷ୍ଟ

ରାଇଘର, ୩୧।୮ (କିରଣ ପଟ୍ଟନାୟକ)

**ରାଇଘର ଥାନାରେ ଏତଲା**

ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଫସଲ ନଷ୍ଟ। ଏ ନେଇ ରାଇଘର ଥାନାରେ ଅଭିଯୋଗ ହୋଇଛି। ରାଇଘର ବ୍ଲକ ପାରୁଆ ପଞ୍ଚାୟତ ଇନ୍ଦ୍ରାନଗର ଗ୍ରାମର କୀର୍ତ୍ତନ ଶାନ୍ତାଙ୍କ ଅଭିଯୋଗ ଅନୁଯାୟୀ ସେହି ଚିତ୍ତ ଶାନ୍ତା ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କ ଧାନ ଫସଲରେ ଔଷଧ ପକାଇ ନଷ୍ଟ କରିଛନ୍ତି। ୧୦ ବର୍ଷ ତଳେ ଗ୍ରାମବାସୀ କୀର୍ତ୍ତନଙ୍କ ବାପା ରାମନାଥଙ୍କୁ ଗୁଣି ଗାରେଡ଼ି ସନ୍ଦେହରେ ଗାଁରୁ କାଢ଼ି ଦେଇଥିଲେ। ଏହାପରେ ସେ ନିଜ ଭିଉଣୀ ଘରେ ଯାଇ ରହୁଥିଲେ। ଗତବର୍ଷ ଶରୀର ଖରାପ ଥିବା ଜାଣି କୀର୍ତ୍ତନ ତାଙ୍କୁ ନିଜ ପାଖକୁ ନେଇ ଆସିଥିଲେ। ରାମନାଥଙ୍କଠାରୁ କୀର୍ତ୍ତନ ତାଙ୍କର ଚାଷ ଜମି ଥିବା ଜାଣିବାକୁ ପାଇଥିଲେ। ତାଙ୍କର ୫ ଏକର ୨୦ ଡିସିମିଲି ଜମି ଅମିନ ଚିହ୍ନଟ କରାଇ ଦେଇଥିଲେ। ଉକ୍ତ ଜମିରେ ସେ ଧାନ ଲଗାଇଥିଲେ। ଫସଲ ଭଲ ହୋଇଥିଲା। ବନ୍ଧୁ ଘରକୁ ବୁଲିବାକୁ ଯାଇ ଫେରିବାବେଳକୁ ସବୁ ମରି ଯାଇଥିବା ସେ ଦେଖିଥିଲେ। ଚିତ୍ତ ପୂର୍ବରୁ ବହୁବାର ଧମକ ଚମକ ଦେବା ସହ ଚାଷ ନ କରିବାକୁ କହୁଥିବାରୁ ସେ ଏପରି କରିଥାଇ ପାରନ୍ତି ସନ୍ଦେହ କରି କୀର୍ତ୍ତନ ତାଙ୍କ ବିରୋଧରେ ରାଇଘର ଥାନାରେ ଏତଲା ଦେଇଥିଲେ। ଘଟଣାର ତଦନ୍ତ କରାଯିବ ବୋଲି ଥାନାଧିକାରୀ କହିଛନ୍ତି।

## କେଜିବିଭି ୬ଷ୍ଠ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

ନବରଙ୍ଗପୁର, ୩୧।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଚରାମୁଳା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି) ୬ଷ୍ଠ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରୀଙ୍କ ନାମ ଅମରାବତି ଜାନୀ। ଅମରାବତୀଙ୍କ ଥଣ୍ଡା ହୋଇଥିବାରୁ ଚିକିତ୍ସା ପାଇଁ ସ୍କୁଲ କର୍ତ୍ତୃପକ୍ଷ ଶନିବାର ସକାଳେ ତାଙ୍କୁ ତେନ୍ତୁଳିଖୁଣ୍ଟି ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସା ପରେ ସେ ପୁଣି ସ୍କୁଲକୁ ଫେରିଥିଲେ। ତେବେ ସନ୍ଧ୍ୟାରେ ପୁଣି ଥରେ ଅମରାବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସ୍କୁଲର ପିଅନ ଏମ୍.ସଙ୍ଗୀତା ତାଙ୍କୁ ତେନ୍ତୁଳିଖୁଣ୍ଟି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଡାକ୍ତର ଏମ୍‌ଡି. ହୁସେନ ଛାତ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ କ୍ରୀଷ୍ଟା ବାଗ, ୱାର୍ଡେନ ଉରମିଳା ମଲ୍ଲିକ ଡାକ୍ତରଖାନାରେ ପହଞ୍ଚି ପରିବାର ଲୋକଙ୍କୁ ଖବର ଦେଇଥିଲେ।

## ଆଜିଠୁ ଆରମ୍ଭ ହେବ ୨୧ତମ ପ୍ରାଣୀ ସମ୍ପଦ ଗଣନା

ନବରଙ୍ଗପୁର, ୩୧।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପ୍ରାଣୀ ସମ୍ପଦ ଚିକିତ୍ସା ବିଭାଗ ପକ୍ଷରୁ ୨୧ତମ ପ୍ରାଣୀ ସମ୍ପଦ ଗଣନା ରବିବାରରୁ ଆରମ୍ଭ ହେବ। ଏହା ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବ। ଗଣନା ସମ୍ବନ୍ଧୀୟ ଏକ ଜିଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ (ସାଧାରଣ)ଙ୍କ ଅଧ୍ୟକ୍ଷତାରେ ମିଶନ ଶକ୍ତି ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ରାଧେଶ୍ୟାମ ଲାଏକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରତି ୬ ବର୍ଷରେ ଏହି ଗଣନା କାର୍ଯ୍ୟ କରାଯାଏ। ଚଳିତବର୍ଷ ମୋଟ ୨ ଲକ୍ଷ ୯୨ ହଜାର ୪୬୨ଟି ଘରେ ଗଣନା କରାଯିବ। ସହରର ୧୪୯୫୯ ଓ ଗ୍ରାମାଞ୍ଚଳର ୨ ଲକ୍ଷ ୭୭ ହଜାର ୫୦୩ଟି ଘରେ ଗଣନା ହେବ। ଏଥିପାଇଁ ୯୫ ଗଣନାକାରୀ ଓ ୨୨ ସୁପରଭାଇଜର ନିୟୋଜିତ ହୋଇଛନ୍ତି। ୨୦୧୯ ପ୍ରାଣୀଧନ ଗଣନାରେ ମୋଟ ୩ ଲକ୍ଷ ୪୨ ହଜାର ୭୯୬ ଗୋରୁ, ୨୮ ହଜାର୧୪୯ ମଇଁଷି, ୧ ଲକ୍ଷ ୩ ହଜାର୩୪୨ ମେଣ୍ଢା, ୬୪ ହଜାର୪୧୫ ଛେଳି, ୩ ହଜାର ୯୨୯ ଘୁଷୁରି ଓ ୬ ଲକ୍ଷ ୬୦ ହଜାର ୮୪୩ଟି କୁକୁଡ଼ା ଥିବା ସୂଚନା ଦିଆଯାଇଥିଲା। ଚଳିତ ଗଣନା କାର୍ଯ୍ୟ କିପରି କରାଯିବ ସେ ନେଇ ଗଣନାକାରୀ ଓ ସୁପରଭାଇଜରଙ୍କୁ ତାଲିମ ଦିଆଯାଇଛି। କାର୍ଯ୍ୟକ୍ରମରେ ଏସ୍‌ଡିଭିଓ ଡ. ମଳୟ ରଞ୍ଜନ ମିଶ୍ର, ଏଡିଭିଓ ଡ. ସୁନୀଲ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରେଡିଟ୍ କାର୍ଡରୁ ୧ ଲକ୍ଷ ୮୪ ହଜାର ଟଙ୍କା ଗାଏବ

ନବରଙ୍ଗପୁର, ୩୧।୮ (ସଦାଶିବ ପ୍ରହରାଜ)

ଏକ ନୂତନ କ୍ରେଡିଟ୍ କାର୍ଡରୁ ୧ଲକ୍ଷ ୮୪ ହଜାର ଟଙ୍କା ଗାଏବ ହୋଇଛି। ଏପରି ଠକାମୀର ଶିକାର ହୋଇଛନ୍ତି ନବରଙ୍ଗପୁର ସହରର ଶିଶିର କୁମାର ଗନ୍ତାୟତ। ସେ ଦେଇଥିବା ଥାନାରେ ଏତଲାନୁଯାୟୀ ସେ ନୂତନଭାବେ ଏକ ଆକ୍ସିସ୍ ବ୍ୟାଙ୍କ କ୍ରେଡିଟ୍‌କାର୍ଡ କରିଥିଲେ। କାର୍ଡ ଆସିବା ପରଠାରୁ ସେ କୌଣସି ପିନ୍ ଜେନେରେଟ୍ କରିନାହାନ୍ତି। ଗତ ଜୁଲାଇ ୫ ତାରିଖ ରେ ତାଙ୍କ କାର୍ଡ ୩ଥର କାରବାର କରାଯାଇଛି। ଗୋଟିକରେ ୮୭, ୧୨୫ ଟଙ୍କା , ପରେ ୮୮, ୧୫୦ ଓ ଶେଷରେ ୯୨୨୫ ଟଙ୍କା କାରବାର କରାଯାଇଛି। ଏ ନେଇ ସେ ଶାଖା ପରିଚାଳକଙ୍କୁ ଜଣାଇବା ସହ ଅନ୍‌ଲାଇନରେ ଅଭିଯୋଗ କରିଛନ୍ତି। ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ନବରଙ୍ଗପୁର ଥାନା ପୋଲିସ ଷ୍ଟେସନ ଡାଇରି ନଂ ୨୧ ରୁଜୁ କରିଛି।

## ନାବାଳିକାଙ୍କୁ ଅପହରଣ, ବଳାତ୍କାର ଅଭିଯୁକ୍ତ ଗିରଫ

ଜୟପୁର, ୩୧।୮ (ପବନ ପାଣିଗ୍ରାହୀ)

ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲା ଅଭିଯୁକ୍ତଙ୍କୁ ଜୟପୁର ମହିଳା ପୋଲିସ ଗିରଫ କରିଛି। ସେ ହେଲେ ହରଜାପୁଟର ଜୋହନ ସୁପ୍ୟ (୨୦)। ଜୋହନ ନାବାଳିକାଙ୍କୁ ଅପହରଣ କରିଥିବା ନେଇ ୨୯ ତାରିଖରେ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମହିଳା ପୋଲିସ ତିତ୍ରକୋଣ୍ଡାରୁ ନାବାଳିକାଙ୍କୁ ଉଦ୍ଧାର କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀ ମାଇନା କରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ମହିଳା ଥାନାଧିକାରୀ ଅନିତା କୁଜୁର ସୂଚନା ଦେଇଛନ୍ତି।

**DISTRICT EDUCATION OFFICE, NUAPADA**
No.6054/PM Poshan-13/2024 Date: 29.08.2024

**CORRIGENDUM NOTICE**

The date for submission and opening of bids has been extended for "**TENDER FOR UNDERTAKING TRANSPORTATION WORK UNDER PM POSHAN SCHEME OF NUAPADA DISTRICT DURING FY 2024-25**" issued vide this office notice No. 5560 dt.: 08.08.2024.
The revised scheduled is as follows:-

| | |
|---|---|
| Last date for submission of Bids/Tenders | Dt: 13.09.2024 up to 05.00 PM |
| Date of Opening of Bids/ Tenders | To be informed |

Sd./- Collector, Nuapada

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.MCSW-Scrap-Dis-24-25-21

କାର୍ଯ୍ୟର ନାମ: ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱରର ପଲିକ୍ରାକ୍ (Polycrack) ୟୁନିଟ୍‌ର ପଛ ପାଖରେ ଥିବା ଏରିଆରେ ଶୂନ୍ୟ(Zero) ମୂଲ୍ୟ/କମ୍ (Low)ମୂଲ୍ୟ ସ୍କ୍ରାପ୍‌ର ପୃଥକୀକରଣ (Segregation) ଏବଂ ଏକ ଅନୁମୋଦିତ ପ୍ରାଧିକୃତ ଏଜେନ୍ସି ଦ୍ୱାରା ରେଳବାଇ ପରିସର ବାହାରେ ସ୍ଥାନୀୟ ସଂସ୍ଥାଗୁଡ଼ିକର ଅନୁମୋଦିତ ଅଳିଆଗଦା (Dump yard)ଠାରେ ସେଗୁଡ଼ିକର ଅପସାରଣ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 36,91,477.90, EMD (ଟଙ୍କାରେ): 73,800/-, ଶେଷ ହେବା ଅବଧି: 06 ମାସ।

ବିଡ୍ ଆରମ୍ଭ ହେବା ତାରିଖ: ତା.02.09.2024ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.16.09.2024ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର www.ireps.gov.in ରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(ଉତ୍ପାଦନ), ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-476/P/24-25

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, लोहरदगा**

**शुद्धि पत्र**

एतद् द्वारा सूचित किया जाता है कि कार्यपालक अभियंता, ग्रामीण विकास विशेष प्रमण्डल, लोहरदगा अन्तर्गत आमंत्रित ई–निविदा आमंत्रण सूचना संख्या–RDD/SD/LOHARDAGA/E-03/2024-25(2nd call) PR No. 333981 (Lohardaga) 24-25(D) द्वारा प्रकाशित है, जिसमें निविदा खोलने की तिथि 11.09.2024 को 12.09.2024 पढ़ा जाय।
निविदा सूचना की शेष शर्त्तें यथावत रहेंगी।

कार्यपालक अभियंता
ग्रामीण विकास विशेष प्रमंडल,
लोहरदगा ।

PR.NO.334297 Lohardaga(24-25):D

**ଓଡ଼ିଶା ସରକାର** No.T–
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର ଇଂରାଜୀ ତା02.09.2024ରିଖ ବିଧାନସଭା ଅଧିବେଶନ ଥିବାରୁ ଏବଂ ସୋମବାର ଇଂରାଜୀ ତା09.09.2024ରିଖ ଏବଂ ସୋମବାର ଇଂରାଜୀ ତା16.09.2024ରିଖ ଦିନ ସରକାରୀ ଛୁଟି ଥିବାରୁ ୟୁନିଟ୍–୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ**। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR–09014/11/0020/2425

**कार्यपालक अभियंता का कार्यालय ग्रामीण विकास विशेष प्रमंडल, गोड्डा**

अल्पकालीन ई–निविदा आमंत्रण सूचना

अल्पकालीन ई– निविदा सूचना संख्या – RWD/SD/GODDA/06/2024-25RE2

1.कार्य की विस्तृत विवरणी:

| क्रम / ग्रुप सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 2 | गोड्डा जिला के बोआरीजोर प्रखण्ड के राजाभिट्ठा पंचायत के ग्राम नारायणपुर चरका के पास सुन्दर नदी में पुल निर्माण। | 2,94,48,000.00 | 5,89,000.00 | 10,000.00 | 18 माह |

2.वेबसाइट में निविदा प्रकाशन की तिथि – 04.09.2024
3.ई–निविदा प्राप्ति की तिथि एवं समय – दिनांक 04.09.2024 से दिनांक 13.09.2024 को अपराह्न 5:00 बजे तक
4.ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, गोड्डा।
5.ई–निविदा खोलने की तिथि एवं समय – 18.09.2024 अपराह्न 2:00 बजे
6.ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, गोड्डा।
7.ई–निविदा प्रकोष्ठ का दूरभाष सं० – 8340110173
8.परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9.निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10.निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,
गोड्डा

PR 334265 (Rural Development)24-25*D

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India**
ଭାରତ ସରକାରଙ୍କ ଏକ ଉପକ୍ରମ / A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ୍ ସ୍କୋୟାର୍ ନିକଟ, ବ୍ରହ୍ମପୁର - ୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

(ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧))

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଗୋସାଣିନୂଆଗାଁ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଦ୍ୱିତୀୟ), ୨୦୦୨ (୨୦୦୨ର ଧାରା ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| **ଗୋସାଣିନୂଆଗାଁ ଶାଖା** / ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ କୈଳାଶ ଚୌଧୁରୀ, ପିତା: ୰ ନରସିଂହ ଚୌଧୁରୀ, ୨) ଶ୍ରୀମତୀ ସତ୍ୟଭମା ଚୌଧୁରୀ, ସ୍ୱାମୀ: ୰ ନରସିଂହ ଚୌଧୁରୀ, ଉଭୟଙ୍କ ଠିକଣା ସା: ନେହେରୁ ନଗର, ୮ମ ଲେନ୍, ଗୋସାଣିନୂଆଗାଁ, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା - ୭୬୦୦୦୩/ **ଜାମିନ୍‌ଦାର: ଶ୍ରୀ ପ୍ରତାପ କୁମାର ପାଣିଗ୍ରାହୀ,** ପିତା: କିଶୋର ଚନ୍ଦ୍ର ପାଣିଗ୍ରାହୀ, ସା: ନେହେରୁ ନଗର, ୮ମ ଲେନ୍, ଗୋସାଣିନୂଆଗାଁ, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା – ୭୬୦୦୦୩ | ୧୮.୧୧.୨୦୨୩ ସୁଦ୍ଧା ଟ.୫,୫୨,୦୬୦/- ଏବଂ ସେବାବଦ ସୁଧ | ୧୮.୧୧.୨୦୨୩ / ୨୮.୦୮.୨୦୨୪ | ଶ୍ରୀମତୀ ସତ୍ୟଭାମା ଚୌଧୁରୀଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୩୭୫/୧୧୪, ପ୍ଲଟ୍ ନଂ.: ୧୪୮୮/୨୯୬୮, କ୍ଷେତ୍ର: ଏକର୦.୦୦୫ ଡିସିମିଲି ଏବଂ ପ୍ଲଟ୍ ନଂ.: ୧୪୮୭/୨୯୬୯, କ୍ଷେତ୍ର: ଏକର୦.୦୦୯ ଡିସିମିଲି, ମୌଜା: ଗୋପବନ୍ଧୁ ନଗର, ତହସିଲ: ବ୍ରହ୍ମପୁର, ବ୍ରହ୍ମପୁର ମ୍ୟୁନିସିପାଲିଟୀ କର୍ପୋରେସନ୍, ଏହାର ଚଉହଦି ପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଲେନ୍, ଉତ୍ତର: ଗୋବିନ୍ଦ ଚୌଧୁରୀଙ୍କ ଜମି, ଦକ୍ଷିଣ: ଗୋବିନ୍ଦ ଚୌଧୁରୀଙ୍କ ଜମି |

ସ୍ଥାନ: ବ୍ରହ୍ମପୁର
ତାରିଖ: ୩୧.୦୮.୨୦୨୪

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, देवघर**

**ई–प्रोक्योरमेंट सूचना (1st Call)**

ई–निविदा प्रसंग संख्या - RCD/DEOGHAR/1601//2024-25 (1st Call)
Date :-28.08.2024

| | | |
|---|---|---|
| 1. | कार्य का नाम | पथ प्रमण्डल, देवघर अन्तर्गत "महजोरी से मारगोमुण्डा पथ (कुल लम्बाई–2.271 कि0मी0) का पुनर्निर्माण कार्य"। |
| 2. | प्राक्कलित राशि (रुपये में) | रुपये **5,37,05,830.00** (पाँच करोड़ सैतीस लाख पाँच हजार आठ सौ तीस रुपये मात्र)। |
| 3. | कार्य समाप्ति की अवधि | 04 (चार) माह। |
| 4. | निविदा प्राप्ति की अंतिम तिथि एवं समय | 24.09.2024 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 04.09.2024 (10:30 बजे पूर्वाह्न) |
| 6 | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, देवघर। |
| 7 | प्रोक्युरमेंट अधिकारी का सम्पर्क नम्बर | **06432-299919** |
| 8. | ई–प्रोक्युरमेंट सेल का हेल्पलाईन नम्बर | 0651–2401010 |

नोट –
**निविदा की राशि घट–बढ़ सकती है।**
अतिरिक्त जानकारी के लिए वेबसाईट http://jharkhandtenders.gov.in पर देखें।

कार्यपालक अभियंता,
PR 334171 Road(24-25)#D पथ निर्माण विभाग, पथ प्रमण्डल, देवघर।

**JAPIT**
Jharkhand Agency for Promotion of Information Technology

**(An Autonomous body under Department of Information Technology & e-Governance, Govt of Jharkhand)**
**Ground Floor, Engineer's Hostel – I, Near Golchakkar, Dhurwa, Ranchi, Jharkhand**
**Phone. 0651-2401044, 2401047 email:japit_doit@rediffmail.com**

**Notice Inviting Tender**

| # | Item | Description |
|---|---|---|
| 1 | Project Title | Empanelment of Software Development Firms for Development & Implementation of e-Governance Projects in Government of Jharkhand. |
| 2 | Name of Purchaser | Jharkhand Agency for Promotion of Information Technology (JAP-IT) |
| 3 | Contact Person, Address and Email | The CEO, JAP-IT, Ground Floor, Engineers hostel 1, Near Golchakkar, Dhurwa, Ranchi-834004. Tel: 0651-2401044, Email: japit_doit@rediffmail.com |
| 4 | Selection Method | • Tenders for this contract will be assessed in accordance with technical & financial qualification. • Technical bid of those bidders shall be opened who qualify in Pre-Qualification Bid. • Financial bid of those bidders who qualify in Technical Bid by scoring above 70% shall be opened. • Bidders matching the Least Cost under the tier they bid for as per the procedure laid down in the Clouse 6.4 of this RFP will be empaneled under the respective tier. • Joint Venture or Sub-Contracting or Consortium is not allowed. |
| 5 | Date of download of tender document | 31/08/2024 at 10.30 AM |
| 6 | Date for sending Pre-Bid Query as per RFP format | 08/09/2024 till 6.00 PM |
| 7 | Pre-Bid Meeting onsite at JAP-IT | 9/09/2024 at 2.30 PM |
| 8 | Start Date for Submission of Bids online | 19/09/2024 from 03:00 PM |
| 9 | Last Date for Submission of Bids online | 25/09/2024 up to 3:00 PM |
| 10 | Date of Opening of Technical Bid | 27/09/2024 at 3:30 PM |
| 11 | Date of Commercial Bid opening | To be Informed Later |
| 12 | Bid Validity Period | 180 Days |
| 13 | Total empanelment period | 3 Years |
| 14 | Cost of Tender Document | **Rs. 5,000/-** (Rs. Five Thousand only) non-refundable through online e-Procurement System |
| 15 | EMD | **Rs. 25,000/-** (Rs. Twenty-Five Thousand only) refundable through online e-Procurement System |

*Note:*
1. JAPIT reserves the right to change any schedule of bidding process. Please visit Procurement website https://jharkhandtenders.gov.in regularly for the same.
2. Proposals must be received as per time, date and venue mentioned in the Fact Sheet. Proposals received after due date and time WILL NOT be considered in this procurement process.
3. The Bidders are advised to submit the Bids well in advance as JAPIT/GoJ will not be responsible for non-submission of the bids because of any technical glitches or any problems in connectivity services used by the Bidder.

SD/-
(OSD, JAP-IT)

PR 334206 Information Technology(24-25).D

**झारखण्ड सरकार**
**ग्रामीण कार्य विभाग कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, जमशेदपुर**

ई–अल्पकालिन निविदा आमंत्रण सूचना

ई–अल्पकालिन निविदा संख्या:- **07/2024-25/RI/STPKG/RWD/EE/JSR** दिनांक :- 30.08.2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र. सं. | आईडेन्टीफिकेशन संख्या / पैकेज संख्या | कार्य का नाम | प्राक्कलितराशि (रूपये में) अंक में | प्राक्कलितराशि (रूपये में) अक्षर में | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|
| 1 | RWD/EE/JSR/ STPKG/05/ 2024-25 | बिरधा से कानिकोला तक पथ का सुदृढ़ीकरण कार्य। (लम्बाई–4.300 कि0मी0) | 2,49,59,800.00 | दो करोड़ उन्चास लाख उनसठ हजार आठ सौ रू0 मात्र | 15 माह | द्वितीय |
| | | नेगा से केन्दमुरी तक पथ का सुदृढ़ीकरण कार्य। (लम्बाई–1.930 कि0मी0) | 95,27,200.00 | पन्चानवे लाख सताईस हजार दो सौ रू0 मात्र | | |
| | | L121 हल्दीपोखर तिरिंग मेन रोड से नागो तक पथ का सुदृढ़ीकरण कार्य। (लम्बाई–2.600 कि0मी0) | 1,28,77,500.00 | एक करोड़ अठाईस लाख सतहत्तर हजार पॉच सौ रू0 मात्र | | |
| | | मुदासासाई से ततलडीह तक पथ का सुदृढ़ीकरण कार्य। (लम्बाई–0.950 कि0मी0) | 50,22,700.00 | पचास लाख बाईस हजार सात सौ रू0 मात्र | | |
| | | L105 से सुफलडीह तक पथ का सुदृढ़ीकरण कार्य। (लम्बाई–6.820 कि0मी0) | 3,87,52,400.00 | तीन करोड़ सत्तासी लाख बावन हजार चार सौ रू0 मात्र | | |
| | | हाता–जादुगोड़ा रोड से मोधासाई तक पथ का सुदृढ़ीकरण कार्य। (लम्बाई–1.325 कि0मी0) | 71,34,100.00 | एकहत्तर लाख चौंतीस हजार एक सौ रू0 मात्र | | |
| | | पोराडीहा से पोखरिया तक पथ का सुदृढ़ीकरण कार्य। (लम्बाई–2.500 कि0मी0) | 1,92,08,400.00 | एक करोड़ बानवे लाख आठ हजार चार सौ रू0 मात्र | | |
| | | बालीडीह से बुरूहातु तक पथ का सुदृढ़ीकरण कार्य। (लम्बाई–2.500 कि0मी0) | 98,66,000.00 | अन्ठानवे लाख छियासठ हजार रू0 मात्र | | |
| | | L035-L034 से झरियागुट्टू तक पथ का सुदृढ़ीकरण कार्य। (लम्बाई–2.485 कि0मी0) | 1,82,38,500.00 | एक करोड़ बिरासी लाख अड़तीस हजार पॉच सौ रू0 मात्र | | |
| | | कुल | 14,55,86,600.00 | चौदह करोड़ पचपन लाख छियासी हजार छः सौ रू0 मात्र | | |

2. वेबसाईट में निविदा प्रकाशन की तिथि:– 03.09.2024।
3. ई–निविदा प्राप्ति की अंतिम तिथि एवं समय:– 16.09.2024 अपराह्न 5.00 बजे तक।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से ऑनलाइन मोड में स्वीकार की जाएगी।
5. निविदा खोलने की तिथि एवं समय :– 18.09.2024 पूर्वाह्न 11.00 बजे ।
6. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर, ब्लॉक–करनडीह, थाना–परसुडीह, जमशेदपुर, झारखण्ड, पिन–831002।
7. ई–निविदा प्रकोष्ठ का दूरभाष सं0– 0657–2298902।
8. विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल, जमशेदपुर

PR.NO.334343 REO (24-25):D

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमंडल, पाकुड**
*email :- eercdpakur-jhr@nic.in, Phone & Fax No. 06435-220592*

अल्पकालिन ई0–प्रोक्यूरमेन्ट सूचना
(प्रथम आमंत्रण सूचना)

निविदा सूचना सं0– **RCD /PAKUR/530/2024-25** दिनांक : **28.08.2024**

| | | |
|---|---|---|
| 1. | कार्य का नाम | पथ प्रमंडल, पाकुड अन्तर्गत लिट्टीपाड़ा–कुजबौना पथ के कि0मी0 0.00 से 13.00 कि0मी0 (कुल लंबाई–13.00 कि0मी0) में राईडिंग क्वालिटी में सुधार **(Improvement of Riding Quality)** कार्य। (योजना मद) वित्तीय वर्ष 2024–25 |
| 2. | प्राक्कलित राषि (रू0) | रू0 7,70,85,872/–(रू0 सात करोड़ सत्तर लाख पचासी हजार आठ सौ बहत्तर मात्र) |
| 3. | कार्य पूर्ण करने की अवधि | 03 (तीन) माह |
| 4. | ई0–निविदा प्राप्त करने की अंतिम तिथि एवं समय | 18.09.2024 के पूर्वाह्न 12.00 बजे तक |
| 5. | ई0–निविदा का बेबसाईट पर प्रकाषन की तिथि एवं समय | 05.09.2024 के पूर्वाह्न 10.30 बजे से |
| 6. | ई0–निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, पाकुड़। |
| 7. | ई–प्रोक्यूरमेन्ट अधिकारी का सम्पर्क नं0 | 06435–220592 |
| 8. | ई–प्रोक्यूरमेन्ट सेल का सम्पर्क सहायता नम्बर | 0651–2401010 |

प्राक्कलित राशि घट–बढ़ सकती है।
विशेष जानकारी *http://jharkhandtenders.gov.in* पर देखी जा सकती है।

कार्यपालक अभियंता
पथ प्रमण्डल, पाकुड़।

PR.NO.334136 Road(24-25):D

# ଚାନ୍ଦିଲି, ମୁନିଗୁଡ଼ା, ବିଷମକଟକକୁ ଏନ୍ଏସି ମାନ୍ୟତା ଆଶା ମଉଳିଛି

ରାୟଗଡ଼ା,୩୧।୮ (ଆଶିଷ ରଞ୍ଜନ ପଣ୍ଡା)

ଗତ ଫେବୃଆରୀ ୨୪ରେ ରାୟଗଡ଼ା ଜିଲା ଚାନ୍ଦିଲି, ମୁନିଗୁଡ଼ା ଓ ବିଷମକଟକକୁ ଏନ୍ଏସି ମାନ୍ୟତା ଦେଇଥିଲେ ତତ୍କାଳୀନ ସରକାର। ହେଲେ ଶନିବାର ବିଭିନ୍ନ ସ୍ଥାନରେ ସ୍ୱାୟତ୍ତ ଶାସନ ଦିବସ ପାଳନ ହୋଇଥିବା ବେଳେ ଏହି ୩ ଅଞ୍ଚଳ ଲୋକଙ୍କ ପାଇଁ ଏନ୍ଏସି ଘୋଷଣା ଲଲିପପ୍ ପାଲଟିଛି। ସରକାର ବଦଳିଥିବାରୁ ଚାନ୍ଦିଲି, ମୁନିଗୁଡ଼ା ଓ ବିଷମକଟକ ଏନ୍ଏସି ମାନ୍ୟତା ମଉଳିଯାଇଛି। ବର୍ତ୍ତମାନର ରାଜ୍ୟ ସରକାର ଏନେଇ କୌଣସି ନିଷ୍ପତ୍ତି ନେଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି । ଏହା ଘୋଷଣାରେ ସୀମିତ ରହିଛି।

ରାୟଗଡ଼ା ବ୍ଲକ୍‌ର ଶିଳ୍ପ ନଗରୀ ଚାନ୍ଦିଲିକୁ ଏନ୍ଏସି ମାନ୍ୟତା ପ୍ରଦାନ କରାଯାଇଥିଲା। ସେହିଭଳି ମୁନିଗୁଡ଼ା ଓ ବିଷମକଟକ ବ୍ଲକ୍ ମଧ୍ୟ ଏନ୍ଏସି ମାନ୍ୟତା ପାଇଥିଲା। ଫଳରେ ରାୟଗଡ଼ା ଜିଲାରେ ଏନ୍ଏସି ସଂଖ୍ୟା ୪ ହୋଇଥିଲା। ପୂର୍ବରୁ ରାୟଗଡ଼ା ଓ ଗୁଣପୁର ପୌରାଞ୍ଚଳ ଏବଂ ଗୁଡ଼ାରି ଏନ୍ଏସି ରହିଥିଲା। ତେବେ ପରବର୍ତ୍ତୀ ସମୟରେ ସହର ସଂଖ୍ୟା ବଢ଼ି ୩ ଏନ୍ଏସି ଘୋଷଣା ହୋଇଥିଲା । ଜନସାଧାରଣଙ୍କ ବିକାଶର ଆବଶ୍ୟକତା ଓ ପ୍ରସ୍ତାବ ଦୃଷ୍ଟିରୁ ତତ୍କାଳୀନ ସରକାର ଏହି ପଦକ୍ଷେପ ନେଇଥିବା ପ୍ରେସ୍ ବିଜ୍ଞପ୍ତିରେ ଜଣାଇଥିଲେ। ତେବେ ଏହାଦ୍ୱାରା ୩ ନୂତନ ସହରରେ ବାସ କରୁଥିବା ପ୍ରାୟ

## ଘୋଷଣାରେ ସୀମିତ

୬୦ ହଜାର ଲୋକେ ସହରୀ ସୁବିଧା ପାଇବା ଅନୁମାନ କରାଯାଇଥିବା ବେଳେ ଏବେ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇନାହିଁ। ଚାନ୍ଦିଲି ଓ କୁମୁଟିପେଣ୍ଟ ପଞ୍ଚାୟତକୁ ମିଶାଇ ଚାନ୍ଦିଲି ଏନ୍ଏସି ଗଠନ ହେବାର ଥିଲା। ଏହି ସହରର ମୁଖ୍ୟ ଆକର୍ଷଣର କେନ୍ଦ୍ର ହେଉଛି ଜେକେ କାଗଜକଲ। ଏଠାକାର ଜନସଂଖ୍ୟା ୨୦ ହଜାର। ସେହି କାରଣରୁ ଜେକେପୁର ସହରକୁ ଚାନ୍ଦିଲି ପଞ୍ଚାୟତ ବଦଳରେ ଏନ୍ଏସି ମାନ୍ୟତା ପ୍ରଦାନ ପାଇଁ ବାରମ୍ବାର ଦାବି ହୋଇଥିଲା।

ସେହିପରି ମୁନିଗୁଡ଼ା ମଧ୍ୟ ଏନ୍ଏସି ମାନ୍ୟତା ପାଇଥିଲା ସେହି ସମୟରେ। ମୁନିଗୁଡ଼ାକୁ ଏନ୍ଏସି କରିବା ପାଇଁ ବହୁ ଦିନହେବ ସେଠାରେ ଦାବି ହେଉଥିଲା। ଏଭଳିକି ଏଥିପାଇଁ ଜୋର୍‌ଦାର ଆନ୍ଦୋଳନ ମଧ୍ୟ ହୋଇଛି। ଶେଷରେ ଲୋକଙ୍କ ଦାବିକୁ ସରକାର ଗ୍ରହଣକରି ଏନ୍ଏସି ଘୋଷଣା କରିଥିଲେ। ମୁନିଗୁଡ଼ା ଓ ଭୈରବଗଡ ପଞ୍ଚାୟତକୁ ନେଇ ଏହି ଏନ୍ଏସି ଗଠନ ହେବ। ଏଠାକାର ଜନସଂଖ୍ୟା ମଧ୍ୟ ୨୦ ହଜାରରୁ ଅଧିକ। ଏକ ବ୍ୟବସାୟିକ କେନ୍ଦ୍ର ଭାବେ ମୁନିଗୁଡ଼ା ପରିଚୟ। ବିଷମକଟକ ମଧ୍ୟ ଏନ୍ଏସି ତାଲିକାରେ ରହିଥିଲା। ବିଷମକଟକ ଏକ ପୁରୁଣା ତହସିଲ। ବିଷମକଟକ ଓ ମୁନିଗୁଡ଼ା ଦୁଇ ବ୍ଲକକୁ ନେଇ ଏହି ତହସିଲ ଦୀର୍ଘ ଦଶନ୍ଧି ଧରି ରହିଥିଲା। ହେଲେ ପରବର୍ତ୍ତୀ ସମୟରେ ମୁନିଗୁଡ଼ା ନୂଆ ତହସିଲ ହୋଇଥିଲା। ଏନ୍ଏସି ପାଇଁ ସମସ୍ତ ପ୍ରକାର ମାନଦଣ୍ଡ ବିଷମକଟକ ପୂର୍ଣ୍ଣ କରୁଛି। ଏଠାକାର ଜନସଂଖ୍ୟା ପାଖାପାଖି ୨୦ ହଜାର ରହିଛି। ଆଦିମ ଜନଜାତି ଡଙ୍ଗରିଆକନ୍ଧ ସମ୍ପ୍ରଦାୟର ଲୋକ ଏହି ବ୍ଲକରେ ବସବାସ କରୁଛନ୍ତି। ଫଳରେ ଏନ୍ଏସି ହେବା ଦ୍ୱାରା ସମଗ୍ର ବ୍ଲକ୍‌ର ଲୋକଙ୍କ ପାଇଁ ସୁବିଧା ଉପଲବ୍ଧ ହେବ। ତେବେ ଆଗାମୀ ଦିନରେ ରାଜ୍ୟ ସରକାର ଏହି ମାନ୍ୟତାକୁ କାର୍ଯ୍ୟକ୍ଷମ କରୁଛନ୍ତି ନା ଏହି ଘୋଷଣାକୁ ବନ୍ଦ କରିଦେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ କ୍ରିକେଟ୍ ମ୍ୟାଚ



କ୍ରିକେଟ ମ୍ୟାଚରେ ବିଜୟୀ କାଉନସିଲରଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଉଛି ।

ରାୟଗଡ଼ା,୩୧।୮ (ଆଶିଷ ରଞ୍ଜନ ପଣ୍ଡା)

## ରାୟଗଡା ପୌର ପରିଷଦ

ରାୟଗଡ଼ା ପୌର ପରିଷଦ ଆନୁକୁଲ୍ୟରେ ଶନିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପୌର ପରିଷଦ କାର୍ଯ୍ୟାଳୟ ପ୍ରାଙ୍ଗଣରେ ପୂର୍ବାହ୍ନ ୮.୩୦ରେ ପୌରାଧ୍ୟକ୍ଷ ପି.ମହେଶ କୁମାର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହା ପରେ ଉପସ୍ଥିତ କର୍ମକର୍ତ୍ତା ଜାତୀୟ ସଙ୍ଗୀତ ଗାନ କରିଥିଲେ। ପୌର ପରିଷଦ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା ଓ ଅନ୍ୟ ସମସ୍ତ ଅଧିକାରୀ ରାୟଗଡ଼ା ପୌରାଞ୍ଚଳରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିଭଳି ଏହି ଦିବସ ଉପଲକ୍ଷେ ଶୁକ୍ରବାର ସ୍ଥାନୀୟ ଜିସିଡି ପଡିଆଠାରେ ପୁରୁଷ କାଉନସିଲର ଏବଂ ପୌର କାର୍ଯ୍ୟାଳୟ ପୁରୁଷ କର୍ମଚାରୀମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ କାଉନସିଲର ଟିମ୍ ବିଜୟୀ ହୋଇଥିଲେ ।

# ଟ୍ରକ୍ ଧକ୍କାରେ ସ୍କୁଟି ଚାଳକ ଗୁରୁତର

ଟିକିରି ୩୧।୮
(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ ଜିଲା କାଶୀପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ଶଙ୍କରଡା ହାଟପଦା ନିକଟ ୪୪ନମ୍ବର ରାଜ୍ୟପଥ ନିକଟରେ ଏକ ସ୍କୁଟି (ଓଡି୧୮ଡି ୨୫୭୫) ଟିକିରି ପଟୁ ରାୟଗଡା ଯାଉଥିବା ସମୟରେ ବିପରୀତ ଦିଗରୁ ଟିକିରି ଆସୁଥିବା ଏକ ଟ୍ରକ୍ (ଏପି୩୯ୟୁଏନ୍ ୧୨୬୫) ସାମ୍ନାପଟୁ ଧକ୍କା ଦେବା ଫଳରେ ସ୍କୁଟି ଚାଳକ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଧାର କରି ଆମ୍ବୁଲାନ୍ସ ଯୋଗେ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଗାଡି ଡ୍ରାଇଭର ଟିକିରି ଥାନାରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ ପରେ ଡ୍ରାଇଭରଙ୍କୁ ଟିକିରି ପୋଲିସ ଅଟକ ରଖିଛି।

# ସହରକୁ ସଫାସୁତରା ରଖିବାକୁ ଆହ୍ୱାନ

ଗୁଣପୁର,୩୦।୮ (ପ୍ରଦୀପ କୁମାର ପାଢ଼ୀ )

ରାୟଗଡ଼ା ଜିଲା ଗୁଣପୁରରେ ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହାପରେ ପୌର କାର୍ଯ୍ୟାଳୟରେ ଏକ ସଭାର ଆୟୋଜନ ହୋଇଥିଲା। ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାର୍ଷିକ ବିବରଣୀରେ ଗତ ଏକ ବର୍ଷର ସଫଳତା ପାଠ କରାଯାଇ ମିଶନ ଶକ୍ତି ଗ୍ରୁପ୍‌ମାନଙ୍କୁ ୧ କୋଟି ୨୯ ଲକ୍ଷ ୫୦ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ସହରର ବିଭିନ୍ନ ସ୍ଥାନରେ ମିନି ପାର୍କଗୁଡିକର ଦାୟିତ୍ୱ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦିଆଯାଇଛି। ୫୭ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ କରାଯାଇଛି।



ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ଅତିଥିଙ୍କ ଦ୍ୱାରା ହୁଇଲ ଚେୟାର ପ୍ରଦାନ କରାଯାଉଛି ।

୮କୋଟି ଟଙ୍କା ବ୍ୟୟରେ ୬୦ ପ୍ରକଳ୍ପ କାର୍ଯ୍ୟ ସରିଛି, ୪ ମଲ୍ଟିପରପୋଜ୍ ହଲ୍ ନିର୍ମାଣ ଚାଲିଛି। ମୁକ୍ତା ଯୋଜନାରେ ବିଭିନ୍ନ ୱାର୍ଡରେ ସୌନ୍ଦର୍ଯ୍ୟକରଣ ସହ ମୁଖ୍ୟ ରାସ୍ତାରେ ଚାରାରୋପଣ କାର୍ଯ୍ୟ ହାତକୁ ନିଆଯାଇଛି। ବିଭିନ୍ନ ସ୍ଥାନରେ ୱାକିଂ ଟ୍ରାକ୍ ସହ ଆଦର୍ଶ ବିଦ୍ୟାଳୟ ନିକଟରେ ଖେଳ ପଡିଆ ନିର୍ମାଣ କରାଯାଇଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସତ୍ୟଜିତ୍ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ଼ ଓ ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ ପ୍ରମୁଖ ଉଦ୍‌ବୋଧନ ଦେଇ ସହରକୁ ସଫା ରଖି ସୁନ୍ଦର କରିବା ସହ ପଲିଥିନମୁକ୍ତ କରିବାକୁ ଆହ୍ୱାନ କରିଥିଲେ।

## ଗୁଣପୁରରେ ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ

ବଂଶଧାରାରେଦ୍ୱିତୀୟସେତୁରଆବଶ୍ୟକତା ଉପରେ ଅଧ୍ୟକ୍ଷା ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ କାଉନସିଲର ଭାଗୀରଥି ବିଶୋୟୀ, ପ୍ରମୋଦ ଦାସ ଓ ଶିବ ପାଢ଼ୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ କର୍ମଚାରୀ ଅନନ୍ତ ପାତ୍ରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଶେଷରେ ସମସ୍ତ କାଉନ୍‌ସିଲରଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହି କ୍ରମରେ ୨୨ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ସହ ୧୯ ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ଜିଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ୩ ଦଫା ଦାବିପତ୍ର



ଜିଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଗୁଣପୁର,୩୧।୮ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ଉପଖଣ୍ଡ କଳିଙ୍ଗ ସାମ୍ବାଦିକ ସଂଘ ପକ୍ଷରୁ ଆବାହକ ଶକ୍ତି ଦାଶ, ସଭାପତି ସୂର୍ଯ୍ୟ ପ୍ରକାଶ ପଟ୍ଟନାୟକ ଓ ସମ୍ପାଦକ ହରିହର ଶତପଥୀଙ୍କ ସମେତ ସଂଘ ସଦସ୍ୟ ରଞ୍ଜିତ କୁମାର ପାଢ଼ୀ ଓ ମନୋଜ କୁମାର ନାଲା ପ୍ରମୁଖ ଶୁକ୍ରବାର ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଶିବ ଶଙ୍କର ଚୌଧୁରୀଙ୍କୁ ଭେଟି ୩ ଦଫା ସମ୍ବଳିତ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ନିର୍ଦ୍ଧାରିତ ଦର ତାଲିକା ଅନୁସାରେ ବସ୍ ମାଲିକମାନେ ଟିକସ ନ ନେଇ ଯାତ୍ରୀଙ୍କଠାରୁ ଚଢାଦର ନେଉଥିବା ଅଭିଯୋଗ କରିଥିଲେ। ଏଣୁ ପ୍ରତ୍ୟକ ବସ୍ ଓ ଷ୍ଟାଣ୍ଡରେ ଏହି ଦର ତାଲିକାଗୁଡିକୁ ପ୍ରାଞ୍ଜଳ ଭାବେ ଲେଖି ଲଗାଇବା, ଅନେକ ଯାତ୍ରୀ ପରିବହନ ବସ୍‌ରେ ଫାଷ୍ଟଏଡ୍-ବକ୍ସ ରହିବା ନିୟମ ରହିଥିବା ବେଳେ କୌଣସି ବକ୍ସରେ

## ବସ୍‌ରେ ଯାତ୍ରୀଭଡା ଚାର୍ଟ ଟାଙ୍ଗିବା ଦାବି

ଔଷଧ ରଖାନଯାଇ କେବଳ ନାମକୁ ମାତ୍ର ରଖାଯାଉଥିବା, ଏହାର ନିୟମିତ ଯାଞ୍ଚ ବ୍ୟବସ୍ଥା କରାଯାଇ ଆବଶ୍ୟକ ଫାଷ୍ଟଏଡ୍ ରଖିବା ଓ ପ୍ରତ୍ୟକ ବସ୍‌ରେ ଯେପରି ଦିବ୍ୟାଙ୍ଗ, ମହିଳା, ଭିଭିଆଇପି ଓ ଏମ୍‌ପି ଓ ଏମ୍ଏଲ୍ଏଙ୍କ ନିମନ୍ତେ ଯେଉଁ ଭଳି ସ୍ଥାନ ସଂରକ୍ଷିତ ରହଛି ଅନୁରୂପ ଭାବେ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ସାମ୍ବାଦିକ ତଥା ପତ୍ରକାରଙ୍କ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ସଂରକ୍ଷଣ କରାଯିବା ଭଳି ଦାବୀ ଉପସ୍ଥାପନ କରିଥିଲେ । ଏନେଇ ଯଦି କିଛି ପଦକ୍ଷେପ ନ ନିଆ ଯାଏ ତାହା ହେଲେ ପରବର୍ତ୍ତୀ ସମୟରେ ଏହି ଘଟଣା ପରିବହନ ମନ୍ତ୍ରୀ ଓ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସଂଘ ଆବାହକ ଶକ୍ତି ଦାଶ ସୂଚନା ଦେଇଛନ୍ତି।

# ଚକ୍ଷୁ ପରୀକ୍ଷା ଶିବିର

ଜେକେପୁର,୩୧।୮ (ରାଜେଶ ବିଶ୍ୱାଳ)

ଜେକେ ପେପର ମିଲ୍‌ର ସାମାଜିକ ଦାୟିତ୍ୱବୋଧ ବିଭାଗ ଓ ଏଲ୍ ଭି ପ୍ରସାଦ ଚକ୍ଷୁ ଅନୁଷ୍ଠାନ ଆନୁକୂଲ୍ୟରେ ଶନିବାର ରାୟଗଡ଼ା ବ୍ଲକ୍ କୁମୁଟିପେଣ୍ଟ ପଞ୍ଚାୟତ ଅନ୍ତର୍ଗତ ଦେବଦଳାଗୁଡା ଗ୍ରାମରେ ଏକ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଏଲ୍ ଭି ପ୍ରସାଦ ଚକ୍ଷୁ ଅନୁଷ୍ଠାନରୁ ମୀନକେତନ କୋଣ୍ଡାଗୋରୀ, ବରିଷ୍ଠ ବିଶେଷଜ୍ଞ ଯୋଗଦେଇ ୪୩ ରୋଗୀଙ୍କର ଚକ୍ଷୁ ପରୀକ୍ଷା କରିଥିଲେ। ଏଥିରେ ୪ ଜଣ ମୋତିଆବିନ୍ଦୁ, ୫ ଟେରିଜିମ୍ ଓ ୨୧ ଦୃଷ୍ଟିଦୋଷ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ଜେକେ ଡିସ୍‌ପେନ୍‌ସାରିରେ ରୋଗୀଙ୍କୁ ପରୀକ୍ଷା ପରେ ଏଲ୍‌ଭି ପ୍ରସାଦ ଚକ୍ଷୁ ଅନୁଷ୍ଠାନକୁ ଅସ୍ତ୍ରୋପଚାର ପାଇଁ ପଠାଯିବା ବ୍ୟବସ୍ଥା ହୋଇଛି। ପ୍ରୋଜେକ୍ଟ ରୋଶଣି ମାଧ୍ୟମରେ ପ୍ରତିମାସରେ ଅନ୍ୟୂନ ୨୦୦ ରୋଗୀଙ୍କର ଚିକିତ୍ସା କରାଯାଇଥାଏ। କାଗଜକଳର ସାମାଜିକ ଦାୟିତ୍ୱବୋଧ ବିଭାଗ ଉପ ପ୍ରବନ୍ଧକ ହରିହର ଖମାରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି ।

# କିରାଣିଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ

ରାୟଗଡ଼ା,୩୧।୮
(ଆଶିଷ ରଞ୍ଜନ ପଣ୍ଡା)

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ କର୍ମକର୍ତ୍ତା ବିଭିନ୍ନ ଦାବି ନେଇ ରାୟଗଡ଼ା ବ୍ଲକ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ପରିପ୍ରେକ୍ଷୀରେ ଆସୋସିଏଶନ ପକ୍ଷରୁ ରାୟଗଡ଼ା ସିଡିପିଓଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କିରାଣି ନିକିତା ପାଳଙ୍କ ମନମୁଖୀ କାର୍ଯ୍ୟ, ଦୁର୍ବ୍ୟବହାର ଏବଂ ଅନିୟମିତତା ନେଇ ସିଡିପିଓ ମୀନାକ୍ଷି ଦାଶଙ୍କୁ ଅଭିଯୋଗ ସହିତ ଏକ ୮ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଦାବିପତ୍ର ପାଇବା ପରେ ସିଡିପିଓ ମୀନାକ୍ଷୀ ଅଙ୍ଗନୱାଡ଼ି କର୍ମୀଙ୍କ ସହିତ ଆଲୋଚନା ପୂର୍ବକ ଦାବିଗୁଡ଼ିକର ସମୀକ୍ଷା କରି ସମାଧାନ କରିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି । ଦାବିପତ୍ରରେ ଗରମ ରନ୍ଧା ଖାଦ୍ୟର ଟଙ୍କା ପ୍ରଦାନ କରିବା ଓ ମୂଲ୍ୟ ବୃଦ୍ଧି କରିବା, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ଦୃଷ୍ଟି ଯୋଜନାର



ଅଙ୍ଗନୱାଡ଼ି କର୍ମୀମାନେ ସିଡିପିଓ ମୀନାକ୍ଷୀ ଦାଶଙ୍କ ସହିତ ଆଲୋଚନା କରୁଛନ୍ତି ।

## ସିଡିପିଓଙ୍କୁ ୮ ଦଫା ଦାବିପତ୍ର ଦେଲେ ଅଙ୍ଗନୱାଡ଼ି କର୍ମୀ

୮ ମାସର ଟଙ୍କା ପ୍ରଦାନ କରିବା, କିଶୋର ବାଳିକାଙ୍କ ଅଣ୍ଡା ବଣ୍ଟନ ଟଙ୍କା ଦେବା, ଗ୍ୟାସ୍‌ର ୧ ବର୍ଷର ଟଙ୍କା ଦେବା ଓ ରାୟଗଡ଼ା ସିଡିପିଓ କାର୍ଯ୍ୟାଳୟ କିରାଣି ନିକିତାଙ୍କ ମନମୁଖୀ ଶାସନରେ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ଏହି ଦାବି ପତ୍ର ପ୍ରଦାନ ସମୟରେ ବିଏମଏସର ରାଜ୍ୟ ସଭାପତି ଯୋଗେଶ୍ୱର ଦାସ, ଜିଲା ସମ୍ପାଦକ ଗଣେଶ ସାହୁଙ୍କ ସମେତ ଅଲ୍ ଓଡିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ ରାୟଗଡ଼ା ବ୍ଲକ ସଭାନେତ୍ରୀ ସଂଯୁକ୍ତା ହରପାଲ, ସମ୍ପାଦିକା ମୀନାକ୍ଷୀ ଦୋରା, ବାସନ୍ତୀ ଜିଲାକାରା ଓ କେ.ନିଳାଦ୍ରୀଙ୍କ ନେତୃତ୍ୱରେ ଜିଲା ସଭାନେତ୍ରୀ ଜୟନ୍ତୀ ପଦ୍ମାଳୟା ସାହୁ, ଉଷାରାଣୀ ଦାଶ ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଏହାର ସମାଧାନ ନ ହୁଏ ତେବେ ଆଗାମୀ ଦିନରେ କାର୍ଯ୍ୟବନ୍ଦ କରିବା ସହିତ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଆସୋସିଏସନ ଚେତାବନୀ ଦେଇଛି ।

# ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

ଟିକିରି, ୩୧।୮
(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାଶୀପୁର ବ୍ଲକସ୍ଥିତ କଲେଜ ଓ ବିଦ୍ୟାଳୟରେ ଏଡ୍‌ସ ନିରାକରଣ ସଚେତନ କାର୍ଯ୍ୟକ୍ରମ କରାଯାଇଛି। କାଶୀପୁରସ୍ଥିତ ମା' ମାଣିକେଶ୍ୱରୀ କଲେଜ, ଗୋରଖପୁରସ୍ଥିତ ଉଚ୍ଚ ବିଦ୍ୟାଳୟ ଓ ଟିକିରିସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏଡ଼ସ ରୋଗ ନିବାରଣ ପାଇଁ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ନିରଞ୍ଜନ ବେହେରା (ଡିଆଇଏସ) ସହକର୍ମୀ ସହ ବୁଲି ବିଦ୍ୟାଳୟ ଓ କଲେଜରେ ଯୁବପିଢିଙ୍କୁ ଏଡ଼ସ ରୋଗରୁ କିଭଳି ସାବଧାନ ରହିବେ ତାହା ଉପରେ ସଚେତନତା ସୃଷ୍ଟି କରଥିଲେ।

# ଆକର୍ଷଣ ସାଜିବ ୩୪ ଫୁଟର ମୂର୍ତ୍ତି, ୧୧୦ କେଜି ଲଡୁ

ରାୟଗଡ଼ା, ୩୧।୮ (ଭାଗ୍ୟଶ୍ରୀ ମିଶ୍ର)

ଆଗକୁ ଆସୁଛି ପାର୍ବଣ ଋତୁ। ବିଦ୍ୟାଦାତା ଗଣେଶଙ୍କ ପୂଜା ପାଇଁ ରାୟଗଡ଼ା ସହର ଚଳଚଞ୍ଚଳ ହୋଇଉଠିଛି । ବିଭିନ୍ନ କମିଟି ପକ୍ଷରୁ ଗଣେଶପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ରାୟଗଡ଼ା ସହରରେ ବୁଦ୍ରା ବାଲାସା ୟୁଥ୍ ବୈଶ୍ୟ କମିଟି ପକ୍ଷରୁ ଚଳିତବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ୩୪ ଫୁଟ ଉଚ୍ଚତାର ମୂର୍ତ୍ତି ନିର୍ମାଣ କରାଯାଉଛି। ପୂଜା ପାଇଁ ପ୍ରାୟ ୭ ଲକ୍ଷ ବଜେଟ ରହିଥିବା କମିଟି ପକ୍ଷରୁ କୁହାଯାଇଛି। ସ୍ଥାନୀୟ ଅମ୍ଲାଭଟାସ୍ଥିତ କାରିଗରଙ୍କୁ ମୂର୍ତ୍ତି କରିବାକୁ ଦାୟିତ୍ୱ ଦିଆଯାଇଛି। ଏଠାରେ କେବଳ ମୂର୍ତ୍ତି ପାଇଁ ୩ ଲକ୍ଷ ଖର୍ଚ୍ଚ କରାଯାଇଛି। ମୂର୍ତ୍ତିରେ କୌଣସି ଆଧୁନିକ ଛାପ ନ ଦିଆଯାଇ ଗଣେଶଙ୍କୁ ବଡ଼ ଆକାରରେ କରିବାକୁ ମନ ବଳାଇଥିବା କହିଛନ୍ତି କମିଟିର ସଭାପତି ପି. ସନ୍ତୋଷ କୁମାର । ସେହିପରି ଏହି କମିଟିର ଅନ୍ୟ ଏକ ଆକର୍ଷଣ ହେଲା ବୁନ୍ଦିଆ ଲଡୁ । ଗତ ବର୍ଷ ୧୧୦ କେଜି ଲଡୁ ଭଗବାନଙ୍କୁ ଦିଆଯାଇଥିଲା। ଚଳିତ ବର୍ଷ ଏହା ଆହୁରି ୨ରୁ ୩ କେଜି ବଢ଼ିବ ବୋଲି କମିଟି ପକ୍ଷରୁ କୁହାଯାଇଛି ।

## ୟୁଥ୍ ବୈଶ୍ୟ କମିଟିର ଗଣେଶପୂଜା



ପୂଜା ସରିବା ପରେ ଏହି ଲଡୁ ନିଲାମ କରାଯିବାର ବ୍ୟବସ୍ଥା ରହିଛି ।

ଚଳିତ ବର୍ଷ ବୁଦ୍ରା ବାଲାସା ୟୁଥ୍ ବୈଶ୍ୟ କମିଟି ୬ ବର୍ଷରେ ପଦାର୍ପଣ କରିବ। ରାୟଗଡା କଲେଜ ରୋଡ୍‌ସ୍ଥିତ ପଡିଆଠାରେ କମିଟି ପକ୍ଷରୁ ପ୍ରାୟ ୨୧ ଦିନ ଧରି ଏଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ହୋମଯଜ୍ଞ କରାଯିବାର ବ୍ୟବସ୍ଥା ରହିଛି। କମିଟି ସଦସ୍ୟ ଲାଙ୍କା ଚିନା, ପି. ଶିବା, ଏସ୍. କେ. ରାଜା ମୁଖ୍ୟ ଭୂମିକାରେ ରହିଥିବା ବେଳେ ୧୦୦ ରୁ ଉର୍ଦ୍ଧ୍ୱ ଯୁବକ ଏଥିରେ ସାମିଲ ଅଛନ୍ତି । ଶେଷ ଦିନ ପ୍ରାୟ ୧୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯିବ ବୋଲି କମିଟି ସଦସ୍ୟମାନେ କହିଛନ୍ତି।

# ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ଅଭିଯାନ ଜନସଚେତନତା କାର୍ଯ୍ୟକ୍ରମ

ବିଷମ କଟକ ୩୧।୮ (ପ୍ରସନ୍ନ କୁମାର ପଣ୍ଡା)

ପ୍ରଧାନମନ୍ତ୍ରୀ ଜନମନ ପରିଯୋଜନାରେ ରାୟଗଡ଼ ଜିଲା ବିଷମକଟକ ତହସିଲ ଖଜୁରୀଠାରେ ଅନୁନ୍ନତ ଜନଜାତି ସମୁଦାୟ ଡଙ୍ଗରିଆ କନ୍ଧ ହିତାଧିକାରୀଙ୍କୁ ଜାତିଗତ, ସ୍ଥାୟୀ ବାସିନ୍ଦା ଓ ବାର୍ଷିକ ଆୟ ପ୍ରମାଣପତ୍ର ଏବଂ ଜଙ୍ଗଲ ଜମି ପଟ୍ଟା ସୁବିଧା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଶିବିରରେ ଜାତିଗତ ପ୍ରମାଣପତ୍ର ପାଇଁ ୫୫ ଆବେଦନ, ଜବ୍ କାର୍ଡ ନିମନ୍ତେ ୩୨, ପ୍ରଧାନମନ୍ତ୍ରୀ କିଷାନ କାର୍ଡ ନିମନ୍ତେ ୧୪୪ ଆବେଦନ ପତ୍ର ଦାଖଲ କରିଥିଲେ। ୩ଜଣଙ୍କ ରକ୍ତ ଶିକୁଳି ପରୀକ୍ଷା, ଜଣଙ୍କ ଆଧାର କାର୍ଡ ସଂଶୋଧନ, ୩ଜଣଙ୍କ ଜଙ୍ଗଲ ଜମି ପଟ୍ଟା ନିମନ୍ତେ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଜଣେ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର, ୧୪ଜଣଙ୍କ ଜନ୍ମ ପ୍ରମାଣପତ୍ର, ୩ଜଣଙ୍କ ଖାଉଟି କାର୍ଡ, ୮ଜଣଙ୍କ ବିଦ୍ୟୁତ୍ ସଂଯୋଗ, ୨ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପଞ୍ଜୀକରଣ, ୧୦ଛାତ୍ରୀଛାତ୍ରଙ୍କ ପୁନଃ ବିଦ୍ୟାଳୟ ପ୍ରେରଣ, ଛେଳି କୁକୁଡ଼ା ଚାଷ ନିମନ୍ତେ ୭ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।




ବିଷମକଟକ ବ୍ଲକ ପକ୍ଷରୁ କର୍ମଚାରୀଙ୍କୁ ଦିଆଯାଇଥିବା ସଚେତନତା ବାର୍ତ୍ତା ଚିଠି ।

ସେହିପରି ସପ୍ତମ ଦିନରେ ସିନାସାରି ପଞ୍ଚାୟତ ସଦରରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଆ ସୌରା ଉନ୍ନୟନ ସଂସ୍ଥା, ପୁଟ୍ଟାସିଂର ସ୍ୱତନ୍ତ୍ର ଅଧିକାରୀ ଅସୀମା ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜଲତାର ସରପଞ୍ଚ ମାର୍କ ଦଳବେହେରା ଓ ସମିତି ସଦସ୍ୟ ଜଗଦୀଶ ଶବରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୦୦ଉର୍ଦ୍ଧ୍ୱ ଅନୁନ୍ନତ ଜନଜାତି ବର୍ଗର ଲୋକମାନେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ହୋଇଛନ୍ତି । ଗୁଣପୁର ବ୍ଲକର ୭ ପଞ୍ଚାୟତର ୧୩୬ ଗ୍ରାମରେ ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରର ଶନିବାର ବିଭିନ୍ନ ବିଭାଗ ଯଥା ରାଜସ୍ୱ ବିଭାଗ ପକ୍ଷରୁ ଜାତି ପ୍ରମାଣପତ୍ର ପାଇଁ ଗୋଟିଏ ଆବେଦନ ପତ୍ର ସଂଗ୍ରହ ହୋଇଥିବା ବେଳେ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୬ଜଣଙ୍କର ରକ୍ତ ଶିକୁଳି ରୋଗ ପରୀକ୍ଷା ଏବଂ ୧୦ ଜନ୍ମ ପ୍ରମାଣପତ୍ର ବଣ୍ଟନ କରାଯାଇବା ସହ, ଜଣଙ୍କ ରାଶନ କାର୍ଡ ଆବେଦନ ସଂଗ୍ରହ କରାଗଲା। ଗୋଟିଏ ଜନ୍ମ ପ୍ରମାଣପତ୍ର ବଣ୍ଟନ କରାଯାଇଛି। ସେହିପରି ୪ ଜଣଙ୍କ ଆଧାର ପଞ୍ଜୀକରଣ କରାଯାଇଥିବା ବେଳେ ଟିବି ପରୀକ୍ଷାରେ ଗୋଟିଏ ଆକ୍ଟିଭ୍ କେସ୍ ନ ଥିବା ଜଣାପଡ଼ିଛି। ଟିପିଏସ୍‌ଓଡିଏଲ୍ ପକ୍ଷରୁ ଏସଡିଓ ପି. ପାଢ଼ୀ ଉପସ୍ଥିତ ଥିବା ସହା, ଡାକ୍ତର ନୀହାର ରଞ୍ଜନ ପଟ୍ଟନାୟକ ଏବଂ ତାଙ୍କ ଟିମ୍ ଏମଏଚୟୁ ଜଗନ୍ନାଥପୁର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥାର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପରିଚାଳନା କରିଥିଲେ ।

# ମ୍ୟୁନିସିପାଲିଟିରେ ସ୍ୱାୟତ୍ତ ଶାସନ ଦିବସ

## ୨୦ ହଜାର ଲିଟର ମଳ ଉପଚାର କେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ



ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ମ୍ୟୁନିସିପାଲିଟି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଭତ୍ତା ପ୍ରଦାନ କରୁଛନ୍ତି ।

**କୋରାପୁଟ,୩୧।୮(ଅମିତାଭ ବେହେରା)**

କୋରାପୁଟ ସଦର ମହକୁମାରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଶନିବାର ପାଳିତ ହୋଇଯାଇଛି। କୋରାପୁଟ ସହରରେ ସ୍ଥାପିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଉପାଧ୍ୟକ୍ଷା ସବିତା ପଣ୍ଡା, ନିର୍ବାହୀ ଅଧିକାରୀ ଦ୍ୱିତୀକୃଷ୍ଣ ପାତ୍ର, ସହକାରୀ ଯନ୍ତ୍ରୀ ସୁଧୀର ଦାସ, କନିଷ୍ଠ ଯନ୍ତ୍ରୀ ନର୍ମଦା ସାହୁ ଏବଂ ସମସ୍ତ କାଉନସିଲରମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ପରେ ପରିଷଦ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ସେଠାରେ ମ୍ୟୁନିସିପାଲିଟି ଅଞ୍ଚଳର ୧୦ ଜଣଙ୍କୁ ଭତ୍ତା ପ୍ରଦାନ କରିଥିଲେ। ସେହିପରି ଲାଣ୍ଡିଗୁଡ଼ାଠାରେ ୨ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୨୦ ହଜାର ଲିଟର ବିଶିଷ୍ଟ ମଳ ଉପଚାର କେନ୍ଦ୍ରକୁ ଭିଡିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକାର୍ପଣ କରିଥିଲେ। ଏହାଦ୍ୱାରା କୋରାପୁଟ ମ୍ୟୁନିସିପାଲିଟି ଓ ସଦର ବ୍ଲକର ପ୍ରାୟ ଲକ୍ଷରୁ ଊର୍ଦ୍ଧ୍ୱ ଲୋକେ ଉପକୃତ ହେବେ ବୋଲି ନିର୍ବାହୀ ଅଧିକାରୀ ପାତ୍ର କହିଛନ୍ତି। କୋରାପୁଟ ପୌର ପରିଷଦ ଅଧ୍ୟକ୍ଷଙ୍କ ସହ ସମସ୍ତ କାଉନସିଲରମାନେ ମଣ୍ଡଳ କାରାଗାର ଯାଇ ସେଠାର ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ ପ୍ରଦାନ କରିଥିଲେ। ସେହିପରି ଅଧ୍ୟକ୍ଷ ଓ କାଉନସିଲରମାନେ ଲାଣ୍ଡିଗୁଡା ଯାଇ ଚାରାରୋପଣ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଟାଉନ ହଲ୍‌ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ ମ୍ୟୁନିସିପାଲିଟିର ବହୁ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା ।

## ମୁଖ୍ୟମନ୍ତ୍ରୀଙ୍କ ସହ ଭର୍ଚୁଆଲରେ କଥା ହେଲେ ଜଳସାଥୀ ରିପା

**କୋରାପୁଟ,(ଅମିତାଭ ବେହେରା)**



ରିପା ହିଆଲ

ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଭିଡିଓ କନ୍‌ଫରେନ୍ସରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ କୋରାପୁଟର ଜଳସାଥୀ ରିପା ହିଆଲ କଥା ହୋଇଥିଲେ। କୋରାପୁଟରେ ରହି ଭିଡ଼ିଓ କନଫରେନ୍ସରେ ମୁଖ୍ୟମନ୍ତ୍ରୀଙ୍କ ସହ କଥାହୋଇ ରିପା ଖୁସି ବ୍ୟକ୍ତ କହିଛନ୍ତି। ଲୋକମାନଙ୍କଠାରୁ ପାଣି ବିଲ କିପରି ଆଦାୟ କରୁଛ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କୁ ପ୍ରଶ୍ନ କରିଥିଲେ। ଲୋକମାନଙ୍କୁ ବୁଝାଶୁଝା କରି ପାଣି ବିଲ୍ ଆଦାୟ କରନ୍ତି ବୋଲି ସେ ଉତ୍ତର ଦେଇଥିଲେ। ଏହି ସମୟରେ କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନ, ମ୍ୟୁନିସିପାଲିଟି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଓ ଉପାଧ୍ୟକ୍ଷା ସବିତା ପଣ୍ଡା, ଡୁଡ଼ା ପ୍ରକଳ୍ପ ନିର୍ଦ୍ଦେଶକ ଦେବୀପ୍ରସାଦ ଟାଲି, ନିର୍ବାହୀ ଅଧିକାରୀ ଦ୍ୱିତୀକୃଷ୍ଣ ପାତ୍ର ଏବଂ କାଉନସିଲରମାନେ ଉପସ୍ଥିତ ଥିଲେ।

## ସ୍ୱଚ୍ଛ, ସବୁଜ ଉମରକୋଟ ଗଠନ ନେଇ ଆହ୍ୱାନ



ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ପୌରାଧ୍ୟକ୍ଷଙ୍କ ସହ ଅନ୍ୟମାନେ।

**ଉମରକୋଟ, ୩୧।୮(ସନ୍ତୋଷ ଶତପଥୀ)**

**ଉମରକୋଟ ପୌର ପରିଷଦରେ ସ୍ୱାୟତ୍ତ ଶାସନ ଦିବସ**

ଉମରକୋଟ ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଇଛି। ପୌର ପରିଷଦ ପକ୍ଷରୁ ପ୍ରତ୍ୟେକ ୱାର୍ଡରେ ଭୋରରୁ ରାମଧୁନ୍ ବଜାଯାଇଛି। ପୌରାଧ୍ୟକ୍ଷା ରାଧା ଭତ୍ରାଙ୍କ ନେତୃତ୍ୱରେ ଉପାଧ୍ୟକ୍ଷ ସୁଧାଂଶୁ ଦାସ, ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ପ୍ରୀତିରଞ୍ଜନ ରଥ ଏବଂ ସମସ୍ତ କର୍ମଚାରୀ ସକାଳ ୭ଟାରେ ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ପରେ ପୌର ପରିଷଦ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ପୌରାଧ୍ୟକ୍ଷା ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ପରିଷଦ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ପୌରାଧ୍ୟକ୍ଷା ଆଲୋଚନା କରିଥିଲେ। ଲୋକମାନଙ୍କୁ ଉତ୍ତମ ମୌଳିକ ସେବା ଯୋଗାଇଦେବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉମରକୋଟ ସହରକୁ ସ୍ୱଚ୍ଛ ସବୁଜ କରିବା ପାଇଁ ସମସ୍ତେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ରାଧା ଭତ୍ରା, ଉପାଧ୍ୟକ୍ଷ ସୁଧାଂଶୁ ଦାସ, ନିର୍ବାହୀ ଅଧିକାରୀ ପ୍ରୀତିରଞ୍ଜନ ରଥ, ଏମ୍‌ପିଙ୍କ ପ୍ରତିନିଧି ତଥା ବରିଷ୍ଠ ଆଇନଜୀବୀ ରାମ ନାୟକ, ସମସ୍ତ କାଉନସିଲର, ପରିଷଦର ସମସ୍ତ କର୍ମଚାରୀ, ସଫେଇ କର୍ମଚାରୀ, ସ୍କୁଲ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଗରିବ ଲୋକଙ୍କୁ କମ୍ବଳ ଓ ଫଳ ବଣ୍ଟନ କରାଯାଇଥିଲା। ପରିଷଦ ପକ୍ଷରୁ ୯୪ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ କରାଯାଇ ଭତ୍ତା ବଣ୍ଟନ କରା ଯାଇଥିଲା। ପୁରୁଷ ସଫେଇ କର୍ମଚାରୀଙ୍କୁ ପୋଷାକ ଓ ମହିଳା ସଫେଇ କର୍ମଚାରୀଙ୍କୁ ଶାଢ଼ି ଦିଆଯାଇଛି।

## ପୌର ପରିଷଦ ଲୋକଙ୍କ ପ୍ରତି ଦାୟିତ୍ୱବାନ୍ ହେବା ଜରୁରୀ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜଣେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

**ସୁନାବେଡ଼ା/ସେମିଳିଗୁଡ଼ା,୩୧।୮ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)**

ସୁନାବେଡ଼ା ପୌରପାଳିକା ପକ୍ଷରୁ ପରିଷଦ କାର୍ଯ୍ୟାଳୟ ପରିସରରେ ଶନିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ରିତୁ କଣ୍ଡା, ଏମ୍‌ପିଙ୍କ ପ୍ରତିନିଧି କୃଷ୍ଣ କୁଳଦୀପ, ଭାଜପା ଜିଲା ସଭାପତି ସୁମନ୍ତ ପ୍ରଧାନ, ନିର୍ବାହୀ ଅଧିକାରୀ ନାରାୟଣ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଆଗାମୀ ଦିନରେ ସୁନାବେଡ଼ା ପୌରପାଳିକା ରାଜ୍ୟରେ କିପରି ସ୍ୱତନ୍ତ୍ର ସ୍ଥାନ ହାସଲ କରିବ ସେ ନେଇ ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ସହଯୋଗୀ ପ୍ରଫେସର ରୁଦ୍ରାଣୀ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାୟତ୍ତ ଶାସନ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ମତ ଦେଇଥିଲେ । ଅଞ୍ଚଳବାସୀ ସଚେତନ ଓ ଦାୟିତ୍ୱବୋଧସମ୍ପନ୍ନ ହେଲେ ଅଞ୍ଚଳର ବିକାଶ ହେବ ବୋଲି ସେ କହିଥିଲେ। ପୌର ପରିଷଦ ମଧ ଲୋକଙ୍କ ପ୍ରତି ଯଥେଷ୍ଟ ଦାୟିତ୍ୱବାନ୍ ହେବା ଆବଶ୍ୟକ। ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତାଘାଟ ସ୍ୱଚ୍ଛତା ଉପରେ ନଜର ଦେବା ଜରୁରୀ ବୋଲି କହିଥିଲେ। ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ଶିକ୍ଷୟିତ୍ରୀ ଶିକ୍ଷକ, ଏସ୍‌ଏଚ୍‌ଜି ମହିଳାଙ୍କୁ ପୁରସ୍କୃତ କରାଯାଇଛି। ପୌରାଞ୍ଚଳର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ସାମାଜିକ କର୍ମୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ପୌର ପରିଷଦର ସଫେଇ କର୍ମଚାରୀଙ୍କୁ ଉପଢୌକନ ସହ ମାନପତ୍ର ଦେଇ ସମ୍ମାନିତ କରାଯାଇଛି। ସିବିଏସ୍‌ଇ ଏବଂ ଓଡ଼ିଶା ମାଧ୍ୟମିକ ଶିକ୍ଷା ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ସ୍କୁଲ ଟପ୍ପରମାନଙ୍କୁ ପୁରସ୍କାର ରାଶି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଛି। କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୌର ପରିଷଦର ସମସ୍ତ ପାରିଷଦ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଶ୍ରୀଧର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲକ୍ଷ୍ମୀଧର ମହାପାତ୍ର ଏଥିରେ ସହଯୋଗ କରିଥିଲେ।

## କୃତୀ ପ୍ରତିଯୋଗୀ, ଶ୍ରେଷ୍ଠ ପୌର କର୍ମଚାରୀ ପୁରସ୍କୃତ

**ଜୟପୁର ୩୧।୮(ପବନ ପାଣିଗ୍ରାହୀ)**

ଜୟପୁର ପୌର ପରିଷଦରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷ ବି. ସୁନିତା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ସହ କାଉନସିଲର, ପୌର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ରାମଧୁନ ପ୍ରଭାତ ଫେରି, ସହରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ପୌର କାର୍ଯ୍ୟାଳୟରେ ସଫେଇ ଓ ଅନ୍ୟ କର୍ମଚାରୀଙ୍କୁ ପୋଷାକ ବିତରଣ କରାଯାଇଥିଲା। ସନ୍ଧ୍ୟାରେ ଜୟନଗରସ୍ଥିତ ଏକ କଲ୍ୟାଣ ମଣ୍ଡପରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରାରମ୍ଭିକ ସଙ୍ଗୀତ, ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି କରାଯାଇଥିଲା। ଗତ ଦିନରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଏହା ସହ ଶ୍ରେଷ୍ଠ ପୌର କର୍ମଚାରୀଙ୍କୁ ମଧ ପୁରସ୍କାର ପ୍ରଦାନ କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷ ବି. ସୁନିତା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସହ କାଉନସିଲର, ପୌର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ମଧ୍ୟାହ୍ନଭୋଜନ ହଲ୍ ଉଦ୍‌ଘାଟନକଲେ ମୁଖ୍ୟମନ୍ତ୍ରୀ

ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ନତିମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଥିଲେ। ଏହାର ସିଧା ପ୍ରସାରଣ ଜୟପୁର ବ୍ଲକ୍ କାର୍ଯ୍ୟାଳୟରେ କରାଯାଇଛି। ଭିଡିଓ କନ୍‌ଫରେନ୍ସରେ ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୫ ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ମଧ୍ୟାହ୍ନଭୋଜନ ହଲ୍‌କୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ସିଧା ପ୍ରସାରଣ କାର୍ଯ୍ୟକ୍ରମ ବେଳେ ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ପୌର ଯନ୍ତ୍ରୀ ବିଶ୍ୱନାଥ ପାତ୍ର, କନିଷ୍ଠ ଯନ୍ତ୍ରୀ ଅଜୟ ଜାନୀ, ପ୍ରତାପ ଆଚାର୍ଯ୍ୟଙ୍କ ସହ ସମସ୍ତ ପୌର କର୍ମଚାରୀ ଉପସ୍ଥିତ ଥିଲେ।



ଜୟପୁରରେ ପତାକା ଉତ୍ତୋଳନ ବେଳେ ଉପସ୍ଥିତ ଅତିଥିଙ୍କ ସହ ଅନ୍ୟମାନେ ।

## ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱଦେବାକୁ ନିର୍ଦ୍ଦେଶ





ଜିଲାପାଳ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

**ନବରଙ୍ଗପୁର,୩୧।୮(ସଦାଶିବ ପ୍ରହରାଜ)**

**ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରସ୍ତୁତି ଓ ଶିକ୍ଷା ବିଭାଗର ସମୀକ୍ଷା ବୈଠକ**

ନବରଙ୍ଗପୁର ଜିଲା ପଞ୍ଚାୟତ ସାଧନା କେନ୍ଦ୍ରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ନେଇ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଓ ଶିକ୍ଷା ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଜିଲାସ୍ତରରେ ସମ୍ବର୍ଦ୍ଧନା ଉତ୍ସବ ୫ ତାରିଖରେ ସାଇ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହେବ। ଉକ୍ତ ଉତ୍ସବରେ ମାଟ୍ରିକ୍ ପାସ୍ କରିଥିବା ୧୨୧୫ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବ। ଜିଲାସ୍ତରୀୟ ମେଧାବୀ ବିଦ୍ୟାର୍ଥୀ ପୁରସ୍କାର ଭାବେ ୧୧୫ ଜଣ ଛାତ୍ରୀଛାତ୍ର ୧୦ ହଜାର ଟଙ୍କା, ୧୭୧ ଜଣ ୫ ହଜାର ଟଙ୍କା ଓ ୨୯ଛାତ୍ରୀ ଛାତ୍ର ଭାଷାବୃତ୍ତି ପାଇଁ ୭୫୦୦ ଟଙ୍କ ସହ ମାନପତ୍ର ଓ ଟ୍ରଫି ପାଇବେ ବୋଲି ବୃତାନ୍ତ ହୋଇଥିବା ତଥ୍ୟକୁ ଡିଇଓ ଛତ୍ରପତି ସାହୁ ଜିଲାପାଳଙ୍କୁ ଅବଗତ କରାଇଥିଲେ।

ଶିକ୍ଷା ବିଭାଗର ସମୀକ୍ଷା ବୈଠକରେ ଜିଲାପାଳ ମହାପାତ୍ର ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ବିଇଓମାନେ ନିଜ ବ୍ଲକ୍‌ରେ ଶିକ୍ଷାର ମାନ ବୃଦ୍ଧି ଓ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ବୃଦ୍ଧି ନିମନ୍ତେ କ'ଣ ସବୁ ପଦକ୍ଷେପ ନେବେ ସେ ସମ୍ପର୍କରେ ୧୦ ଦିନ ମଧ୍ୟରେ ଅବଗତ କରାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ୧୦୦ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱତନ୍ତ୍ର ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ରେଶମଲାଲ ନାୟକ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ସିଡିଏମ୍‌ଓ ମଳୟ କୁମାର ତ୍ରିପାଠୀ, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆୟୁଷ୍ମାନ୍ ଆରୋଗ୍ୟ ଶିବିର

**ନନ୍ଦପୁର, ୩୧।୮(ସୁନୀଲ କୁମାର ପଣ୍ଡା)**

କୋରାପୁଟ ଜିଲା ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ଆୟୁଷ୍ମାନ୍ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଖପାଖ ଅଞ୍ଚଳର ବହୁ ଲୋକ ଓ ବିଦ୍ୟାଳୟ ଛାତ୍ରୀଛାତ୍ର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡାକ୍ତର ଏସ୍.କେ. ହବିବ୍ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଔଷଧ ଦେଇଥିଲେ। ଏଥିସହ ଏସ୍.ବିଲାପୁଟ ଗ୍ରାମସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ ଶନିବାର ଆୟୁଷ୍ମାନ ଆରୋଗ୍ୟ ଶିବିର କରାଯାଇଛି। ଡା. ପବିତ୍ର ମଲ୍ଲିକ ଏଠାରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଥିଲେ। ଇନ୍‌ଚାର୍ଜ ଦେବରାଜ ମୁର୍ମୁ, ବିପିଏମ୍ ରାଜଲକ୍ଷ୍ମୀ ପଣ୍ଡାଙ୍କ ସମେତ କର୍ମଚାରୀ ଉପସ୍ଥିତ ଥିଲେ।



ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ଆସିଥିବା ଅଞ୍ଚଳବାସୀ।

## ନିର୍ଭୟରେ ଥାନାକୁ ଆସିବାକୁ ପରାମର୍ଶ

**କୋଷାଗୁମୁଡ଼ା, ୩୧।୮(ପ୍ରସାଦ ବିଷୋୟୀ)**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ଥାନାରେ ଶନିବାର ଆମ ପୋଲିସ ସମିତି ବୈଠକ କରାଯାଇଛି। ସେଠାରେ ବାଲ୍ୟବିବାହ, ସାଇବର କ୍ରାଇମ ଏବଂ ଅନ୍ୟ ବିଷୟରେ ଆଲୋଚନା କରାଯାଇଛି। ରୋଗ ହେଲେ ଗୁଣିଆଙ୍କ ପାଖକୁ ନ ଯାଇ ସମସ୍ତେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ବୋଲି ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଛି। ବାଲ୍ୟ ବିବାହ କରାଇବା ନାହିଁ। ପୁଅକୁ ୨୧ ଓ ଝିଅକୁ ୧୮ ବର୍ଷ ହେଲେ ବିବାହ କରାଇବା। ସମସ୍ତେ ଶିକ୍ଷିତ ହେଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ। ବର୍ତ୍ତମାନ ସାଇବର ଅପରାଧ ବଢ଼ି ଚାଲିଛି। କେବେ ମଧ କୌଣସି ବ୍ୟକ୍ତିଙ୍କୁ ଓଟିପି, ଆଧାର ନମ୍ବର, ଏଟିଏମ୍ କାର୍ଡ ନମ୍ବର ଦେବା ନାହିଁ ବୋଲି ବୈଠକରେ ଲୋକମାନଙ୍କୁ ସଚେତନ କରାଯାଇଛି। ନିର୍ଭୟରେ ଥାନାକୁ ଆସନ୍ତୁ, ସମ୍ପୂର୍ଣ୍ଣ ଭାବେ ସହଯୋଗ କରାଯିବ ବୋଲି କୋଷାଗୁମୁଡ଼ା ଭାରପ୍ରାପ୍ତ ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ କହିଛନ୍ତି। ସବ୍ ଇନ୍ସପେକ୍ଟର ସୁଧାଂଶୁ ବାରିକ, ବଡ଼ଆମ୍ବଡା ପାଣ୍ଡି ଅଧିକାରୀ ଏଲ୍.କେ. ପଣ୍ଡା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଭାଲୁ ଆକ୍ରମଣରେ ନାବାଳକ ଆହତ

**ଡାବୁଗାଁ, ୩୧।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧୀନ ବରାଯୋଡ଼ି ଗ୍ରାମ ନିକଟରେ ଶୁକ୍ରବାର ରାତି ୧୦ଟାରେ ଭାଲୁ ଆକ୍ରମଣରେ ଜଣେ ନାବାଳକ ଆହତ ହୋଇଛନ୍ତି। ସେ ହେଲେ ଗ୍ରାମର ସନ୍ନ୍ୟାସୀ ସାନ୍ତା (୧୫)। ଶୁକ୍ରବାର ବରାଯୋଡ଼ିରେ ଏକ ଦଶାହ କାର୍ଯ୍ୟ ଚାଲିଥିଲା। ସନ୍ନ୍ୟାସୀ ସେଠାକୁ ଯାଇଥିଲେ। ପାଖ ଜଙ୍ଗଲରୁ ଏକ ଭାଲୁ ଆସି ବାହାରେ ବୁଲୁଥିଲା। ଅନ୍ଧାର ହୋଇଥିବାରୁ ସେ ରାସ୍ତାରେ ଭାଲୁ ଥିବା ଜାଣି ପାରି ନ ଥିଲେ। ଭାଲୁଟି ହଠାତ୍ ତାଙ୍କୁ ଆକ୍ରମଣ କରିଥିଲା। ଡାହାଣ ଗୋଡ଼ର ୨ଟି ସ୍ଥାନରେ ଭାଲୁ କାମୁଡ଼ି ଦେଇଥିଲା। ସେ କୌଶଳକ୍ରମେ ସେଠାରୁ ଖସିଆସି ଘରେ ପହଞ୍ଚିଥିଲା। ପରେ ପରିବାର ଲୋକେ ଆମ୍ବୁଲାନ୍ସ ଡାକି ତାଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। । ବର୍ତ୍ତମାନ ସେ ସୁସ୍ଥ ଥିବା ଡାକ୍ତର ସୂଚନା ଦେଇଛନ୍ତି।

## ରାସ୍ତାରେ ଗାଡ଼ି ରଖି ଅନ୍‌ଲୋଡିଂ, ଜରିମାନା ଆଦାୟ

**ଜୟପୁର, ୩୧।୮(ପବନ ପାଣିଗ୍ରାହୀ)**

ରାସ୍ତାରେ ଗାଡ଼ି ରଖି ଅନ୍‌ଲୋଡିଂ କରିବା ଅଭିଯୋଗରେ ଜୟପୁର ପୌରପାଳିକା ଜରିମାନା ଆଦାୟ କରିଛନ୍ତି। ଜୟପୁର ବେଲ୍ ରୋଡ୍‌ରେ ଅମୂଲ ଡିଷ୍ଟ୍ରିବ୍ୟୁଟର ରାସ୍ତାରେ ଗାଡ଼ି ରଖି ଅନ୍‌ଲୋଡିଂ କରିବା ଖବରପାଇ ପୌର ଅଧିକାରୀମାନେ ସେଠାରେ ପହଞ୍ଚି ଥିଲେ। ତାଙ୍କଠାରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଚାଉଳ ପାଇଁ ବ୍ଲକ୍ କାର୍ଯ୍ୟାଳୟ ଆଗରେ ଧାରଣା

**ଝରିଗାଁ,୩୧।୮(କିଶୋର ଚନ୍ଦ୍ର ମଣ୍ଡଳ)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଇଚ୍ଛାପୁର ପଞ୍ଚାୟତର କେତେଗୁଡ଼ିଏ ଗାଁର ହିତାଧିକାରୀଙ୍କୁ ଚାଉଳ ମିଳିନାହିଁ। ଏହା ବିରୋଧରେ ଶନିବାର ସରପଞ୍ଚ ଜଗଦୀଶ ମାଝି ଓ ଚାଉଳ ପାଇ ନ ଥିବା ହିତାଧିକାରୀ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

ସରପଞ୍ଚଙ୍କ କହିବା ଅନୁସାରେ ପଞ୍ଚାୟତର ଇଚ୍ଛାପୁର, ଢ଼େପଗୁଡ଼ା, କାଦମଲ୍ଲୀ, କର୍ଲାପଡ଼ା, ସିନ୍ଧିପଡ଼ା ଓ ଆଦିବାସୀ ପଡ଼ାର ଶତାଧିକ ହିତାଧିକାରୀ ୩ରୁ ୬ମାସର ଚାଉଳ ପାଇ ନାହାନ୍ତି। ଗତ ୨୨ତାରିଖରେ ବ୍ଲକ ସଭାଗୃହରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ମଧ ସରପଞ୍ଚ ଚାଉଳ ମିଳି ନ ଥିବା ନେଇ ଅଭିଯୋଗ କରିଥିଲେ। ଉପସ୍ଥିତ ଅଧିକାରୀମାନେ ଶୀଘ୍ର ଚାଉଳ ପ୍ରଦାନ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଦୀର୍ଘଦିନ ପରେ ମଧ ହିତାଧିକାରୀଙ୍କୁ ଚାଉଳ ନ ମିଳିବାରୁ ବାଧହୋଇ ହିତାଧିକାରୀଙ୍କୁ ଧରି ଧାରଣା ଦେଇଛୁ ବୋଲି ସେ କହିଛନ୍ତି। ବିଡିଓ ପ୍ରିତା କୁମାର ସରପଞ୍ଚଙ୍କ ସହ ଆଲୋଚନା କରି ଯୋଗାଣ ଅଧିକାରୀ ଦେବେନ୍ଦ୍ର ସେଠିଆଙ୍କୁ ଶନିବାର ଅପରାହ୍ନ ସୁଦ୍ଧା ଚାଉଳ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଳମ୍ବରେ ଯୋଗାଣ ଅଧିକାରୀ ଚାଉଳ ପଠାଇଲେ। ଫଳରେ ରାତିରେ ବାଣ୍ଟିବା ଅସମ୍ଭବ। ତେଣୁ ରବିବାର ସକାଳେ ହିତାଧିକାରୀମାନେ ଚାଉଳ ପାଇବେ ବୋଲି ସରପଞ୍ଚ ଜଗଦିଶ ମାଝୀ କହିଛନ୍ତି।



ବ୍ଲକ କାର୍ଯ୍ୟାଳୟ ଆଗରେ ଇଚ୍ଛାପୁର ସରପଞ୍ଚ ଓ ପଞ୍ଚାୟତବାସୀ କାର୍ଡ ଧରି ଧାରଣା ଦେଉଛନ୍ତି।

## ନୈରାଶ୍ୟଜନକ ତଥ୍ୟ ପାଇ ବିରକ୍ତ ହେଲେ ଏମ୍‌ପି

**ନବରଙ୍ଗପୁର ଏମ୍‌ପିଙ୍କ ବ୍ଲକ୍‌ସ୍ତରୀୟ ସମୀକ୍ଷା**

**ନନ୍ଦାହାଣ୍ଡି,୩୧।୮(ପ୍ରତୀପ କୁମାର ଦାଶ)**

ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏମ୍‌ପି ବଳଭଦ୍ର ମାଝୀ ଶନିବାର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ ଜଳ ଯୋଗାଣ, ଉଠା ଜଳସେଚନ, ଖାଦ୍ୟ ଯୋଗାଣ, ସ୍ୱଚ୍ଛ ଭାରତ ମିଶନ, ବିଦ୍ୟୁତ୍, ଲ୍ୟାମ୍ପସ୍, ବ୍ୟାଙ୍କ, ମତ୍ସ୍ୟ, ପ୍ରାଣୀଧନ, ଉଦ୍ୟାନ, ଶିଳ୍ପ, ଜଙ୍ଗଲ, ଅଗ୍ନିଶମ ଓ ମୃତ୍ତିକା ସଂରକ୍ଷଣ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଦାଦନ ରୋକିବା ଦିଗରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ସକ୍ରିୟ ରୂପେ କାର୍ଯ୍ୟକାରୀ କରା ଯାଉ ନ ଥିବାରୁ ଏମ୍‌ପି ଉଦବେଗ ପ୍ରକାଶ କରିଥିଲେ। ଜୀବନ ଜୀବିକା ମିଶନ ପକ୍ଷରୁ ୭ ପଞ୍ଚାୟତରେ ନିଯୁକ୍ତ ସିଆରପି,ଏମ୍‌ବିକେ ଓ ବ୍ୟାଙ୍କ ମିତ୍ରଙ୍କୁ ଦରମା ଦିଆଯାଇ ନ ଥିବାରୁ ବିଭାଗୀୟ ଅଧିକାରୀଙ୍କ ଉପରେ ଏମ୍‌ପି ବିଗିଡ଼ି ଥିଲେ। ଦାଦନ ମୁକ୍ତ ବ୍ଲକ ଗଠନ ଉପରେ ଗୁରୁତ୍ୱ ଦେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜନହିତକର ଯୋଜନାର ସଫଳ ରୂପାୟନ ନେଇ ବିଭାଗୀୟ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଠିକ ପରିଚାଳନା, କାମ କରିବା ଦିନ ହିଁ କିଭଳି ଶ୍ରମିକଙ୍କୁ ସେମାନଙ୍କ ମଜୁରୀ ମିଳିବ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ବିଭାଗୀୟ ଅଧିକାରୀ ଦେଇଥିବା ସୂଚନା ନୈରାଶ୍ୟଜନକ ରହିଥିବାରୁ ଏମ୍‌ପି ବିରକ୍ତି ପ୍ରକାଶ କରିଥିଲେ। ଆଗାମୀ ସମୀକ୍ଷା ବୈଠକରେ ସମ୍ପୂର୍ଣ୍ଣ ତଥ୍ୟ ସହ ଆସିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବ୍ଲକ୍ ଅଧ୍ୟକ୍ଷା ରଶ୍ମିତା ମାଝୀ, ବିଧାୟକ ପ୍ରତିନିଧି ଜଗଦୀଶ ଚନ୍ଦ୍ର ବିଷୋୟୀ, ବ୍ଲକ ଉପାଧ୍ୟକ୍ଷ ସଦନ ଗୌଡ଼, ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ତହସିଲଦାର ବନମାଳୀ ମେହେର, ସହକାରୀ ଯନ୍ତ୍ରୀ ଗୋବିନ୍ଦ କହଁରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।





ସମୀକ୍ଷା ବୈଠକରେ ଏମ୍‌ପିଙ୍କ ସହ ପ୍ରଶାସନିକ ଅଧିକାରୀ।

# ମାଲକାନଗିରି ପୌର ପରିଷଦ, ବାଲିମେଳା ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ



ମାଲକାନଗିରି ଜିଲା ସଦର ମହକୁମା ପୌର ପରିଷଦ କାର୍ଯ୍ୟାଳୟରେ କର୍ମଚାରୀମାନେ ପତାକା ଉତ୍ତୋଳନ କରୁଛନ୍ତି ।

ମାଲକାନଗିରି, ୩୧।୮(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଶନିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷ ମନୋଜ ବାରିକ, ଉପାଧ୍ୟକ୍ଷା କବିତା ମହନ୍ତ, ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ଖରା, ଯନ୍ତ୍ରୀ ଇନ୍ଦୁମାଧବ ସରକାର, ପୌର ପରିଷଦ ଏମ୍‌ପି ପ୍ରତିନିଧି ବିଜୟ ମହାରଣାଙ୍କ ସହ ସମସ୍ତ କର୍ମଚାରୀ, ସଫେଇ କର୍ମଚାରୀ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ପ୍ରଥମେ ନଗର ଭବନ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ କାର୍ଯ୍ୟାଳୟରେ ସ୍ୱାୟତ୍ତ ଶାସନ ପତାକା ଉତ୍ତୋଳନ କରିଥିଲେ । ପରେ ଅନ୍ୟ ଏକ କାର୍ଯ୍ୟକ୍ରମରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ବାରିକ ଓ ଅନ୍ୟ ଅଧିକାରୀମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ୧୧୦ ଫୁଟ ଲମ୍ବର ଏକ ଜାତୀୟ ପତାକା ଉଦ୍‌ଘାଟନ ସହ ପ୍ରତିଷ୍ଠା କରାଯାଇଥିଲା । ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ କାର୍ଯ୍ୟାଳୟ ପରିସରରେ ଏକ ବୈଠକରେ ପୌର ପରିଷଦ ଅଧ୍ୟକ୍ଷ ବାରିକ ୧୯ ୱାର୍ଡରେ ବିଭାଗ ତରଫରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ବନ୍ଧରେ ସୂଚନାଦେବା ସହ ଆଗାମୀ ଦିନରେ ପୌର ପରିଷଦରେ ଥିବା କେତେକ ସମସ୍ୟା ଦୂରହେବ ବୋଲି କହିଥିଲେ ।

## ଉନ୍ନୟନମୂଳକ କାର୍ଯ୍ୟ ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

କୋରୁକୋଣ୍ଡା, ୩୧।୮ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଏନ୍‌ଏସିରେ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରୋହିତ୍ୟରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ସକାଳ ୫.୩୦ ଟାରେ ରାମ ଧୂନ, ୬.୩୦ଟାରେ ମାରାଥନ କାର୍ଯ୍ୟକ୍ରମ କରାଯାଇଥିଲା । ଏହାପରେ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ବାଲିମେଳା ସହରର ବିଭିନ୍ନ ଅଞ୍ଚଳରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ଅଧ୍ୟକ୍ଷଙ୍କ ସମେତ କାଉନସିଲର ଏବଂ କର୍ମଚାରୀମାନେ ମାଲ୍ୟାର୍ପଣ କରିଥିଲେ । କୋରୁକୋଣ୍ଡା ବ୍ଲକ ସଭାଗୃହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଭିଡିଓ କନ୍‌ଫରେନ୍ସ ଅନୁଷ୍ଠିତ ହୋଇଥିଲା । ଉନ୍ନୟନ ମୂଳକ କାର୍ଯ୍ୟଉପରେ ସେ ଗୁରୁତ୍ୱ ଦେଇଥିଲେ । କାର୍ଯ୍ୟକ୍ରମରେ ଅଧ୍ୟକ୍ଷଙ୍କ ସମେତ ଏନ୍‌ଏସିର ସମସ୍ତ କାଉନସିଲର ଯୋଗ ଦେଇଥିଲେ । ଏହାପରେ ଟାଉନ ହଲ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ନାୟକଙ୍କ ସମେତ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ସାମ୍ବାଦିକ ଦେବ ପ୍ରସାଦ ଦାସ, ମୁଖ୍ୟ ବକ୍ତା ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅମୂଲ୍ୟ କୁମାର ପ୍ରଧାନ ଓ ପାରିଷଦର ସମସ୍ତ ସଭ୍ୟସଭ୍ୟା ଓ ବରିଷ୍ଠ ନାଗରିକଙ୍କ ସମେତ ଶତାଧିକ ସହରବାସୀ ଉପସ୍ଥିତ ଥିଲେ । ଏହି ଅବସରରେ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ପୂର୍ବତନ ସମସ୍ତ ଚେୟାରମ୍ୟାନ, କାଉନସିଲର, ସାମ୍ବାଦିକ ତଥା ବରିଷ୍ଠ ନାଗରିକମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ବାଲିମେଳା ସହରବାସୀଙ୍କ ମନୋରଞ୍ଜନ ନିମନ୍ତେ ରାତିରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସାମ୍ବାଦିକ ଶୁଭାଶିଷ କର ମଞ୍ଚ ପରିଚାଳନା କରିଥିଲେ ।



ସ୍ୱାୟତ୍ତ ଶାସନ ଦିବସ ଅବସରରେ ଏନ୍‌ଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ବକ୍ତବ୍ୟ ଦେଉଛନ୍ତି ।

## ଡିଆଇଇଟିରେ ଏସ୍‌ଏଲ୍‌ଏଏସ୍ ରିପୋର୍ଟ କାର୍ଡ ବିଶ୍ଳେଷଣ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଭାଗ ନେଇଥିବା ପ୍ରଶିକ୍ଷାର୍ଥୀ ।

ଗୋବିନ୍ଦପାଲି, ୩୧।୮(କାର୍ତ୍ତିକ ରଥ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଜିଲା ଶିକ୍ଷା ଓ ଶିକ୍ଷକ ତାଲିମ ପ୍ରତିଷ୍ଠାନ(ଡିଆଇଇଟି)ରେ ଏକ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା । ଜିଲାର ୭ ବ୍ଲକ୍ ସିଆର୍‌ସିସି ଓ ବିଆର୍‌ସିସି ଏଥିରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ଗୋପୀନାଥ ସେଠ୍ ,ଶ୍ରାବଣୀ ବେହେରା, ଦୀନବନ୍ଧୁ ହଲୁଆ ମାର୍ଚ୍ଚ ୨୨ରେ ୨ୟ, ୪ର୍ଥ ଓ ୭ମ ଶ୍ରେଣୀର ପିଲାଙ୍କୁ ନେଇ କୃତିତ୍ୱ ସର୍ଭେ(ଏସ୍‌ଏଲଏଏସ୍)ର ରାଜ୍ୟସ୍ତରୀୟ,ଜିଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ରିପୋର୍ଟକୁ ବିସ୍ତୃତ ଭାବେ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶନ ସହ ବୁଝାଇଥିଲେ । ଏହା ସମସ୍ତ ସ୍କୁଲ ଓ ଅଭିଭାବକଙ୍କ ନିକଟରେ ପହଞ୍ଚାଇବା ସହ ଏହାକୁ ଦୃଷ୍ଟିରେ ରଖି ଆଗାମୀ ନଭେମ୍ବରରେ ୩ୟ, ୬ଷ୍ଠ ଓ ୯ମ ଶ୍ରେଣୀ ପିଲାଙ୍କୁ ନେଇ ହେବାକୁ ଥିବା ଜାତୀୟ କୃତିତ୍ୱ ସର୍ଭେ (ଏନ୍‌ଏଏସ୍)ରେ ଅପେକ୍ଷାକୃତ ଭଲ ପ୍ରଦର୍ଶନ ନିମନ୍ତେ ପିଲାଙ୍କୁ କିପରି ପ୍ରସ୍ତୁତ କରାଯିବ ସେ ଉପରେ ଆଲୋଚନା କରାଯାଇଥିଲା । ପିଲାଙ୍କୁ ପ୍ରସ୍ତୁତି ନିମନ୍ତେ ପୂର୍ବରୁ ଦିଆଯାଇଥିବା ଅଭ୍ୟାସ ପ୍ରଶ୍ନଗୁଡ଼ିକୁ କରାଇବା ପାଇଁ କୁହାଯାଇଥିଲା । କାର୍ଯ୍ୟକ୍ରମରେ ଅନୁଷ୍ଠାନ ଅଧ୍ୟକ୍ଷା ମମତା ଖୋଡ଼ିଆଙ୍କ ସମେତ ଶିକ୍ଷକ ପ୍ରଶିକ୍ଷକ ପଲ୍ଲଭୀ ସିଂହ, ଚାରୁ ଚପଳା ଦାସ ଓ ହେମନ୍ତ ଦଳପତି ଉପସ୍ଥିତ ଥିଲେ । ଅଂଶଗ୍ରହଣକାରୀମାନଙ୍କ ପ୍ରଶ୍ନଗୁଡ଼ିକୁ ଗୃହରେ ଆଲୋଚନା କରାଯାଇ ପ୍ରଶିକ୍ଷକମାନେ ଆଗ୍ରହର ସହିତ ସମାଧାନ କରୁଥିଲେ ।

## ନିଶାସକ୍ତ ବାଇକ୍ ଚାଳକ ଗିରଫ

ଜୟପୁର,୩୧।୮(ପବନ ପାଣିଗ୍ରାହୀ)

ନିଶାସେବନ କରି ବାଇକ୍ ଚଲାଇବା ଅଭିଯୋଗରେ ଜୟପୁର ସଦର ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ କଳଶାହାଣ୍ଡି ଗ୍ରାମର ହରିଶ୍ଚନ୍ଦ୍ର ଗୌଡ଼ (୨୭) । ପୋଲିସ ସୂଚନାନୁଯାୟୀ ଜୟପୁର ସଦର ପୋଲିସ ଶୁକ୍ରବାର ରାତିରେ ଭୂତନାଥ ମନ୍ଦିର ନିକଟରେ ଗାଡ଼ି ଯାଞ୍ଚ କରୁଥିଲା । ସେହି ସମୟରେ ଜଣେ ବାଇକ୍ ଚାଳକଙ୍କୁ ଅଟକାଇ ଥିଲା । ସେ ବିନା ହେଲ୍‌ମେଟ୍‌ରେ ନିଶାସକ୍ତ ଅବସ୍ଥାରେ ବାଇକ୍ ଚଲାଉଥିବା ଜାଣି ପୋଲିସ ତାଙ୍କୁ ଗିରଫ କରିଥିଲା । ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

## ବିଶ୍ୱ ହିନ୍ଦୁ ପରିଷଦର ଷଷ୍ଠୀପୂର୍ତ୍ତି ଉତ୍ସବ ପାଳନ



ମାଲକାନଗିରି, ୩୧।୮(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ହନୁମାନ ମନ୍ଦିର ନିକଟରେ ଜିଲାସ୍ତରୀୟ ବିଶ୍ୱ ହିନ୍ଦୁ ପରିଷଦର ଷଷ୍ଠୀ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି । ସଭାରେ ବିଶ୍ୱହନ୍ଦୁ ପରିଷଦର ଜିଲା ସଭାପତି ନୀଳମଣି ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାଲ୍ୟବନ୍ତ ସଂକୀର୍ତ୍ତନ ମଣ୍ଡଳୀ ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ରବୀନ୍ଦ୍ର କୁମାର ମହାରଣା, ଶିବପଦ ମିର୍ଧା, ଭାଗୀରଥି ଦଳେଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।। ସଭା ପ୍ରାରମ୍ଭରେ ଓଁକାରଧ୍ୱନି ସହ ଦୀପ ପ୍ରଜ୍ଜ୍ୱଳନ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ବକ୍ତାମାନେ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ବନବାସୀ ଭଉଣୀଭାଇମାନଙ୍କ ଶିକ୍ଷା ଓ ସଂସ୍କାର ପ୍ରତି ଅବଦାନ ବିଷୟରେ ଆଲୋକପାତ କରିଥିଲେ । ଦେଶରେ ହିନ୍ଦୁମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଧର୍ମାନ୍ତୀକରଣ ଇତ୍ୟାଦିକୁ ପ୍ରତିରୋଧ କରିବା ପାଇଁ ବିଶ୍ୱରେ ଥିବା ହିନ୍ଦୁ ସମାଜ ସୁଦୃଢ ହେବା ନିମନ୍ତେ ୧୯୫୯ରେ ବିଶ୍ୱ ହିନ୍ଦୁ ପରିଷଦ ଗଠନ ହୋଇଥିଲା ବୋଲି ସମ୍ମାନିତ ଅତିଥିମାନେ କହିଥିଲେ । ଏହି ଅବସରରେ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତି ସାନୁ କଡେ ଓ ଉପଜାତି ସମ୍ପ୍ରଦାୟର ସରୋଜ ଦଳେଇଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଶାନ୍ତିପାଠ ପରେ ବିଶ୍ୱ ହିନ୍ଦୁ ପରିଷଦ ଜିଲା ସମ୍ପାଦକ ବାଲାରାଜୁ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ।

ZILLA SWASTHYA SAMITI, MAYURBHANJ
Office of the CDM&PHO-cum-District Mission Director, NHM, Mayurbhanj, Odisha, 757001
Advt. No. 2842/NHM/2024-25 Dt.29.08.2024
**Request for Proposal for Outsourcing of Housekeeping Services at Government Health Institutions under Nirmal Scheme**
No.E-259 : Sealed proposals as per prescribed RFP document are invited from interested eligible bidders for the **Outsourcing of Housekeeping Services at Government Health Institutions of Mayurbhanj District**. The eligible criteria, the details requirement of the said services and the formats for submission of proposals are set forth in the RFP documents which can be downloaded from the website https://mayurbhanj.odisha.gov.in/. Interested bidders fulfilling the eligibility criteria may submit their proposals (with EMD & document as per RFP) to the O/o : CDM & PHO, Mayurbhanj. Proposal(s) complete in all respect should reach the undersigned on or before **01.00 PM** of **23.09.2024** through Regd/Speed Post & Courier and the same will be opened on **24.09.2024** at **11.00 AM** in the NHM Conference Hall, O/o the CDM & PHO, Mayurbhanj. The undersigned reserves the right to reject any or all the tender(s) without assigning any reason thereof.
Sd./- Chief District Medical & Public Health Officer, Mayurbhanj
OIPR-10020/11/0007/2425

FARMERS PRODUCERS ORGANIZATION, NABARANGPUR
To fill the post of CEO (Chief Executive Officer) and Accountant of the Farmers Producers Organisation on contractual basis.
The details of the post are as follows:

| Name of the Post | Total Number of Post |
|---|---|
| CEO (Chief Executive Officer) | 08 |
| Accountant | 06 |

1. For details of the advertisement, eligibility criteria, selection procedure, application form please visit the district web portal i.e. **https://nabarangpur.odisha.gov.in**.
2. The BoDs of the FPOs reserves the right to cancel/ vary the vacancies without assigning reason thereof.

**Chairperson**
**M/S Mata Dongri FPO**

OFFICE OF THE PANCHAYAT SAMITI, CHANDAHANDI
Bid Identification No. BDO/EDU/CHD/02/2425
No. 2000 Date: 30.08.2024
1 The Block Development Officer, Chandahandi on behalf of the Governor of Odisha invites Single Cover percentage rate bids for construction of works detailed in the table from "D" and "C" Class contractors as mentioned under Col. No. 7 with the State Government and contractors of equivalent Grade/Class registered with Central Government/M.E.S./Railways for execution of Civil Works on production of definite proof from the appropriate authority. The bidders may submit bids for any or all of the following works.

| Sl. No. | Name of the Work | Value of the Work (Rs.) | Concerned T.I.A. | Security Amount (Rs.) (Online) | Cost of Bid Documents (Rs.) (Online) | Class of Bidder | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Additional Classroom at Govt. Panabeda High School, Chandahandi | 1434010.00 | B.D.O., Chandahandi | Rs.10,000/- | Rs.6,000/- | "D" & "C" Class | 6 (Six Calendar Months) |
| 2 | Construction of Additional Classroom at Govt. High School, Koilimunda | 1434010.00 | B.D.O., Chandahandi | Rs.10,000/- | Rs.6,000/- | "D" & "C" Class | 6 (Six Calendar Months) |
| 3 | Construction of Additional Classroom at Govt. Pry School, Salebidi-II | 1263465.00 | B.D.O., Chandahandi | Rs.10,000/- | Rs.6,000/- | "D" & "C" Class | 6 (Six Calendar Months) |
| 4 | Construction of Additional Classroom at Govt. UP School, Bandakona | 1263465.00 | B.D.O., Chandahandi | Rs.10,000/- | Rs.6,000/- | "D" & "C" Class | 6 (Six Calendar Months) |
| 5 | Construction of Additional Classroom at Govt. P.S., Dharupoda | 1263465.00 | B.D.O., Chandahandi | Rs.10,000/- | Rs.6,000/- | "D" & "C" Class | 6 (Six Calendar Months) |
| 6 | Construction of Additional Classroom at Pry School, Ghantiguda | 1263465.00 | B.D.O., Chandahandi | Rs.10,000/- | Rs.6,000/- | "D" & "C" Class | 6 (Six Calendar Months) |
| 7 | Construction of Additional Classroom at Pry School, Malibari | 1263465.00 | B.D.O., Chandahandi | Rs.10,000/- | Rs.6,000/- | "D" & "C" Class | 6 (Six Calendar Months) |

Sd./- Block Development Officer, Chandahandi

## ପ୍ରବଳ ବର୍ଷା: ଘର ଉପରେ ପଡିଲା ଗଛ

### ପରିବାର ଲୋକଙ୍କୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ

ମାଲକାନଗିରି, ୩୧।୮(ଦୁର୍ଯ୍ୟୋଧନ ପାତ୍ର)

ଲଘୁଚାପ ଜନିତ ଲଗାଣ ବର୍ଷାରେ ଘର ଉପରେ ଉପୁଡି ପଡିଲା ଗଛ। ଫଳରେ ଘରେ ଥିବା ଲୋକଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଥିଲେ।। ପଡିଆ ବ୍ଲକ ବାପନପଲ୍ଲୀ ପଞ୍ଚାୟତ ଗଠନପଲ୍ଲୀ ବଡଗୁଡାଗ୍ରାମର ଇର୍ମା



ୱାଞ୍ଜାମଙ୍କ ଘର ଉପରେ ଶନିବାର ସକାଳେ ଘର ପାଖରେ ଥିବା ଏକ ପୁରୁଣା ତେନ୍ତୁଳି ଗଛ ଉପୁଡି ପଡିଥିଲା । ସେହି ସମୟରେ ଇର୍ମା ଜମିକୁ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ଏବଂ ପିଲା ଘରେ ଥିଲେ । ଗ୍ରାମବାସୀ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଯବାନମାନେ ଘଟଣା ସ୍ଥଳରେ ପହଞ୍ଚି ଘର ଉପରୁ ଗଛ କାଟି ସଫା କରିଥିଲେ ।

ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିମେଳା
॥ ଅଭିନନ୍ଦନ ବାର୍ତ୍ତା ॥
୩୧ ଅଗଷ୍ଟ ୨୦୨୪ ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ, ବ୍ୟବସାୟୀ, ସାମ୍ବାଦିକ ଏବଂ ଜନସାଧାରଣଙ୍କୁ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସମସ୍ତ ବ୍ୟବସାୟୀ ବନ୍ଧୁ ଓ ସହରବାସୀଙ୍କୁ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ନିବେଦନ କରାଯାଉଛି ଯେ:
• ପରିଷଦର ଟିକସ, ଗୃହଟିକସ, ଦୋକାନ ଭଡ଼ା ଯଥା ସମୟରେ ଜମା କରିବା ସହ ବ୍ୟବସାୟ ପ୍ରତିଷ୍ଠାନର ପଞ୍ଜୀକରଣ କରାଇ ନିଅନ୍ତୁ । • ପରିଷଦରୁ ଗୃହ ନକ୍ସା ମଞ୍ଜୁର ହେଲା ପରେ ଘର ତିଆରି କରନ୍ତୁ ଏବଂ ତିଆରି ହୋଇଯାଇଥିବା ଗୃହର ନକ୍ସା ଅତି ଶୀଘ୍ର ମଞ୍ଜୁର କରାଇ ନିଅନ୍ତୁ । • ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ଶୁଖିଲା ଅଳିଆ ଓ ଓଦା ଅଳିଆ ପୃଥକ୍ ପୃଥକ୍ ରଖି ପରିଷଦ ତରଫରୁ ନିୟୁକ୍ତ ଗାଡ଼ିରେ ପକାନ୍ତୁ ଓ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୁଅନ୍ତୁ । • ରାସ୍ତା ଉପରେ ଘର ତିଆରି ସାମଗ୍ରୀ ଯଥା: ଗୋଡ଼ି, ବାଲି, ଇଟା ଓ ପଥର ଇତ୍ୟାଦି ଜମା କରନ୍ତୁ ନାହିଁ । ଗୃହପାଳିତ ପଶୁ ଯଥା: ଗାଈଗୋରୁ, ଘୁଷୁରି ଇତ୍ୟାଦିକୁ ଖୋଲାରେ ଛାଡ଼ନ୍ତୁ ନାହିଁ ।
ବିକାଶ ପଥରେ ବାଲିମେଳା: ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଯଥା: ସମସ୍ତ ୱାର୍ଡ଼ର ବିଶ୍ରାମାଗାର, ପେଭର ରାସ୍ତା, ଆଲୋକୀକରଣ, ନାଳ ପୁନଃଉଦ୍ଧାର, ଚିଲ୍‌ଡ୍ରେନ ପାର୍କ, ମୁକ୍ତ ଆକାଶ ବ୍ୟାୟାମ, ସମସ୍ତ ବନ୍ଧର ସୌନ୍ଦର୍ଯ୍ୟକରଣ, ଶ୍ରୀ ଜଗନ୍ନାଥ ମନ୍ଦିର ସୌନ୍ଦର୍ଯ୍ୟକରଣ, ବସ୍‌ଷ୍ଟାଣ୍ଡରେ ଶୌଚାଳୟ ଓ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଜଗିଂ ଟ୍ରାକ, ଲୁ, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର, ମଳ ବିଶୋଧନାଗାର ଇତ୍ୟାଦି କାର୍ଯ୍ୟ ସଫଳ ରୂପାୟନ କରାଯାଇଛି ।
"ଆସନ୍ତୁ ଆମ୍ଭେ ସମସ୍ତେ ମିଶି ଆମ ସହରକୁ ସୁସ୍ଥ ଓ ସ୍ୱଚ୍ଛ ଭାବରେ ଗଢ଼ି ତୋଳିବା।"
ସ୍ୱା./– ପ୍ରଦୀପ କୁମାର ନାୟକ, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିମେଳା
ସ୍ୱା./– ଶ୍ରୀ ରାଜେଶ କୁମାର ମହାପାତ୍ର, ORS, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିମେଳା

GOVERNMENT OF ODISHA
OFFICE OF THE PANCHAYAT SAMITI, BANGRIPOSI, MAYURBHANJ
Email - ori-bangriposi@nic.in
Bid Identification No. : 01/2024-25/BANGRIPOSI BLOCK
No.i-104 : The **OFFICE OF THE PANCHAYAT SAMITI, BANGRIPOSI, MAYURBHANJ**, **Odisha** on behalf of Governor of Odisha invites **Percentage Rate Bids** through in **Single Bid System** from eligible Class of Contractors for execution of Civil Works as per NIT and DTCN on **Percentage Rate Bids**. Bid documents consisting Names of Work, Estimated Cost, Cost of Tender Paper, EMD, Time of Completion, Class of Contractor, the set of Terms and Conditions of contract and other necessary documents can be seen in **Panchayat Samiti, Bangriposi**. The bid should be submitted Off-line only in Panchayat Samiti Bangriposi by eligible class of contractors.

| | | |
|---|---|---|
| 1 | Name of the Works | Construction of Additional Class room at-Elementary & Secondary School |
| 2 | No. of Works | 24 |
| 3 | Estimated Cost (in Rs.) | 15.47 lakhs to 16.92 lakhs |
| 4 | Period of Completion | 90 Days |
| 5 | Date and Time of availability of Bid Documents in the Panchayat Samiti, Bangriposi | 29.08.2024 from 10 AM to 10.09.2024 up to 5 PM |
| 6 | Last Date / Time of receipt of Bids in the Panchayat Samiti, Bangriposi | 10.09.2024 up to 5 PM |
| 7 | Date of Opening of Bids | 12.09.2024, 11 AM onwards |
| 8 | Name and Address of the OIT | Office of the Panchayat Samiti Bangriposi |

Sd./- Block Development Officer, Bangriposi
OIPR-19078/11/0001/2425

No.E-254
DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA
Nayapalli, Bhubaneswar - 751012
Advertisement Reference No. 3161, dated 29/08/2024
TRAINING OF GOVERNMENT DOCTORS
Applications are invited as per the following criteria from interested and committed regular in service State Govt. MBBS doctors for 1 Year course of Post Graduate Diploma in Public Health Management for the year 2024-25. The candidates applying for the above courses must not have completed/ undergone any PG degree, Diploma, DNB course in any subject or any such similar course viz LSAS /EmOC / USG Training / Chemotherapy / Mental Health / ICU / CPS Diploma / NBE etc.

| Name of the Training | Duration | Training Organizing institute | Eligibility Criteria |
|---|---|---|---|
| PG Diploma in Public Health Management | 1 year | Indian Institute of Public Health, Bhubaneswar | Minimum 3 (Three) years of service completed and five years to retire as on 31st August 2024. |

All interested MBBS Doctors (OPSC confirmed) are requested to apply to the Director, SIHFW, Odisha, Nayapalli, Unit-8, Bhubaneswar-751012, through proper channel (CDM&PHO of the districts / Superintendent of Medical Colleges or respective authorities) in the prescribed format available on website www.sihfwodisha.nic.in / www.nhmodisha.gov.in / www.health.odisha.gov.in / www.odisha.gov.in through registered post, courier or in person. The application form can also be obtained from respective CDM&PHO office / Superintendent Govt. Medical Colleges. **Last date for receipt of application is 25th September 2024.** No application will be entertained after the last date. For further clarification Director, SIHFW, Odisha can be contacted in sihfwodisha@gmail.com, phone no - 0674-2394336.
Sd/-
Director, SIH&FW (Odisha)
Bhubaneswar.
OIPR-10003/11/0066/2425

# ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ବେଳେ ଶକ୍ତି ପ୍ରଦର୍ଶନ ରାଜନୀତି

- ଶ୍ରେୟର ପାତ୍ର ନବୀନ ପଟ୍ଟନାୟକ- ଦେବାଶିଷ
- ଭାଇଚାରାର ସହରରେ ବିବାଦ ସୃଷ୍ଟି ନ ହେଉ- ଧର୍ମେନ୍ଦ୍ର
- ନାରାବାଜି ଶୋଭନୀୟ ନୁହେଁ- ସୋଫିଆ

କଟକ,୩୧।୮(ଶିଳ୍ପା ପ୍ରିୟଦର୍ଶିନୀ)

ସ୍ୱାୟତ୍ତ ଶାସନ ଦିବସ ଅବସରରେ କଟକ ମହାନଗର ନିଗମ(ସିଏମ୍‌ସି) ଓ ସିଡିଏର ମିଳିତ ଆନୁକୂଲ୍ୟରେ ଶନିବାର କଟକରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏସବୁ ଉଦ୍‌ଘାଟନ କରିଥିଲେ। ଧର୍ମେନ୍ଦ୍ର କଟକରେ ପହଞ୍ଚିବା ପରେ ଭାଜପା କର୍ମୀ ତାଙ୍କୁ ପାଛୋଟି ନେଇଥିଲେ। ପ୍ରଥମେ ଖାନ୍‌ନଗରଠାରେ ଗ୍ୟାସ୍ କ୍ରିମେଶନ ଉଦ୍‌ଘାଟନ କରାଯାଇଥିଲା। ପ୍ରଥମ ପ୍ରକଳ୍ପ ଉଦ୍‌ଘାଟନ ପରେ ବକ୍ସିବଜାର ଅଭିମୁଖେ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ସମୟରେ ଭାଜପା କର୍ମୀ ଦଳୀୟ ପତାକା ଦେଖାଇ ପାଛୋଟି ନେଉଥିବା ଦୃଶ୍ୟମାନ ହେବା ପରେ ବକ୍ସିବଜାରଠାରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ପୂର୍ବରୁ ନିମନ୍ତ୍ରିତ ଅତିଥି ଥିବା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ପହଞ୍ଚିଥିଲେ। ବିଜେଡି ପତାକା ସହ ନବୀନ ପଟ୍ଟନାୟକ ଜିନ୍ଦାବାଦ ନାରାରେ ପ୍ରକମ୍ପିତ ହୋଇଉଠିଥିଲା ସମ୍ପୃକ୍ତ ଅଞ୍ଚଳ। ଅନ୍ୟପଟେ ସେଠାରେ ଉପସ୍ଥିତ ଭାଜପା କର୍ମୀ ଏଭଳି ଦୃଶ୍ୟ ଦେଖି ଦଳୀୟ ପତାକା ଦେଖାଇ ସ୍ଲୋଗାନ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ପହଞ୍ଚିବା ମାତ୍ରେ ଉଭୟ ଦଳ କର୍ମୀ ଶକ୍ତି ପ୍ରଦର୍ଶନ କରିବା ବେଳେ ଠେଲାପେଲା ହୋଇଥିଲା। ସ୍ଥିତି ଅସମ୍ଭାଳ ହୋଇପଡିବାରୁ ପୋଲିସକୁ ନୟାନ୍ତ ହେବାକୁ ପଡିଥିଲା। ତେବେ ଘଟଣାସ୍ଥଳରେ ଉପସ୍ଥିତ ଥିବା ଜନସାଧାରଣ ଏଭଳି ଦଳୀୟ ଶକ୍ତି ପ୍ରଦର୍ଶନ ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ବକ୍ସି ଜଗବନ୍ଧୁ କୌଣସି ଦଳର ନୁହନ୍ତି ବରଂ ସେ ଜଣେ ସ୍ୱାଧୀନତା ସଂଗ୍ରାମୀ। ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଆଳରେ ପ୍ରଶଂସା ସାଉଁଟିବା ପାଇଁ କୌଣସି ଦଳ ଉଦ୍ୟମ ନ କରନ୍ତୁ ବୋଲି ସେମାନେ କହୁଥିବା ଶୁଣିବାକୁ ମିଳିଥିଲା।

ଏ ନେଇ ଦେବାଶିଷ କହିଛନ୍ତି, ପ୍ରତିମୂର୍ତ୍ତି ଯିଏ ଉନ୍ମୋଚନ କରନ୍ତୁ ସେଥିରେ କୌଣସି ଅସୁବିଧା ନାହିଁ। କିନ୍ତୁ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନେଇ ବିଜେଡି ସରକାର ଥିବା ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍ୟମ କରିଥିଲେ। ସେ ବିଧାୟକ ଥିବା ସମୟରେ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା ବୋଲି ଦେବାଶିଷ କହିଥିଲେ। ତେଣୁ ଏହି ଶୁଭଦିନରେ ନବୀନଙ୍କୁ ମନେ ନ ପକାଇବା ଲଜ୍ଜାଜନକ। ସାଧାରଣ ଲୋକେ ଜାଣିଛନ୍ତି ଏହି କାର୍ଯ୍ୟ ନବୀନ ପଟ୍ଟନାୟକଙ୍କ ପାଇଁ ସମ୍ଭବ ହୋଇଛି ଏବଂ ସମସ୍ତ ଶ୍ରେୟ ତାଙ୍କୁ ଦିଆଯିବା ଦରକାର। ପ୍ରଥମେ ଭାଜପା କର୍ମୀ ଦଳୀୟ ପତାକା ଦେଖାଇଥିବାରୁ ପରେ ବିଜେଡି କର୍ମୀ ଦଳୀୟ ପତାକା ଦେଖାଇଛନ୍ତି। ସିଏମ୍‌ସି ବିଜେଡି ଅଧୀନରେ ରହିଛି। କେବଳ ବିଧାୟକ କଂଗ୍ରେସର ରହିଛନ୍ତି, ଭାଜପାର କୌଣସି ଅସ୍ତିତ୍ୱ ନାହିଁ। ଭାଜପା ଓ ବିଜେଡି କର୍ମୀମାନେ ନିଜ ନେତାଙ୍କୁ ପଡିଆରାରେ ଆଣିଛନ୍ତି ବୋଲି ସାମନ୍ତରାୟ କହିଛନ୍ତି।

ଅପରପକ୍ଷରେ ଧର୍ମେନ୍ଦ୍ର କହିଛନ୍ତି, ଉଭୟ ଦଳର କର୍ମୀ ନିଜ ନିଜ ନେତାଙ୍କୁ ସ୍ୱାଗତ କରିଛନ୍ତି। କଟକ ଭାଇଚାରାର ସହର। ଏସବୁ ନେଇ କେବେ ବିବାଦ ସୃଷ୍ଟି ହେବା ଉଚିତ୍ ନୁହେଁ। ଏଭଳି ଦଳୀୟ ଶକ୍ତି ପ୍ରଦର୍ଶନ ନେଇ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି, ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଦଳୀୟ ପତାକାରେ ଶକ୍ତି ପ୍ରଦର୍ଶନ ଓ ନାରାବାଜି ଅଶୋଭନୀୟ। କଟକ ପାଇଁ ଲଢ଼େଇ କରି କାର୍ଯ୍ୟ କରିବା ଦରକାର।



ବକ୍ସିବଜାରସ୍ଥିତ ବକ୍ସିଜଗବନ୍ଧୁଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ ଅବସରରେ ଭାଜପା-ବିଜେଡି କର୍ମୀଙ୍କ ଶକ୍ତିପ୍ରଦର୍ଶନ।

## ସ୍ୱାୟତ୍ତ ଶାସନ ଉତ୍ସବକୁ ୮ କାଉନସିଲରଙ୍କ ବର୍ଜନ

**ନିମାପଡ଼ା**

ନିମାପଡ଼ା,୩୧।୮(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ ଶନିବାର ପାଳିତ ହେଉଥିବାବେଳେ ଏଠାରେ ବ୍ୟତିକ୍ରମ ଦେଖାଦେଇଛି। ଅଧ୍ୟକ୍ଷା ସସ୍ମିତା ସାହୁ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଏନ୍‌ଏସି କାର୍ଯ୍ୟାଳୟଠାରେ ପତାକା ଉତ୍ତୋଳନ କରିଥିଲେ। ଅଫିସ ପକ୍ଷରୁ ନିମାପଡ଼ାରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟା ଯାଇଥିଲା। କାର୍ଯ୍ୟକ୍ରମରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ ଅଧ୍ୟକ୍ଷା ସାହୁଙ୍କ ସମର୍ଥିତ କାଉନସିଲର ଧନୁର୍ଦ୍ଧର ଦାସ, ମାଧବ ବେହେରା ଓ ଟିକିନା ପଣ୍ଡା ଉପସ୍ଥିତ ଥିଲେ। ତେବେ ନିମାପଡ଼ା ଏନ୍‌ଏସିର ମୋଟ ୧୧ ଜଣ କାଉନସିଲରଙ୍କ ମଧ୍ୟରୁ ଉପାଧ୍ୟକ୍ଷ ସନ୍ତୋଷ ଦାଶ, ନିରଞ୍ଜନ ନାୟକ, ରାଜକିଶୋର ସାହୁ, କବିତା ପ୍ରଧାନ, ନିବେଦିତା ପଟ୍ଟନାୟକ, ଅନସୂୟା ପାଣି, କବିତା ତରାଇ, ରଞ୍ଜିତା ପାତ୍ର ପ୍ରମୁଖ ଭାଜପା ସମର୍ଥିତ ୮ କାଉନସିଲର ଏହି ଉତ୍ସବକୁ ଖୋଲାଖୋଲି ବର୍ଜନ କରି ଏଥିରେ ଯୋଗଦେଇ ନ ଥିଲେ। ଗତବର୍ଷ ସ୍ୱାୟତ ଶାସନ ଦିବସରେ ଖର୍ଚ୍ଚହାର ୧୦ ଲକ୍ଷ ଟଙ୍କାର ବ୍ୟୟବରାଦ ଅର୍ଥ ଓ ଦଶହରା ପର୍ବରେ ପୌରାଞ୍ଚଳରେ ଉଜ୍ଜ୍ୱଳ ଆଲୋକୀକରଣ ଓ ଭସାଣି ଉତ୍ସବ ପାଇଁ ୫ ଲକ୍ଷ ଟଙ୍କା ବ୍ୟୟବରାଦର ହିସାବ ଦୀର୍ଘ ବର୍ଷେ ହେଲା କାଉନସିଲରମାନେ ପାଇପାରି ନ ଥିବା ଘଟଣାରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ୮ କାଉନସିଲର ଉତ୍ସବକୁ ବର୍ଜନ କରିଥିବା କାଉନସିଲର ଦାଶ, ନାୟକ କହିଛନ୍ତି। ଏ ସମ୍ପର୍କରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଚାର୍ଯ୍ୟଙ୍କୁ ପଚାରିବାରେ ସବୁ ହିସାବ ଫାଇଲ ଅଫିସରେ ଅଛି। କାଉନସିଲରମାନେ ଯେତେବେଳେ ଚାହିଁବେ ଉକ୍ତ ହିସାବ ଦେଖିପାରିବେ ବୋଲି କହିଛନ୍ତି। ତେବେ ରାଜନୈତିକ ଅଭିସନ୍ଧିରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ବହୁ ବୁଦ୍ଧିଜୀବୀ, ପୌରବାସୀ, ସଚେତନ ନାଗରିକମାନେ ମତବ୍ୟକ୍ତ କରିଛନ୍ତି।

## ମଞ୍ଚରୁ ଉଠିଗଲେ ବିଜେଡି କାଉନସିଲର

**ଖୋର୍ଦ୍ଧା ପୌର ପରିଷଦ**

ଖୋର୍ଦ୍ଧା ୩୧।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଟାଉନ ହଲ୍ ଠାରେ ସ୍ୱାୟତ୍ତ ଶାସନ ଦିବସ ସମାରୋହ ଆୟୋଜିତ ହୋଇଥିଲା। ତେବେ କାର୍ଯ୍ୟକ୍ରମ ଆରମ୍ଭରୁ ଦେଖାଦେଇଥିଲା ଅଘଟଣ। ଜଣେ ବିଜେଡି କାଉନସିଲରଙ୍କୁ ଉଠାଇ ଭାଜପା ଏମ୍‌ପିଙ୍କ ପ୍ରତିନିଧି ଏବଂ ପୂର୍ବତନ ଉପାଧ୍ୟକ୍ଷଙ୍କୁ ମଞ୍ଚରେ ବସାଇବାକୁ ବିରୋଧ କରି ସମସ୍ତ ବିଜେଡି କାଉନସିଲର ମଞ୍ଚରୁ ଓହ୍ଲାଇ ଆସି ବାହାରେ ପ୍ରତିବାଦ କରିଥିଲେ। ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରିଥିଲେ। ପୌର ପରିଷଦ ଆନୁକୂଲ୍ୟରେ ଚାଲିଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସ୍ୱଚ୍ଛତା ଉପରେ ବିଧାୟକ ଜଗଦ୍ଦେବ ପ୍ରଶ୍ନ ଉଠାଇଥିବା ବେଳେ ସନ୍ଧ୍ୟା କାର୍ଯ୍ୟକ୍ରମରେ ଭାଜପା ନେତାଙ୍କୁ ମଞ୍ଚକୁ ଆମନ୍ତ୍ରଣକୁ ନେଇ ବିଜେଡି କାଉନସିଲରମାନେ କାର୍ଯ୍ୟକ୍ରମକୁ ବର୍ଜନ କରିଥିଲେ। ୧ନମ୍ବର କାଉନସିଲର ଜିତେନ୍ଦ୍ର ବେହେରା, ୩ନଂ. ଦିଲୀପ ପରିଡା, ୪ନଂ ପ୍ରଶାନ୍ତ ସେଠୀ, ୫ନଂ ଅମିୟ ମହାନ୍ତି ପ୍ରମୁଖ ମଞ୍ଚରୁ ଓହ୍ଲାଇ ବାହାରକୁ ଚାଲି ଆସିଥିଲେ।

## ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଯାଇଥିବା ୱାର୍ଡ ସଭ୍ୟାସଭ୍ୟ।

ଛେଣ୍ଡିପଦା, ୩୧।୮ (ଅଜିତ କୁମାର ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ବାଲିପଟା ଗ୍ରାମ ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ ଓ ସରପଞ୍ଚଙ୍କ ମନମୁଖି କାର୍ଯ୍ୟକୁ ନେଇ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟମାନେ ଶନିବାର ଅନୁଗୋଳ ଉପଜିଲାପାଳଙ୍କ ପାଖରେ ଅନାସ୍ଥାପ୍ରସ୍ତାବ ଆଣିଛନ୍ତି। ଦୀର୍ଘଦିନ ହେଲା ସରପଞ୍ଚ ୱାର୍ଡର ସଭ୍ୟାସଭ୍ୟ ଓ ନାଏବ ସରପଞ୍ଚଙ୍କୁ ନ ଜଣାଇ ପଞ୍ଚାୟତର ସମସ୍ତ କାର୍ଯ୍ୟ ନିଜେ କରୁଥିବା ଅଭିଯୋଗ କରିଛନ୍ତି। ଗ୍ରାମରେ ଅମୃତ ସରୋବର ଯୋଜନାରେ ପୋଖରୀ ଖୋଳା କାର୍ଯ୍ୟ ପାଇଁ ୧୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ପଞ୍ଚାୟତ ପ୍ରତିନିଧିମାନଙ୍କୁ ନ ଜଣାଇ ମାତ୍ର ୨ଲକ୍ଷ ଟଙ୍କାର କାର୍ଯ୍ୟ କରାଯାଇଛି। ପୋଖରୀରୁ ମାଟି ଖୋଳା ବାବଦରେ ୫ ଲକ୍ଷ ଟଙ୍କାର ବିଲ୍ ହୋଇଥିଲେ ମଧ୍ୟ ସେହି ମାଟିକୁ ଗ୍ରାମର ଖେଳପଡ଼ିଆରେ ପକାଇ ପୁନର୍ବାର ୫ଲକ୍ଷ ଟଙ୍କାର ବିଲ୍ କରାଯାଇଥିବା ଅଭିଯୋଗ ହୋଇଛି। କିଛି ପ୍ରକଳ୍ପ କାର୍ଯ୍ୟକୁ ମଧ୍ୟ ନ ଜଣାଇ ମନଇଚ୍ଛା ବିଲ୍ କରାଯାଇଥିବା, ଏପରିକି 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ଆସିଥିବା ଅର୍ଥ ସରପଞ୍ଚ କାହାକୁ ନ ଜଣାଇ ଖର୍ଚ୍ଚ କରିଛନ୍ତି ବୋଲି ସେମାନେ କହିଛନ୍ତି। ସେହିପରି ବାଲିପଟାର ମହିମୁଣ୍ଡା ବନ୍ଧରେ ମନରେଗା ଯୋଜନାରୁ ୫ଲକ୍ଷ ଟଙ୍କାର କାର୍ଯ୍ୟ ହୋଇଥିବା ବେଳେ ଉକ୍ତ ବନ୍ଧରୁ ବାହାରିଥିବା ମାଟିକୁ ହାଟ ପଡ଼ିଆରେ ପକାଇ ପୁନର୍ବାର ବିଲ୍ କରାଇ ଦୁର୍ନୀତି କରାଯାଇଛି ବୋଲି ଅଭିଯୋଗ ଆଣିଛନ୍ତି। ଏନେଇ ସରପଞ୍ଚ ବିଭିନ୍ନ ଆର୍ଥିକ ଦୁର୍ନୀତିରେ ଜଡ଼ିତ ଥିବାରୁ ବାଲିପଟା ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟମାନେ ନାଏବ ସରପଞ୍ଚ ସୁଦାମ ପ୍ରଧାନଙ୍କ ନେତୃତ୍ୱରେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଉପଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଅନାସ୍ଥା ପ୍ରସ୍ତାବରେ ବାଲିପଟା ପଞ୍ଚାୟତର ନାଏବ ସରପଞ୍ଚଙ୍କ ସହିତ ୧୫ ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଦେଇଛନ୍ତି।

## ସୁନୀତି ମୁଣ୍ଡ, ନିକୁଞ୍ଜ ପଟ୍ଟନାୟକ ଭାଜପାରୁ ନିଲମ୍ବିତ

ଭୁବନେଶ୍ୱର,୩୧।୮ (ଅନିଲଦାସ)

ଦଳ ବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ ଭୁବନେଶ୍ୱର ମହନଗର ନିଗମ(ବିଏମସି) ପୂର୍ବତନ ମେୟର ପ୍ରାର୍ଥୀ ସୁନୀତି ମୁଣ୍ଡଙ୍କୁ ଭାଜପାରୁ ନିଲମ୍ବିତ କରାଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ଭାଜପା ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସେହିପରି ଦଳ ବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ ଖୋର୍ଦ୍ଧା ଜିଲା ପୂର୍ବତନ ସଭାପତି ନିକୁଞ୍ଜ ପଟ୍ଟନାୟକ, ଜିଲା ସମ୍ପାଦକ ବିଦ୍ୟୁତ କାଣ୍ଡି, ଖୋର୍ଦ୍ଧା ଜିଲା କୃଷକ ମୋର୍ଚ୍ଚାସଭାପତି ତାପସ ଜେନା, ଅନୁସୁଚିତ ଜାତି ମୋର୍ଚ୍ଚା ଖୋର୍ଦ୍ଧା ଜିଲା ସଭାପତି ଶିବ ମଲ୍ଲିକ ଏବଂ କାର୍ଯ୍ୟକର୍ତ୍ତା ଧନେଶ୍ୱର ବାରିକଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଆସିଲେନି ଉପାଧ୍ୟକ୍ଷଙ୍କ ସମେତ ୯ କାଉନ୍‌ସିଲର

**ପୁରୁଷୋତ୍ତମପୁର**

ପୁରୁଷୋତ୍ତମପୁର, ୩୧।୮(ସୀମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ ନିର୍ବାହୀ ଅଧିକାରୀ ଗୋବିନ୍ଦ ଦନସେନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ମନୋଜ କୁମାର ନାୟକ, ସମ୍ମାନିତ ଅତିଥିଭାବେ ସିଡିପିଓ ମମତା ମଲ୍ଲିକ, ସହକାରୀ ଯନ୍ତ୍ରୀ ନାଗଭୂଷଣ ଯାଦବ,ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ରଥ, ତାରାତାରିଣୀ କଲେଜ ଡେମୋନଷ୍ଟ୍ରେଟର ରାମନାଥ ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଏ ରାଜୁଗୋପାଳ ରାଓ, କାଉନ୍‌ସିଲର ଅଶୋକ କୁମାର ମହାଙ୍କୁଡ, ଅରୁଣ କୁମାର ମହାଙ୍କୁଡ, ପ୍ରମିତା କୁମାରୀ ପଣ୍ଡା, ସଦେଷ୍ଟା ବେହେରା ଯୋଗଦେଇ କୃତୀ ଛାତ୍ରୀଛାତ୍ର ଓ କର୍ମଚାରୀମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସି ପ୍ରଶାସନର ମନମୁଖି କାର୍ଯ୍ୟର ଅଭିଯୋଗ କରି ସ୍ୱାୟତ୍ତ ଶାସନ ଦିବସକୁ ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସମେତ ୯ ଜଣ କାଉନ୍‌ସିଲର ବର୍ଜନକରି କାର୍ଯ୍ୟକ୍ରମରେ ଯୋଗ ଦେଇନାହାନ୍ତି। ଏମ୍‌ପି ଓ ବିଧାୟକ ମଧ୍ୟ ଏହି ଉତ୍ସବକୁ ଆସିବାକୁ ଅମଙ୍ଗ ହୋଇ ଆସି ନ ଥିବାର ଚର୍ଚ୍ଚା ଚାଲିଛି। ଏପରିକି ଗତବର୍ଷ ସ୍ୱାୟତ୍ତ ଶାସନ ଦିବସରେ ମଧ୍ୟ କାଉନ୍‌ସିଲରମାନେ ସେମାନଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ କରିବା ସହ ଧାରଣା ଦେବା ସହ କାର୍ଯ୍ୟକ୍ରମକୁ ବର୍ଜନ କରିଥିଲେ। ଫଳରେ ସେତେବେଳେ ଏକପ୍ରକାର ଅପ୍ରୀତିକର ପରିସ୍ଥିତି ଦେଖାଦେଇଥିଲା।

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅପମାରଙ୍ଗର ଅପାର ଗୁଣ**
**ଯଦି ଘଷିବ ମୂଳେ**
**କୁମ୍ଭାଟୁଆ ଯେ ରାଜବଲ୍ଲଭ**
**ତହିଁରୁ ଘଷିବ ଫାଳେ।**

ଅପମାରଙ୍ଗ ଡାଳରେ ଦାନ୍ତ ଘଷିଲେ ଦାନ୍ତରେ ଥିବା ସମସ୍ତ ଦୁର୍ଗୁଣ ଏବଂ ଦୁର୍ଗନ୍ଧ ଦୂର ହୋଇଯାଇଥାଏ। ସେହିପରି କୁମ୍ଭାଟୁଆରେ ଦାନ୍ତ ଘଷିବା ଅତି ଉତ୍ତମ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅରଜି ସଞ୍ଚି କୃପଣ ମରେ**
**ଗୁଡ଼ ମାଠିଆ ମାଲୁଆ ମାରେ।**

କୃପଣ ବ୍ୟକ୍ତି ଜୀବଦ୍ଦଶାରେ ଭଲ ନ ଖାଇ ନ ପିନ୍ଧି କେବଳ ଧନ ସଞ୍ଚି ଚାଲିଥାନ୍ତି। ଆବଶ୍ୟକ ମନେହେଉଥିଲେ ମଧ୍ୟ ଖର୍ଚ୍ଚ ହୋଇଯିବ ଭାବି ଯାଇତାଇ କରି ଦିନ ବିତାଇ ଦେଇଥାନ୍ତି। କାଳକ୍ରମେ ତାଙ୍କ ସଞ୍ଚିତ ଧନ ସମ୍ପତ୍ତି ବଳୁଆ ଲୋକ ଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ମଞ୍ଚରେ ପରସ୍ପରକୁ ଆକ୍ଷେପକଲେ ଧର୍ମେନ୍ଦ୍ର, ଦେବାଶିଷ

- ବାଲିଯାତ୍ରାକୁ ରାଷ୍ଟ୍ରୀୟ ମାନ୍ୟତା ପାଇଁ ଦାବିକଲେ ଦେବାଶିଷ
- ମେୟର ବିଜେଡିର ଆମଦାନୀ ନେତା: ଧର୍ମେନ୍ଦ୍ର

କଟକ,୩୧।୮(ଶିଳ୍ପା ପ୍ରିୟଦର୍ଶିନୀ)

ସ୍ୱାୟତ୍ତ ଶାସନ ଦିବସ ଅବସରରେ କଟକ ଦରଘା ବଜାରସ୍ଥିତ ପୁରୁଣା ଜେଲ୍‌ଠାରେ ସିଡିଏ ଓ ସିଏମ୍‌ସି ପକ୍ଷରୁ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ଓ ବିଜେଡିର ନେତାମାନେ ଆରୋପ ଓ ପ୍ରତ୍ୟାରୋପ କରିଥିବା ଦେଖିବାକୁ ମିଳିଛି। ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ନିଜ ଭାଷଣରେ ଏମ୍‌ପି ଭର୍ତ୍ତୃହରି ମହତାବ ୭ଥର ଏମ୍‌ପି ହେବା ନେଇ ପ୍ରଶଂସା କରିଥିଲେ। ଏନେଇ ସେ କହିଥିଲେ, ସିଏମ୍‌ସି ମେୟର ସୁବାସ ସିଂ ଆନ୍ଦୋଳନ କରି ଆଜି ଜଣେ ବଡ଼ ନେତା ହୋଇପାରିଛନ୍ତି। ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କୁ କଟକର ବିନ୍ଧାଣି ବୋଲି କହିଥିଲେ। ଏଥିସହିତ କଟକର ଏବେ ଯେକୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇଛି ତାହା କେବଳ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମ ଯୋଗୁ ସମ୍ଭବ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ବେଙ୍ଗଲରେ ହୋଇଥିବା କୁହାଯାଉଛି। କଟକ ନେତାଜୀଙ୍କ ଜନ୍ମମାଟି ଥିବା ସତ୍ତ୍ୱେ ଏନେଇ କେନ୍ଦ୍ର ସରକାର କାହିଁକି ପଦକ୍ଷେପ ନେଇନାହାନ୍ତି ବୋଲି ଦେବାଶିଷ କହିଥିଲେ। ଏ ଦିଗରେ କେନ୍ଦ୍ରମନ୍ତ୍ରୀ ଓ କଟକ ଏମ୍‌ପିଙ୍କୁ କାର୍ଯ୍ୟ କରିବା ଆବଶ୍ୟକ। କଟକରେ ମେଟ୍ରୋ ପ୍ରକଳ୍ପ ପାଇଁ ଗୃହୀତ ହୋଇଥିବା ଅର୍ଥ ପ୍ରଦାନ ନିମନ୍ତେ ଦାବି କରିବା ସହ ବାଲିଯାତ୍ରାକୁ ରାଷ୍ଟ୍ରୀୟ ମାନ୍ୟତା ପ୍ରଦାନ ଦିଗରେ ତୁରନ୍ତ ପଦକ୍ଷେପ ନେବା ଦରକାର ବୋଲି ସାମନ୍ତରାୟ କହିଛନ୍ତି।

ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ଭାଷଣରେ ପ୍ରଥମେ ମେୟର ସୁବାସ ସିଂଙ୍କୁ ଆକ୍ଷେପ କରି କହିଛନ୍ତି। ସୁବାସ ପୂର୍ବରୁ ସିପିଏମ୍‌ରେ କାର୍ଯ୍ୟ କରୁଥିଲେ, ଏବେ ବିଜେଡିର ଜଣେ ଆମଦାନୀ ନେତା ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ଦେବାଶିଷଙ୍କୁ ଦଳ ଯଦି ଆଉଥରେ ଟିକେଟ ଦେଇଥାନ୍ତା ହୁଏତ ଆଜି ବିଜେଡିର ଇଜ୍ଜତ ବଞ୍ଚିପାରିଥାନ୍ତା। ମେଟ୍ରୋ ପ୍ରକଳ୍ପ ପାଇଁ କଟକରେ କାର୍ଯ୍ୟ କରିବାକୁ ହେଲେ ହାତ ମିଶାଇ କାମ କରିବାକୁ ପଡ଼ିବ। ପୂର୍ବରୁ ବିଜେଡିରେ ପ୍ରଭାବ ବିସ୍ତାର କରିଥିବା ଜଣେ ବାବୁ ଯେପରି ହେଲିକପ୍ଟରରେ ବୁଲୁଥିଲେ ସେପରି କଲେ କୌଣସି କାର୍ଯ୍ୟ ଶେଷ ହୋଇପାରିବ ନାହିଁ। ବାଲିଯାତ୍ରାକୁ ଅନ୍ତର୍ଜାତୀୟ ଉତ୍ସବ ଭାବେ ପାଳନ ପାଇଁ ଉଦ୍ୟମ କରାଯାଉଥିବା ପ୍ରଧାନ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ନିଜ ଭାଷଣରେ କଟକର ଉନ୍ନତିମୂଳକ କାର୍ଯ୍ୟ କରାଇବା ସହ ମୌଳିକ ସମସ୍ୟାର ସମାଧାନ ନେଇ ଦେଇଥିବା ପ୍ରତିଶ୍ରୁତି ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ଧନ୍ୟବାଦ ଜଣାଇବା ସହ ପ୍ରଶଂସା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଭର୍ତ୍ତୃହରି ମହତାବ, ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ସିଏମ୍‌ସି ମେୟର ସୁବାସ ସିଂ, ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ନେତାଜୀ ସ୍ମାରକୀ ପ୍ରତିଷ୍ଠାନର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ନେତୃମଣ୍ଡଳୀ ଓ ପ୍ରଶାସନିକ ଅଧିକାରୀ।

# ଉଦୟଗିରିରେ ରହିଛି ପଦ୍ମସମ୍ଭବଙ୍କ ଦେହାବଶେଷ

ଯାଜପୁର,୩୧।୮
(ହର୍ଷବର୍ଦ୍ଧନ ବେହେରା)

ଅଷ୍ଟମ ଶତାବ୍ଦୀର ବୌଦ୍ଧଗୁରୁ ପଦ୍ମସମ୍ଭବଙ୍କ ଜନ୍ମସ୍ଥାନ ପୁରାତନ ଓଡ଼ିଶା 'ଉଡ଼ିୟାନ'ର ସମ୍ବଲପୁର ଭୂଖଣ୍ଡରେ ବୋଲି ତଥ୍ୟଭିତ୍ତିକ ପ୍ରମାଣ ଉପସ୍ଥାପନ କରିଛନ୍ତି ବୌଦ୍ଧ ଗବେଷକ ପ୍ରବୀର ପଟ୍ଟନାୟକ। ବିହାରର ନାଳନ୍ଦା ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଗଷ୍ଟ ୨୯ ଓ ୩୦ରେ ଆୟୋଜିତ ଦୁଇଦିନିଆ ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀରେ ଯୋଗଦେଇ ଗବେଷକ ପଟ୍ଟନାୟକ ତାଙ୍କ ନିବନ୍ଧକରେ ଉଲ୍ଲେଖ କରିଛନ୍ତି ଯେ, ରାଜା ଇନ୍ଦ୍ରଭୂତିଙ୍କ ପୁତ୍ର ପଦ୍ମସମ୍ଭବଙ୍କ ଦେହାବଶେଷ ଯାଜପୁର ଜିଲାର ବିଶ୍ୱବିଖ୍ୟାତ ବୌଦ୍ଧପୀଠ ଉଦୟଗିରିର ମାଧବପୁର ବୌଦ୍ଧ ମହାବିହାର ସଂଲଗ୍ନ ଇଲାକାରେ ସଂରକ୍ଷିତ ଅଛି। ଏହି ବୌଦ୍ଧବିହାର ସମ୍ମୁଖ ଭାଗରେ ଥିବା ଅବଲୋକିତେଶ୍ୱରଙ୍କ ମୂର୍ତ୍ତିର ପଛପଟେ ଥିବା ଏକ ଶିଳାଲେଖରେ ଏହି ତଥ୍ୟ ଲିପିବଦ୍ଧ ହୋଇରହିଛି। ୨୫ ଧାଡ଼ି ବିଶିଷ୍ଟ ଲେଖାରେ ପଦ୍ମସମ୍ଭବଙ୍କ ଦେହାସ୍ଥି (ରେଲିକ୍ସ କାସ୍‌କେଟ୍) ଏହି ସ୍ତୂପର କୌଣସି ଅଂଶରେ ରଖାଯାଇଥିବା ଦର୍ଶାଯାଇଛି।

ବିଭିନ୍ନ ସମୟରେ ପଦ୍ମସମ୍ଭବଙ୍କ ଜନ୍ମସ୍ଥାନକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଭିନ୍ନ ଭିନ୍ନ ସ୍ଥାନକୁ ଦର୍ଶାଯାଉଛି। କିନ୍ତୁ ବିଭିନ୍ନ ଅଭିଲେଖ, ଗ୍ରନ୍ଥ, ଗବେଷଣା ଆଧାରରେ ପଟ୍ଟନାୟକ ଏହି ନୂତନ ତଥ୍ୟ ସମ୍ପର୍କରେ ଆଲୋକପାତ କରିଛନ୍ତି। ଆଲୋଚନା ବେଳେ ଗବେଷକ ପଟ୍ଟନାୟକ କହିଛନ୍ତି, ଓଡ଼ିଶାର ବିଶିଷ୍ଟ ଐତିହାସିକ ପ୍ରଫେସର ନବୀନ କୁମାର ସାହୁଙ୍କ ଦ୍ୱାରା ଲିଖିତ ପ୍ରାୟ ୬୦ ବର୍ଷ ତଳର ଗବେଷଣା ନିବନ୍ଧ 'ଓଡ଼ିଶାରେ ବୌଦ୍ଧଧର୍ମ' ପୁସ୍ତକରେ ଏ ସମ୍ପର୍କରେ ସମ୍ୟକ ତଥ୍ୟ ଓ ସୂଚନା ଦିଆଯାଇଥିଲା। କଲିକତା ବିଶ୍ୱବିଦ୍ୟାଳୟର ପାଲିଭାଷା ବିଭାଗର ତତ୍କାଳୀନ ମୁଖ୍ୟ ପ୍ରଫେସର ନଳିନାକ୍ଷ ଦତ୍ତ ତାଙ୍କ ଗବେଷଣାରେ ପଦ୍ମସମ୍ଭବଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିଭଳି ଗଜପତି ଜିଲାର ଜିରାଙ୍ଗଠାରେ ତିବ୍ବତୀୟମାନଙ୍କ ଦ୍ୱାରା ପ୍ରତିଷ୍ଠିତ ବୌଦ୍ଧବିହାର ପଦ୍ମସମ୍ଭବଙ୍କ ନାମରେ ନାମିତ ହୋଇଛି। ବୌଦ୍ଧଗୁରୁ ଦଲାଇଲାମାଙ୍କ ଦ୍ୱାରା ଏହାର ଉଦ୍‌ଘାଟନ ହେବା ପରେ ପଦ୍ମସମ୍ଭବଙ୍କ ସମ୍ପର୍କରେ ନୂଆ ତଥ୍ୟ ଲୋକଲୋଚନକୁ ଆସିଥିଲା। କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ଆନ୍ତର୍ଜାତିକ ବୌଦ୍ଧ ମହାସଂଘ ଓ ନବନାଳନ୍ଦା ବୌଦ୍ଧ ମହାବିହାର (ନାଳନ୍ଦା ବିଶ୍ୱବିଦ୍ୟାଳୟ) ପକ୍ଷରୁ ବିଶ୍ୱବିଦ୍ୟାଳୟରେ 'ଗୁରୁ ପଦ୍ମସମ୍ଭବଙ୍କ ଜୀବନ ଓ ଉତ୍ତର ପରମ୍ପରାର ଉନ୍ମୋଚନ' ଶୀର୍ଷକ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟତଃ ପଦ୍ମସମ୍ଭବଙ୍କ ଜୀବନୀ, ଦର୍ଶନ, ତତ୍ତ୍ୱ, ତାଙ୍କ ଶିକ୍ଷା, ତାନ୍ତ୍ରିକ ବୌଦ୍ଧଧର୍ମ, ଦେବତା ଯୋଗ ଇତ୍ୟାଦି ଉପରେ ଭାରତ ସମେତ ଶ୍ରୀଲଙ୍କା, ଭୁଟାନ, ରୁଷିଆ, ତିବ୍ବତରୁ ଯୋଗଦେଇଥିବା ଶତାଧିକ ବୌଦ୍ଧ ଗବେଷକ, ବୌଦ୍ଧଶ୍ରମଣ ଓ ଐତିହାସିକମାନେ ଆଲୋଚନା କରିଥିଲେ।


ବୌଦ୍ଧଗୁରୁ ପଦ୍ମସମ୍ଭବ

> **ନାଳନ୍ଦା ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀରେ ଗବେଷକଙ୍କ ମତ**

ଅନ୍ୟତମ ଗବେଷକ ତଥା ଲେଖକ ସୁନୀଲ କୁମାର ପଟ୍ଟନାୟକ ମଧ୍ୟ ନିଜ ନିବନ୍ଧ ପାଠ କରିଥିଲେ। ଯାଜପୁର ଜିଲାର 'ହୀରକ ତ୍ରିଭୁଜ' ବୌଦ୍ଧ ସର୍କିଟ ଅନ୍ତର୍ଗତ ଲଳିତଗିରି, ରତ୍ନଗିରି, ଉଦୟଗିରି ଭିତରୁ ପ୍ରଥମେ ଲଳିତଗିରି ବୌଦ୍ଧବିହାରର ଲଣ୍ଡା ପାହାଡ଼ ଶୀର୍ଷରେ ଥିବା ବୌଦ୍ଧସ୍ତୂପରୁ ବିରଳ 'ରେଲିକ୍ସ କାସ୍‌କେଟ୍' ଆବିଷ୍କୃତ ହୋଇଥିଲା। ସେହିଭଳି ୧୯୮୫ରେ ଏଏସ୍‌ଆଇ ପକ୍ଷରୁ ଉଦୟଗିର ଖନନ ହୋଇ ମାଧବପୁର ବୌଦ୍ଧ ମହାବିହାରର ସନ୍ଧାନ ମିଳିଥିଲା। ଏହି 'ଜଟାମୁକୁଟ-ଲୋକେଶ୍ୱର'ମହାକରୁଣା ମୂର୍ତ୍ତିର ପଛପାର୍ଶ୍ୱରେ ଏହି ଶିଳାଲେଖ ଲିପିବଦ୍ଧ ହୋଇଥିବା ଜଣାପଡ଼ିଛି। ମୂର୍ତ୍ତିଟିର ତଳଭାଗରେ ତାରା ଓ ହୟଗ୍ରୀବଙ୍କ ପ୍ରତିମା ରହିଥିବାବେଳେ ଉପରିଭାଗରେ ସୁଧାନକୁମାର ଓ ଭୃକୁଟିଙ୍କ କ୍ଷୁଦ୍ର ପ୍ରତିମା ମଧ୍ୟ ରହିଛି। ବୌଦ୍ଧପୀଠ ଉଦୟଗିରି ସମେତ ଲଳିତଗିରି, ରତ୍ନଗିରି, ଲାଙ୍ଗୁଡ଼ି ଉପରେ ନୂଆ ନୂଆ ଗବେଷଣାର ଦିଗନ୍ତ ଏହି ପୀଠର ଅନାଲୋଚିତ ଅଧ୍ୟାୟ ଉପରୁ ପରଦା ଉଠାଇବାରେ ବିଶେଷ ସାହାଯ୍ୟ କରିବ ବୋଲି ଯାଜପୁର ଜିଲା ସଂସ୍କୃତି ପରିଷଦର ସଦସ୍ୟ ଶୁଭେନ୍ଦୁ କୁମାର ଭୂୟାଁ କହିଛନ୍ତି।

# ଖଣି ଅଞ୍ଚଳରେ ବାଘ ଆତଙ୍କ

ଯୋଡ଼ା,୩୧।୮
(ମାନସ ମହାନ୍ତି)


ଭାଇରାଲ ଭିଡିଓରେ ଦୃଶ୍ୟମାନ ହେଉଥିବା ବାଘ।

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ବାଘ ଆତଙ୍କ ଦେଖାଯାଇଛି। ଗତ ୨ ଦିନ ହେଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଗୁଆଲି ଅଞ୍ଚଳରେ ଥିବା ଏକ ଖଣିରେ ବାଘ ବୁଲୁଥିବାର ଭିଡିଓ ଭାଇରାଲ ହେଉଛି। ପରେ ବାଘକୁ ନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ମୁଖ୍ୟତଃ ଗୁଆଲି, କେନ୍ଦୁଡ଼ିହୀ, ଗନ୍ଧଲପଦା ପ୍ରଭୃତି ଅଞ୍ଚଳରେ ଏହି ଭାଇରାଲ ଭିଡିଓକୁ ଦେଖି ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ବନ ବିଭାଗ ବାଘ ଦେଖାଯାଇଥିବା ଖଣିକୁ ପରିଦର୍ଶନରେ ଯାଇ ନ ଥିବା ଜଣାପଡ଼ିଛି। ଖଣି ଅଞ୍ଚଳରେ ବାଘଟି ବୁଲୁଥିବା ସିସି କ୍ୟାମେରାରେ ଆବଦ୍ଧ ହୋଇଥିବା ପରି ଭାଇରାଲ ଭିଡିଓରୁ ଜଣାପଡୁଛି। କେନ୍ଦୁଝର ଡିଏଫ୍‌ଓ ଏଚ୍.ଡି. ଧନ୍‌ରାଜ କହିଛନ୍ତି, ବନ ବିଭାଗ ଏ ଦିଗରେ ସମ୍ପୂର୍ଣ୍ଣ ଭାବେ ଅବଗତ ଅଛି। ଏହା କଲରାପତରିଆ ବାଘ ଭଳି ସିସିଟିଭି ଫୁଟେଜ୍‌ରୁ ଦୃଶ୍ୟମାନ ହେଉଛି। ଏହା ସୁନ୍ଦରଗଡ଼ ଜିଲା କୋଇଡ଼ା ଅଞ୍ଚଳର ବି ହୋଇଥାଇପାରେ। ସ୍ଥାନୀୟ ବନ କର୍ମଚାରୀଙ୍କୁ ଯୋଗାଯୋଗ କରାଯାଇ ତଦନ୍ତ ଚାଲିଛି।


**OFFICE OF THE MUNICIPAL COUNCIL : BALANGIR**
Address : Office of the Balangir Municipal Council Balangir, Opp. of Rajendra Park Balangir, PIN : 767001, Ph. No. : 06652 232720,
Email ID : bgrmc1972@gmail.com

Letter No. : 3307 Date : 28.08.2024

**NOTICE FOR CANCELLATION OF REQUEST FOR PROPOSAL**

No.C-510: The Request for Proposal (RFP) Letter No. 3269/Dt. 23.08.2024 of Balangir Municipality for the work "Request Proposal for providing Sanitation Services in the designated zones under Balangir Municipality" is hereby cancelled due to some technical issue.
The new RFP for above work will be published soon.

OIPR-13169/11/0010/2425 Sd./- Executive Officer, Balangir Municipality


# ସମ୍ପର୍କ ସେତୁ ଲୋକାର୍ପିତ

- ଭିଡିଓ କନ୍‌ଫରେନ୍ସିଂରେ ଲୋକାର୍ପଣକଲେ ମୁଖ୍ୟମନ୍ତ୍ରୀ
- ୩ ୱାର୍ଡ ଯୋଗାଯୋଗର ମୁଖ୍ୟ ମାଧ୍ୟମ ସାଜିବ


ନଗରପାଳ ଫିତାକାଟି ସମ୍ପର୍କ ସେତୁର ଲୋକାର୍ପଣ କରୁଛନ୍ତି।

ବାରିପଦା, ୩୧।୮
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହରସ୍ଥିତ ଶୁକଯୋଡ଼ା ନାଳରେ ନୂତନ ପୋଲ 'ସମ୍ପର୍କ ସେତୁ' ଶନିବାର ଲୋକାର୍ପିତ ହୋଇଯାଇଛି। ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନ୍‌ଫରେନ୍ସ ଜରିଆରେ ଲୋକାର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମେତ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ବିଧାୟକ ପ୍ରକାଶ ସୋରେନ ଭିଡିଓ କନ୍‌ଫରେନ୍ସରେ ଉତ୍ସବରେ ଯୋଗଦେଇ ୱାର୍ଡ ନଂ. ୧୯, ୧୭ ଓ ୩ ଅଞ୍ଚଳବାସୀଙ୍କ ଅନେକ ଦିନର ଦାବିପୂରଣ ହୋଇଛି। ସେତୁ ୩ ୱାର୍ଡ ମଧ୍ୟରେ ଯୋଗାଯୋଗର ମୁଖ୍ୟ ମାଧ୍ୟମ ସାଜିବ ବୋଲି କହିଥିଲେ। ପରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଫିତା କାଟିଥିଲେ। ସଭାରେ ଉପନଗରପାଳ ସୀମା ଦାସ, କାର୍ଯ୍ୟନିର୍ବାହୀ ଅଧିକାରିଣୀ ମଧୁସ୍ମିତା ସାମନ୍ତରାୟ ଏବଂ ୱାର୍ଡ କାଉନ୍‌ସିଲରମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶୁକଯୋଡ଼ା ନାଳରେ ରାଜାରାଜୁଡ଼ା ଅମଳର ପୁରାତନ ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ଗତ ଫାଇଲିନ୍ ବାତ୍ୟାରେ ପୋଲର ତଳ ଅଂଶ ଭାଙ୍ଗିଯାଇଥିଲା। ନାଳ ଉପରେ ନିର୍ମିତ କଲଭର୍ଟରେ ଭୀଷଣ ବର୍ଷା ହେଲେ ଜଳ ପ୍ରବାହିତ ହୋଇ ଗମନାଗମନରେ ବାଧା ସୃଷ୍ଟି କରୁଥିଲା। ପୂର୍ବରୁ ବନ୍ୟାଜଳ ପ୍ରବାହିତ ସମୟରେ ଉକ୍ତ ସ୍ଥାନରେ ଜଣେ ବ୍ୟକ୍ତି ଭାସିଯାଇ ମୃତ୍ୟୁବରଣ କରିଥିଲେ। ନୂତନ ପୋଲ ନେଇ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିଥିଲେ। ସ୍ଥାନୀୟ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ନୂତନ ପୋଲ ସମେତ ଆପ୍ରୋଚ୍ ରାସ୍ତା ନିର୍ମାଣ ପାଇଁ ବାରିପଦା ପୌରପାଳିକା ପକ୍ଷରୁ ୭୧ଲକ୍ଷ ୪୪ ହଜାର ଟଙ୍କାର ଅଟକଳ ଅନୁମୋଦନ କରାଯାଇଥିଲା। ଏନେଇ ନଗରପାଳ ଗତ ମାର୍ଚ୍ଚ ୧୦ରେ ଶିଳାନ୍ୟାସ କରିଥିଲେ। ଉକ୍ତ ପୋଲ ୱାର୍ଡ ନମ୍ବର ୧୯, ୧୭ ଓ ୩ର ମୁଖ୍ୟ ସଂଯୋଗର ମାଧ୍ୟମ। ତେଣୁ ଏହାର ନାମ ସମ୍ପର୍କ ସେତୁ ରଖାଯାଇଛି। କାର୍ଯ୍ୟକ୍ରମରେ ୱାର୍ଡ କାଉନ୍‌ସିଲର ଦିଗ୍‌ବିଜୟ ହାଁସଦା, କରୁଣାକର ହେମ୍ବ୍ରମ, ରାଜ ଗୁପ୍ତା, ପୌର ନିର୍ବାହୀଯନ୍ତ୍ରୀ ସଚ୍ଚିଦାନନ୍ଦ ଶତପଥୀ, ବିଭାଗୀୟ ଯନ୍ତ୍ରୀ, କର୍ମଚାରୀମାନଙ୍କ ସମେତ ୱାର୍ଡର ଜନସାଧାରଣ ଉପସ୍ଥିତ ରହିଥିଲେ।


**OFFICE OF THE EXECUTIVE ENGINEER BHUBANESWAR (R&B) DIVISION NO II BHUBANESWAR**
eerb2_bbsr@yahoo.com

**INVITATIONS FOR BIDS THROUGH e-Procurement**
Bid Identification No. - C.C. (R&B)-02
e-Procurement Notice No. 14 of 2024-25

No.B-204 : The Executive Engineer, Bhubaneswar (R&B) Division No-II, Bhubaneswar on behalf of the Governor of Odisha invites percentage rate bids for the work : **"SITC of LED signboard (Odia letter and English letter) including all accessories at Dist. Judicial Complex, Khordha, Bhubaneswar."** to be received in online bidding, Single cover system as detailed in : https://tendersorissa.gov.in. The details of bid documents will be available in the above website from **31.08.2024 to 5.00 P.M. of 08.09.2024**. The bidders must possess compatible Digital Signature Certificate of Class II or III. Bids received online shall be opened at **11.30 A.M. of 09.09.2024** in the Office of the Executive Engineer, Bhubaneswar (R&B) Division No-II, Bhubaneswar. Further details can be seen from the e-procurement portal **www.tendersorissa.gov.in**.
Addendum / Corrigendum, if required, will be available only in the Website.

Sd./- Executive Engineer, BBSR (R&B) Division No. II, BBSR
OIPR-34088/11/0004/2425



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR, (ZILLA SWASTHYA SAMITI, KEONJHAR)**

Advt. Letter No. 3727 Date : 29.08.2024

**CORRIGENDUM NOTICE**

No.E-257 : In persuance to this Office Advt. No. 3678 dt. 27.08.2024, which was published in daily two odia newspaper "Samaj" & "Dharitri" on dt.29.08.2024 & the recruitment details was uploaded in the District Portal website on dt.28.08.2024 related to In-house recruitment of various post under NHM of Keonjhar district. Now the Corrigendum is being issued in accordance to Letter No. 3400 dt. 14.03.2024 of Joint Director (Admn.), NHM, Odisha that the post of Physiotherapist-IPU (Sl. No. 7) of previous advertisement is hereby cancelled. All other terms and conditions of the said Advertisement is remain unchanged.

Sd./- Chief District Medical & Public Health Officer, Keonjhar
OIPR-10033/11/0007/2425



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୬୫ ତା:୨୭।୦୮।୨୦୨୪

**ବିଜ୍ଞାପନ**

No. CAD-979: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍‌ଆଇଜି–୫୨୩ (LIG-523), ଏଲ୍‌ଆଇଜି ହାଉସିଂ ପ୍ରକଳ୍ପ, ପ୍ରଶାନ୍ତି ବିହାର, ପଟିଆ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଧୀରେନ୍ଦ୍ର କୁମାର ସ୍ୱାଇଁ, ପିତା: ୰ ବଟକୃଷ୍ଣ ସ୍ୱାଇଁ, ଗ୍ରାମ/ପୋ: ଜହ୍ନିମୂଳ, ଥାନା: ଡେରାବିସ, ଜିଲ୍ଲା: କେନ୍ଦ୍ରାପଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଧୀରେନ୍ଦ୍ର କୁମାର ସ୍ୱାଇଁ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ବଙ୍କି କୁମାର ସାହୁ, ପିତା: ବିଷ୍ଣୁ ଚରଣ ସାହୁ, ଗ୍ରାମ: ସି–୯୧, ଗାଡ଼କଣ, ତଳସାହି, ପୋ/ଥାନା: ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0233/2425



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୫୯ ତା:୨୦।୦୮।୨୦୨୪

**ବିଜ୍ଞାପନ**

No. CAD-988: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍‌ଡି/ଏଲ୍–୪୯ (LD/L-49), ସାନସାଠିଏବାଟିଆ, ଢେଙ୍କାନାଳ ଗୃହ ନିର୍ମାଣ ପ୍ରକଳ୍ପରେ ସୁରେନ୍ଦ୍ର କୁମାର ମହାନ୍ତି, ପିତା: ୰ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସା: ନୂଆଗାଁ, ପୋ: ନଅମୌଜା, ଥାନା: ଆଳି, ଜିଲ୍ଲା: କେନ୍ଦ୍ରାପଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ସୁରେନ୍ଦ୍ର କୁମାର ମହାନ୍ତି ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଅମର କୁମାର ମଲ୍ଲିକ, ପିତା: ପିତବାସ ମଲ୍ଲିକ, ସା: ଦିଘି, ଥାନା: କାମାକ୍ଷାନଗର, ଜିଲ୍ଲା: ଢେଙ୍କାନାଳଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0243/2425


# ବାର୍ଡ ଫ୍ଲୁ ସଂକ୍ରମିତ କୁକୁଡ଼ା ଖାଇ ମରୁଛନ୍ତି କାଉ

ବଲଙ୍ଗା,୩୧।୮
(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅଧୀନ କୋଠକୁସାଙ୍ଗ ଗ୍ରାମରେ ବାର୍ଡ ଫ୍ଲୁ ସଂକ୍ରମିତ କୁକୁଡ଼ା ଖାଇ କାଉ ମରୁଥିବା ଦେଖିବାକୁ ମିଳିଛି। ଶନିବାର ନୂଆସନ୍ଧ ପଞ୍ଚାୟତ ଅଫିସଠାରେ ପ୍ରାଣୀ ସମ୍ପଦ ପକ୍ଷରୁ ଏକ ସେଣ୍ଟର କରାଯାଇ ୧୦ଟି ଟିମ୍ ଗଠନ ହୋଇ ଉକ୍ତ ପଞ୍ଚାୟତରେ ରହି ବାର୍ଡ ଫ୍ଲୁ ସଂକ୍ରମିତ ବିଭିନ୍ନ ଗ୍ରାମ ବୁଲି ସ୍ଥିତି ଅନୁଧ୍ୟାନ କରିବେ ବୋଲି ସୂଚନା ମିଳିଛି। ପୂର୍ବରୁ ଅଞ୍ଚଳରେ ଥିବା ବିଭିନ୍ନ ଫାର୍ମରେ କୁକୁଡ଼ା ମଡ଼କ ଦେଖାଦେଇଥିଲାବେଳେ ଫାର୍ମ ମାଲିକ ସେମାନଙ୍କୁ ରାସ୍ତାପାର୍ଶ୍ୱ, କେନାଲ ଓ ନଦୀରେ ଫିଙ୍ଗି ଦେଉଥିଲେ। ତେଣୁ ପ୍ରାଣୀ ସମ୍ପଦ ବିଭାଗ ଏଭଳି ନ କରିବାକୁ ପରାମର୍ଶ ଦେଇଛି। କିନ୍ତୁ ଏବେ ଫ୍ଲୁ ସଂକ୍ରମିତ କୁକୁଡ଼ାଙ୍କୁ କାଉ, ବୁଲା କୁକୁର ଖାଇ ସଂକ୍ରମଣର ଶିକାର ହେଉଥିବା ଅଞ୍ଚଳବାସୀ କହିଛନ୍ତି। କୋଠକୁସାଙ୍ଗ ଗ୍ରାମର ମନ୍ଦିର ଓ ବିଭିନ୍ନ ଜାଗାରେ କାଉ ମରିପଡ଼ିଥିବା ଦେଖିବାକୁ ମିଳିଛି। ଆଉ ମଧ୍ୟ କେତେଗୁଡ଼େ କାଉ ତଳେ ପଡ଼ି ଉଡ଼ି ପାରୁ ନ ଥିବାବେଳେ ପ୍ରତ୍ୟେକ ଦିନ ୨/୪ କାଉ ମରୁଥିବା ଅଞ୍ଚଳବାସୀ କହୁଛନ୍ତି। ଏହିଭଳି ଘଟଣା ଦ୍ୱାରା ବାର୍ଡ ଫ୍ଲୁର ଆତଙ୍କରେ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ସ୍ଥାନୀୟ ପ୍ରାଣୀ ଚିକିତ୍ସା ଅଧିକାରୀ ଉମାଶଙ୍କର ମିଶ୍ରଙ୍କୁ ଏହି ବାବଦରେ ପଚାରିବାରେ, ସେ ଏ ବିଷୟରେ କିଛି କହିପାରିବେନି ବୋଲି କହିଥିଲେ। ସରକାର ଏଥିପ୍ରତି ଧ୍ୟାନ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

**NIT No.34/OMC/CIVIL/2024**

No.CAD-994: Tender for the following works are invited on-line through e-procurement portal of Govt. of Odisha.

| Sl. No. | Name of the work | Time period of the work (in month) | EMD online (In Rupees) | Cost of Bid document (Rs.) Online |
|---|---|---|---|---|
| 1 | Installation of automated water sprinkling system at both side of Railway Siding of Jhilling Mines in the district of Keonjhar along with 05 years operation and maintenance contract. | 06 (Six) | 1,83,800/- | 10,000/- +18% GST |
| 2 | Construction of 100 KLD Effluent Treatment Plant (ETP) with installation of one number of borewell at Jhilling Mines of Barbil Region in the district of Keonjhar. | 06 (Six) | 37,500/- | 6,000/- +18% GST |
| 3 | Installation, testing and commissioning of 55 KLD STP in MBBR technology at Gandhamardan Iron Ore Mines in the district of Keonjhar along with 05 years operation and maintenance contract. | 06 (Six) | 64,000/- | 10,000/- +18% GST |

1. Availability of Bid document in Govt. portal from dt. 06.09.2024 to 20.09.2024 up to 5.00 PM.
2. Last date of on-line submission of tender in the portal is dt. 20.09.2024 up to 5.00 PM.
3. Date of opening of Technical Bid is dt. 21.09.2024 at 11.00 AM.
All other details can be seen from bid documents available at Govt. web site www.tendersodisha.gov.in. Odisha Mining Corporation Ltd. reserves the right to reject any or all tenders without assigning any reason thereof.

OIPR-30005/11/0071/2425 Sd./- General Manager (Civil)



**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

**NIT No.33/OMC/CIVIL/2024**

No.CAD-995: Tender for the following works are invited on-line through e-procurement portal of Govt. of Odisha.

| Sl. No. | Name of the work | Estimated cost (In lakh) | Time period of the work (in month) | Class of Contractor | EMD online (IN Rupees) | Cost of Bid document (Rs.) |
|---|---|---|---|---|---|---|
| 1 | Construction of Combined sewage system (Zone-2) at Kaliapani in the dist of Jajpur | 300.63 | 06 (Six) | A | 3,00,700/- | 10,000/- +18% GST |
| 2 | Construction of Combined sewage system (Zone-1) at Kaliapani in the dist of Jajpur | 288.14 | 06 (Six) | B & A | 2,88,200/- | 10,000/- +18% GST |
| 3 | Repair and renovation to toilets, water supply line, Plant boundary wall and Provision of paver block along with concrete drain at Ferro Chrome Plant OMC at JK Road in the district of Jajpur | 195.03 | 06 (Six) | B & A | 1,95,100/- | 10,000/- +18% GST |
| 4 | Repair and heightening of compound wall surrounding OMC colony area at Central Township Kaliapani in the dist of Jajpur. | 92.28 | 04 (Four) | B | 92,300/- | 10,000/- +18% GST |
| 5 | Provision of Barbed wire fencing for safety zone from pillar No. 63 to 69 and around Office area of Banspani Mines of Barbil Region in the district of Keonjhar. | 14.35 | 04 (Four) | D & C | 14,400/- | 6,000/- +18% GST |
| 6 | Construction of Security Barrack (G+3) at Dubna Mines of Barbil Region in the district of Keonjhar. | 339.23 | 14 (Fourteen) | A | 3,40,000/- | 10,000/- +18% GST |

1. Availability of Bid document in Govt. portal from dt. 06.09.2024 to 20.09.2024 up to 5.00 PM.
2. Last date of on-line submission of tender in the portal is dt. 20.09.2024 up to 5.00 PM.
3. Date of opening of Technical Bid is dt. 21.09.2024 at 11.00 AM.
All other details can be seen from bid documents available at Govt. web site www.tendersodisha.gov.in. Odisha Mining Corporation Ltd. reserves the right to reject any or all tenders without assigning any reason thereof.

OIPR-30005/11/0072/2425 Sd./- General Manager (Civil)



DSPL-93
**ଭୁବନେଶ୍ୱର ମହାନଗର ନିଗମ**
ତା.୩୧.୦୮.୨୦୨୪

**ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଭୁବନେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛୁ।**
**"ଆସନ୍ତୁ ପରସ୍ପର ସହଯୋଗରେ ଆମ ଭୁବନେଶ୍ୱରର ପ୍ରଗତିକୁ ଆଗେଇ ନେବା"**
**ଭୁବନେଶ୍ୱର ମହାନଗର ନିଗମର ମୂଳମନ୍ତ୍ର :- ସହଭାଗୀତା ମାଧ୍ୟମରେ ପ୍ରଗତି**

**-:କାର୍ଯ୍ୟସୂଚୀ:-**

**ପୂର୍ବାହ୍ନ ଅଧିବେଶନ (ସକାଳ)**
ଘ. ୭.୩୦ ମିନିଟ : ବିଏମ୍‌ସି ମୁଖ୍ୟାଳୟ ସମ୍ମୁଖରେ ପତାକା ଉତ୍ତୋଳନ
ଘ. ୮.୧୫ ମିନିଟ : ଆଶ୍ରୟ ସ୍ଥଳି ଗୁଡିକରେ ପୋଷାକ ଓ ଫଳ ବଣ୍ଟନ
**ମଧ୍ୟାହ୍ନ ଅଧିବେଶନ**
ଘ.୧୨.୩୦ ମିନିଟ୍ : ବିଏମ୍‌ସି କାର୍ଯ୍ୟାଳୟରେ ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ

**ଆମନ୍ତ୍ରିତ ଅତିଥି ବୃନ୍ଦ**
**ଶ୍ରୀମତୀ ଅପରାଜିତା ଷଡଙ୍ଗୀ**
ମାନନୀୟା ସାଂସଦ, ଭୁବନେଶ୍ୱର
**ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା**
ମାନ୍ୟବର ବିଧାୟକ, ମଧ୍ୟ ଭୁବନେଶ୍ୱର
**ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ**
ମାନ୍ୟବର ବିଧାୟକ, ଉତ୍ତରଭୁବନେଶ୍ୱର
**ଶ୍ରୀଯୁକ୍ତ ବାବୁ ସିଂ**
ମାନ୍ୟବର ବିଧାୟକ, ଏକାମ୍ର ଭୁବନେଶ୍ୱର
**ଶ୍ରୀଯୁକ୍ତ ବିଭୁତି ଭୂଷଣ ବଳବନ୍ତରାୟ**
ମାନ୍ୟବର ବିଧାୟକ, ଜଟଣୀ
**ଶ୍ରୀମତୀ ସୁଲୋଚନା ଦାସ**
ମାନନୀୟା ମେୟର, ଭୁବନେଶ୍ୱର ମହାନଗର ନିଗମ
**ଶ୍ରୀମତୀ ମଂଜୁଲତା କହଁର**
ମାନନୀୟା ଡେପୁଟି ମେୟର, ଭୁବନେଶ୍ୱର ମହାନଗର ନିଗମ
ଏବଂ
ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ /ଅଧ୍ୟକ୍ଷା, କର୍ପୋରେଟର ଓ କର୍ମଚାରୀବୃନ୍ଦ, ଭୁବନେଶ୍ୱର ମହାନଗର ନିଗମ

ତା ୦୨-୦୯-୨୦୨୪ ରିଖ ଏବଂ ତା ୦୩-୦୯-୨୦୨୪ ରିଖ
ଭୁବନେଶ୍ୱର ମହାନଗର ନିଗମ ରିକ୍ରେସନ କ୍ଲବ ସଦସ୍ୟଙ୍କ ଦ୍ୱାରା ପରିବେଷଣ ହେବ
ନାଟକ: **ସତ୍ୟ ଶିବ ସୁନ୍ଦର**
ସ୍ଥାନ: ରବୀନ୍ଦ୍ର ମଣ୍ଡପ ସମୟ: ସଂଧ୍ୟା ୬.୩୦ ଘଟିକା

**ସାଂଧ୍ୟ ଅଧିବେଶନ**
ସ୍ଥାନ : ଜୟଦେବ ଭବନ
ଘ. ୫.୩୦ : ସାଧାରଣ ସଭା
ଘ. ୬.୦୦ : ବିଭିନ୍ନକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତି ବିଶେଷ/ଅନୁଷ୍ଠାନଙ୍କୁ ସମ୍ବର୍ଦ୍ଧିତ ଏବଂ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ।

**ମୁଖ୍ୟ ଅତିଥି**
**ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର**
ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡିଶା ସରକାର

**ସମ୍ମାନିତ ଅତିଥି ବୃନ୍ଦ**
**ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ**
ମାନ୍ୟବର ମନ୍ତ୍ରୀ, ଅବକାରୀ, ଆଇନ ଓ ପୂର୍ତ୍ତ ବିଭାଗ, ଓଡ଼ିଶା ସରକାର
**ଶ୍ରୀମତୀ ଅପରାଜିତା ଷଡଙ୍ଗୀ**
ମାନନୀୟା ସାଂସଦ, ଭୁବନେଶ୍ୱର
**ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା**
ମାନ୍ୟବର ବିଧାୟକ, ମଧ୍ୟ ଭୁବନେଶ୍ୱର
**ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ**
ମାନ୍ୟବର ବିଧାୟକ, ଉତ୍ତର ଭୁବନେଶ୍ୱର
**ଶ୍ରୀଯୁକ୍ତ ବାବୁ ସିଂ**
ମାନ୍ୟବ ରବିଧାୟକ, ଏକାମ୍ର ଭୁବନେଶ୍ୱର
**ଶ୍ରୀଯୁକ୍ତ ବିଭୁତି ଭୂଷଣ ବଳବନ୍ତରାୟ**
ମାନ୍ୟବର ବିଧାୟକ, ଜଟଣୀ
**ଶ୍ରୀମତୀ ସୁଲୋଚନା ଦାସ**
ମାନନୀୟା ମେୟର, ଭୁବନେଶ୍ୱର ମହାନଗର ନିଗମ
**ଶ୍ରୀମତୀ ମଂଜୁଲତା କହଁର**
ମାନନୀୟା ଡେପୁଟି ମେୟର, ଭୁବନେଶ୍ୱର ମହାନଗର ନିଗମ
**ଶ୍ରୀଯୁକ୍ତ ମିହିର କୁମାର ରାଉତ**
ଅଧ୍ୟକ୍ଷ, ସାଂସ୍କୃତିକ ଷ୍ଟାଣ୍ଡିଂକମିଟି, ଭୁବନେଶ୍ୱର ମହାନଗର ନିଗମ
ଏବଂ
ସମସ୍ତ ଷ୍ଟାଣ୍ଡିଂକମିଟିର ଅଧ୍ୟକ୍ଷ /ଅଧ୍ୟକ୍ଷା, କର୍ପୋରେଟର ଓ କର୍ମଚାରୀବୃନ୍ଦ, ଭୁବନେଶ୍ୱର ମହାନଗର ନିଗମ

**କମିଶନର, ଭୁବନେଶ୍ୱର ମହାନଗର ନିଗମ** OIPR-13002/13/0063/2425 **ମେୟର, ଭୁବନେଶ୍ୱର ମହାନଗର ନିଗମ**

# ରାଜ୍ୟର ବିକାଶ କ୍ଷେତ୍ରରେ ବ୍ଲୁ ପ୍ରିଣ୍ଟର ଆବଶ୍ୟକ

## ୨ୟ ଦିନରେ ରିସର୍ଜେଣ୍ଟ ଓଡ଼ିଶା ୨୦୨୪




ଭୁବନେଶ୍ୱର, ୩୧।୮ (ଅଭୟ ଦାଶ)

ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ୍) ପକ୍ଷରୁ ଆୟୋଜିତ ୩ ଦିନିଆ ଗ୍ଲୋବାଲ୍ ଟ୍ରେଡ୍ ଶୋ' 'ରିସର୍ଜେଣ୍ଟ ଓଡ଼ିଶା ୨୦୨୪'ର ଦ୍ୱିତୀୟ ଦିନର କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ୨ୟ ଦିନରେ ବିଭିନ୍ନ କ୍ଷେତ୍ରକୁ ନେଇ ସ୍ୱତନ୍ତ୍ର ଅଧିବେଶନ ଓ ଆଲେଚନାଚକ୍ରର ଆୟୋଜନ କରାଯାଇଥିଲା। ଏପରିକି ରାଜ୍ୟର ବିକାଶ କ୍ଷେତ୍ରରେ ନୀଳନକ୍ସାର ଆବଶ୍ୟକତା ରହିଛି ବୋଲି ବିଭିନ୍ନ ଆଲୋଚନାରେ ସାମିଲ ଅତିଥି ଓ ଶିଳ୍ପ ବିଶେଷଜ୍ଞମାନେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ୨ୟ ଦିନରେ ପ୍ରତିରକ୍ଷା କ୍ଷେତ୍ରରେ ରହିଥିବା ବ୍ୟାପକ ସୁଯୋଗ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏହି ଅବସରରେ ଅବସରରେ ଇପିକଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କଲ୍ୟାଣ ମହାନ୍ତିଙ୍କ ସମେତ ଏରୋସ୍ପେସ୍‌ର ସିଇଓ ଗୁରୁ ବିଶ୍ୱାଳ, ହାଲ୍ (କୋରାପୁଟ) ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଧାଂଶୁ ମୋହନ ଜେନା, ଇନ୍‌ଫାଣ୍ଟ୍ରିର ପୂର୍ବତନ ଡିଜି ଲ୍ୟୁଟେନାଣ୍ଟ ଜେନେରାଲ ଏ. କେ. ସାମନ୍ତରା ଓ କରୋଜନ ପ୍ରୋଟେକ୍ସନର ଜ୍ଞାନରଞ୍ଜନ ମହାନ୍ତି ଯୋଗଦେଇଥିଲାବେଳେ ୟୁସିସିଆଇଏଲ୍‌ର ବ୍ରିଗେଡିୟର ଏଲ୍. ସି . ପଟ୍ଟନାୟକ ସଂଯୋଜକ ଭାବେ ଏହି ଅଧିବେଶନର ପରିଚାଳନା କରିଥିଲେ। ସେହିଭଳି ଓଡ଼ିଶାରେ ଲଜିଷ୍ଟିକ୍ସ ଓ ପରିବହନ ଭିତ୍ତିଭୂମି ସମ୍ପର୍କିତ ଆଲୋଚନାଚକ୍ରରେ ଯୋଗଦେଇ ଆଦାନୀ ପୋର୍ଟସ୍ ଆଣ୍ଡ ଏସ୍‌ଇଜେଡ୍‌ର ଗ୍ରୁପ୍ ଆଡଭାଇଜର ସୁବ୍ରତ ତ୍ରିପାଠୀ, ଆଇଆଇଟି ଖଡ଼ଗପୁରର ପୂର୍ବତନ ପ୍ରଫେସର ସୁରେଶ ମିଶ୍ର, ହଂଚ ମୋବିଲିଟି (ଆଭିଏସନ)ର ଏମ୍‌ଡି ଅମିତ ଦତ୍ତା ନିଜ ନିଜର ମତ ଉପସ୍ଥାପନ କରିଥିଲାବେଳେ ୟୁସିସିଆଇଏଲ୍‌ର ଜେ. କେ. ରଥ ଏହି ଅଧିବେଶନର ସଂଯୋଜନା କରିଥିଲେ। ସେହିପରି ନୂଆ ପିଢ଼ିର ଶିଳ୍ପ ଓ ରପ୍ତାନି ସମ୍ଭାବନା ଉପରେ ଆୟୋଜିତ ଆଲୋଚନାଚକ୍ରରେ ଆଇଆଇଟି ଭୁବନେଶରର ନିର୍ଦ୍ଦେଶକ ଶ୍ରୀପଦ କର୍ମାକର, ପିଡବ୍ଲ୍ୟୁସି ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ସୁଜୟ ସେଟ୍ଟୀ, ଡନ୍ ଆଣ୍ଡ ବ୍ରାଡସିଟର ଉପ ମୁଖ୍ୟ ସୌରଭ କିଶୋର ବକ୍ତାଭାବେ ଯୋଗଦେଇ ନିଜ ନିଜର ମତ ଉପସ୍ଥାପନ କରିଥିଲାବେଳେ ୟୁସିସିଆଇଏଲ୍‌ର ଏସ୍.ଏସ୍. ମହାନ୍ତି ସଂଯୋଜନା କରିଥିଲେ। ପରିଶେଷରେ ଡିଜିଟାଇଜେଶନ ଓ ଏଆଇ ଫୋକସ ଏମ୍‌ଏସ୍‌ଏମ୍‌ଇ ସହ ସହଜରେ ବ୍ୟବସାୟ କରିବା ଉପରେ ଏକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଏମ୍‌ଏସ୍‌ଏମ୍‌ଇର ଯୁଗ୍ମ ନିର୍ଦ୍ଦେଶକ ଡିଏଫ୍‌ଓ ପି. କେ. ଗୁପ୍ତା, ପିଡବ୍ଲ୍ୟୁସି (ଇଏସ୍‌ଡିଏମ୍) ନିର୍ଦ୍ଦେଶକ ରମେଶ କୁମାର, ଡନ୍ ଆଣ୍ଡ ବ୍ରାଡସିଟର ସେଲ୍ସ ନିର୍ଦ୍ଦେଶକ ଅଜୟ ମହସୁର . ଓ ଏସାର ମିନମେଟର ନିର୍ଦ୍ଦେଶକ ସଞ୍ଜୟ ପଟ୍ଟନାୟକ ବକ୍ତା ଭାବେ ଯୋଗଦେଇଥିଲେ। ୟୁସିସିଆଇଏଲ୍‌ର ସଞ୍ଜୀବ ମହାପାତ୍ର ଏହି ଅଧିବେଶନକୁ ପରିଚାଳନା କରିଥିଲେ।

# ପୋକୋ ପ୍ୟାଡ୍ ୫ଜି

ନୂଆଦିଲ୍ଲୀ,୩୧।୮ (ଅଭୟ ଦାଶ)

ଭାରତର ଉପଭୋକ୍ତା ଟେକ୍ନୋଲୋଜି କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧିଶୀଳ ବ୍ରାଣ୍ଡ ପୋକୋର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ପୋକୋ ପ୍ୟାଡ୍ ୫ଜି ଟାବ୍‌ଲେଟ୍‌ର ବଜାର ପ୍ରବେଶ ଓ ବିକ୍ରୟ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଡିଭାଇସ୍ ୨.୫ କେ ରିଜୋଲ୍ୟୁଶନ ସହ ଏକ ଚମତ୍କାର ଭିଜୁଆଲ ଅନୁଭୂତି ଓ ୧୨୦ଏଚ୍‌ଜେଡ୍ ଆଡାପ୍ଟିଭସିଙ୍କ ରିଫ୍ରେଶ୍ ରେଟ୍ ପ୍ରଦାନ କରୁଛି। ଏପରିକି ସ୍ନାପଡ୍ରାଗନ ୭ଏସ୍ ଜେନ୍୨ ଦ୍ୱାରା ପରିଚାଳିତ ଏହି ପରବର୍ତ୍ତୀ ପିଢ଼ିର ପ୍ୟାଡ୍‌ରେ ୩୩ୱାଟ୍ ଫାଷ୍ଟ ଚାର୍ଜିଂ ସପୋର୍ଟ ସହ ଏକ ଶକ୍ତିଶାଳୀ ୧୦,୦୦୦ ଏମ୍‌ଏଏଚ୍ ବ୍ୟାଟେରି ସାମିଲ ରହିଛି। ଏହି ଡିଭାଇସ୍ ପୋକୋ ସ୍ମାର୍ଟପେନ୍, ପୋକୋ କି ବୋର୍ଡ ଓ ଏକ ବ୍ୟାକ୍ କେସ୍ ସହ ଆସୁଥିବାବେଳେ ଏହା ୨ବର୍ଷର ଆଣ୍ଡ୍ରଏଡ୍ ଅପ୍‌ଡେଟ୍ ଓ ୩ବର୍ଷର ସିକ୍ୟୁରିଟି ଅପ୍‌ଡେଟ୍ ପ୍ରଦାନ କରୁଛି। ସେହିପରି ପୋକୋ ପ୍ୟାଡ୍ ୫ଜି ଟାବ୍‌ଲେଟ୍ ପିସ୍ତାସିଓ ଗ୍ରୀନ୍ ଓ କୋବାଲ୍ଟ ବ୍ଲୁ ରଙ୍ଗରେ ଉପଲବ୍ଧ ହେଉଥିଲାବେଳେ ଏସ୍‌ବିଆଇ, ଏଚ୍‌ଡିଏଫ୍‌ସି ଓ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ମାଧ୍ୟମରେ ପେମେଣ୍ଟ କରୁଥିବା ଗ୍ରାହକମାନେ ୩୦୦୦ ଟଙ୍କାର ଏକ ରିହାତି ପାଇପାରିବେ।

# ଏସ୍‌ବିଆଇ ଲାଇଫ୍‌ର ନୂତନ ଅଭିଯାନ

ନୂଆଦିଲ୍ଲୀ,୩୧।୮ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଜୀବନ ବୀମା କମ୍ପାନୀ ଏସ୍‌ବିଆଇ ଲାଇଫ୍ ଇନ୍ସ୍ୟୁରାନ୍ସ (ଏସ୍‌ବିଆଇ ଲାଇଫ୍)ର ନୂତନ ଅଭିଯାନ ନ୍ୟୁ ଡିଜିଟାଲ ଫିଲ୍ମର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ପ୍ୟାରିସ୍‌ଠାରେ ଆୟୋଜିତ ପ୍ୟାରିସ୍ ପାରାଲିମ୍ପିକ୍-୨୦୨୪ରେ ଅଂଶଗ୍ରହଣ କରିଥିବା ଭାରତୀୟ କ୍ରୀଡ଼ାବିତ୍‌ଙ୍କୁ ସମର୍ଥନ କରିବା ତଥା ସେମାନଙ୍କ ଅସାଧାରଣ ପ୍ରତିଭାକୁ ସମ୍ମାନ ପ୍ରଦାନ କରିବାକୁ ଯାଇ ଏସ୍‌ବିଆଇ ଲାଇଫ୍ ପକ୍ଷରୁ ଏଭଳି ଏକ ଭିନ୍ନ ଧରଣର ସିନେମା କରାଯାଇଛି। ସେହିଭଳି ପାରା କ୍ରୀଡ଼ାବିତ (ଦୌଡ଼କୁଦ) ସିମ୍‌ରନ୍ ଶର୍ମା, (ପାୱାର ଲିଫ୍‌ଟର) ଅଶୋକ ମଲ୍ଲିକ ଓ (ସୁଟର) ମୋନା ଅଗ୍ରୱାଲଙ୍କ ଭଳି ଅସାଧାରଣ କ୍ରୀଡ଼ାବିତ୍‌ଙ୍କ ଅଦମ୍ୟ ସଂକଳ୍ପକୁ ନେଇ ଏକ ପ୍ରେରଣାଦାୟୀ କାହାଣୀ 'ଇରାଦେ'କୁ ଜୀବନ୍ତ କରିବାକୁ ଏହି ଅଭିଯାନ ବା ଡିଜିଟାଲ ସିନେମା ଜରିଆରେ ଲକ୍ଷ୍ୟ ରଖାଯାଇଛି।

ଏ ସମ୍ପର୍କରେ ଏସ୍‌ବିଆଇ ଲାଇଫ୍‌ର ବ୍ରାଣ୍ଡ, କର୍ପୋରେଟ୍ ଯୋଗାଯୋଗ ଓ ସିଏସ୍‌ଆର୍ ମୁଖ୍ୟ ରବୀନ୍ଦ୍ର ଶର୍ମା କହିଛନ୍ତି, ଆମେ ଏହି ନୂତନ ଅଭିଯାନର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଅନ୍ତର୍ଭୁକ୍ତୀକରଣ ଓ ସଫଳତା ହାସଲ କରିବାରେ ସହଯୋଗର ଗୁରୁତ୍ୱ ଜଣାଇବା ଲାଗି ନିର୍ଦ୍ଦିଷ୍ଟ ପାରା କ୍ରୀଡ଼ାବିତ୍‌ଙ୍କ କାହାଣୀକୁ ପ୍ରଚାରକରିବାକୁ ଆମେ ଲକ୍ଷ୍ୟ ରଖିଥିବାବେଳେ ଆମର ସେହି ବିଶ୍ୱାସ ହିଁ ଭାରତୀୟ ପାରାଲିମ୍ପିକ୍ କମିଟି ସହ ସହଭାଗିତାର ମୂଳରେ ରହିଛି। ବିଶେଷକରି ଏହା କେବଳ ମେଡାଲ ଜିତିବାର ଏକ ଯାତ୍ରା ନୁହେଁ ବରଂ ସ୍ୱପ୍ନର ଶକ୍ତି ଓ ସେହି ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବା ଲାଗି ପ୍ରିୟଜନଙ୍କ ଅତଟୁ ସମର୍ଥନକୁ ମଧ୍ୟ ଏହା ଦର୍ଶାଉଛି।

ଏପରିକି ସେମାନଙ୍କର ସେହି ଅତୁଟ ଭାବ ଏବଂ ପ୍ରିୟଜନଙ୍କ ଆବଶ୍ୟକତା ଓ ଅଭିଳାଷକୁ ସୁରକ୍ଷିତ ରଖି ସ୍ୱପ୍ନ ପୂରଣ କରିବାରେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆମ ବ୍ରାଣ୍ଡର ରହିଥିବା ଉଦ୍ଦେଶ୍ୟର ଏହା ହେଉଛି ସମ୍ପ୍ରସାରଣ। ସେମାନଙ୍କ ସ୍ୱପ୍ନକୁ ସାମ୍ନାକୁ ଆଣି ବହୁ କୋଟି ଲୋକଙ୍କୁ ଅନୁପ୍ରାଣିତ କରିବାକୁ ଆମେ ଲକ୍ଷ୍ୟ ରଖିଛୁ।

# କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡର ନୂଆ ସଫଳତା

ନୂଆଦିଲ୍ଲୀ,୩୧।୮ (ଅଭୟ ଦାଶ)

କ୍ରମାଗତ ଭାବେ ଘରୋଇ ବଜାରରେ କ୍ରେଡିଟ୍ କାର୍ଡ ଶିଳ୍ପରେ ଅଭିବୃଦ୍ଧି ଘଟିଛି। ଏପରିକି ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ଦେଶର ପ୍ରଥମ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡ ଭାବେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଦେଶବ୍ୟାପୀ ୫ନିୟୁତରୁ ଅଧିକ ଗ୍ରାହକଙ୍କୁ ବ୍ରାଣ୍ଡ ଏହି ଶିଳ୍ପରେ ସାମିଲ କରାଇଛି ବୋଲି ମୁମ୍ବାଇଠାରେ ଆୟୋଜିତ ଗ୍ଲୋବାଲ୍ ଫିନ୍‌ଟେକ୍ ଫେଷ୍ଟିଭାଲରେ କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ସେହିଭଳି ଏହା ଭିସା ଦ୍ୱାରା ପରିଚାଳିତ ଏବଂ ଦ୍ରୁତଗତିରେ ବୃଦ୍ଧି ପାଉଥିବା କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡ ମଧ୍ୟରୁ ଅନ୍ୟତମ ବୋଲି କୁହାଯାଉଛି, ଯେଉଁଥିରେ ସରଳ ଏବଂ ଅସୀମିତ କ୍ୟାଶ୍‌ବ୍ୟାକ୍, ଆଜୀବନ ମାଗଣା କାର୍ଡ, ୩୦ ମିନିଟ୍ ମଧ୍ୟରେ ଏକ ନିରବଚ୍ଛିନ୍ନ ଭିଡିଓ କେୱାଇସି ଏବଂ କାଗଜବିହୀନ ଅନ୍‌ବୋର୍ଡିଂ ସହ ତୁରନ୍ତ ଜାରି କରିବା ଆଦି ଅନ୍ୟାନ୍ୟ ସୁବିଧା ସାମିଲ ରହିଛି।

ଏ ସମ୍ପର୍କରେ ଆମାଜନ୍ ପେ'ର ନିର୍ଦ୍ଦେଶକ (କ୍ରେଡିଟ୍ ଆଣ୍ଡ ଲେଣ୍ଡିଂ) ମୟଙ୍କ ଜୈନ କହିଛନ୍ତି, ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ କିପରି ସମଗ୍ର ଭାରତରେ ଗ୍ରାହକଙ୍କ ମଧ୍ୟରେ ଆଦୃତି ଲାଭ କରିଛି, ତାହା ଦେଖି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଗ୍ରାହକମାନେ ଆମ ଉପରେ ରଖିଥିବା ବିଶ୍ୱାସକୁ ପ୍ରଶଂସା କରୁଛୁ ଏବଂ ଆମର ଅଫରଗୁଡ଼ିକୁ କ୍ରମାଗତ ଭାବରେ ନବୀକରଣ ଏବଂ ସମ୍ପ୍ରସାରଣ କରି ସେମାନଙ୍କ ଆର୍ଥିକ ଅଭିଜ୍ଞତାକୁ ବୃଦ୍ଧି କରିବାକୁ ଉତ୍ସର୍ଗୀକୃତ ରହିଛୁ। ଭିସା ଏବଂ ଆଇସିଆଇସିଆଇ ବ୍ୟାଙ୍କ ସହଯୋଗରେ ଆଗକୁ ଆହୁରି ସୁବିଧାଜନକ ଏବଂ ଲାଭଦାୟକ ଆର୍ଥିକ ସମାଧାନ ପ୍ରଦାନ କରିବାକୁ ଆମେ ଲକ୍ଷ୍ୟ ରଖୁଛୁ। ସେହିଭଳି ଆଇସିଆଇସିଆଇ ବ୍ୟାଙ୍କର ପ୍ରଡକ୍ଟ ହେଡ୍ (କାର୍ଡସ) ଅମରଜିତ ସିଂ ୱାଲିଆ କହିଛନ୍ତି, ଏହାର ଶୁଭାରମ୍ଭ ହେବା ପରଠାରୁ ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡକୁ ଦେଶର ଲକ୍ଷ ଲକ୍ଷ ଗ୍ରାହକଙ୍କଠାରୁ ଉତ୍ସାହଜନକ ପ୍ରତିକ୍ରିୟା ମିଳିଛି। ଏହି କାର୍ଡ ଅନେକ ମାଇଲଖୁଣ୍ଟି ଅତିକ୍ରମ କରିଛି।

ସେହିପରି ଭିସା ଇଣ୍ଡିଆ ଏବଂ ଦକ୍ଷିଣ ଏସିଆ ପାଇଁ ମର୍ଚ୍ଚାଣ୍ଟ ସେଲ୍ସ ଆଣ୍ଡ କୋବ୍ରାଣ୍ଡ ମୁଖ୍ୟ ଋଷି ଛାବ୍ରା କହିଛନ୍ତି, ଆମାଜନ ପେ ଏବଂ ଆଇସିଆଇସିଆଇ ବ୍ୟାଙ୍କ ସହ ଏହି ଯାତ୍ରାରେ ଅଂଶୀଦାର ହୋଇ ୫ନିୟୁତ କ୍ରେଡିଟ୍ କାର୍ଡ ଅତିକ୍ରମ କରି ଭିସା ଗର୍ବ ଅନୁଭବ କରୁଛି।

# ଅଶୋଧିତ ତୈଳ ଉପରେ ୱିଣ୍ଡଫଲ୍ ଟ୍ୟାକ୍ସ ହ୍ରାସ

ଭୁବନେଶ୍ୱର,୩୧।୮(ଅନୁରାଧା ମହାରଣା)

ଦେଶରେ ଉତ୍ପାଦିତ ଅଶୋଧିତ ତୈଳ ଉପରେ କେନ୍ଦ୍ର ସରକାର ୱିଣ୍ଡ ଫଲ୍ ଟ୍ୟାକ୍ସ ୧୧.୯% ହ୍ରାସ କରିଛନ୍ତି। ଯାହା ପୂର୍ବରୁ ଟନ ପିଛା ୨୧୦୦ ଟଙ୍କା ଥିଲା ବର୍ତ୍ତମାନ ତାହା ୧୮୫୦ଟଙ୍କାର ପହଞ୍ଚିଛି। ଏହି ରିହାତି ଶନିବାର ଠାରୁ କାର୍ଯ୍ୟକାରୀ ହୋଇଛି। ଏହି ଟ୍ୟାକ୍ସ ସ୍ୱତନ୍ତ୍ର ଅତିରିକ୍ତ ଏକ୍ସାଇଜ ଡ୍ୟୁଟି (ଏସ୍‌ଏଇଡି) ଆକାରରେ ଆଦାୟ କରାଯାଉଥିବାବେଳେ ଡିଜେଲ, ପେଟ୍ରୋଲ ଏବଂ ଜେଟ ଇନ୍ଧନ କିମ୍ବା ଏଟିଏଫ ରପ୍ତାନି ଉପରେ ଏହା ଶୂନ୍ୟ (୦) ରହିଛି। ଏହାପୂର୍ବରୁ ଅଗଷ୍ଟ ୧୬ ରେ ସରକାର ଅଶୋଧିତ ତୈଳ ଉପରେ ଏସ୍‌ଏଇଡି କିମ୍ବା ଟନ ପ୍ରତି ୫୪.୩ % ଅର୍ଥାତ୍ ୨,୧୦୦ ଟଙ୍କାକୁ ହ୍ରାସ କରିଥିବାବେଳେ ଡିଜେଲ ଏବଂ ଏଟିଏଫ ଉପରେ ଟିକସ ଶୂନରେ ଅପରିବର୍ତ୍ତିତ ରହିଥିଲା। ଏହି ପରି ଭାବରେ ଅଗଷ୍ଟ ମାସରେ ସରକାର ଦୁଇଥର ୱିଣ୍ଡଫଲ ଟ୍ୟାକ୍ସକୁ ପ୍ରାୟ ୬୦% ହ୍ରାସ କରିଛନ୍ତି।

# ରିଅଲ୍‌ମି ୧୩ ସିରିଜ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୩୧।୮ (ଅଭୟ ଦାଶ)

ଦେଶର ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ ତଥା ରିଅଲ୍‌ମିର ନୂତନ ଉତ୍ପାଦ ' ରିଅଲ୍‌ମି ୧୩ ସିରିଜ୍ ୫ଜି ଏବଂ ରିଅଲ୍‌ମି ବଡ୍ସ ଟି୦୧'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବ୍ରାଣ୍ଡର ନମ୍ବର ସିରିଜ୍‌ରେ ଏହା ନୂତନ ଯୋଗ ହୋଇଥିବାବେଳେ ଉଭୟ ରିଅଲ୍‌ମି ୧୩ ସିରିଜ୍ ୫ଜି ଏବଂ ରିଅଲ୍‌ମି ବଡ୍ସ ଟି୦୧ରେ ଅନେକ ପ୍ରକାର ସୁବିଧା ଓ ଫିଚି ସାମିଲ ରହିଛି। ରିଅଲ୍‌ମିର ପ୍ରବକ୍ତା କହିଛନ୍ତି, ଆମେ ଆମର ନୂତନ ଉତ୍ପାଦ (ରିଅଲ୍‌ମି ୧୩ ସିରିଜ୍ ୫ଜି)କୁ ଉନ୍ମୋଚନକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହା ଆମ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି। ଏହି ଉତ୍ପାଦ ଆମର ପୋର୍ଟଫୋଲିଓରେ କେବଳ ଆଉ ଏକ ଯୋଗ ନୁହେଁ ବରଂ ଏହା ଏକ ଗେମ୍-ଚେଞ୍ଜର । ଏହା ମଧ୍ୟମ ରେଞ୍ଜର ମୂଲ୍ୟ ବର୍ଗ ମଧ୍ୟରେ ଶକ୍ତିକୁ ପୁନଃ ବ୍ୟାଖ୍ୟା କରିବା,କାର୍ଯ୍ୟଦକ୍ଷତା ପାଇଁ ଏକ ନୂଆ ମାନକ ସ୍ଥିର କରିବା ପାଇଁ ଲକ୍ଷ୍ୟ ରଖିଛି।

# ସରକାରୀ ଖର୍ଚ୍ଚ କମିବାରୁ ଜିଡିପି ଅଭିବୃଦ୍ଧି ହ୍ରାସ

ଭୁବନେଶ୍ୱର,୩୧।୮(ଅନୁରାଧା ମହାରଣା)


ଶକ୍ତିକାନ୍ତ ଦାସ

■ଅଭିବୃଦ୍ଧି ତୁଳନାରେ ଅର୍ଥନୈତିକ ଅଭିବୃଦ୍ଧି ହାର କମ୍

■ଆସନ୍ତା ତ୍ରୈମାସରେ ଆର୍ଥିକ ଅଭିବୃଦ୍ଧି ହାର ଆର୍‌ବିଆଇର ୭.୨ ପ୍ରତିଶତ

ନିକଟରେ ପ୍ରକାଶିତ ଜିଡିପି ଆକଳନ ଯୋଗୁ ଚିନ୍ତାର ଲହରି ଖେଳିଯାଇଥିଲା। ଏପ୍ରିଲ-ଜୁନ୍ ତ୍ରୈମାସରେ ଅର୍ଥନୈତିକ ଅଭିବୃଦ୍ଧି ହାର ୧୫ ମାସ ମଧ୍ୟରେ ସର୍ବନିମ୍ନ ୬.୭ ପ୍ରତିଶତ ଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମଧ୍ୟ ଏହା ୭.୧ ପ୍ରତିଶତ ବୋଲି ଆକଳନ କରିଥିଲା। ତେବେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଶନିବାର କହିଛନ୍ତି, ଏହା ଚିନ୍ତାର ବିଷୟ ନୁହେଁ। ସରକାରୀ ଖର୍ଚ୍ଚ ହ୍ରାସ ହେତୁ ଅର୍ଥନୈତିକ ଅଭିବୃଦ୍ଧି ହାରରେ ଏହି ହ୍ରାସ ଘଟିଛି। ଦେଶରେ ଲୋକ ସଭା ନିର୍ବାଚନ ସମୟରେ ଲାଗୁ କରାଯାଇଥିବା ଆଚରଣ ବିଧି ଯୋଗୁ ଏହି ଖର୍ଚ୍ଚ ହ୍ରାସ ହୋଇଥିଲା ଏବଂ ଏହାର ପ୍ରଭାବ ଜିଡିପି ଉପରେ ଦେଖିବାକୁ ମିଳିଛି।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ଦ୍ୱାରା ପ୍ରକାଶିତ ତଥ୍ୟ ସମ୍ପର୍କରେ ଗଭର୍ନର ଦାସ କହିଛନ୍ତି, ଆମର ଅଭିବୃଦ୍ଧି ତୁଳନାରେ ଅର୍ଥନୈତିକ ଅଭିବୃଦ୍ଧି ହାର କମ୍ ରହିଛି। ଯଦି ଆମେ ବ୍ୟବହାର, ବିନିଯୋଗ, ଉତ୍ପାଦନ, ସେବା ଏବଂ ନିର୍ମାଣ ସମ୍ପର୍କିତ ତଥ୍ୟକୁ ଦେଖିବା, ତେବେ ସମସ୍ତେ ୭ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ହାସଲ କରିଛନ୍ତି। କେବଳ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଖର୍ଚ୍ଚ ହ୍ରାସ ଏବଂ କୃଷିର ଆକଳନ ଏହା ତଳେ ରହିଛି। ଏଭଳି ପରିସ୍ଥିତିରେ ଏହା ଚିନ୍ତାର ବିଷୟ ନୁହେଁ। ନିର୍ବାଚନ କାରଣରୁ ସରକାରୀ ଖର୍ଚ୍ଚ ହ୍ରାସ ପାଇଛି ଏବଂ ମେ-ଜୁନ୍ ମାସରେ ଚାଷ କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇଛି।

ସରକାରୀ ଖର୍ଚ୍ଚ ବୃଦ୍ଧି ସହ କୃଷିକ୍ଷେତ୍ରର ଗତି ତ୍ୱରାନ୍ୱିତ ହେବା ପରେ ପରିସ୍ଥିତି ବଦଳିଯିବ ବୋଲି ଦାସ କହିଛନ୍ତି। ଆଗାମୀ ତ୍ରୈମାସରେ ଏହି ସଂଖ୍ୟାରେ ଉନ୍ନତି ହେବା ନେଇ ସେ ଆଶା ପ୍ରକାଶ କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ କୃଷିକ୍ଷେତ୍ରରେ ମାତ୍ର ୨ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରାଯାଇଛି। ସେ କହିଛନ୍ତି , ଦେଶରେ ମୌସୁମୀ ବିସ୍ତାର ହେତୁ କୃଷିକ୍ଷେତ୍ର ମଧ୍ୟ ଗତି କରିବ। ଆସନ୍ତା ତ୍ରୈମାସରେ ଆର୍ଥିକ ଅଭିବୃଦ୍ଧି ହାର ଆର୍‌ବିଆଇର ୭.୨ ପ୍ରତିଶତ ଆକଳନଠାରୁ ଅଧିକ ହେବ।

## ଫୁରସତ୍

# ମହିଳାଙ୍କୁ ଧରାଇଦେଲେ ମିଳିବ ୨୫,୦୦୦ ଡଲାର

ୱାଶିଂଟନ୍


ସିଣ୍ଡି ରୋଡ୍ରିଗୁଏଜ୍ ସିଂ

ସିଣ୍ଡି ରୋଡ୍ରିଗୁଏଜ୍ ସିଂଙ୍କୁ ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ) ଖୋଜୁଛି। ସେ ୨୦୨୩ ମାର୍ଚ୍ଚରୁ ନିଜ ସ୍ୱାମୀ ଅର୍ଶଦୀପ ସିଂ ଓ ୬ ଝିଅପୁଅଙ୍କ ସହ ଭାରତକୁ ଫେରାର ହୋଇଥିବା ଏଫ୍‌ବିଆଇ ଜାଣିବାକୁ ପାଇଛି। ଏହି ୩୯ ବର୍ଷୀୟା ମହିଳାଙ୍କୁ ଧରାଇଦେଲେ ସମ୍ପୃକ୍ତ ସୂଚନାଦାତାଙ୍କୁ ୨୫,୦୦୦ ଡଲାର ପୁରସ୍କାର ଦିଆଯିବ ବୋଲି ସଂଘୀୟ ତଦନ୍ତକାରୀ ସଂସ୍ଥା ଘୋଷଣା କରିଛି। ସିଣ୍ଡି ଟେକ୍ସାସ୍‌ରେ ଥିବାବେଳେ ନିଜ ୬ ବର୍ଷୀୟ ପୁଅ ନୋଏଲ୍ ଅଲଭାରେଜ୍‌ଙ୍କୁ ହତ୍ୟା କରିଥିବା ଅଭିଯୋଗ ରହିଛି। ଗତବର୍ଷ ମାର୍ଚ୍ଚରେ ଏଭରମ୍ୟାନ୍ ପୋଲିସ ଅଫିସରମାନେ ଟେକ୍ସାସ୍ ପରିବାର ଓ ସୁରକ୍ଷା ସେବା ବିଭାଗଠାରୁ ଗୁପ୍ତ ସୂଚନା ପାଇ ସିଣ୍ଡିଙ୍କ ଘର ଯାଞ୍ଚ କରିବାକୁ ଯାଇଥିଲେ। ତଲାସି ବେଳେ ସେମାନେ ନୋଏଲଙ୍କୁ ପାଇ ନ ଥିଲେ। ନୋଏଲଙ୍କ ବିଷୟରେ ସିଣ୍ଡିଙ୍କୁ ପଚାରିବାରୁ ସେ କହିଥିଲେ, ୨୦୨୨ ନଭେମ୍ବର ପରଠୁ ନିଜ ଜୈବିକ ପିତାଙ୍କ ସହ ମେକ୍ସିକୋରେ ରହୁଛନ୍ତି। ୨୦୨୩ ଅକ୍ଟୋବରରେ ଫର୍ଟ ଓର୍ଥସ୍ଥିତ ଟରଣ୍ଟ କାଉଣ୍ଟି ଜିଲା କୋର୍ଟ ସିଣ୍ଡିଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଛନ୍ତି। ସେହିବର୍ଷ ନଭେମ୍ବର ୨ରେ ତାଙ୍କ ନାମରେ ଗିରଫଦାରି ୱାରେଣ୍ଟ ଜାରି କରାଯାଇଛି। ୧୯୮୫ରେ ଟେକ୍ସାସ୍‌ର ଡାଲାସରେ ଜନ୍ମିତ ସିଣ୍ଡିଙ୍କ ଉଚ୍ଚତା ୫ ଫୁଟ୍ ୧ ଇଞ୍ଚରୁ ୩ ଇଞ୍ଚ ମଧ୍ୟରେ ହେବ। ତାଙ୍କ ଓଜନ ୧୨୦-୧୪୦ ପାଉଣ୍ଡ। ସିଣ୍ଡିଙ୍କ ଆଖି ଓ କେଶର ରଙ୍ଗ ଧୂସର ହୋଇଥିବାବେଳେ ଦେହର ବିଭିନ୍ନ ଭାଗରେ ଟାଟୁ ରହିଥିବା ଲୁକ୍‌ଆଉଟ୍ ନୋଟିସ୍‌ରେ ଉଲ୍ଲେଖ କରାଯାଇଛି।

# ୫୦ କୋଟି କ୍ଷତିପୂରଣ ମାଗିଲେ ରିମି ସେନ୍

ମୁମ୍ବାଇ



ବଲିଉଡ୍ ଅଭିନେତ୍ରୀ ରିମି ସେନ୍ ୨୦୨୦ରେ ସତୀଶ ମୋଟର୍ସ ପ୍ରାଇଭେଟ୍ ଲିଃରୁ ୯୨ ଲକ୍ଷ ଟଙ୍କାରେ ଏକ ଜାଗୁଆର ଲ୍ୟାଣ୍ଡ ରୋଭର କିଣିଥିଲେ। ଉକ୍ତ କାର୍‌ର ୱାରେଣ୍ଟି ଅବଧି ୨୦୨୩ ଜାନୁଆରୀ ପର୍ଯ୍ୟନ୍ତ ରହିଥିଲା। ତେବେ କୋଭିଡ୍-୧୯ ମହାମାରୀ ବେଳେ ଲକ୍‌ଡାଉନ୍ ଯୋଗୁ କାର୍ ବ୍ୟବହୃତ ନ ହୋଇ ପଡ଼ିରହିଥିଲା।

କଟକଣା ହଟିବା ପରେ ଅଭିନେତ୍ରୀ ଏହାକୁ ବ୍ୟବହାର କରିଥିଲେ। କାର୍‌ର ସନ୍‌ରୁଫ୍, ସାଉଣ୍ଡ ସିଷ୍ଟମ୍ ଓ ରିଅର-ଏଣ୍ଡ କ୍ୟାମେରାରେ ଅସୁବିଧା ଦେଖାଦେଇଥିଲା। ରିଅର୍-ଏଣ୍ଡ କ୍ୟାମେରାରେ ତ୍ରୁଟି ଯୋଗୁ ୨୦୨୨ ଅଗଷ୍ଟ ୨୫ରେ କାର୍ ଏକ ପିଲାକୁ ଧକ୍କା ଦେଇଥିଲା। ଏବେ ସେହି କାର୍ ମରାମତି ବେଳେ ତାଙ୍କୁ ମାନସିକ ଯନ୍ତ୍ରଣା ଦିଆଯାଉଥିବା ଅଭିଯୋଗ ଆଣି ରିମି

## ମାନସିକ ଯନ୍ତ୍ରଣା ଦେଉଛି ଲ୍ୟାଣ୍ଡ ରୋଭର

ଲ୍ୟାଣ୍ଡ ରୋଭର କମ୍ପାନୀଠାରୁ ୫୦ କୋଟି ଟଙ୍କାର କ୍ଷତିପୂରଣ ଦାବି କରିଛନ୍ତି। ରିମି କହିଛନ୍ତି, ଏହି ସବୁ ଅସୁବିଧା ସମ୍ପର୍କରେ ଡିଲରଙ୍କୁ ଅବଗତ କରାଇବା ସତ୍ତ୍ୱେ ସେମାନେ ଶୁଣୁନାହାନ୍ତି। ଓଲଟା ପୂର୍ବ ଅଭିଯୋଗର ପ୍ରମାଣ ମାଗୁଛନ୍ତି। କାର୍ ମାନୁଫାକ୍ଚରିଂରେ ଡିଫେକ୍ଟ ଥିବାରୁ ଗୋଟିଏ ତ୍ରୁଟି ସୁଧାରିବା ପରେ ଆଉ ଗୋଟିଏ ଅସୁବିଧା ବାହାରୁଛି। ତେଣୁ ମାନସିକ ନିର୍ଯାତନା ପାଇଁ ୫୦ କୋଟି ଏବଂ ଆଇନଗତ ଖର୍ଚ୍ଚ ପାଇଁ ଅତିରିକ୍ତ ୧୦ ଲକ୍ଷ ଟଙ୍କା ଦାବି କରିଛନ୍ତି। ଏଥିସହ ତ୍ରୁଟିଯୁକ୍ତ କାର୍ ଫେରାଇ ନେଇ ନୂଆ ଲ୍ୟାଣ୍ଡ ରୋଭର ଦେବାକୁ ରିମି ଦାବି କରିଛନ୍ତି।

# ୱାର୍ଲ୍ଡ ଟୁର୍‌ରେ ପାକିସ୍ତାନୀ ମୋଟରସାଇକେଲ ଗର୍ଲ

ଲାହୋର

## ବାପାଙ୍କ ଇଚ୍ଛା ପୂରଣ କରିବେ



ସ୍ୱର୍ଗତ ବାପାଙ୍କ ରହିଯାଇଥିବା ଇଚ୍ଛାକୁ ପୂରଣ କରିବା ପାଇଁ ପାକିସ୍ତାନର ଲାହୋରରେ ରହୁଥିବା ଜେନିଥ୍ ଇର୍‌ଫାନ(୨୪) ନାମ୍ନୀ ଜଣେ ଯୁବତୀ ମୋଟରସାଇକେଲରେ ୱାର୍ଲ୍ଡ ଟୁର୍ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବାପାଙ୍କ ମୃତ୍ୟୁ ପରେ ତାଙ୍କର ରହିଥିବା ଅସମାପ୍ତ ସ୍ୱପ୍ନ ବିଷୟରେ ଜେନିଥ୍ ଜାଣିବାକୁ ପାଇଥିଲେ। ସାରା ବିଶ୍ୱରେ ମୋଟରସାଇକେଲ ଯାତ୍ରା କରିବା ପାଇଁ ଜେନିଥ୍‌ଙ୍କ ବାପା ସ୍ୱପ୍ନ ଦେଖିଥିଲେ। ବାପା ପୂରଣ କରିପାରି ନ ଥିବା ଉକ୍ତ ସ୍ୱପ୍ନକୁ ସମ୍ମାନ ଜଣାଇ ଜେନିଥ୍ ପ୍ରଥମେ ପାକିସ୍ତାନରେ ମୋଟରସାଇକେଲ ଯାତ୍ରା ଆରମ୍ଭ କରିଥିଲେ। ଖରା, ବର୍ଷା, ଶୀତ, କାକର ଆଦି ମଧ୍ୟରେ ସେ ଦେଶବ୍ୟାପୀ ନିଜର ମୋଟରସାଇକେଲ ଯାତ୍ରା ଜାରି ରଖି ଏହାକୁ ସଫଳତାର ସହ ଶେଷ କରିଥିଲେ। ଏହି ସଫଳତା ପାଇବା ପରେ ଜେନିଥ ପାକିସ୍ତାନରେ ନ୍ୟାଶନାଲ୍ ଷ୍ଟାର୍‌ର ଆଖ୍ୟା ପାଇଥିଲେ। ତାଙ୍କର ଉକ୍ତ ଯାତ୍ରା ପାକିସ୍ତାନର ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିଥିଲା। ଜଣେ ପାକିସ୍ତାନୀ ଚଳଚ୍ଚିତ୍ର ନିର୍ମାତା ଜେନିଥ୍‌ଙ୍କ ଜୀବନୀକୁ ନେଇ 'ମୋଟରସାଇକେଲ ଗର୍ଲ' ନାମକ ଏକ ବାୟୋପିକ୍ ମଧ୍ୟ କରିଛନ୍ତି।

ଏକ ପାକିସ୍ତାନୀ ଗଣମାଧ୍ୟମକୁ ଜେନିଥ୍ କହିଛନ୍ତି, ୨୦୧୩ରେ ସେ ମାତ୍ର ୧୨ ବର୍ଷ ବୟସର ହୋଇଥିବାବେଳେ ମୋଟରସାଇକେଲ ଚଳାଇବା ଶିଖିଥିଲେ। ସେତେବେଳେ ତାଙ୍କ ଭାଇ ଏକ ମୋଟରସାଇକେଲ କିଣିଥିଲେ। ଭାଇଙ୍କଠାରୁ ସେ ବାଇକ୍ ଚଳାଇବା ଶିଖିଥିଲେ। ପର୍ଯ୍ୟାପ୍ତ ତାଲିମ ପାଇବା ପରେ ସେ ମୋଟରସାଇକେଲ ଆଡଭେଞ୍ଚର୍ ଆରମ୍ଭ କରିଥିଲେ। ତେବେ ଦେଶବ୍ୟାପୀ ମୋଟରସାଇକେଲ ଯାତ୍ରାରେ ବାହାରିବାକୁ ସେ ତାଙ୍କ ମା'ଙ୍କଠାରୁ ପ୍ରେରଣା ପାଇଥିଲେ ବୋଲି ଜେନିଥ୍ କହିଛନ୍ତି। ଏହାକୁ ସଫଳତାର ସହ ଶେଷ କରିବା ପରେ ଏବେ ସେ ନିଜ ସ୍ୱର୍ଗତ ବାପାଙ୍କ ଇଚ୍ଛାକୁ ପୂରଣ କରିବା ଦିଗରେ ମୋଟରସାଇକେଲରେ ୱାର୍ଲ୍ଡ ଟୁର୍ କରିବାକୁ ଜେନିଥ୍ ନିଷ୍ପତ୍ତି ନେଇଛନ୍ତି।

# ରାମନାଥ 'କୋଭିଡ୍' ପ୍ରଥମ ଦଳିତ ରାଷ୍ଟ୍ରପତି: କଙ୍ଗନା

ନୂଆଦିଲ୍ଲୀ



ଅଭିନେତ୍ରୀରୁ ନେତ୍ରୀ ପାଲଟିଥିବା କଙ୍ଗନା ରାଣାୱତ୍ ହିମାଚଳ ପ୍ରଦେଶର ମଣ୍ଡି ଆସନରୁ ଭାଜପା ଏମ୍‌ପି ହେବା ପରଠୁ ନିଜ ମନ୍ତବ୍ୟକୁ ନେଇ ଅଧିକ ଚର୍ଚ୍ଚା ସାଉଁଟିବାରେ ଲାଗିଛନ୍ତି। ଏକ ୱେବ୍ ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ କଙ୍ଗନା ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ରାମନାଥ କୋଭିଡ୍ ବୋଲି କହିଛନ୍ତି। କଙ୍ଗନାଙ୍କ ମତରେ ରାମନାଥ ଭାରତର ପ୍ରଥମ ଦଳିତ ରାଷ୍ଟ୍ରପତି। କିନ୍ତୁ ପ୍ରକୃତରେ ଆର୍.କେ. ନାରାୟଣନ୍ ପ୍ରଥମ ଦଳିତ ରାଷ୍ଟ୍ରପତି ଥିଲେ। କଙ୍ଗନା ନିଜ ଭୁଲ୍ ବୁଝିପାରିବା ପରେ କ୍ଷମା ମାଗିଥିଲେ। ତେବେ ରାମନାଥଙ୍କୁ କୋଭିଡ୍ କହିବା ନେଇ ସୋସିଆଲ ମିଡିଆରେ କଙ୍ଗନାଙ୍କୁ ଟ୍ରୋଲ୍ କରାଯାଉଛି। କୁଇନ୍ ଆକ୍ଟ୍ରେସ୍‌ଙ୍କ ଆଇକ୍ୟୁ ଏତେ ନିମ୍ନ ବୋଲି ଅନେକ ୟୁଜର୍ସ ସମାଲୋଚନା କରିଛନ୍ତି।

# ଚିନ୍ତା ବଢ଼ାଉଛନ୍ତି ବାଳ ଅପରାଧୀ

ଭୁବନେଶ୍ୱର,୩୧।୮(ସତ୍ୟଜିତ୍ ରାଉତ)

ଯେଉଁ ବୟସରେ ପାଠ ପଢ଼ି ସଫଳ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରିବା କଥା, ସେହି ସମୟରେ ଅପରାଧ ଜଗତରେ ପାଦ ଦେଉଛନ୍ତି ନାବାଳକ। ହତ୍ୟା, ନିଶା କାରବାର, ଚୋରି, ଲୁଟ୍, ସଂଘବଦ୍ଧ ଆକ୍ରମଣ ଆଦି ଘଟଣାରେ ସାମିଲ ହୋଇ ଅପରାଧୀ ସାଜୁଛନ୍ତି। ତେବେ କଅଁଳ ମନ ଏତେ ନିଷ୍ଠୁର ହେଉଛି କାହିଁକି? ନାବାଳକଙ୍କ ମଧ୍ୟରେ ଅପରାଧ ପ୍ରବଣତା ବଢ଼ୁଛି କାହିଁକି? ଏମିତି ଅନେକ ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଉଙ୍କି ମାରୁଥିବାବେଳେ ବିଶେଷକରି ମା'ବାପା ଓ ବୁଦ୍ଧିଜୀବୀଙ୍କ ଚିନ୍ତା ବଢ଼ାଇଦେଇଛି। ଏଥିପାଇଁ ପରିବର୍ତ୍ତିତ ସାମାଜିକ ତଥା ପାରିବାରିକ ପରିବେଶ, ସଂସ୍କାର ଓ ଯତ୍ନର ଅଭାବ, ଢିଲା ଆଇନ, ଶିଶୁ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି, ନିଶାସେବନ, କୁସଙ୍ଗ, ପ୍ରେମ ଆଦି ବିଭିନ୍ନ କାରଣକୁ ଏଥିପାଇଁ ଦାୟୀ କରାଯାଉଛି।
ଏକତରଫା ପ୍ରେମକୁ ନେଇ ୨୮ ତାରିଖ ମଧ୍ୟରାତିରେ ଭୁବନେଶ୍ୱରରେ ଏକ ହତ୍ୟାକାଣ୍ଡ ଘଟିଥିଲା। ଏଥିରେ ସମ୍ପୃକ୍ତ ଥିଲେ ୨ ନାବାଳକ। ଖଣ୍ଡଗିରି ଥାନା ଅନ୍ତର୍ଗତ ରଘୁନାଥ ନଗର ଶୁକବିହାର ଅଞ୍ଚଳରେ ଜଗତ ମଲ୍ଲିକଙ୍କୁ ଖଣ୍ଡାରେ ହାଣି ହତ୍ୟା କରିଥିବା ସମ୍ପୃକ୍ତ ନାବାଳକଦ୍ୱୟ ଏବେ ବାଳସୁଧାର ଗୃହରେ। ଏହାର କିଛିଦିନ ପୂର୍ବରୁ ଭୁବନେଶ୍ୱର କୋର୍ଟରେ ପୂର୍ବତନ ଏସ୍‌ଡିଜେଏମ୍ ତଥା ବର୍ତ୍ତମାନ ପୁରୀ ଦେବୋତ୍ତର ବିଭାଗର ସହକାରୀ ଆୟୁକ୍ତ ବିଚାରପତି ଶିଶିର କୁମାର ସାହୁଙ୍କ ବଡ଼ଗଡ଼ ବିଜେବି ନଗରସ୍ଥିତ ସରକାରୀ କ୍ୱାର୍ଟର୍ସରେ ଚୋରି ହୋଇଥିଲା। ଏହି ଘଟଣାରେ ଧରାପଡିଥିବା ୧୨ଜଣଙ୍କ ମଧ୍ୟରୁ ୫ଜଣ ହେଉଛନ୍ତି ନାବାଳକ। ପୁରୀ ହାଡ଼ଗୋଡ଼ିଆ ସାହିରେ ଅଗଷ୍ଟ ୮ରେ ଯୁବ ଖଜା ବ୍ୟବସାୟୀ ଦିନେଶ ଖୁଣ୍ଟିଆଙ୍କୁ ୫ଜଣ ନାବାଳକ ଗୋଡାଇ ହତ୍ୟା କରିଥିଲେ। ଏହାର ପ୍ରତିଶୋଧ ନେବା ପାଇଁ ଅଗଷ୍ଟ ୧୯ରେ ପୁଣି ଏକ ହତ୍ୟାକାଣ୍ଡ ଘଟିଥିଲା। ସେହି ସାହିରେ ଖଜା ବ୍ୟବସାୟୀ ହରିହର ସାହୁଙ୍କୁ ଗୋଟିଏ ପରିବାର ଓ ଅନ୍ୟମାନେ ହତ୍ୟା କରିଥିଲେ। ଏଥିରେ ମଧ୍ୟ ୭ ନାବାଳକ ସମ୍ପୃକ୍ତ ଥିଲେ। ଗତବର୍ଷ ଜୁଲାଇ ୪ରେ ଭୁବନେଶ୍ୱର ମହର୍ଷି କଲେଜ ଗଣ୍ଡଗୋଳ ଘଟଣାରେ ପୋଲିସ ୫ଜଣ ଏବଂ ଜାନୁଆରୀ ୪ରେ ବିଜେବି କଲେଜର ଆପରାଧିକ ମାମଲାରେ ୩ ନାବାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଜୁନ୍ ତୃତୀୟ ସପ୍ତାହରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନ ଗଣିଜାଙ୍ଗ ଅଞ୍ଚଳରେ ଜଣେ ୧୫ବର୍ଷୀୟ ନାବାଳକ ୨୦ଟଙ୍କା ପାଇଁ ନିଜ ଆଈଙ୍କୁ ମାରିଦେବା ପରେ ଜଣେ ମହିଳା ଓ ତାଙ୍କ ଶିଶୁକନ୍ୟାକୁ ନିର୍ମମ ଭାବେ ହତ୍ୟା କରିଥିଲେ। କେବଳ ଭୁବନେଶ୍ୱର, ପୁରୀ କିମ୍ବା ଭଦ୍ରକରେ ନୁହେଁ, ସାରା ରାଜ୍ୟରେ ଘଟୁଥିବା ବିଭିନ୍ନ ଅପରାଧରେ ନାବାଳକଙ୍କ ସମ୍ପୃକ୍ତିକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି।



## ଏନ୍‌ସିଆର୍‌ବି ରିପୋର୍ଟ ଉଦ୍‌ବେଗଜନକ

ଅପରାଧରେ ନାବାଳଙ୍କ ସମ୍ପୃକ୍ତିକୁ ନେଇ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ତଥ୍ୟ ମଧ୍ୟ ଉଦ୍‌ବେଗଜନକ ରହିଛି। ତଥ୍ୟ ଅନୁଯାୟୀ, ୨୦୨୨ରେ ରାଜ୍ୟର ୧୧୬୩ ଆପରାଧିକ ମାମଲାରେ ନାବାଳକଙ୍କ ସମ୍ପୃକ୍ତ ରହିଥିଲା। ୧୨୯୦ ଜଣଙ୍କ ନାଁରେ ମାମଲା ରୁଜୁ କରାଯାଇଥିବା ବେଳେ ୧୨୩୯ ଜଣଙ୍କୁ ବାଳସୁଧାର ଗୃହକୁ ପଠାଯାଇଥିଲା। ସେହିପରି ୨୦୨୧ରେ ୧୩୩୪ ମାମଲାରେ ନାବାଳକଙ୍କ ସମ୍ପୃକ୍ତ ରହିଥିଲା। ୧୬୧୦ ନାବାଳକ ପୋଲିସ ହାତରେ ଧରାପଡ଼ିଥିବା ବେଳେ ସେମାନଙ୍କ ମଧ୍ୟରୁ ୯୩୯ ଜଣଙ୍କୁ ବାଳସୁଧାର ଗୃହକୁ ପଠାଯାଇଥିଲା। ୨୦୨୦ରେ ମଧ୍ୟ ୧୦୯୫ ମାମଲାରେ ନାବାଳକଙ୍କ ସମ୍ପୃକ୍ତି ରହିଥିଲା।

## ପରିବାର, ଶିକ୍ଷାନୁଷ୍ଠାନ, ଶିଶୁ ସୁରକ୍ଷା ବ୍ୟବସ୍ଥାରେ ରହିଛି ସମସ୍ୟା



ଅପରାଧରେ ପିଲାମାନଙ୍କ ସମ୍ପୃକ୍ତି ବଢ଼ିଚାଲିଥିବା ବେଳେ ଏଥିପାଇଁ ୩ଟି ସ୍ଥାନରେ ସମସ୍ୟା ରହିଛି। ଏଗୁଡିକ ହେଲା ପରିବାର, ଶିକ୍ଷାନୁଷ୍ଠାନ ଏବଂ ଶିଶୁ ସୁରକ୍ଷା ବ୍ୟବସ୍ଥା। ପରିବାରରେ ପୂର୍ବରୁ ଯେଉଁଭଳି ଯତ୍ନ ଓ ସୁରକ୍ଷା ଥିଲା ତାହା ଏବେ କମିଯାଇଛି। ପିଲାମାନେ ଭଲପାଇବାରୁ ବଞ୍ଚିତ ହୋଇ ଅପରାଧରେ ପାଦ ଥାପନ୍ତି। ସେହିପରି ବିଦ୍ୟାଳୟରେ ପିଲାମାନଙ୍କ ଉପରେ ଚାପ ବଢ଼ିଚାଲିଛି। ଅଧିକ ପାଠ ଲଦି ଦିଆଯାଉଥିବାବେଳେ ପାଠ ପଢ଼ିବାକୁ ପରିବାର ଲୋକେ ମୋବାଇଲ ଧରାଇ ଦେଉଛନ୍ତି। ହେଲେ ମୋବାଇଲରେ ପିଲାମାନେ କ'ଣ ଶିଖୁଛନ୍ତି ତାହା ଉପରେ ନଜର ଦେଉନାହାନ୍ତି। ପିଲାମାନେ ଛୋଟ ଅପରାଧ କରି ବାଳସୁଧାର ଗୃହକୁ ଯାଆନ୍ତି। ହେଲେ ସେଠାରେ ପିଲାମାନଙ୍କ ଚରିତ୍ରରେ ସୁଧାର ଅଣାଯାଇପାରୁନାହିଁ। ସୁଧାର ଗୃହରେ ନିୟମିତ କାଉନ୍‌ସେଲିଂ, ଭଲ ବ୍ୟବହାର ଶିଖାଇବା ଓ ପାଠ ପଢ଼ାଇବା ଆଦି ପଦକ୍ଷେପ ନେବାକୁ ବ୍ୟବସ୍ଥା ଥିଲେ ମଧ୍ୟ ଏଥିରେ ଅବହେଳା ହେଉଛି। ପିଲାମାନଙ୍କ ଭିତରେ ଅପରାଧ ପ୍ରବଣତା କମାଇବା ପାଇଁ ବହୁ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ପିଲାମାନଙ୍କୁ ଅଭିଭାବକମାନେ ଅଧିକ ସମୟ ଦେଇ ଖୁସିରେ ରଖିବା ଦରକାର। ଚାପମୁକ୍ତ କରାଇ ଶିଖାଇବା ଦରକାର। ଏପରିକି ସୁଧାର ଗୃହର ପରିସ୍ଥିତିକୁ ବଦଳାଇବା ଦରକାର। ଏଥିସହ ସୁଧାର ଗୃହରୁ ଫେରିଥିବା ପିଲାମାନଙ୍କୁ ସିଡବ୍ଲ୍ୟୁସି ମାଧ୍ୟମରେ ଘରକୁ ପଠାଇବା ଦରକାର। ସିଡବ୍ଲ୍ୟୁସି କାଉନ୍‌ସେଲିଂ କରି ନାବାଳକଙ୍କୁ ଭଲମଣିଷ ଭାବେ ଗଢ଼ିବାର ଆବଶ୍ୟକତା ରହିଛି।

-ବେଣୁଧର ସେନାପତି, ଶିଶୁ ସୁରକ୍ଷା ଅଧିକାର କର୍ମୀ

## ପିଲାଙ୍କ ଉପରେ ନଜର ରଖୁ ପରିବାର



ନାବାଳକ, କିଶୋର ଓ କମ୍ ବୟସ୍କଙ୍କ ଭିତରେ ଦିନକୁ ଦିନ ଅପରାଧ ପ୍ରବଣତା ବୃଦ୍ଧି ପାଉଛି। ଏଥିପାଇଁ ନିଶା, ସାମାଜିକ ଗଣମାଧ୍ୟମର ଅଶ୍ଳୀଳତା, କାମୋଦ୍ଦୀପକ, ନଗ୍ନ, ଦୁଃସାହସିକ ତଥା ଆପରାଧିକ ଚିତ୍ର ସମ୍ବଳିତ ବିଜ୍ଞାପନ ଅନେକାଂଶରେ ଦାୟୀ। ପରିବାର ଲୋକେ ମଧ୍ୟ ବିଭିନ୍ନ କାରଣରୁ ପିଲାଙ୍କ ପ୍ରତି ଗୁରୁତର ଅବହେଳା କରୁଛନ୍ତି। ଅଭିଭାବକମାନେ ସେମାନଙ୍କ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ। ଗତିବିଧି ଓ ଚାଲିଚଳନ ଉପରେ ନଜର ରଖିବା ସହ ସେମାନଙ୍କୁ ବେଳହୁଁ ଆକଟ, ତାଗିଦ, ସଚେତନ ଓ ଠିକ୍ କାଉନସେଲିଂ କରିବା ଦରକାର। ସୁସ୍ଥ ମଣିଷ ଅପେକ୍ଷା ନିଶାସକ୍ତ ବ୍ୟକ୍ତି ଅଧିକ ଅପରାଧ ସହ ସମ୍ପୃକ୍ତ। ବିଶେଷକରି ଶିକ୍ଷାନୁଷ୍ଠାନ ନିକଟରେ ଗୁଟ୍‌ଖା, ସିଗାରେଟ, ମଦ ସହ ନିଶା ଯେପରି ଆଦୌ ଉପଲବ୍ଧ ନ ହେବ, ସେଥିପାଇଁ ବ୍ୟାପକ ପଦକ୍ଷେପ ନିଆଯିବା ଉଚିତ।

-ପ୍ରସନ୍ନ ବିଷୋୟୀ, କାର୍ଯ୍ୟକାରୀ ସଭାପତି, ଓଡିଶା ଅଭିଭାବକ ମହାସଂଘ

# ଭିଜିଲାନ୍ସ ଟିମ୍‌କୁ ଦେଖି କନିଷ୍ଠ ଯନ୍ତ୍ରୀ ବେହୋସ

## ୭ ଲକ୍ଷ ଟଙ୍କା କାମ ପାଇଁ ୨୫ ହଜାର ନେଉଥିଲେ ଲାଞ୍ଚ

ରାୟଗଡ଼ା,୩୧।୮(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ କନିଷ୍ଠ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ରାୟଗଡ଼ା ସହରର ନିଜ ଘରେ ମାଣ୍ଡିବିସି ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ବିଲ୍ କରିବା ପାଇଁ ମେଟ୍‌କ୍ଷେତ୍ର ମାଝୀଙ୍କଠାରୁ ୨୫ ହଜାର ଲାଞ୍ଚ ନେବାବେଳେ ଶନିବାର ସନ୍ଧ୍ୟାରେ ଭିଜିଲାନ୍ସ ଟିମ୍ ପୂର୍ଣ୍ଣଙ୍କୁ ଧରିଛି। ରାୟଗଡ଼ା ରାଣୀଗୁଡ଼ାସ୍ଥିତ ଘରେ ଟଙ୍କା ସହ ଭିଜିଲାନ୍ସ ଧରିବା ପରେ ସେ ବେହୋସ ହୋଇପଡ଼ିଥିଲେ, ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭିଜିଲାନ୍ସ ଟିମ୍ ଭର୍ତ୍ତି କରିଥିଲେ। ଘଟଣାର ଅଧିକ ତଦନ୍ତ କରୁଛନ୍ତି ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଅରୁଣ ନାୟକ ଓ ଇନ୍ସପେକ୍ଟର ତରୁଲତା ବେହେରା। ତାଙ୍କ ଘରେ ଭିଜିଲାନ୍ସର ୧୫ ଜଣିଆ ଟିମ୍ ଜଗି ରହିଛନ୍ତି। ସେ ସୁସ୍ଥ ହେବାପରେ ଅନ୍ୟାନ୍ୟ ସମ୍ପତ୍ତି ଆକଳନ କରାଯିବ ବୋଲି ଅତିରିକ୍ତ ଏସ୍‌ପି ନାୟକ ସୂଚନା ଦେଇଛନ୍ତି। ତେବେ ଚୌଧୁରୀଙ୍କ ନାମରେ ପୂର୍ବରୁ ମଧ୍ୟ କଲ୍ୟାଣସିଂହପୁର ବ୍ଲକ୍ ଥିବା ବେଳେ ଅଭିଯୋଗ ରହିଥିଲା।

# ଜେଲ ଗଲେ କୋଟିପତି କନିଷ୍ଠ କିରାଣି

ବାଲେଶ୍ୱର, ୩୧।୮(ବାଞ୍ଛାନିଧି ଦେ)

## ଆୟଠାରୁ ୧୪୩ ପ୍ରତିଶତ ଅଧିକ ସମ୍ପତ୍ତି



କନିଷ୍ଠ କିରାଣି ପ୍ରଦୀପ କୁମାର ଦାସ।

ବାଲେଶ୍ୱର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କନିଷ୍ଠ କିରାଣି ଭାବେ କାର୍ଯ୍ୟରତ ପ୍ରଦୀପ କୁମାର ଦାସଙ୍କୁ ଶନିବାର ଗିରଫ କରିଛି ଭିଜିଲାନ୍ସ ପୋଲିସ। ଏ ସମ୍ପର୍କରେ ଏକ ମାମଲା (ନଂ.୧୧/୨୪) ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି। ଜାମିନ ନାମଞ୍ଜୁର ହେବାରୁ ଗିରଫ କିରାଣିଙ୍କୁ କୋର୍ଟଚାଲାଣ କରାଯାଇଛି। ଆୟଠାରୁ ୧୪୩ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଥିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।
ରାଜ୍ୟ ଦୁର୍ନୀତି ବିଭାଗ ନିକଟରେ ତାଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ହେବା ପରେ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ୬ଟି ଟିମ୍ ପକ୍ଷରୁ ଶୁକ୍ରବାର ବାଲେଶ୍ୱର ସହରର ଅଙ୍ଗାରଗଡ଼ିଆସ୍ଥିତ ତିନିମହଲା କୋଠା ସମେତ ଏକକାଳୀନ ୬ଟି ସ୍ଥାନରେ ଚଢାଉ କରାଯାଇଥିଲା। ଅଙ୍ଗାରଗଡ଼ିଆ ଘର, ଖନ୍ତାପଡ଼ାର ଭୂଇଁପଡ଼ାରେ ଥିବା ପୈତୃକ ଘର, ଭୂଇଁପଡ଼ାରେ ସମ୍ପର୍କୀୟଙ୍କ ଘର, କାହାଲିଆରେ ଥିବା ସମ୍ପର୍କୀୟଙ୍କ ଘର, ଶେରଗଡ଼ରେ ଥିବା ମାର୍କେଟ୍ କମ୍ପ୍ଲେକ୍ସ ସହ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ତାଙ୍କ କାର୍ଯ୍ୟାଳୟରେ ଚଢାଉ ହୋଇଥିଲା। ଭିଜିଲାନ୍ସ ଏସ୍‌ପି ନରହରି ନାୟକଙ୍କ ନିର୍ଦ୍ଦେଶକ୍ରମେ ଆଡିଶନାଲ ଏସ୍‌ପି ହରେକୃଷ୍ଣ ମାଝୀଙ୍କ ନେତୃତ୍ୱରେ ୨ଜଣ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି, ୭ ଇନ୍ସପେକ୍ଟର, ୫ ଜଣ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ। ଅଙ୍ଗାରଗଡ଼ିଆରେ ୩ ମହଲା ବିଶିଷ୍ଟ ଘର ପ୍ରାୟ ୩୭୦୦ ସ୍କୋୟାରଫୁଟ୍, ଶେରଗଡ଼ ବଜାରରେ ଥିବା ୧କୋଟି ୯ଲକ୍ଷ ଟଙ୍କାର ଦୁଇମହଲା ବିଶିଷ୍ଟ ୨୦ଟି ଦୋକାନ ଘର ଥିବା ମାର୍କେଟ କମ୍ପ୍ଲେକ୍ସ, ସହର ତଥା ନିକଟବର୍ତ୍ତୀ ଅଞ୍ଚଳରେ ତାଙ୍କର ୬ଟି ମୂଲ୍ୟବାନ ପ୍ଲଟ, ୧୧ଲକ୍ଷ ୩୭ହଜାର ୯୯୭ ଟଙ୍କାର ବ୍ୟାଙ୍କ, ବୀମା ଓ ପୋଷ୍ଟାଲ ଜମା, ୨ଟି ବାଇକ୍ ଏବଂ ୩ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ଠାବ ହୋଇଛି। କନିଷ୍ଠ କିରାଣିଙ୍କୁ ଭିଜିଲାନ୍ସ ଅଫିସରେ ଅଟକ ରଖାଯାଇ ଠୁଳ କରିଥିବା ପୁଳା ପୁଳା ସମ୍ପତ୍ତି ବାବଦରେ ପଚରାଉଚରା କରିଥିଲା ଭିଜିଲାନ୍ସ। ଏ ସମ୍ପର୍କରେ ସେ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ।

# ୬ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ ଏଏସ୍‌ଆଇ

ବାରିପଦା, ୩୧।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)



୬ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନାର ଏଏସ୍‌ଆଇ ରାମଚନ୍ଦ୍ର ସୋରେନ। ଟାଉନ ଥାନାରେ ଥିବା ଏକ ମାମଲାରୁ ନାମ କାଟିବା ପାଇଁ ସେ ଏହି ଲାଞ୍ଚ ନେଉଥିଲେ।
ସୂଚନା ଅନୁଯାୟୀ, ବାରିପଦାର ଶୁଭ୍ରାଂଶୁ ଶେଖର ଦତ୍ତଙ୍କ ଏକ ପାରିବାରିକ କଳହ ମାମଲା ବହୁ ଦିନ ହେବ ଥାନାରେ ରହିଥିଲା। ଉକ୍ତ ମାମଲାର ତଦନ୍ତକାରୀ ଅଫିସର ଭାବେ ରାମଚନ୍ଦ୍ର ସୋରେନ ରହିଥିଲେ। ମାମଲାରୁ ଶୁଭ୍ରାଂଶୁଙ୍କ ନାମ କାଟିବା ପାଇଁ ଏଏସଆଇ ସୋରେନ ପ୍ରଥମେ ୭ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶେଷରେ ୬ହଜାର ଟଙ୍କାରେ ମୂଲଚାଲ ହୋଇଥିଲା। ଏନେଇ ଶୁଭ୍ରାଂଶୁ ଅସହାୟ ହୋଇ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ପ୍ରସ୍ତୁତି ଓ ଯୋଜନାକୁ ନେଇ ଏଏସ୍‌ଆଇଙ୍କ ବାରୁଣିସ୍ଥିତ ଭଡ଼ାଘରେ ଲାଞ୍ଚ ନେବା ସମୟରେ ବାରିପଦା ଭିଜିଲାନ୍ସ ବିଭାଗ ମାଡ଼ିବସିଥିଲା। ତାଙ୍କ ନିକଟରୁ କେମିକାଲ ବୋଳା ୬ହଜାର ଲାଞ୍ଚ ଟଙ୍କାକୁ ଭିଜିଲାନ୍ସ ଜବତ କରିଛି। ଏଥିପରେ ଟାଉନ ଥାନା ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରି ଯାଞ୍ଚ କରାଯାଉଛି।

# ସରକାରୀ ଚାକିରି ଦେବା ଆଳରେ ଠକେଇ, ଯୁବକ ଗିରଫ

ପାଟଣା,୩୧।୮(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ପୋଲିସ ସରକାରୀ ଚାକିରି କରାଇଦେବା ଆଳରେ ଲକ୍ଷାଧିକ ଟଙ୍କା ଠକିଥିବା ଜଣେ ଯୁବକଙ୍କୁ ଶନିବାର ଗିରଫ କରିଛି। ଅଭିଯୁକ୍ତ ଜଣକ କେନ୍ଦୁଝର ସଦର ଥାନା କୁମୁଣ୍ଡି ତଳଜାଗର ଗ୍ରାମର ଦେବାନନ୍ଦ ମହାନ୍ତ (୩୨)। ଗତ ଜାନୁୟାରୀ ମାସରେ ମଧ୍ୟ ତୁରୁମୁଙ୍ଗା ଥାନା ସୋରାସପଶି ଗ୍ରାମର ପ୍ରଶାନ୍ତ ମହାନ୍ତଙ୍କ ସମାନ ଅଭିଯୋଗରେ ଦେବାନନ୍ଦଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା।
ସୂଚନା ଅନୁଯାୟୀ, ତୁରୁମୁଙ୍ଗା ଥାନା ଖଜିରାପଶି ଗ୍ରାମର ହୃଦାନନ୍ଦ ମହାନ୍ତଙ୍କ ପୁଅ, ଝିଅଙ୍କୁ ଉଚ୍ଚ ବିଦ୍ୟାଳୟରେ ଖେଳ ଶିକ୍ଷକ ଚାକିରି କରାଇଦେବାକୁ କହି ଦେବାନନ୍ଦ ଗତ ଡିସେମ୍ବରରେ ୧୩ ଲକ୍ଷ ଟଙ୍କା ନେଇଥିଲେ। ଅଭିଯୁକ୍ତ ଭୁବନେଶ୍ୱରରେ ବିଦ୍ୟାସାଗର କୋଚିଂ ସେଣ୍ଟରରେ ଅନ୍‌ଲାଇନ କୋଚିଂ ନେଉଥିବା ସମୟରେ ଜୁମ୍ ଆପ ମାଧ୍ୟମରେ ଆଶାୟୀଙ୍କ ଫୋନ ନମ୍ବର ସଂଗ୍ରହ କରି ଫୋନ ଯୋଗେ କଥା ହୋଇଥିଲେ। ପରେ ଡାଇରେକ୍ଟର ସେକେଣ୍ଡାରୀ ଏଜୁକେଶନର ଜଣେ କର୍ମଚାରୀଙ୍କ ନାଁ ନେଇ ଟଙ୍କା ଦେଲେ ହାଇସ୍କୁଲରେ ଖେଳ ଶିକ୍ଷକ, ଆରଆଇ ଏବଂ ପିଇଓ ପଦବୀରେ ଚାକିରି ହୋଇଯିବାର ପ୍ରତିଶ୍ରୁତି ଦେଇ ପ୍ରାର୍ଥୀଙ୍କଠାରୁ ସାର୍ଟିଫିକେଟ ନେବା ସହ ନଗଦ ଟଙ୍କା, ଆକାଉଣ୍ଟ ନମ୍ବର୍ ଏବଂ ଫୋନ ପେ' ଜରିଆରେ ଏକାଧିକ ଆଶାୟୀ ପ୍ରାର୍ଥୀଙ୍କଠାରୁ ଟଙ୍କା ଠକି ନେଇଥିଲା। ଚାକିରି ନ ମିଳିଲେ ପଇସା ଫେରସ୍ତ କରାଇବା ନେଇ କୋର୍ଟ ପେପରରେ ମଧ୍ୟ ଚୁକ୍ତି କରିବା ସହ ବ୍ଲାଙ୍କ ଚେକ ଆଶାୟୀ ପ୍ରାର୍ଥୀଙ୍କୁ ଦେଇଥିଲେ। ତେବେ ଓଡ଼ିଶା ମାଧ୍ୟମିକ ଶିକ୍ଷକ ଯୋଗ୍ୟତା ପରୀକ୍ଷାଫଳ ପ୍ରକାଶ ପରେ ପ୍ରାର୍ଥୀଙ୍କ କମ ନମ୍ବର ଆସିବାରୁ ସନ୍ଦେହ ଉପୁଜିବା ପରେ ଆଶାୟୀ ପ୍ରାର୍ଥୀ ମାନେ ଠକାମୀର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ତୁରୁମୁଙ୍ଗା ଥାନାରେ ଅଭିଯୋଗ ପରେ ପୋଲିସ ଦେବାନନ୍ଦଙ୍କୁ କେନ୍ଦୁଝର ବଜାରରୁ ଗିରଫ କରି କୋର୍ଟଚାଲାଣ କରିଛି। ଥାନାରେ ଏନେଇ ଏକ ମାମଲା(ନଂ. ୨୪୫/୨୪) ରୁଜୁ ହୋଇ ତଦନ୍ତ ଚାଲିଥିବା ଏସ୍‌ଆଇ ରସାନନ୍ଦ ନାୟକ କହିଛନ୍ତି।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ଛତ୍ରପୁର ବିଇଓଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଛତ୍ରପୁର,୩୧।୮
(ଦିଲୀପ ସାମଲ/ ସନ୍ତୋଷ ପାଢ଼ୀ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ସୀତାରାମ ପାତ୍ରଙ୍କ ବାସଭବନ, କାର୍ଯ୍ୟାଳୟ ସମେତ ୬ଟି ସ୍ଥାନରେ ଶନିବାର ଭୋରରୁ ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ହୋଇଛି। ସକାଳୁ ଭିଜିଲାନ୍ସ ଟିମ୍ ଛତ୍ରପୁର ଅଭିମୁଖେ ଆସି ବିଇଓ ପାତ୍ରଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ପରେ ତାଙ୍କୁ ବିଭିନ୍ନ ବିଷୟରେ ପଚାରଉଚରା କରାଯାଇଥିଲା। ଏହି ସମୟରେ କୌଣସି ଲୋକଙ୍କୁ ତାଙ୍କ ଚାମ୍ବରକୁ ଯିବା ଲାଗି ଅନୁମତି ମିଳି ନ ଥିଲା। ଚଢ଼ାଉରୁ ମିଳିଥିବା ସମ୍ପତ୍ତି ଓ କାଗଜପତ୍ର ମଧ୍ୟରେ ତାଙ୍କର ବ୍ରହ୍ମପୁରସ୍ଥିତ ଖୋଡ଼ାସିଙ୍ଗି ନିକଟସ୍ଥ ରାମକୃଷ୍ଣନଗର ସପ୍ତମ ଲେନ୍‌ରେ ଥିବା ୩୫୦୦ ବର୍ଗଫୁଟର ୨ମହଲା କୋଠା, ପୋଲସରା କୋଲିସାହିରେ ଥିବା ୧୬୦୦ ବର୍ଗଫୁଟର ୨ ମହଲା କୋଠା ଓ କୋଲିସାହିର ଆଉ ଗୋଟିଏ କୋଠା, ବ୍ରହ୍ମପୁର ଖୋଡ଼ାସିଙ୍ଗିରେ ୨ ହଜାର ବର୍ଗ ମିଟରର ଏକ ପ୍ଲଟ୍ ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏହାର ମୂଲ୍ୟ ଭିଜିଲାନ୍ସର ବୈଷୟିକ ଟିମ୍ ଆକଳନ କରୁଛି। ଏଥିସହ ବିଇଓ ପାତ୍ରଙ୍କ ଘରୁ ୬ ଲକ୍ଷ ୫୦ ହଜାର ନଗଦ ଟଙ୍କା, ଗୋଟିଏ କାର୍, ୨ଟି ଦୁଇଚକିଆ ଯାନ, ୩୫ ଲକ୍ଷ ୬୧ ହଜାର ୧୫୭ ଟଙ୍କା, ବ୍ୟାଙ୍କ ଓ ବୀମା ଜମା ସମ୍ପର୍କିତ କାଗଜପତ୍ର ଭିଜିଲାନ୍ସ ଟିମ୍ ହାତରେ ପଡ଼ିଛି। ଏହାକୁ ନେଇ ତାଙ୍କର ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ହେବ ବୋଲି ଜଣାପଡ଼ିଛି।
ବିଇଓ ପାତ୍ରଙ୍କ ବ୍ରହ୍ମପୁର ଖୋଡ଼ାସିଙ୍ଗି ନିକଟସ୍ଥ ରାମକୃଷ୍ଣନଗର ସପ୍ତମ ଲେନ୍‌ରେ ଥିବା ଦୁଇମହଲା କୋଠା, ପୋଲସରା କୋଲିସାହିରେ ଥିବା ୨ଟି କୋଠା, ବ୍ରହ୍ମପୁର କଳିଙ୍ଗନଗରସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘର ଏବଂ ଛତ୍ରପୁର ବିଇଓଙ୍କ କାର୍ଯ୍ୟାଳୟରେ ଏକକାଳୀନ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ମିଳିଥିବା ପାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟ, ବୀମା ଜମା ନେଇ ଯାଞ୍ଚ ହେବ। ଯାଞ୍ଚ ପରେ ତାଙ୍କର ଏହି ସମ୍ପତ୍ତି ଆୟ ବହିର୍ଭୂତ କି ନାହିଁ ସ୍ପଷ୍ଟ ହେବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ରାଜ୍ୟ ଭିଜିଲାନ୍ସ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ୬ଟି ଟିମ୍ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ୫ ଡିଏସ୍‌ପି, ୪ ଇନ୍ସପେକ୍ଟର, ୫ ଏସ୍‌ଆଇ /ଏଏସ୍‌ଆଇ ଓ ଅନ୍ୟ ବିଭାଗର କର୍ମଚାରୀ ସାମିଲ ଥିଲେ।
ଅନ୍ୟପକ୍ଷରେ ଏହି ଯାଞ୍ଚ ପାଇଁ ବ୍ରହ୍ମପୁରସ୍ଥିତ ଭିଜିଲାନ୍ସ ସ୍ପେଶାଲ ଜଜ୍ ୱାରେଣ୍ଟ ଜାରି କରିଥିଲେ। ତେବେ ଶାଳୀଙ୍କ ଘର ନିର୍ମାଣ ଲାଗି ସେ ଉକ୍ତ ଟଙ୍କା ମୋ ଘରେ ରଖିଥିଲେ। ଗ୍ରାମର ଘର ପୈତୃକ ସମ୍ପତ୍ତି ବୋଲି ବିଇଓ ପାତ୍ର କହିଛନ୍ତି। ବିଇଓ ପାତ୍ର ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଛତ୍ରପୁର ବିଇଓ ଭାବେ କାର୍ଯ୍ୟ କରୁଛନ୍ତି। ସେ ୧୯୮୯ରୁ ସରକାରୀ ଚାକିରି କରୁଛନ୍ତି ଏବଂ ମାସିକ ୯୨ ହଜାର ଟଙ୍କା ଦରମା ପାଉଥିଲେ ବୋଲି ପ୍ରକାଶ କରିଛନ୍ତି। ତେବେ ପୂର୍ବରୁ ବିଇଓଙ୍କ ବିରୋଧରେ ବିଭିନ୍ନ ଶିକ୍ଷକ ସଂଘ ଅଭିଯୋଗ କରି ଆସୁଥିଲେ। ଏହାର ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ଟିମ୍ ସୂଚନା ଦେଇଛନ୍ତି।

- ୩ କୋଠା, ଗୋଟିଏ ପ୍ଲଟ୍ ଠାବ
- ୬.୫୦ ଲକ୍ଷ ନଗଦ ଜବତ
- ୩୫ ଲକ୍ଷ ଟଙ୍କାର ବ୍ୟାଙ୍କ, ବୀମା ଜମା





ବିଇଓଙ୍କ ବାସଭବନ ଓ ଜବତ ଟଙ୍କା।



ବିଇଓ ସୀତାରାମ ପାତ୍ର ।

# ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

ସମ୍ବଲପୁର,୩୧।୮(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ଥାନା ଲାଡ଼ ଅଞ୍ଚଳରେ ୨୦୨୩ ମସିହାରେ ଘଟିଥିବା ୮ ବର୍ଷୀୟା ଭିନ୍ନକ୍ଷମ ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ବିଚାରପତି। ସମ୍ବଲପୁର ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି ଉକ୍ତ ମାମଲାର ବିଚାର କରି ଶନିବାର ତାଙ୍କ ରାୟରେ ଅଭିଯୁକ୍ତ ଲାଡ଼ ଗ୍ରାମର ଡେଲିଙ୍ଗ ବାଘ(୩୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ଦଫା ୩୭୬(୨)(ଏନ୍), ପୋକ୍‌ସୋ ଆଇନର ଦଫା ୬ରେ ୨୦ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅର୍ଥ ଅନାଦାୟେ ଦୋଷୀଙ୍କୁ ଅଧିକ ୧ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।
ସୂଚନା ଅନୁସାରେ କୁଚିଣ୍ଡା ଉପଖଣ୍ଡ ଲାଡ଼ ଅଞ୍ଚଳରେ ରହୁଥିବା ଭିନ୍ନକ୍ଷମ ନାବାଳିକା ଜଣକ ୨୦୨୩ ଏପ୍ରିଲ ୨ ତାରିଖ ଅପରାହ୍ନ ୨ଟାରେ ତାଙ୍କ ଅଜାଙ୍କ ସହିତ ନିକଟ ଗ୍ରାମରେ ଚାଲିଥିବା ଏକ ଦଣ୍ଡନାଚ କାର୍ଯ୍ୟକ୍ରମ ଦେଖିବା ପାଇଁ ଯାଇଥିଲେ। ଦଣ୍ଡନାଚ ଅପରାହ୍ନ ୪ଟାରେ ସମାପ୍ତ ହେବା ପରେ ପୀଡ଼ିତା ଓ ତାଙ୍କ ଅଜା ଚାଲି ଚାଲି ଗ୍ରାମକୁ ଫେରୁଥିଲେ। ଏହି ସମୟରେ ସାଇକେଲ୍‌ରେ ଘରକୁ ଫେରୁଥିବା ଅଭିଯୁକ୍ତ ଡେଲିଙ୍ଗ ବାଘ ପୀଡ଼ିତା ଓ ତାଙ୍କ ଅଜାଙ୍କୁ ଦେଖି ଅଟକିଥିଲେ। ପୀଡ଼ିତା ଭିନ୍ନକ୍ଷମ ହୋଇଥିବାରୁ ଅଜାଙ୍କ ସହମତି କ୍ରମେ ଡେଲିଙ୍ଗ ନାବାଳିକାଙ୍କୁ ସାଇକେଲ୍‌ରେ ବସାଇ ଘରେ ଛାଡ଼ିଦେବା ପାଇଁ ଆଣିଥିଲେ। ମାତ୍ର ସେ ତାଙ୍କୁ ଘରକୁ ନ ଆଣି ରାସ୍ତାପାର୍ଶ୍ୱ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ପରେ ତାଙ୍କୁ ଆଣି ଘର ବାହାରେ ଛାଡ଼ି ଚାଲିଯାଇଥିଲେ। ପୀଡ଼ିତା ଘରକୁ ଆସିବା ପରେ ତାଙ୍କ ଗୁପ୍ତାଙ୍ଗରୁ ରକ୍ତସ୍ରାବ ହେଉଥିବା ଦେଖି ତାଙ୍କ ମା' ବ୍ୟସ୍ତ ହୋଇ ପଡିଥିଲେ। ପଚରାଉଚରା ପରେ ସେ ତାଙ୍କ ସହ ଘଟିଥିବା ଘଟଣା ବିଷୟରେ ମା'ଙ୍କୁ କହିଥିଲେ। ଏହା ପରେ ପୀଡ଼ିତାଙ୍କୁ ଧରି ତାଙ୍କ ମା' କୁଚିଣ୍ଡା ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କୁଚିଣ୍ଡା ଥାନାରେ ଏକ ମାମଲା (୭୩/୨୦୨୩) ରୁଜୁ କରି ପୋଲିସ ଡେଲିଙ୍ଗଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାର କରି ସମ୍ବଲପୁର ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ୧୩ ଜଣ ସାକ୍ଷୀଙ୍କ ବୟାନ ଓ ତଥ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ଉକ୍ତ ଦଣ୍ଡବିଧାନ କରିଛନ୍ତି। ଅଦାଲତରେ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ ପଣ୍ଡା ଏହି ମାମଲାକୁ ପରିଚାଳନା କରିଥିଲେ।

## ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର ମାମଲା

# କଲିକତା ଚାଲାଣ ବେଳେ ୧୩ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ଭୁବନେଶ୍ୱର, ୩୧।୮(ସତ୍ୟଜିତ ରାଉତ)

## ସ୍ପେଶାଲ କ୍ରାଇମ ୟୁନିଟ୍ ଚଢ଼ାଉ, ୫ଗିରଫ



ଭୁବନେଶ୍ୱରରୁ କୋଲକାତାକୁ ଗଞ୍ଜେଇ ଚାଲାଣବେଳେ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ (ଏସ୍‌ସିୟୁ) ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ନେଇଛି। ଦୁଇଟି କାର୍‌କୁ କାବୁ କରିବା ସହ ସେଥିରେ ଥିବା ୧ କୁଇଣ୍ଟାଲ ୩୦କେଜି ଗଞ୍ଜେଇ ଜବତ ହୋଇଛି। ଏହି ମାମଲାରେ ଓଡ଼ିଶାର ୩ଜଣ ଏବଂ ପଶ୍ଚିମବଙ୍ଗର ୨ଜଣ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଅଞ୍ଚଳର ପୁଷ୍ପକ ଶ୍ରୀଚନ୍ଦନ ଓରଫ ଜିତୁ(୨୫), ମିଳନ ନାୟକ ଓରଫ ଲିପୁ (୨୩), ଯାଜପୁର ଜିଲା ବାଲିଚନ୍ଦ୍ରପୁର ଅଞ୍ଚଳର ଏସ୍‌କେ ଜମିରଉଦ୍ଦିନ ଓରଫ ଜମିର୍ (୩୬), ପଶ୍ଚିମବଙ୍ଗର ଆଜମେର ସୈଖ୍ (୨୮) ଓ ଏସ୍‌କେ ସମିର୍ (୩୯)। ଏନେଇ ସ୍ପେଶାଲ କ୍ରାଇମ ୟୁନିଟ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।
ଏହି ଗଞ୍ଜେଇ ଚାଲାଣର ମାଷ୍ଟରମାଇଣ୍ଡ ହେଲେ ପୁଷ୍ପକ। ୨ମାସ ହେଲା କନ୍ଧମାଳର ଫିରିଙ୍ଗିଆ ଅଞ୍ଚଳରୁ ପୁଷ୍ପକ ଏବଂ ତାଙ୍କ ସହଯୋଗୀମାନେ ଗଞ୍ଜେଇ କିଣି ଖୋର୍ଦ୍ଧାର ଏକ ସ୍ଥାନରେ ରଖୁଥିଲେ। ପରେ ସେମାନେ ଉକ୍ତ ଗଞ୍ଜେଇକୁ ପୁଣି କାର୍‌ରେ ଆଣି ଭୁବନେଶ୍ୱର ବମିଖାଲର ଏକ ସ୍ଥାନରେ ରଖୁଥିଲେ। ବିଭିନ୍ନ ସମୟରେ କଲିକତାରୁ ଭୁବନେଶ୍ୱରକୁ ବେପାରି ଆସି ଗଞ୍ଜେଇ ନେଉଥିଲେ। ଅଧିକାଂଶ ସମୟରେ ପୁଷ୍ପକ ଓ ତାଙ୍କ ସହଯୋଗୀମାନେ ଉକ୍ତ ଗଞ୍ଜେଇକୁ ମଧ୍ୟ କଲିକତାରେ ନେଇ ଦେଉଥିଲେ। ତେବେ କନ୍ଧମାଳରୁ ସିଧାସଳଖ କଲିକତାରେ ଗଞ୍ଜେଇ ପହଞ୍ଚାଇବା ପାଇଁ ପୁଷ୍ପକ ୧ ଲକ୍ଷ ଟଙ୍କା ନେଉଥିଲେ। କଲିକତା ଲୋକ ଓଡ଼ିଶା ଆସି ଗଞ୍ଜେଇ ନେବାବେଳେ ଅଭିଯୁକ୍ତମାନେ ଏସକର୍ଟ କରାଇବା ପାଇଁ ୬୦ ହଜାର ଟଙ୍କା ନେଉଥିଲେ। ଶୁକ୍ରବାର ପଶ୍ଚିମବଙ୍ଗର ୨ ଅଭିଯୁକ୍ତ ଗଞ୍ଜେଇ ନେବାବେଳେ ପୁଷ୍ପକ ଓ ତାଙ୍କ ସହଯୋଗୀମାନେ ଏସକର୍ଟ କରୁଥିଲେ। ଏନେଇ ଖବର ପାଇ ପୋଲିସ ଟିମ୍ ବମିଖାଲରେ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା।

## ଗଞ୍ଜେଇ କାରବାର ଟଙ୍କାରେ ମଡେଲଙ୍କ ସହ ରିଲ୍ସ

ମୁଖ୍ୟ ଅଭିଯୁକ୍ତ ପୁଷ୍ପକ ଗଞ୍ଜେଇ ଚାଲାଣ ଟଙ୍କାରେ ମଡେଲ୍‌ଙ୍କୁ ଆଣି ରିଲ୍ସ କରୁଥିଲେ। ତାଙ୍କ ମୋବାଇଲରୁ ଏସବୁ ପ୍ରମାଣ ମିଳିଥିବା ପୋଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି। ପୁଷ୍ପକ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେଶନ୍ ଇଞ୍ଜିନିୟରିଂ ଷ୍ଟ୍ରିମ୍‌ରେ ବି.ଟେକ୍ କରିଛନ୍ତି। ହେଲେ ସହଜରେ ଟଙ୍କା ରୋଜଗାର କରିବାକୁ ସେ ଗଞ୍ଜେଇ ଚାଲାଣର ତରିକା ବାଛିଥିଲେ। ଗତ ୨ମାସରେ ସେ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିଥିବା ପୋଲିସ ପଚରାଉଚରାରୁ ଜାଣିବାକୁ ପାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଜନୀତିର ସଂକୀର୍ଣ୍ଣତାରେ ଶିକ୍ଷା ରହିବା ଅନୁଚିତ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୧।୮ (ଅନିଲ ଦାସ)

## ପିଏମ୍-ଉଷା କାର୍ଯ୍ୟକ୍ରମ

- ରାଜ୍ୟ-କେନ୍ଦ୍ର ସରକାରଙ୍କ ବୁଝାମଣା ପତ୍ର ସ୍ୱାକ୍ଷରିତ
- ଓଡ଼ିଶାର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ୫୦୦ କୋଟି ଟଙ୍କା ଦିଆଯିବ: କେନ୍ଦ୍ର ଶିକ୍ଷାମନ୍ତ୍ରୀ

ରାଜ୍ୟରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ(ପିଏମ୍- ଉଷା) କାର୍ଯ୍ୟକ୍ରମ ଲାଗୁ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ମଧ୍ୟରେ ଶନିବାର ରାଜ୍ୟ କୃଷି ଭବନରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ୨୦୨୫-୨୬ ମଧ୍ୟରେ ଏହା କାର୍ଯ୍ୟକାରୀ କରାଯିବ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ରାଜ୍ୟର ଛାତ୍ରୀଛାତ୍ରମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି, ଆମ ସରକାରଙ୍କ ୮୧ତମ ଦିନରେ ପିଏମ୍-ଉଷା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହା ହେଉଛି ଡବଲ୍ ଇଞ୍ଜିନ ସରକାରର ସଫଳତା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଓ ତତ୍ତ୍ୱାବଧାନରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଶିକ୍ଷାର ପରିସର ବ୍ୟାପକ। ଏହାକୁ ରାଜନୀତିର ସଂକୀର୍ଣ୍ଣତା ମଧ୍ୟରେ ରଖିବା ଉଚିତ ନୁହେଁ। ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଉତ୍ତମ ଭବିଷ୍ୟତ ଗଠନ ଲକ୍ଷ୍ୟରେ ଆରମ୍ଭ ହୋଇଥିବା ସତ୍ତ୍ୱେ, ଆଗରୁ ଏହାକୁ କାର୍ଯ୍ୟକାରୀ କରାଯାଇ ନ ଥିଲା। ଏହି ଯୋଜନାକୁ ରାଜ୍ୟରେ ସଫଳତାର ସହ କରାଯିବ। ଏହାଦ୍ୱାରା ଶିକ୍ଷାର ନୂତନ ଭିତ୍ତିଭୂମି ଓ ମାନବ ସମ୍ବଳର ବିକାଶ ହେବ। ଏହି ଯୋଜନା ଦକ୍ଷତା ବିକାଶ, ଗବେଷଣା, ନିଯୁକ୍ତିଯୋଗ୍ୟ ଶିକ୍ଷାର ବିକାଶରେ ସହାୟକ ହେବ ଏବଂ ଆମର ଶିକ୍ଷା ପରିବେଶକୁ ବିଶ୍ୱସ୍ତରୀୟ କରିବ।

ଏ ପର୍ଯ୍ୟନ୍ତ ରାଜ୍ୟର ଦୂରଦୂରାନ୍ତ ଅଞ୍ଚଳରେ ୧୮ଟି ନୂଆ ସରକାରୀ ମହାବିଦ୍ୟାଳୟ ଖୋଲା ଯାଇଛି। ଏଥିସହିତ ଓଡ଼ିଶାର ଆଦିବାସୀ ଭାଷାର ସୁରକ୍ଷା ଓ ପ୍ରଚାର ପାଇଁ ୨୬ଟି ଭାଷା ପରୀକ୍ଷାଗାର ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଛି। ଜାତୀୟ ଶିକ୍ଷା ନୀତି-୨୦୨୦ ଦେଶର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶିକ୍ଷା କ୍ଷେତ୍ରରେ ସବୁଠାରୁ ବଡ଼ ସମସ୍ୟା ହେଉଛି ଯୁବବର୍ଗ ମଧ୍ୟରେ ଦକ୍ଷତାର ବିକାଶ। ପ୍ରଯୁକ୍ତି ବିଦ୍ୟାର ଅଭୂତପୂର୍ବ ବିକାଶ ସହିତ ଆମର ଶିକ୍ଷା ପ୍ରଣାଳୀକୁ ସମାନ୍ତରାଳ ଭାବରେ ଉନ୍ନତ କରିବାକୁ ହେବ। ପ୍ରଯୁକ୍ତି ବିଦ୍ୟାରେ ଶିକ୍ଷା ହାସଲ କରିଥିବା ଯୁବବର୍ଗଙ୍କୁ ନିଯୁକ୍ତି ଯୋଗ୍ୟ କରିବା ପାଇଁ କେନ୍ଦ୍ର ସରକାର ଚଳିତବର୍ଷ ଦେଶର ବଜେଟ୍‌ରେ ୧ କୋଟି ଯୁବତୀଯୁବକଙ୍କୁ ୫୦୦ ଉଦ୍ୟୋଗରେ ଇଣ୍ଟର୍ନଶିପ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ଏହାଦ୍ୱାରା ସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣ ଦିଗରେ ଏହା ସହାୟକ ହେବ। ଶିକ୍ଷା କ୍ଷେତ୍ରରେ ବୈଷମ୍ୟତା ଓ ଅସମାନତା ଦୂର କରାଯାଇ ଏସ୍‌ଡିଜି-୪ର ଲକ୍ଷ୍ୟ ପୂରଣ ହୋଇପାରିବ। ଆଗାମୀ ଦିନରେ ସାମଗ୍ରିକ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଓଡ଼ିଶା ସରକାର ପ୍ରାଥମିକ ଶିକ୍ଷାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଆନ୍ତର୍ଜାତିକ ମାନର ଶିକ୍ଷା ଓଡ଼ିଶାର ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯିବ। ଏହାଦ୍ୱାରା ଉଚ୍ଚଶିକ୍ଷା କ୍ଷେତ୍ରରେ ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ରାଜ୍ୟରେ ସ୍କୁଲ, କଲେଜ ପିଲାଙ୍କୁ ନେଇ ପ୍ରାୟ ୧ କୋଟି ଛାତ୍ରୀଛାତ୍ର ଅଛନ୍ତି। ରାଜ୍ୟ ଜନସଂଖ୍ୟାର ଏହା ହେଉଛି ଏକ ଚତୁର୍ଥାଂଶ। ଏହି ପିଲାମାନଙ୍କର ଠିକ୍ ଭାବରେ ଦାୟିତ୍ୱ ନିଆଯାଇପାରିଲେ ରାଜ୍ୟର ବିକାଶ ବିଶ୍ୱସ୍ତରୀୟ ହୋଇପାରିବ। ଏକବିଂଶ ଶତାବ୍ଦୀ ହେଉଛି ଜ୍ଞାନର ଶତାବ୍ଦୀ। ଜ୍ଞାନ ଓ ପ୍ରତିଭା ହେଉଛି ଓଡ଼ିଆ ପିଲାଙ୍କ ମୂଳ ଆଧାର। ଏହାର ବିକାଶ ହୋଇପାରିଲେ ଆମ ପିଲାମାନେ ମଧ୍ୟ ବିଶ୍ୱ ସ୍ତରରେ ନିଜର ଦକ୍ଷତା ପ୍ରଦର୍ଶନ କରିପାରିବେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ କଲେଜ ଓ ୟୁନିଭର୍ସିଟିର ବିକାଶ ପାଇଁ ୫୦୦ କୋଟି ଟଙ୍କା ଦିଆଯିବ ବୋଲି ସେ କହିଛନ୍ତି। ଏଥିଯୋଗୁ ଆମ ରାଜ୍ୟର ୧ କୋଟି ପିଲା ବିଶ୍ୱସ୍ତରୀୟ ଶିକ୍ଷା ପାଇପାରିବେ। ଏହି କାର୍ଯ୍ୟକ୍ରମ ୩ ବର୍ଷ ଆଗରୁ ହେବାର ଥିଲା। କିନ୍ତୁ ରାଜନୀତି ଯୋଗୁ ଓଡ଼ିଆ ପିଲାମାନେ ବଞ୍ଚିତ ହୋଇଥିଲେ। ଓଡ଼ିଶାରେ ଖୁବ୍‌ଶୀଘ୍ର ଶିକ୍ଷାରେ ସ୍ୱାୟତ୍ତତା ଆସିବ। ୟୁଜିସିର ନିୟମ ଅନୁଯାୟୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସ୍ୱାୟତ୍ତତା ଦିଆଯିବ ବୋଲି ସେ କହିଛନ୍ତି।

ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ପି.ଏମ୍. ଉଚ୍ଚତର ଶିକ୍ଷା ଅଭିଯାନ ଦ୍ୱାରା ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ସକାରାତ୍ମକ ପ୍ରଭାବ ପଡ଼ିବ। ଶିକ୍ଷାନୁଷ୍ଠାନ ଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ ହେବା ସହିତ ପିଲାମାନେ ଗୁଣାତ୍ମକ ଶିକ୍ଷା ପାଇପାରିବେ।

ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏବଂ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉପସ୍ଥିତିରେ ଉଚ୍ଚ ଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଅତିରିକ୍ତ ଶାସନ ସଚିବ ସୁନୀଲ କୁମାର ବର୍ନୱାଲ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲେ।

# ନବଜାତକଙ୍କୁ ନୂଆ ଜୀବନ ଦେଇଥାନ୍ତି ଡାକ୍ତର




## ଭାରତୀୟ ନବଜାତ ଶିଶୁ ଚିକିତ୍ସକ ସଂଘ ସମ୍ମିଳନୀ ଉଦ୍‌ଘାଟିତ

- ୨୦୩୦ ସୁଦ୍ଧା ନବଜାତ ଶିଶୁମୃତ୍ୟୁ ହାର ୧୦%ରୁ କମାଇବାକୁ ଲକ୍ଷ୍ୟ
- ଡା. ଏସ୍.ଏନ୍. ପରିଡା ଏବଂ ଡା. ଗିରିଶ ଗୁପ୍ତାଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ'

ଭୁବନେଶ୍ୱର, ୩୧।୮ (ବନ୍ଦନା ସେଠୀ)

ମାନବ ସମାଜକୁ ଈଶ୍ୱରଙ୍କ ସବୁଠାରୁ ବଡ଼ ଦାନ ହେଉଛନ୍ତି ଡାକ୍ତର। ବିଶେଷକରି ନବଜାତକଙ୍କୁ ଚିକିତ୍ସା ଓ ସେବା ଯୋଗାଇଦେବା ସହ ସେମାନଙ୍କୁ ନୂଆ ଜୀବନ ପ୍ରଦାନ କ୍ଷେତ୍ରରେ ଡାକ୍ତରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଡ. ଅଚ୍ୟୁତ ସାମନ୍ତ କହିଛନ୍ତି। ଭାରତୀୟ ନବଜାତ ଶିଶୁ ଚିକିତ୍ସକ ସଂଘ (ଆଇଏପି ନିଓକନ୍)ର ୧୫ତମ ବାର୍ଷିକ ସମ୍ମିଳନୀ ଶନିବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଡ. ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସେ ଦ୍ୱିତୀୟ ଭଗବାନ୍ କୁହାଯାଉଥିବା ଡାକ୍ତରମାନଙ୍କୁ ପ୍ରଶଂସା କରିଥିଲେ। ଏଥିସହ ଆମ ଦେଶରେ ନିଓନୋଟାଲ୍ ମୋଟାଲିଟି ରେଟ୍(ଏନ୍‌ଏମ୍‌ଆର୍) ବା ନବଜାତ ଶିଶୁ ମୃତ୍ୟୁ ହାର ଭଲ ରହିଛି ବୋଲି କହିଛନ୍ତି। ଏହି ଅବସରରେ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଫେସର ଡା. ଏସ୍.ଏନ୍. ପରିଡା ଏବଂ ଡା. ଗିରିଶ ଗୁପ୍ତାଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ' ପ୍ରଦାନ କରାଯାଇଥିଲା। ଆଇଏପି ନିଓଚାପ୍ ଫେଲୋଶିପ୍ ଏକ୍‌ଜିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅତିଥିଙ୍କ ଦ୍ୱାରା ସ୍ମରଣିକା ଓ ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଆଇଏପି ନିଓକନ୍ ୨୦୨୪ର ଚିଫ୍ ଅର୍ଗାନାଇଜିଂ ଚେୟାରପର୍ସନ ଡା. ବିଶ୍ୱଜିତ୍ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ନିଓନୋଟାଲୋଜି ଚାପ୍ଟର ଅଫ୍ ଆଇଏପିର ଚେୟାରପର୍ସନ ଡା. ନବୀନ ବଜାଜ୍, ଆଇଏପି ଓଡ଼ିଶା ରାଜ୍ୟ ଶାଖାର ସଭାପତି ଡା. ବି.କେ. ଭୂୟାଁ, ଡା. ଯୋଗେଶ ଏନ୍ ପାରିଖ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଇଣ୍ଡିଆନ୍ ଏକାଡେମୀ ଅଫ୍ ପେଡିଆଟ୍ରିକ୍ (ଆଇଏପି) ଓଡ଼ିଶା ରାଜ୍ୟ ଶାଖାର ଚିଫ୍ ଅର୍ଗାନାଇଜିଂ ସେକ୍ରେଟାରୀ ଡା. ଅଭିଜିତ୍ ମହାପାତ୍ର ଧନ୍ୟବାଦ ଅର୍ପଣ କରି କହିଲେ, ଏବେ ଦେଶରେ ନବଜାତ ଶିଶୁମୃତ୍ୟୁ ୨୬ ପ୍ରତିଶତ ରହିଛି। ତେବେ ୨୦୩୦ ସୁଦ୍ଧା ଏହି ହାରକୁ କମାଇ ଏକକ ସଂଖ୍ୟା ବା ୧୦ ତଳକୁ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଡା. ମହାପାତ୍ର ସୂଚନା ଦେଇଛନ୍ତି। ସମ୍ମିଳନୀ ଉଦ୍‌ଘାଟନ ପୂର୍ବରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ୬ଶହ ଅତିଥି ଯୋଗଦେଇଥିବାବେଳେ ୧୫୦ଜଣ ପ୍ରବକ୍ତା ଉପସ୍ଥିତ ଥିଲେ। ଏମାନଙ୍କ ମଧ୍ୟରେ ପୋଲାଣ୍ଡରୁ ଆସିଥିବା ଡା. ବୋରିସ୍ କ୍ରମେର, ୟୁଏସ୍‌ର ଡା. ବିନୟ, ଅଷ୍ଟ୍ରେଲିଆରୁ ଡା. ସଞ୍ଜୟ ପାଟୋଲଙ୍କ ସମେତ ୧୨ଜଣ ଅନ୍ତର୍ଜାତୀୟ ଶିଶୁରୋଗ ବିଶେଷଜ୍ଞ ଯୋଗଦେଇ ଚଳିତବର୍ଷର ବିଷୟବସ୍ତୁ 'ସାମଗ୍ରିକ ନବଜାତକ ଯତ୍ନ' ଉପରେ ଆଲୋଚନା କରିଥିଲେ। ଏହି ସମ୍ମିଳନୀ ଦୁଇଦିନ ଧରି ଚାଲିବ।

# ଡା. ଲୁସି ଦାସ ଏସ୍‌ସିବି ମେଡିକାଲ କଲେଜ ଅଧକ୍ଷା



କଟକ,୩୧।୮ (ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ (ଏସ୍‌ସିବି)ର ଅଧକ୍ଷା ଭାବରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ପ୍ରଫେସର ଡା. ଲୁସି ଦାସ ନିଯୁକ୍ତି ପାଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡା. ଦାସଙ୍କୁ ନିଯୁକ୍ତି ଦିଆଯାଇଥିବା ନେଇ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଡା. ଦାସ ଏସ୍‌ସିବିର ଅଧୀକ୍ଷକ ଭାବେ ପୂର୍ବରୁ ଦାୟିତ୍ୱ ତୁଲାଇଛନ୍ତି।

**ଅବସର ନେଲେ ଅଧୀକ୍ଷକ**

ଅପରପକ୍ଷରେ ଶନିବାର ପ୍ରଫେସର ଡା. ସୁଧାଂଶୁ ମିଶ୍ର ଏସ୍‌ସିବି ମେଡିକାଲ ଅଧୀକ୍ଷକ ପଦରୁ ଅବସର ନେଇଛନ୍ତି। ଏନେଇ ଏସ୍‌ସିବି ମେଡିକାଲର ନୂତନ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଡା. ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏ ସମ୍ପର୍କରେ ଡିଏମ୍‌ଇଟି ଡା. ସନ୍ତୋଷ ମିଶ୍ର କହିଛନ୍ତି, ପ୍ରଫେସର ସୁଧାଂଶୁ ମିଶ୍ରଙ୍କ ଅବସର ପରେ ନୂତନ ଅଧକ୍ଷ ଭାବେ ନିଯୁକ୍ତି ପାଇଥିବା ଡା. ଲୁସି ଦାସ ଅସ୍ଥାୟୀ ଭାବେ ଏହି ପଦବୀରେ ରହି ଦାୟିତ୍ୱ ତୁଲାଇବେ।


**CLASSIFIED DISPLAY**
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ମାଗଣା ସାଙ୍କେତିକ ଭାଷା ତାଲିମ କୋର୍ସ
**(FREE SIGN LANGUAGE TRAINING COURSE)**

ଓଡ଼ିଶା ରାଇଜିଂ ଫାଉଣ୍ଡେସନ୍ ପକ୍ଷରୁ ମାଗଣା ୩ ମାସିଆ Sign Language କୋର୍ସ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ (ଏସ୍‌ଏସ୍‌ପିଡି) ବିଭାଗ, ଓଡ଼ିଶା ଏବଂ ଅଲି ୟାଭର୍ ଜଙ୍ଗ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପିଚ୍ ଆଣ୍ଡ୍ ଶ୍ରବଣ ଅକ୍ଷମତା (ଦିବ୍ୟାଙ୍ଗ), ଆଞ୍ଚଳିକ କେନ୍ଦ୍ର, ଯାଆଁଳା, ଖୋର୍ଦ୍ଧାର ସହାୟତାରେ ଓଡ଼ିଶାର ଭୁବନେଶ୍ୱରଠାରେ ଆରମ୍ଭ ହେବାକୁ ଯାଉଛି। ଏହି କୋର୍ସ ଏକ ସାର୍ଟିଫିକେସନ କୋର୍ସ ଅଟେ। କୋର୍ସ ସମୟ ସୀମା ମଧ୍ୟରେ ମାଗଣା ହଷ୍ଟେଲ ଏବଂ ଖାଦ୍ୟର ବ୍ୟବସ୍ଥା ରହିବ।

ଆମକୁ
info@odisharisin.inରେ
Mail କରନ୍ତୁ।
ଅଥବା ଆମ ୱେବ୍‌ସାଇଟ୍
www.odisharising.in
ଭିଜିଟ୍ କରି registration କରନ୍ତୁ।

**ଓଡ଼ିଶା ରାଇଜିଂ ଫାଉଣ୍ଡେସନ୍**


ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday
**0674-2580101, 2549949**



## MATRIMONIAL

### BRIDE WANTED

Handsome Brahmin boy 1995, 5'6". B.Tech Serving Manager Nationalised Bank. "SUNASANSAR". 9937512659. D-75991

### GROOM WANTED

Brahmin boy 1994, B.Tech NIT, MBA IIM Engineer Bangalore. 9853366347. D-1204



## REAL ESTATE
### SALE

2BHK apartment for sale near Chintamaniswar Temple, Bhubaneswar. Mob- 9437443404, 9937802555. D-1180

Duplex sale at Bhubaneswar @ 60,00,000/- and apartment 4200/-sqft. 9777433701. D-75990

50,000sqft. commercial plot for sale near New Bus Stand Bhadrak. 9124915059. D-1201

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 7978874990, 9777554170. D-1199

Ready to move 4BHK duplex Bunglow Botanda Sundarapada, Bhubaneswar, Sai Villa, Ranging- 1.10Cr. Contact- 9861125539, 9040521173. D-76021

Individual Gharabari 2700 Sum Hospital-2 Nakhara,1500,2000 Pahala NH5, Balianta, Cv Raman, Infosys-2 Plot immediate sale details. 9937004650. D-975

18000sqft. commercial plot for sale near Pirabazar, Cuttack and Bhubaneswar highway. 9124915059. D-1200

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8895816302, 8328857872. D-1198

କଟକ-ଭୁବନେଶ୍ୱର ମଧ୍ୟ ଭାଗରେ Sum Hospital-2 ନିକଟସ୍ଥ GrandBazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ 30ft. ରାସ୍ତା ଥାଇ ଘରବାରି SC/Gen plot କିଣନ୍ତୁ। 9658562429. D-75989

Houseforsale-Mahanadi Vihar, Cuttack, Double Storied, Plot 2300, built-up 5300sqft. 4Storey foundation. 7 Bedroom, 7Toilets, 3Phase Electricity, Sump, Big Garage. Price 3Cr. Contact- 9437705858. D-71587

Ready to move flat with stilt parking of size 1570 & 1950sqft. are available for sale in Ashok Nagar near Rajmahal Square. Interested buyers can contact on this number 9937441023. D-1182

Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788. D-1032



## CONSTRUCTION

Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-1031

## BUSINESS

ଉଈ ପ୍ରତିକାର- ଉଈ, ଅସରପା, ମଶା, ମୂଷା, ଝିଟିପିଟି ନିୟନ୍ତ୍ରଣ। Mob- 6370293332, 9937802555. D-1181

## TO LET

Ground Floor 2BHK 1000sft. both side road at Chintamaniswar Plot No.- 1958/3 near Temple walkable distance to Cuttack Road Rail Station, Bhubaneswar for Office/ Cum Residence/Godown for light goods. 6370087588, 7008211947. D-1137




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75775

Newly open health benefits SPA by expert therapist. Contact- 9090400507. D-76148

Newly open health benefits SPA special offer @ 799 Bapujinagar. 8018429809. D-76149

## LOST

The original RSD No. 608/2001 of Mouza-Korian in the name of Preeti Devi Agrawalla and RSD No. 10501903842/2019 of Mouza Badasathiebatia in the name of Ghanashyam Hota, lost anywhere on 29.08.2024 when going to xerox to Jawahar chouk, Dhenkanal Town, Anybody found please contact- 9937408107. D-75451

## AFFIDAVIT

By virtue of an affidavit sworn before Notary Public, JHARSUGUDA on Dated 1st August 2024, I, Mr. TUNIR KEJRIWAL, Address Khata No- 946, Plot No. 2119, Kejriwal House, Shyam Darbar Gali, Marwari Para, Jharsuguda, Odisha have changed my Son's name from "Trishaan Kejriwal" to "Vedansh Kejriwal". Henceforth, he shall be known as "Vedansh Kejriwal" for all purposes. D-1207

By the virtue of an affidavit No. 1429 Dated-23.08.2024 before the Notary, Bhubaneswar. I Narasingha Mishra, S/o- Krupasindhu Mishra, Residing at Plot-60/4, Road-1, Mahavir Nagar, Samantarapur, Bhubaneswar- 751002, P.S.- Lingaraj, declare that my natural born son's name will be KESHAB MISHRA instead of Saideep Mishra for all purpose and all times to come from now onwards. D-1206

I Ritarani Padhi (47), W/o- Madhusudan Padhi, Vill/ P.O.- Alabaga, P.S.- Basudevpur, Dist.-Bhadrak, Odisha. Before marriage my name was Damayanti Agasti which is mentioned in my LIC Policy bearing No. 586550027. But after marriage I known as Ritarani Padhi according my Aadhaar and Voter Card I declare that Ritarani Padhi and Damayanti Agasti same and one person. D-1205

## ମନେ ପଡ଼ନ୍ତି

### ପଞ୍ଚମ ବାର୍ଷିକ ଶ୍ରାଦ୍ଧୋତ୍ସବ



**ସ୍ୱର୍ଗତ ବିଶ୍ୱନାଥ ତ୍ରିପାଠୀ**

ପ୍ରଥମଖଣ୍ଡି, ବୀରରାମଚନ୍ଦ୍ରପୁର, ସତ୍ୟବାଦୀ

ଆଜି ଆପଣଙ୍କର ପଞ୍ଚମ ବାର୍ଷିକ ପୁଣ୍ୟତିଥିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆପଣଙ୍କ ଅମାରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶୋକସନ୍ତପ୍ତ: ପତ୍ନୀ: ନିରୂପମା ତ୍ରିପାଠୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।

ଧ-୬୬୬୮

### ଦଶାହ ଉପଲକ୍ଷେ



**୰ଆର୍ତ୍ତବନ୍ଧୁ ପଣ୍ଡା**

ପୂର୍ବତନ ପ୍ରଧାନ ଶିକ୍ଷକ, ସ୍ୱପ୍ନେଶ୍ୱରଦେବ ଏମ୍.ଇ.ସ୍କୁଲ, ତୁଳସୀପୁର
ଢ଼ଁସର, ବାଙ୍କୀ, କଟକ
ଆବିର୍ଭାବ: ୦୮।୦୩।୧୯୪୦
ତିରୋଧାନ: ୨୩।୦୮।୨୦୨୪

ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।

ଧ-୧୨୦୨

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ହିମାଂଶୁ ମୋହନ ତ୍ରିପାଠୀ**

ପଲ୍ଲୀକଣ୍ଠା, ଏରସମା, ଜିଲ୍ଲା: ଜଗତ୍‌ସିଂହପୁର
ଆବିର୍ଭାବ: ୨୦।୦୪।୧୯୩୮
ତିରୋଧାନ: ୨୫।୦୮।୨୦୨୨

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା ।

-ଶୋକସନ୍ତପ୍ତ-
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।

ଧ-୧୧୯୫


ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.comରେ ଇମେଲ୍ କରନ୍ତୁ ।

# ଭାଇରାଲ୍ ମିଛ

ଏବେ ଆଉ କେବଳ ଖବରକାଗଜ କିମ୍ବା ନ୍ୟୁଜ୍ ଚ୍ୟାନେଲ୍ ନୁହେଁ ବରଂ ସୋସିଆଲ ମିଡିଆ ମଧ୍ୟ ଖବର ପାଇବାର ସବୁଠାରୁ ବଡ଼ ସ୍ରୋତ ପାଲଟିଛି । ଯେଉଁଠି ଖୁବ୍ କମ୍ ସମୟରେ ଦୁନିଆର ବିଭିନ୍ନ କୋଣରେ ଥିବା ଲୋକେ ଏକସଙ୍ଗେ ଫଟୋ, ଭିଡିଓ ମାଧ୍ୟମରେ ଖବର ପାଇପାରୁଛନ୍ତି । ହେଲେ ଅନେକ ସମୟରେ ଭୁଲ୍ ଏବଂ ମିଛ ଖବର ମଧ୍ୟ ଆସୁଛି ଏବଂ କେହି କେହି ଏହାକୁ ସତ ଭାବି ଅନ୍ୟମାନଙ୍କୁ ଫରୱାର୍ଡ କରିଥାନ୍ତି । ଯଦ୍ୱାରା ଧୀରେ ଧୀରେ ଏହା ଭାଇରାଲ୍ ହେଉଛି ଏବଂ ସମାଜରେ ଏହି ଭୁଲ୍ ତଥ୍ୟର ପ୍ରଚାର ହେଉଛି । ଏଥିପାଇଁ ମଧ୍ୟ ଅନେକ ସମସ୍ୟା ଉପୁଜୁଥିବାର ନଜିର ରହିଛି । ଏମିତିକି ଅନେକଙ୍କର ଫେକ୍ ଏଆଇ ଫଟୋ ଏବଂ ଭିଡିଓ ମଧ୍ୟ ସୋସିଆଲ୍ ମିଡିଆରେ ଆସୁଛି । ଏଣୁ ସେମାନଙ୍କର ମିଛ ଅପପ୍ରଚାର ହେଉଛି । ଯଦ୍ୱାରା ସମାଜରେ ସତ କ'ଣ ଜଣାଇବା ପାଇଁ ମଧ୍ୟ ଅନେକଙ୍କୁ ସୁଯୋଗ ମିଳୁନାହିଁ । ଏମିତିକି କେହି କେହି ଏଭଳି ପରିସ୍ଥିତିର ମୁକାବିଲା ନ କରିପାରି ବିନା ଦୋଷରେ ଆତ୍ମହତ୍ୟା କରୁଥିବା ଘଟଣା ବି ଦେଖିବାକୁ ମିଳୁଛି । ତେଣୁ ଏସବୁ ରୋକିବା ଲାଗି



ପାଖକୁ ପହଞ୍ଚିଥାଏ । ତେଣୁ କୌଣସି ଖବର ପାଇବାମାତ୍ରେ ଏହାକୁ ତୁରନ୍ତ ଯେକୌଣସି ଗ୍ରୁପ୍‌ରେ ଶେୟାର କରନ୍ତୁ ନାହିଁ ।

**ଶେୟାର ପୂର୍ବରୁ ଚେକ୍ କରନ୍ତୁ:** ବର୍ତ୍ତମାନ ଅନେକ ଫେକ୍ ମେସେଜ୍ ସୋସିଆଲ୍ ସାଇଟ୍‌ରେ ଭାଇରାଲ୍ ହେଉଥିବା ଦେଖିବାକୁ ମିଳୁଛି । ବିଶେଷକରି ଏଭଳି ମେସେଜ୍ ଏକସଙ୍ଗେ ଏକାଧିକ ଗ୍ରୁପ୍‌ରେ ପଠାଯିବା ଦ୍ୱାରା ସମାଜରେ ଭୁଲ୍ ଖବର ପ୍ରଚାରିତ ହେଉଛି । ତେଣୁ ଏଭଳି କୌଣସି ମେସେଜ୍ ବିଶେଷକରି ସମାଜରେ ଚାଲିଥିବା କିଛି ସମ୍ବେଦନଶୀଳ ଘଟଣାକୁ ନେଇ ମେସେଜ୍ ଆସିଲେ ଏହାକୁ ତୁରନ୍ତ ଫରୱାର୍ଡ ନ କରି ପ୍ରଥମେ ତାହା ଠିକ୍ କି ନୁହେଁ ଜାଣିବା ପରେ ଫରୱାର୍ଡ କରନ୍ତୁ । କାରଣ ଏଥିପାଇଁ ଫେକ୍ ମେସେଜ୍

## କ'ଣ କୁହନ୍ତି ଏମାନେ...

### ଖବର ଯାଞ୍ଚ କରିବା ଜରୁରୀ



**ଦୀପକ କୁମାର ନାଇଡୁ** (ଜଟଣୀ, ସମାଜସେବୀ)– ସୋସିଆଲ ମିଡିଆ ଏବେ ଏକ ରଣକ୍ଷେତ୍ର ପାଲଟିଛି । ନିଜର କିଛି ଯୁକ୍ତି ଉପସ୍ଥାପନ ପାଇଁ ଆରୋପ ପ୍ରତ୍ୟାରୋପ କରାଯାଉଛି । ଅନେକ ସମୟରେ ବହୁ ଆପତ୍ତିଜନକ ବାର୍ତ୍ତା, ଭିଡିଓ ପୋଷ୍ଟ କରାଯାଉଛି । ଏହାଦ୍ୱାରା ବିପଦରେ ପଡ଼ିବା ଆଶଙ୍କା ରହିଛି । କୌଣସି ଧାର୍ମିକ ବିଦ୍ୱେଷ, ସାମ୍ପ୍ରଦାୟିକତା ଉପରେ ଲେଖିବା ବେଳେ ସଚେତନ ରହିବା ଦରକାର । ସୋସିଆଲ ମିଡିଆରେ ବହୁ ଗୁଜବ ଖବର ଆସିଥାଏ । ଏହା ସତ କି ମିଥ୍ୟା ପ୍ରଥମେ ଯାଞ୍ଚ ନ କରି ରିପୋଷ୍ଟ ଅଥବା କୌଣସି ଅନୁଷ୍ଠାନର ବିଜ୍ଞାପନ ସତ୍ୟତା ନ ଜାଣି ଲାଇକ୍ ଶେୟାର କରିବା ଠିକ୍ ନୁହେଁ । ଏଭଳି ଏକ ମିଥ୍ୟା ଖବରରେ ପଡି ମୁଁ ହଟହଟା ହୋଇଛି । ତେଣୁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ବୁଝିବିଚାରି ପାଦ ଥାପିଲେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ ।

### କାର୍ଯ୍ୟାନୁଷ୍ଠାନ ହେଲେ ସମସ୍ୟା ଦୂର ହେବ



**ମଧୁସ୍ମିତା ଜେନା** (ପୁରୀ)– ସୋସିଆଲ ମିଡିଆ ମାଧ୍ୟମରେ କମ ସମୟରେ ବିଶ୍ୱର ସମସ୍ତ ଖବର ଲୋକଙ୍କ ନିକଟରେ ପହଞ୍ଚିଥାଏ । ଲୋକଙ୍କୁ ଯୋଡ଼ିବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ବହୁ ଅନାଲୋଚିତ ପ୍ରସଙ୍ଗ, ଐତିହ୍ୟ କୀର୍ତ୍ତିରାଜି ତଥା ସମାଜର ଆଢୁଆଳରେ ରହିଯାଉଥିବା ଖବର ଏହା ମାଧ୍ୟମରେ ଲୋକଲୋଚନକୁ ଆସିଥାଏ । ହେଲେ ସମାଜରେ କୌଣସି ଘଟଣା ବା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ, ଅନେକେ ବିଶେଷ କରି ୱେବ୍ ଚ୍ୟାନେଲ୍‌ଗୁଡିକ ଏହାର ସତ୍ୟାସତ୍ୟ ଯାଞ୍ଚ ନ କରି ଆପତ୍ତିଜନକ ପୋଷ୍ଟ କରୁଛନ୍ତି । ଏହା ଦ୍ୱାରା ସମାଜରେ ବିଦ୍ୱେଷଭାବ ସୃଷ୍ଟି ହେଉଛି । ଆଜିର ଯୁବପିଢ଼ି ସୋସିଆଲ ମିଡିଆରେ ଅଧିକ ସମୟ ଅତିବାହିତ କରୁଛନ୍ତି । ତେଣୁ ସେମାନେ ଏଭଳି ଫେକ୍ ନ୍ୟୁଜ୍ ଅନ୍ୟକୁ ଫରୱାର୍ଡ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ଏ ଦିଗରେ ସଚେତନ କରିବା ଆବଶ୍ୟକ । ତା'ଛଡ଼ା ଏଭଳି ମିଥ୍ୟା ଖବର ପ୍ରଚାର କରୁଥିବା ସଂସ୍ଥା କିମ୍ବା ବ୍ୟକ୍ତିଙ୍କ ପାଇଁ ସରକାରୀ ଅଙ୍କୁଶ ଲଗାଯିବା ସହ ଏହାକୁ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ବ୍ୟବସ୍ଥା କରାଗଲେ ଏହି ସମସ୍ୟା ଦୂର ହୋଇପାରିବ ।

### ସଠିକ୍ ତଥ୍ୟ ପୋଷ୍ଟ କରିବା ଦରକାର



**ଆୟୁଷ୍ମାନ୍ ପଟ୍ଟନାୟକ** (ଯୁକ୍ତ ଦୁଇ ଛାତ୍ର, ଖୋର୍ଦ୍ଧା)– ସୋସିଆଲ ମିଡିଆ ଦୈନନ୍ଦିନ ଜୀବନଶୈଳୀର ଏକ ଅଙ୍ଗ ପାଲଟିଗଲାଣି । ଏଥିରେ ଅନେକ ପ୍ରସଙ୍ଗ ଉପରେ ମେସେଜ୍ ଆସିଥାଏ । ତେବେ ଏହା ସତ୍ୟ କି ମିଥ୍ୟା, ଗୁଜବ କିମ୍ବା ବାସ୍ତବତା ଯାଞ୍ଚ ନ କରି ଆମେ କିଛି ପୋଷ୍ଟ, ଟ୍ୱିଟ୍, ବାର୍ତ୍ତା, ଫଟୋ ଏବଂ ଭିଡିଓ ପୋଷ୍ଟ କରୁଛୁ, ଯାହା ଲକ୍ଷାଧିକ ଲୋକଙ୍କ ପାଖରେ ପହଞ୍ଚୁଛି । ଯଦିଓ ଆମେ ସୋସିଆଲ ମିଡିଆକୁ ମନୋରଞ୍ଜନ ଭାବରେ ବ୍ୟବହାର କରୁଛୁ, ତଥାପି ଏଥିରେ ଯେପରି କୌଣସି ଭୁଲ୍ ତଥ୍ୟ ପ୍ରଚାର ନ ହେଉ ସେଥିପାଇଁ ଯତ୍ନଶୀଳ ରହିବା ଆବଶ୍ୟକ । ତା'ଛଡ଼ା ନିଜେ ମଧ୍ୟ ଠିକ୍ କଥା ଜାଣିବା ଦରକାର, ନଚେତ୍ ମିଥ୍ୟା ଖବର ବାଣ୍ଟିବା ଲାଗି ଆପଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ବି ଗ୍ରହଣ କରାଯାଇପାରେ । ତେଣୁ ସୋସିଆଲ ମିଡିଆରେ କିଛି ପୋଷ୍ଟ ଅଥବା ଫରୱାର୍ଡ ପୂର୍ବରୁ ସଚେତନତା ଜରୁରୀ ।

**ବର୍ତ୍ତମାନ କୌଣସି ଖବର ଜାଣିବା ଆଉ କଷ୍ଟକର ବ୍ୟାପାର ହୋଇ ରହିନାହିଁ । ଇଣ୍ଟରନେଟ୍ ବିଶେଷକରି ସୋସିଆଲ୍ ମିଡିଆରେ ପ୍ରତିଟି ଖବର ଆଖିପିଛୁଳାକେ ପହଞ୍ଚିଯାଉଛି କୋଟି କୋଟି ଲୋକଙ୍କ ପାଖରେ । ହେଲେ ଏହା ଭିତରେ ବି ଭାଇରାଲ୍ ହୋଇଯାଉଛି କିଛି ମିଛ ବା ଭୁଲ୍ ଖବର, ଯାହାର ସମାଜ ଉପରେ ପଡୁଛି ନକାରାତ୍ମକ ପ୍ରଭାବ । ଯାହାକୁ ରୋକିବା ପାଇଁ ଆବଶ୍ୟକ ବ୍ୟାପକ ସଚେତନତା...**

ସମସ୍ତେ ସଚେତନ ହେବା ଆବଶ୍ୟକ...

**ଠିକ୍ ନୁହେଁ ଅଯଥା ମେସେଜ୍ ଫରୱାର୍ଡ:** ଅଧିକାଂଶ ସୋସିଆଲ ମିଡିଆ ଗ୍ରୁପ୍‌ରେ କିଛି ଏମିତି ମେମ୍ବରଥା'ନ୍ତି ଯେଉଁମାନେ ଯେକୌଣସି ଫଟୋ, ଭିଡିଓଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ମେସେଜ୍ ଫରୱାର୍ଡ କରିଥାନ୍ତି । ହେଲେ ଏହାଦ୍ୱାରା ଅନେକ ସମୟରେ ଫେକ୍ ଖବର ମଧ୍ୟ ସଭିଙ୍କ ପଠାଇବା ଭଳି ସାଇବର କ୍ରାଇମ୍ ଲାଗି ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିପାରେ ।

**ପ୍ରଥମେ ଯାଞ୍ଚ କରିବା ଦରକାର:** ବର୍ତ୍ତମାନ ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷ, ସେଲିବ୍ରେଟିମାନଙ୍କ ପର୍ସନାଲ୍ ଲାଇଫ୍‌କୁ ନେଇ ହେଉ ଅବା ଅନ୍ୟାନ୍ୟ ଘଟଣାକୁ ନେଇ ଅନେକ ଫେକ୍ ଖବର ପ୍ରଚାର ହେଉଛି । କିଛି ସଂସ୍ଥା ନିଜର ଭ୍ୟୁ ବଢ଼ାଇ ଟଙ୍କା ରୋଜଗାର କରିବା ଉଦ୍ଦେଶ୍ୟରେ







ଏପରି କରୁଛନ୍ତି । ତେଣୁ ଏଭଳି କୌଣସି ଖବର ପାଇଲେ ତାହା କେଉଁ ସ୍ରୋତରୁ ଆସିଛି ପ୍ରଥମେ ଦେଖନ୍ତୁ । ଯଦି ତାହା ଜଣାଶୁଣା ଖବରସଂସ୍ଥାର ନ୍ୟୁଜ୍ ହୋଇଥାଏ, ତେବେ ଫରୱାର୍ଡ କରନ୍ତୁ ନଚେତ୍ ଏହା ଫେକ୍ ହୋଇପାରେ ।

**ରିପୋର୍ଟ କରନ୍ତୁ:** ଯଦି କୌଣସି ସଂସ୍ଥା ବାରମ୍ବାର ଫେକ୍ ନ୍ୟୁଜ୍ ଦେଉଛି, ତେବେ ତାହାକୁ ରିପୋର୍ଟ କରନ୍ତୁ । ସମସ୍ତେ ଏହିପରି କଲେ ଗାଇଡ୍‌ଲାଇନ୍ ନ ମାନିବା ଆରୋପରେ ଉକ୍ତ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ତାହାକୁ ବନ୍ଦ ମଧ୍ୟ କରିଦିଆଯାଇଥାଏ ।

## ଜାଣନ୍ତୁ ଦୁନିଆ

# ଲେକ୍ ଡିଷ୍ଟ୍ରିକ୍ଟ

**ଇଂଲଣ୍ଡର ଉତ୍ତର-ପଶ୍ଚିମରେ ରହିଛି ଲେକ୍ ଡିଷ୍ଟ୍ରିକ୍ଟ ଜାତୀୟ ଉଦ୍ୟାନ । ଯାହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଲକ୍ଷ ଲକ୍ଷ ସଂଖ୍ୟାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ଜାଣିବା ଏହା ସମ୍ପର୍କରେ କିଛି ତଥ୍ୟ...**



- ୨୩୬୨ ବର୍ଗ କିମି ପରିବ୍ୟାପ୍ତ ଲେକ୍ ଡିଷ୍ଟ୍ରିକ୍ଟ ଇଂଲଣ୍ଡର ଦ୍ୱିତୀୟ ବୃହତ୍ତମ ଜାତୀୟ ଉଦ୍ୟାନ । ହେଲେ ଏଠାରେ ଇଂଲଣ୍ଡର ସବୁଠାରୁ ଉଚ୍ଚତମ ପର୍ବତ ସ୍କାଫେଲ୍ ପାଇକ୍ ରହିଛି, ଯାହାକି ଆଜକୁ ପ୍ରାୟ ୪୫୦ ମିଲିୟନ୍ ବର୍ଷ ପୂର୍ବେ ସୃଷ୍ଟି ହୋଇଥିବା ଅନୁମାନ କରାଯାଏ ।
- ଇଂଲଣ୍ଡର ବୃହତ୍ତମ ପ୍ରାକୃତିକ ହ୍ରଦ ୱିଣ୍ଡରମିୟର ବି ଏହା ମଧ୍ୟରେ ଅବସ୍ଥିତ । ୧୧ ମାଇଲ୍ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏହା ମଧ୍ୟରେ ୧୮ଟି ଛୋଟ ଦ୍ୱୀପ ରହିଛି, ଯାହା ମଧ୍ୟରୁ ବେଲେ ଆଇସ୍‌ଲାଣ୍ଡ ସବୁଠୁ ବଡ଼ ।
- ୧୯୫୧ ମସିହାରେ ଏହାକୁ ଜାତୀୟ ଉଦ୍ୟାନର ମାନ୍ୟତା ମିଳିଥିଲା ।



- ୧୮୧୦ରେ ଲୋକପ୍ରିୟ ରୋମାଣ୍ଟିକ୍ କବି ଉଇଲିୟମ୍ ୱାର୍ଡସୱର୍ଥ ପର୍ଯ୍ୟଟକଙ୍କ ସୁବିଧା ଲାଗି ଗାଇଡ୍ ଟୁ ଲେକ୍‌ସ ନାମକ ପୁସ୍ତକ ଲେଖିଥିଲେ ।
- ଏହି ସ୍ଥାନ ମଧ୍ୟରେ ପ୍ରାୟ ୧୪,୫୬୦ଟି ପ୍ରତ୍ନତାତ୍ତ୍ୱିକ ସାଇଟ୍ ଏବଂ ପଥର ସ୍ଥାପତ୍ୟ ଦେଖିବାକୁ ମିଳିଥାଏ । ଏମିତିକି କେତେକ ପଥର ଖୋଦିତ କଳାକୃତି ରହିଛି, ଯାହା ପ୍ରାୟ ୬୦୦୦ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଅନୁମାନ କରାଯାଏ ।

## ଏ ସପ୍ତାହର ପ୍ରଶ୍ନ

୧– ପ୍ରଥମ ନ୍ୟାଶନାଲ୍ ସ୍ପେସ୍ ଡେ'ର ଥିମ୍ ................ ?
୨– ବିରୂପାକ୍ଷ ମନ୍ଦିର ................ ରାଜ୍ୟରେ ଅବସ୍ଥିତ ?
୩– ଏନ୍‌ଆଇଏଲ୍‌ପିର ଫୁଲ୍‌ଫର୍ମ ................ ?
୪– ରୋମିଓ ଆଣ୍ଡ ଜୁଲିଏଟ୍ ପୁସ୍ତକର ଲେଖକ ................ ?
୫– ଭାରତର ବୃହତ୍ତମ ହ୍ରଦ ................ ?

## ଗତ ଥରର ଉତ୍ତର

୧ ଡ. ଏମ୍.କେ. ଶ୍ରୀଙ୍ଗାରି
୨ ଉତ୍ତରାଖଣ୍ଡ
୩ ଶ୍ରୀ ଦରବାର ସାହିବ, କର୍ତ୍ତାରପୁର, ପାକିସ୍ତାନ
୪ ମିନିଷ୍ଟ୍ରୀ ଅଫ୍ ଏଜୁକେଶନ୍
୫ ସ୍ୱିଜରଲାଣ୍ଡର ଗ୍ରିଣ୍ଡେଲ୍‌ୱାଲ୍ଡ

## ଉତ୍ତରଦାତା



ମାନସ ରଞ୍ଜନ ପଟ୍ଟନାୟକ
ଭୁବନେଶ୍ୱର



ଶେଖ୍ ୟାକୁବ୍
ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ବଡ଼ ମାଇନିଂ କମ୍ପାନୀ




୧– ଗ୍ଲେନ୍‌କୋର ପିଏଲ୍‌ସି.................. ସ୍ୱିଜରଲାଣ୍ଡ
୨– ଜିଆଙ୍ଗ୍‌କ୍ସି କପର କୋ. ଲିମିଟେଡ୍.................. ଚାଇନା
୩– ବିଏଚ୍‌ପି ଗ୍ରୁପ୍ ଲିମିଟେଡ୍.................. ଅଷ୍ଟ୍ରେଲିଆ
୪– ରିଓ ଟିଣ୍ଟୋ ପିଏଲ୍‌ସି .................. ଇଂଲଣ୍ଡ
୫– ଆଲୁମିନିଅମ୍ କର୍ପୋରେଶନ ଅଫ୍ ଚାଇନା ଲିମିଟେଡ୍.................. ଚାଇନା
୬– ଭେଲ୍ ଏସ୍‌ଏ.................. ବ୍ରାଜିଲ୍
୭– ଜିଜିନ୍ ମାଇନିଂ ଗ୍ରୁପ୍ କୋ. ଲିମିଟେଡ୍.................. ଚାଇନା
୮– ଆଙ୍ଗ୍ଲୋ ଆମେରିକାନ୍ ପିଏଲ୍‌ସି.................. ଇଂଲଣ୍ଡ
୯– ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍.................. ଭାରତ
୧୦– ସିଏମ୍‌ଓସି ଗ୍ରୁପ୍ ଲିମିଟେଡ୍ .................. ଚାଇନା

## ୟୁଥ୍ ଆଲର୍ଟ

# ହାନିକାରକ ଓଭର ଏକ୍ସରସାଇଜ୍

**ବର୍ତ୍ତମାନ ଅନେକଙ୍କ ପାଇଁ ଫିଟ୍‌ନେସ୍ ମନ୍ତ୍ର ପାଲଟିଛି ଏକ୍ସରସାଇଜ୍ । ହେଲେ କେହି କେହି ଶୀଘ୍ର ପତଳା ହେବା ନିଶାରେ ଓଭର ଏକ୍ସରସାଇଜ୍ କରିବାକୁ ମଧ୍ୟ ପଛାଉ ନାହାନ୍ତି । ହେଲେ ଏହାଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିପାରେ । ଜାଣିରଖନ୍ତୁ ସେ ସମ୍ପର୍କରେ...**

**ଗବେଷଣା କୁହେ:**

- ଓଭର ଏକ୍ସରସାଇଜ୍ କଲେ ଶରୀରରେ ଯନ୍ତ୍ରଣା ହୋଇପାରେ । ବିଶେଷକରି ପାଦ, ଆଣ୍ଠୁ, ହାତ, ବେକ, ଅଣ୍ଟା ଆଦି ସ୍ଥାନରେ ମାଂସପେଶୀ ସଂକୁଚିତ ହୋଇଯିବା ସହ ଉକ୍ତ ସ୍ଥାନ ଫୁଲି ଖୁବ୍ ଯନ୍ତ୍ରଣା ହୋଇଥାଏ ।
- ଆମେରିକାରେ ହୋଇଥିବା ଏକ ଗବେଷଣା ରିପୋର୍ଟ ମୁତାବକ ଯେପରି କୌଣସି ଔଷଧ ଆବଶ୍ୟକ ମାତ୍ରାରେ, ଠିକ୍ ସେହିପରି ଏକ୍ସରସାଇଜ୍ ମଧ୍ୟ ଆବଶ୍ୟକତାଠାରୁ ଅଧିକ ସ୍ୱାସ୍ଥ୍ୟ ପ୍ରତି ହାନିକାରକ । ଏହାଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ପ୍ରଭାବିତ ହେବା ସହ ହୃତ୍‌ପିଣ୍ଡ ଉପରେ ଚାପ ପଡ଼ିଥାଏ । ଏମିତିକି ବର୍ତ୍ତମାନ କେତେକ ହୃଦ୍‌ଘାତଜନିତ ମୃତ୍ୟୁର ମୁଖ୍ୟ କାରଣ ଓଭର ଏକ୍ସରସାଇଜ୍ ବୋଲି ଜଣାପଡ଼ିଛି ।
- ଆବଶ୍ୟକତାଠାରୁ ଅଧିକ ଏକ୍ସରସାଇଜ୍ କଲେ ଶୀଘ୍ର ଅଧିକ କ୍ୟାଲୋରି ବର୍ଣ୍ଣ ହୋଇଥାଏ । ଫଳରେ ଶରୀରକୁ ଏନର୍ଜି ଷ୍ଟୋର କରିବାରେ ଅସୁବିଧା ହୋଇଥାଏ । ଫଳରେ ଥକା ଲାଗିବା, ଅଳସୁଆ ଲାଗିବା ବା ନିଦ ଆସିବା ଭଳି ଲକ୍ଷଣ ଦେଖାଦେଇଥାଏ । ଏହା ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ । ତେଣୁ ଟ୍ରେନରଙ୍କ ପରାମର୍ଶ ନେଇ ଏକ୍ସରସାଇଜ୍ କରନ୍ତୁ ।
- ଓଭର ଏକ୍ସରସାଇଜ୍ କଲେ ମସ୍ତିଷ୍କ ପିଟ୍ୟୁଟାରୀ ଗ୍ଲାଣ୍ଡରୁ ଏଣ୍ଡୋର୍ଫିନ୍ ହରମୋନ କ୍ଷରଣରେ ଅସନ୍ତୁଳନ ଦେଖାଦେଇଥାଏ । ଫଳରେ ଚିଡ଼ିଚିଡ଼ା ଲାଗିବା, ଅବସାଦ ଭଳି ଲକ୍ଷଣ ଦେଖାଦେଇଥାଏ ।



# ପଦକ ପକ୍କା କଲେ ସୁହାସ, ସୁକାନ୍ତ

ପ୍ୟାରିସ୍,୩୧।୮(ପି.ଟି.)

ପ୍ୟାରିସ୍‌ରେ ଚାଲିଥିବା ପାରାଲିମ୍ପିକ୍ସ ୨୦୨୪ରେ ଶନିବାର ଭାରତ ପାଇଁ ଏକ ପଦକ ପକ୍କା କରିଛନ୍ତି ପାରା ଶଟଲର ସୁହାସ ୟଥିରାଜ ଓ ସୁକାନ୍ତ କଦମ। ଉଭୟ ଖେଳାଳି ଏସ୍‌ଏଲ୍-୪ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ଭାରତ ଅନ୍ୟୁନ ଗୋଟିଏ ପଦକ ଜିତିବା ନିଶ୍ଚିତ ହୋଇଛି। ଉଭୟ ଖେଳାଳି ନିଜ ନିଜ ଗ୍ରୁପ୍‌ରେ ଦୁଇଟି ଲେଖାଏ ମ୍ୟାଚ୍ ଜିତି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଟପ୍ ସିଡ୍ ସୁହାସ ଗ୍ରୁପ୍ ବି'ରେ ସ୍ଥାନ ପାଇଥିବା ବେଳେ ଉଭୟ ମ୍ୟାଚ୍‌ରେ ଯଥାକ୍ରମେ ଥାଇଲାଣ୍ଡର ସିରିପୋଙ୍ଗ ଟେମାରୋମ୍ ଓ ମାଲେସିଆର ଅମିନ ମହମ୍ମଦ ବୁରହାନୁଦ୍ଦିନଙ୍କୁ ପରାସ୍ତ କରିଥିଲେ। ଅନ୍ୟତମ ଭାରତୀୟ ସୁକାନ୍ତ କଦମ ଯଥାକ୍ରମେ ଇଣ୍ଡୋନେସିଆର ହିକମତ ରାମଦିନି ଓ କୋରିଆର କ୍ୟୁଙ୍ଗ ଶିନଙ୍କୁ ପରାସ୍ତ କରିଥିଲେ। ଟୋକିଓ ପାରାଲିମ୍ପିକ୍ସରେ ସୁହାସ ରୌପ୍ୟ ପଦକ ହାସଲ କରିଥିଲେ। ରବିବାର ଉଭୟ ଖେଳାଳିଙ୍କ ସେମିଫାଇନାଲ ମ୍ୟାଚ୍ ଲା ଚାପେଲ ଆରେନାରେ ଖେଳାଯିବ।



ମ୍ୟାଚ୍ ଜିତିବା ପରେ ସୁକାନ୍ତ କଦମ।

## ସ୍ୱରୂପ ନିରାଶ

ଭାରତୀୟ ପିସ୍ତଲ ଶୁଟର ସ୍ୱରୂପ ଉନହାଲକରଙ୍କୁ ନିରଶ ହେବାକୁ ପଡ଼ିଛି। ଏସ୍‌ଏଚ୍୧ ବର୍ଗର ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱରୂପ ୧୪ତମ ସ୍ଥାନରେ ରହିବା ସହ ଫାଇନାଲକୁ ଯୋଗ୍ୟତା ହାସଲରେ ବିଫଳ ହୋଇଛନ୍ତି। ଟୋକିଓରେ ଅଳ୍ପକେ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଥିବା ସ୍ୱରୂପ ଶନିବାର ସମସ୍ତଙ୍କୁ ନିରାଶ କରିଥିଲେ। ୧୮ ଶୁଟରଙ୍କ ଇଭେଣ୍ଟରେ ସେ ୬୧୩.୪ ପଏଣ୍ଟ ସହ ୧୪ତମ ସ୍ଥାନରେ ରହିଥିଲେ। ଦକ୍ଷିଣ କୋରିଆର ପାର୍କ ଜିନ୍ ହୋ ୬୨୪.୪ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିଲେ।

## ତୃତୀୟରେ ଅନିତା-ନାରାୟଣ

ଭାରତୀୟ ପିଆର-୩ ଡବଲ୍ ସ୍କଲ ଇଭେଣ୍ଟର ରୋୟର ଅନିତା ଓ ନାରାୟଣ କୋଙ୍ଗାନାପଲ୍ଲେ ତୃତୀୟ ସ୍ଥାନରେ ରହିଛନ୍ତି। ଉଭୟ ୭:୫୪.୩୩ ସେକେଣ୍ଡର ଟାଇମିଂ ହାସଲ କରିଥିଲେ। ୟୁକ୍ରେନ୍ ୭:୨୯.୨୪ ଓ ଗ୍ରେଟ ବ୍ରିଟେନ ୭:୨୦.୫୩ ସେକେଣ୍ଡର ଟାଇମିଂ ସହ ପ୍ରଥମ ଦୁଇ ସ୍ଥାନ ହାସଲ କରିଥିଲା। ଭାରତୀୟ ରୋୟର ବର୍ତ୍ତମାନ ଫାଇନାଲ ବି ଅର୍ଥାତ୍ ସପ୍ତମରୁ ୧୨ତମ ସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ।

## କ୍ୱାର୍ଟରରେ ମନ୍‌ଦୀପ

ଭାରତୀୟ ପାରା ଶଟଲର ମନଦୀପ କୌର ଏସ୍‌ଏଲ୍୩ ମହିଳା ବ୍ୟାଡ଼ମିଣ୍ଟନ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ମନ୍‌ଦୀପ ୨୧-୨୩, ୨୧-୧୦ ଓ ୨୧-୧୭ ସେଟରେ ଅଷ୍ଟ୍ରେଲିଆର ଭିନୋଟ ସେଲିନ୍ ଅଉରିଲେଙ୍କୁ ପରାସ୍ତ କରିଥିଲେ।

# କ୍ୱାର୍ଟରରେ ସରିତା

ପ୍ୟାରିସ୍,୩୧।୮(ପି.ଟି.)

ଭାରତୀୟ ପାରା ଆର୍ଚର ସରିତା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ କମ୍ପାଉଣ୍ଡ ଇଭେଣ୍ଟର ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ଇଟାଲୀ ଏଲେନୋରା ସାର୍ଟିଙ୍କୁ ୧୪୧-୧୩୫ରେ ପରାସ୍ତ କରିଥିଲେ ସରିତା। ୫ ରାଉଣ୍ଡ ଲେଖାଏ ଖେଳା ଯାଇଥିବା ବେଳେ ସରିତା ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ସରିତା ୨ ରାଉଣ୍ଡରେ ୨୯ ପଏଣ୍ଟ ଲେଖାଏ ସ୍କୋର କରିଥିବା ବେଳେ ଦୁଇଥର ୨୮ ଓ ଥରେ ୨୭ ସ୍କୋର କରିଥିଲେ। କ୍ୱାର୍ଟର ଫାଇନାଲରେ ଚାଇନାର କୁରେ ଗିର୍ଡି ଓଙ୍କୁ ଭେଟିବେ ସରିତା। ଅନ୍ୟତମ ଭାରତୀୟ ଶୀତଲ ଦେବୀ ଚିଲିର ଜୁନିଗା ମାରିଆନାଙ୍କ ଠାରୁ ୧୩୮-୧୩୭ର କଡା ସଂଘର୍ଷପୂର୍ଣ୍ଣ ମୁକାବିଲାରେ ପରାଜିତ ହୋଇଥିଲେ। ପ୍ରଥମ ୩ ରାଉଣ୍ଡରେ ଶୀତଲ ଚମତ୍କାର ପ୍ରଦର୍ଶନ କରି ଆଗୁଆ ରହିଥିଲେ। ତେବେ ଅନ୍ତିମ ରାଉଣ୍ଡରେ ଶୀତଲଙ୍କ ଦୁଇଟି ଶଟ୍‌ରେ ମାତ୍ର ୮ ଓ ୭ ପଏଣ୍ଟ ଆସିଥିଲା।




କଳିଙ୍ଗ ଷ୍ଟାଡିୟମରେ ନିର୍ମାଣାଧୀନ ବ୍ୟାଡ୍‌ମିଣ୍ଟନ ହାଇ ପର୍ଫର୍ମାନ୍ସ ସେଣ୍ଟର ପରିଦର୍ଶନ ଅବସରରେ କିମ୍ବଦନ୍ତୀ ବ୍ୟାଡ୍‌ମିଣ୍ଟନ କୋଚ ପୁଲେଲା ଗୋପୀଚାନ୍ଦ(ଡାହାଣ) ଓ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଭାସ୍କର ଜ୍ୟୋତି ଶର୍ମା।

# ଛକାରେ ବଦୋନୀଙ୍କ ବିଶ୍ୱ ରେକର୍ଡ

ନୂଆଦିଲ୍ଲୀ, ୩୧।୮ (ପି.ଟି.)

ଦିଲ୍ଲୀ ପ୍ରିମିୟର ଲିଗ୍‌ରେ ସାଉଥ୍ ଦିଲ୍ଲୀ ସୁପରଷ୍ଟାର୍ଜ ତରଫରୁ ଖେଳୁଥିବା ଆୟୁଷ ବଦୋନୀ ତାଙ୍କର ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରି ଟି୨୦ରେ ଏକ ନୂଆ ରେକର୍ଡ କରିଛନ୍ତି। ନର୍ଥ ଦିଲ୍ଲୀ ଷ୍ଟ୍ରାଇକର୍ସ ବିପକ୍ଷ ମ୍ୟାଚରେ ବଦୋନୀ (୧୬୫ ରନ) ଏବଂ ପ୍ରିୟାଂଶ ଆର୍ଯ୍ୟ (୧୨୦)ଙ୍କ ଶତକୀୟ ଇନିଂସ ବଳରେ ସୁପରଷ୍ଟାର୍ଜ ୫ ଉଇକେଟ ବିନିମୟରେ ୩୦୮ ରନ କରିଥିଲା। ଭାରତୀୟ ୧୯ବର୍ଷରୁ କମ୍ ଦଳରୁ ଖେଳିଥିବା ଆର୍ଯ୍ୟ ୧୨ତମ ଓଭରରେ ୬ଟି ଛକା ଲଗାଇଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ବଦୋନୀ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ପାଇଁ ଖେଳିଛନ୍ତି। ସେ ତାଙ୍କ ଇନିଂସରେ ୧୯ ଛକା ଲଗାଇ ସମସ୍ତ ପ୍ରକାର ଟି୨୦ କ୍ରିକେଟରେ ଏକ ବିଶ୍ୱ ରେକର୍ଡ କରିଛନ୍ତି। ପୂର୍ବରୁ ମିଳିତ ଭାବେ ଏହି ରେକର୍ଡର ଥିଲେ ୱେଷ୍ଟଇଣ୍ଡିଜର ପୂର୍ବତନ ଖେଳାଳି ତଥା ଟି୨୦ କିମ୍ବଦନ୍ତୀ କ୍ରିସ୍ ଗେଲ୍ ଏବଂ ଇସ୍ତୋନିଆର ସାହିଲ ଚୌହାନ। ଉଭୟେ ଏକ ଟି୨୦ ଇନିଂସରେ ୧୮ ଛକା ଲଗାଇଛନ୍ତି। ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ୍)ର ୨୦୧୭ ସଂସ୍କରଣରେ ଢାକା ଡିନାମାଇଟ୍ସ ବିପକ୍ଷ ମ୍ୟାଚରେ ରାଙ୍ଗପୁର ରାଇଡର୍ସ ତରଫରୁ ଖେଳୁଥିବା ଗେଲ୍ ୧୮ ଛକା ଏବଂ ୫ ଚୌକା ସହ ୬୯ ବଲ୍‌ରେ ୧୪୬ ରନ କରିଥିଲେ। ଅନ୍ୟପକ୍ଷରେ ଚଳିତବର୍ଷ ଜୁନ୍‌ରେ ସାଇପ୍ରସ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ରେ ଇସ୍ତୋନିଆ ତରଫରୁ ଖେଳି ଭାରତୀୟ ବଂଶୋଦ୍ଭବ ଚୌହାନ ୪୧ ବଲ୍‌ରେ ୧୪୪ ରନ କରିଥିଲେ। ଏଥିରେ ତାଙ୍କର ୧୮ଟି ଛକା ସାମିଲ ଥିଲା। ବାମହାତୀ ବ୍ୟାଟର ଆର୍ଯ୍ୟ ୪୦ ବଲ୍‌ରେ ଶତକ ହାସଲ କରିବା ସହ ୫୦ ବଲ୍‌ରୁ ୧୦ ଛକା ଓ ୧୦ ଚୌକା ସହ ୧୨୦ ରନ ସଂଗ୍ରହ କରିଥିଲେ। ୧୨ତମ ଓଭରରେ ମମନ ଭରଦ୍ୱାଜଙ୍କ ବୋଲିଂରେ ସେ ୬ଟି ବଲ୍‌ରେ କ୍ରମାଗତ ୬ ଛକା ଲଗାଇଥିଲେ। ବଦୋନୀ ଓ ଆର୍ଯ୍ୟ ଦ୍ୱିତୀୟ ଉଇକେଟ ପାର୍ଟନରଶିପ୍‌ରେ ୨୮୬ ରନ ସଂଗ୍ରହ କର ବିଶ୍ୱ ରେକର୍ଡ କରିଛନ୍ତି। ଟି୨୦ରେ ଯେ କୌଣସି ଉଇକେଟରେ ମଧ୍ୟ ଏହା ହେଉଛି ସର୍ବାଧିକ ପାର୍ଟନରଶିପ୍। ବଦୋନୀ ଓ ଆର୍ଯ୍ୟ ଚଳିତବର୍ଷ ଫେବୃଆରୀରେ ଚାଇନା ବିପକ୍ଷ ମ୍ୟାଚରେ ଜାପାନ ଓପନିଂ ଯୋଡ଼ି ଲାଚଲାନ ୟାମାମୋଟୋ-ଲେକ୍ ଓ କେଣ୍ଡେଲ କାଡୋୱାକି-ଫ୍ଲେମିଂ ପ୍ରଥମ ଉଇକେଟରେ ୨୫୮ ରନ ଯୋଗକରି ବିଶ୍ୱ ରେକର୍ଡର ଅଧିକାରୀ ହୋଇଥିଲେ। ସାଉଥ୍ ଦିଲ୍ଲୀ ୩୦୮/୫ ସ୍କୋର କରିଥିଲା। ଆଉ ୬ରନ ଯୋଗ କରିପାରିଥିଲେ ଏହି ଦଳ ଏକ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିପାରିଥାନ୍ତା। ୨୦୨୩ରେ ଏସିଆନ ଗେମ୍ସ ପୁରୁଷ ପ୍ରତିଯୋଗିତାରେ ମଙ୍ଗୋଲିଆ ବିପକ୍ଷ ମ୍ୟାଚରେ ନେପାଳ ନିର୍ଦ୍ଧାରିତ ୨୦ଓଭରରେ ୩ ଉଇକେଟ ବିନିମୟରେ ୩୧୪ରନ ସଂଗ୍ରହ କରି ଏକ ବିଶ୍ୱ ରେକର୍ଡର ଅଧିକାରୀ ହୋଇପାରିଛି।

# ଭାରତୀୟ ଦଳରେ ସମିତ ଦ୍ରାବିଡ୍

## ୧୯ବର୍ଷରୁ କମ୍ କ୍ରିକେଟ

ନୂଆଦିଲ୍ଲୀ, ୩୧।୮ (ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ଆଗାମୀ ମଲ୍‌ଟି ଫର୍ମାଟ ସିରିଜ ପାଇଁ ଭାରତର ୧୯ ବର୍ଷରୁ କମ୍ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏଥିରେ ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡଙ୍କ ପୁଅ ସମିତ ସ୍ଥାନ ପାଇଛନ୍ତି। ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ପୁଡୁଚେରୀରେ ସେପ୍ଟେମ୍ବର ୨୧, ୨୩ ଓ ୨୬ରେ ଖେଳାଯିବ। ଉତ୍ତର ପ୍ରଦେଶର ମହମ୍ମଦ ଅମନ ଭାରତୀୟ ଦଳର ନେତୃତ୍ୱ ନେବେ। ସିରିଜ ପରେ ଚେନ୍ନାଇକୁ ସ୍ଥାନାନ୍ତର ହେବ। ସେଠାରେ ଦୁଇଟି ୪ ଦିନିଆ ମ୍ୟାଚ ସେପ୍ଟେମ୍ବର ୩୦ ଓ ଅକ୍ଟୋବର ୭ରୁ ଖେଳାଯିବ। ଏଥିରେ ମଧ୍ୟପ୍ରଦେଶର ସୋହମ ପଟବର୍ଦ୍ଧନ ଅଧିନାୟକତ୍ୱ କରିବେ। ସମିତ ହେଉଛନ୍ତି ଜଣେ ପେସ୍ ବୋଲିଂ ଅଲରାଉଣ୍ଡର। ବର୍ତ୍ତମାନ ସେ ବେଙ୍ଗାଲୁରୁରେ ଚାଲିଥିବା ଚଳିତ କର୍ନାଟକ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ) ମହାରାଜା ଟି୨୦ ଟ୍ରଫିରେ ଖେଳୁଛନ୍ତି। ଏଥିରେ ସେ ଖେଳିଥିବା ୭ ଇନିଂସରେ ମୋଟ ୮୨ ରନ ସଂଗ୍ରହ କରିଛନ୍ତି। ତାଙ୍କର ସର୍ବୋଚ୍ଚ ସ୍କୋର ୩୩ ରନ୍ ରହିଛି। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ତାଙ୍କୁ ବୋଲିଂ ଦିଆଯାଇ ନାହିଁ। କିନ୍ତୁ ଚଳିତବର୍ଷ ପ୍ରାରମ୍ଭରେ କୁଚ୍ ବିହାର ଟ୍ରଫିରେ ତାଙ୍କର ପ୍ରଦର୍ଶନ ଭଲ ରହିଥିଲା। ଇଭେଣ୍ଟରେ କର୍ନାଟକର ପ୍ରଥମ ଟାଇଟଲ ସଫଳତା ପଛରେ ତାଙ୍କର ବିଶେଷ ଭୂମିକା ରହିଥିଲା। ଏହି ଟୁର୍ନାମେଣ୍ଟରେ ସେ ମୋଟ ୩୬୨ ରନ ସଂଗ୍ରହ କରିଥିଲେ। ତନ୍ମଧ୍ୟରେ ଜମ୍ମୁ ଓ କଶ୍ମୀର ବିପକ୍ଷରେ ତାଙ୍କର ୯୮ରନ ସାମିଲ। ଏହାଛଡ଼ା ସେ ବୋଲିଂରେ ୮ଟି ମ୍ୟାଚରେ ୧୬ ଉଇକେଟ ନେଇଥିଲେ। ତନ୍ମଧ୍ୟରେ ଫାଇନାଲରେ ମୁମ୍ବାଇ ବିପକ୍ଷରେ ୨ଉଇକେଟ ଅନ୍ତର୍ଭୁକ୍ତ।

### ଦିନିକିଆ ସିରିଜ ପାଇଁ ୧୯ ବର୍ଷରୁ କମ୍ ଭାରତୀୟ ଦଳ

ରୁଦ୍ର ପଟେଲ, ସାହିଲ ପରଖ, କାର୍ତ୍ତିକେୟ କେପି, ମହମ୍ମଦ ଅମନ (ଅଧିନାୟକ), କିରଣ ଖୋରମଲେ, ଅଭିଜ୍ଞ କୁଣ୍ଡୁ (ଉଇକେଟକିପର), ହରବଂଶ ସିଂ ପଙ୍ଗାଲିଆ (ଉଇକେଟକିପର), ସମିତ ଦ୍ରାବିଡ, ଯୁଦ୍ଧଜିତ୍ ଗୁହା, ସମର୍ଥ ଏନ୍, ନିଖିଲ କୁମାର, ଚେତନ ଶର୍ମା, ହାର୍ଦ୍ଦିକ ରାଜ, ରୋହିତ ରାଜାୱତ, ମହମ୍ମଦ ଏନାନ।

### ୪ ଦିନିଆ ସିରିଜ ପାଇଁ ଭାରତୀୟ ଦଳ

ବୈଭବ ସୂର୍ଯ୍ୟବଂଶୀ, ନିତ୍ୟା ପାଣ୍ଡ୍ୟା, ବିହାନ ମାଲହୋତ୍ରା, ସୋହମ ପଟବର୍ଦ୍ଧନ (ଅଧିନାୟକ), କାର୍ତ୍ତିକେୟ କେପି, ସମିତ ଦ୍ରାବିଡ, ଅଭିଜ୍ଞ କୁଣ୍ଡୁ, ହରବଂଶ ସିଂ ପଙ୍ଗାଲିଆ (ଉଇକେଟକିପର), ଚେତନ ଶର୍ମା, ସମର୍ଥ ଏନ୍, ଆଦିତ୍ୟ ରାୱତ, ନିଖିଲ କୁମାର, ଅନମୋଲଜିତ ସିଂ, ଆଦିତ୍ୟ ସିଂ ଓ ମହମ୍ମଦ ଏନାନ୍।

# ଓଡ଼ିଶାର ଲାଲୁ ପ୍ରସାଦ ଦ୍ରୁତତମ ଆଥ୍‌ଲେଟ

ବେଙ୍ଗାଲୁରୁ, ୩୧।୮ (ପି.ଟି.)

୬୩ତମ ନ୍ୟାଶନାଲ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଶନିବାର ଜାତୀୟ ରେକର୍ଡଧାରୀ ମଣିକାନ୍ତ ହବ୍ଲିଧର ଓ ତେଜସ ଶିରସେ ଯଥାକ୍ରମେ ୧୦୦ମିଟର ସ୍ପ୍ରିଣ୍ଟ ଓ ୧୧୦ ମିଟର ହର୍ଡଲ୍ସ ରେ ସ୍ୱର୍ଣ୍ଣ ପଦକ ମୁକାବିଲାରେ ହାରିଯାଇଛନ୍ତି। ଓଡ଼ିଶାର ୨୧ ବର୍ଷୀୟ ସ୍ପ୍ରିଣ୍ଟର ଲାଲୁ ପ୍ରସାଦ ଭୋଇ ତାଙ୍କଠାରୁ ଅଭିଜ୍ଞ ଧାବକମାନଙ୍କୁ ପଛରେ ପକାଇ ମିଟ୍‌ର ଦ୍ରୁତତମ ଆଥଲେଟ ବିବେଚିତ ହୋଇଛନ୍ତି। ସେ ୧୦୦ମିଟର ରେସ୍‌କୁ ୧୦.୪୬ ସେକେଣ୍ଡ ଟାଇମିଂରେ ଜିତିଛନ୍ତି। ସେହିପରି ପୁରୁଷ ୧୧୦ ମିଟର ହର୍ଡଲ୍ସରେ ରେଲୱେର ଶିର୍‌ସେ (୧୪.୦୧)ଙ୍କୁ ପଛରେ ପକାଇ ରେଲୱେର ମାନବ ଆର୍ ୧୩.୮୬ ସେକେଣ୍ଡ ଟାଇମିଂରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

# ମେହିଦିଙ୍କୁ ୫ ଉଇକେଟ, ପାକିସ୍ତାନ ୨୭୪ରେ ସୀମିତ

ରାୱଲପିଣ୍ଡି, ୩୧।୮ (ଏପି)

ଅଫ୍ ସ୍ପିନର ମେହିଦି ହସନ ମିରାଜଙ୍କ ୫ ଉଇକେଟ ସଫଳତା ଯୋଗୁ ଏଠାରେ ଚାଲିଥିବା ଦ୍ୱିତୀୟ ତଥା ଫାଇନାଲ କ୍ରିକେଟ ଟେଷ୍ଟରେ ବାଂଲାଦେଶ ୨୭୪ ରନ ସ୍କୋରରେ ପାକିସ୍ତାନକୁ ଅଲ୍ ଆଉଟ କରିବାରେ ସମର୍ଥ ହୋଇପାରିଛି। ମେହିଦିଙ୍କର ଏହା ହେଉଛି ୧୦ମ ୫ ଉଇକେଟ ସଫଳତା। ତସ୍କିନ ଅହମ୍ମଦ ୩ ଉଇକେଟ ସଫଳତା ପାଇଛନ୍ତି। ପାକିସ୍ତାନ ଦଳର ଟପ୍ ସ୍କୋରର ସଇମ ଆୟୁବ ୫୮, ଅଧିନାୟକ ଶନ ମାସୁଦ ୫୭ ଓ ଆଘା ସଲମନ ୫୪ ରନ କରିଥିଲେ। ଜବାବରେ ବାଂଲାଦେଶ ଶନିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା କୌଣସି ଉଇକେଟ ନ ହରାଇ ୧୦ରନ କରିଛି। ସଦମନ ଇସ୍‌ଲାମ ୬ ଏବଂ ଜାକିର ହୁସେନ ବିନା କୌଣସି ରନ୍‌ରେ କ୍ରିଜ୍‌ରେ ଅଛନ୍ତି। ପ୍ରଥମ ଟେଷ୍ଟରେ ବାଂଲାଦେଶ ୧୦ଉଇକେଟରେ ଐତିହାସିକ ବିଜୟ ହାସଲ କରିଥିଲା।






# ନର୍ଥଇଷ୍ଟ ୟୁନାଇଟେଡ୍ ଚାମ୍ପିୟନ

## ଡୁରାଣ୍ଡ କପ୍

### ଶୁଟଆଉଟରେ ହାରିଲା ମୋହନ ବାଗାନ

କୋଲକାତା,୩୧।୮(ପି.ଟି.)

ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଶନିବାର ମୋହନ ବାଗାନ ସୁପର ଜାଏଣ୍ଟ୍ସକୁ ନାଟକୀୟ ଢଙ୍ଗରେ ୪-୩ ପେନାଲ୍ଟି ଶୁଟଆଉଟରେ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୨-୨ରେ ଅମୀମାଂସିତ ରହିଥିଲା। ଶୁଟଆଉଟରେ ନର୍ଥଇଷ୍ଟର ଗୋଲକିପର ଚମତ୍କାର ପ୍ରଦର୍ଶନ କରି ଦୁଇଟି ସେଭ୍ କରିଥିଲେ। ତୃତୀୟ ଷ୍ଟ୍ରାଇକରେ ଲିଷ୍ଟନ କୋଲାକୋ ଓ ପଞ୍ଚମ ଶଟ୍‌ରେ ଶୁଭାଶିଷ ବୋଷଙ୍କ ଶଟ୍‌କୁ ଅଟକାଇବାରେ ସଫଳ ହୋଇଥିଲେ ଗୁରମିତ୍। ଡୁରାଣ୍ଡ କପ୍ ଇତିହାସର ସଫଳ ଦଳ ଭାବରେ ୧୭ ଥର ଟାଇଟଲ ହାସଲ କରି ସାରିଥିବା ମୋହନବାଗାନକୁ ଟାଇଟଲ ଫେଭରିଟ୍ ବିବେଚନା କରାଯାଉଥିଲା। ତେବେ ଫାଇନାଲରେ ଚମତ୍କାର ପ୍ରଦର୍ଶନ କରିଥିଲା ନର୍ଥଇଷ୍ଟ। ନିର୍ଦ୍ଧାରିତ ସମୟରେ ମୋହନବାଗାନ ପକ୍ଷରୁ ଜାସନ୍ କମିଙ୍ଗ୍ସ (୧୧) ଓ ସହଲ ଅବଦୁଲ ସମଦ(୪୫+୫) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟପକ୍ଷରେ ନର୍ଥଇଷ୍ଟ ପାଇଁ ଆଲେଦିନ ଆଜାରେଇ(୫୫) ଓ ଗୁଇଲେର୍ମୋ ଫର୍ନାଣ୍ଡେଜ୍(୫୮) ମିନିଟରେ ସ୍କୋର କରିଥିଲେ। ଶୁଟଆଉଟରେ ନର୍ଥଇଷ୍ଟ ପକ୍ଷରୁ ଆଲେଦିନ ଆଜାରେଇ, ଗୁଇଲେର୍ମୋ ଫର୍ନାଣ୍ଡେଜ୍, ପାର୍ଥିବ ଗୋଗୋଇ ଓ ଅଧିନାୟକ ମିଗୁଏଲ ଜାବାକୋ ଟମ୍ ସ୍କୋର କରିଥିଲେ। ଅନ୍ୟପକ୍ଷରେ ମୋହନ ବାଗାନ ପକ୍ଷରୁ ମାନବୀର ସିଂ, ଜାସନ୍ କମିଙ୍ଗ୍ସ ଓ ଦିମିତ୍ରି ପେଟ୍ରାଟୋସ୍ ସ୍କୋର କରିଥିଲେ। ଅଭିନେତା ଜନ୍ ଆବ୍ରାହମଙ୍କ ଦଳ ପ୍ରଥମ ଥର ପାଇଁ ଏକ ଚାମ୍ପିୟନଶିପ୍‌ରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ୧୩ ଥର ମୋହନ ବାଗାନ ରନର୍ ଅପ୍ ରହିଛି। ନର୍ଥଇଷ୍ଟ ୟୁନାଇଟେଡ୍‌ର ଏମ୍. ଏସ୍. ଜିତିନଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ଗୋଲ୍ଡେନ୍ ବଲ୍ ମିଳିଥିଲା। ସର୍ବାଧିକ ଗୋଲ ସ୍କୋର କରିଥିବା କେରଳ ବ୍ଲାଷ୍ଟର୍ସର ନୋଆ ଅଲି ସାଦୋଇଙ୍କୁ ଗୋଲ୍ଡେନ୍ ବୁଟ୍, ନର୍ଥଇଷ୍ଟ ଗୋଲ କିପର ଗୁରମିତ ସିଂଙ୍କୁ ଗୋଲ୍ଡେନ୍ ଗ୍ଲୋଭ ମିଳିଥିଲା।




ଡୁରାଣ୍ଡ କପ୍ ଟ୍ରଫି ସହ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି।

# ଜୋକୋଭିଚ୍‌ଙ୍କୁ ବିଦାକଲେ ପପିରିନ୍

## ୟୁଏସ୍ ଓପନ

ନ୍ୟୁୟର୍କ,୩୧।୮(ପି.ଟି.)

ବର୍ଷର ଅନ୍ତିମ ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନରେ ଶନିବାର ଆଉ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ବିଶ୍ୱ ମାନ୍ୟତାର ଦ୍ୱିତୀୟ ତଥା ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଲକ୍ଷ୍ୟରେ ଥିବା ଜୋକୋଭିଚ୍ ସିଧାସଳଖ ସେଟ୍‌ରେ ପରାଜିତ ହୋଇ ବିଦାୟ ନେଇଛନ୍ତି। ୨୮ ନମ୍ବର ସିଡ୍ ଖେଳାଳି ଆଲେକ୍ସ ପପିରିନ୍ ୬-୪, ୬-୪, ୨-୬ ଓ ୬-୪ ସେଟ୍‌ରେ ଏହି ମ୍ୟାଚ୍‌କୁ ଜିତି ନେଇଥିଲେ। ଜୋକୋଭିଚ୍ ଏହି ମ୍ୟାଚରେ ୧୪ଟି ଡବଲ୍ ଫଲ୍ଟ କରିଥିଲେ। ଉଭୟ ଖେଳାଳିଙ୍କ ମଧ୍ୟରେ ଏହା ତୃତୀୟ ମ୍ୟାଚ୍ ହୋଇଥିବା ବେଳେ ଜୋକୋଭିଚ୍ ପ୍ରଥମ ଥର ପରାଜିତ ହୋଇଛନ୍ତି। ପ୍ରଥମ ୨ ସେଟ୍‌ରେ ପପିରିନ୍ ବିଜୟୀ ହୋଇଥିବା ବେଳେ ତୃତୀୟ ସେଟ୍‌ରେ ଜୋକୋଭିଚ୍ ଜିତିଥିଲେ। ତେବେ ଚତୁର୍ଥ ସେଟ୍‌ରେ ଜୋକୋଭିଚଙ୍କୁ ପ୍ରତ୍ୟାବର୍ତ୍ତନର ସୁଯୋଗ ଦେଇ ନ ଥିଲେ ପପିରିନ୍। ନିକଟରେ ପ୍ରଥମ ଅଲିମ୍ପିକ୍ସ ସ୍ୱର୍ଣ୍ଣ ଜିତିଥିବା ଜୋକୋଭିଚ୍‌ଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର ପରେ ଟେପିଂ ହୋଇଥିବା ଦେଖିବାକୁ ମିଳିଥିଲା।




ଆଲେକ୍ସ ପପିରିନ୍।

ଅନ୍ୟ ପୁରୁଷ ଖେଳାଳିଙ୍କ ମଧ୍ୟରେ ଆଲେକଜାଣ୍ଡାର ଜେଭରେଭ୍, ବ୍ରାଣ୍ଡନ ନାକାଶିମା, କାସ୍ପର ରୁଡ୍, ଟେଲର ଫ୍ରିଟ୍‌ଜ, ଗ୍ରେଗୋର ଦିମିତ୍ରୋଭ ଓ ଫ୍ରାନ୍‌ସିସ ଟିଆଫୋ ବିଜୟ ସହିତ ପ୍ରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱ ମାନ୍ୟତାର ୪ ନମ୍ବର ଖେଳାଳି ଜେଭ୍‌ରେଭ୍ ୫-୭, ୭-୫, ୬-୧, ୬-୩ ସେଟ୍‌ରେ ଥୋମାସ ମାର୍ଟିନ ଏଚେଭେରୀଙ୍କୁ ପରାସ୍ତ କରିଥିଲେ। ଦୁଇ ଆମେରିକୀୟ ଖେଳାଳି ବେନ୍ ଶେଲଟନ୍ ଓ ଫ୍ରାନ୍ସିସ୍ ଟିଆଫୋଙ୍କ ମଧ୍ୟରେ ୫ ସେଟ୍‌ର ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଦେଖିବାକୁ ମିଳିଥିଲା। ୪-୬, ୭-୫, ୬-୭(୫/୭), ୬-୪ ଓ ୬-୩ ସେଟ୍‌ରେ ଜିତି ଟିଆଫୋ ପ୍ରି କ୍ୱାର୍ଟରରେ ପ୍ରବେଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରାଣ୍ଡନ ନାକାଶିମା ୬-୨, ୩-୬, ୬-୩ ଓ ୭-୬ ସେଟ୍‌ରେ ଲରେଞ୍ଜୋ ମୁସେଟ୍ଟୀଙ୍କୁ, କାସ୍ପର ରୁଡ ୬-୭(୧/୭), ୩-୬, ୬-୦, ୬-୩ ଓ ୬-୧ ସେଟ୍‌ରେ ଜେ.ସି. ଶାଙ୍ଗଙ୍କୁ, ଟେଲର ଫ୍ରିଟ୍‌ଜ ୬-୩, ୬-୪ ଓ ୬-୨ ସେଟ୍‌ରେ ଫ୍ରାନ୍‌ସିସ୍କୋ କମେସାନାଙ୍କୁ, ଗ୍ରେଗୋର ଦିମିତ୍ରୋଭ ୬-୩, ୬-୩, ଓ ୬-୧ ସେଟ୍‌ରେ ଟାଲନ୍ ଗ୍ରିକସ୍ପୁରଙ୍କୁ ଓ ଆଣ୍ଡି ରୁବଲେଭ ୬-୩, ୭-୫, ୬-୪ ସେଟ୍‌ରେ ଜେରୀ ଲେହେକାଙ୍କୁ ପରାସ୍ତ କରି ପ୍ରି କ୍ୱାର୍ଟରରେ ପହଞ୍ଚିଛନ୍ତି।

ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ଆରିନା ସାବାଲେଙ୍କା ୨-୬, ୬-୧ ଓ ୬-୨ ସେଟରେ ଏକାଟେରିନା ଆଲେକଜାଣ୍ଡ୍ରୋଭାଙ୍କୁ ପରାସ୍ତ କରି ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଗତ ସଂସ୍କରଣର ରନର୍ ଅପ୍ ସାବାଲେଙ୍କା ପ୍ରଥମ ସେଟ୍‌ରେ ଅତ୍ୟନ୍ତ ସାଧାରଣ ପ୍ରଦର୍ଶନ କରି ୨-୬ରେ ପରାଜିତ ହୋଇଥିଲେ। ତେବେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ପରବର୍ତ୍ତୀ ୨ ସେଟ୍ ଜିତି ସେ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ଏଲିସ୍ ମର୍ଟେନ୍ସ ସ୍ଥାନୀୟ ଖେଳାଳି ମାଡିସନ୍ କିସ୍‌ଙ୍କୁ ପରାସ୍ତ କରିଛନ୍ତି। ମର୍ଟେନ୍ସ ୬-୭(୫/୭), ୭-୫ ଓ ୬-୪ ସେଟ୍‌ରେ କିସ୍‌ଙ୍କୁ ପରାସ୍ତ କରିଛନ୍ତି।

## ଭାମ୍ବ୍ରି, ବୋପାନ୍ନା ବିଜୟୀ: ବାଲାଜୀ ବିଦା

ନ୍ୟୁୟର୍କ,୩୧।୮(ପି.ଟି.): ବର୍ଷର ଅନ୍ତିମ ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନର ପୁରୁଷ ଡବଲ୍ସ ଇଭେଣ୍ଟରେ ଭାରତର ୟୁକି ଭାମ୍ବ୍ରି ଓ ରୋହନ ବୋପାନ୍ନା ନିଜ ନିଜ ପାର୍ଟନରଙ୍କ ସହ ବିଜୟୀ ହୋଇଥିବା ବେଳେ ଏନ୍ ଶ୍ରୀରାମ ବାଲାଜୀ ପରାଜିତ ହୋଇଛନ୍ତି। ଆଲବାନୋ ଓଲିଭେଟ୍ଟୀଙ୍କୁ ସାଥୀ କରି ଖେଳୁଥିବା ଭାମ୍ବ୍ରି ୨୦୧୪ ପରେ ଏକ ଗ୍ରାଣ୍ଡସ୍ଲାମର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୫ ନମ୍ବର ସିଡ୍ ଅଷ୍ଟିନ୍ କ୍ରାଜିସେକ୍ ଓ ଜିନ୍ ଜୁଲିଏନ୍ ରୋଜରଙ୍କୁ ୪-୬, ୬-୩, ୭-୫ ସେଟରେ ପରାସ୍ତ କରିଥିଲେ ଭାମ୍ବ୍ରି-ଓଲିଭେଟି। ଅନ୍ୟପକ୍ଷରେ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଥିବା ରୋହନ ବୋପାନ୍ ଓ ମାଥ୍ୟୁ ଏବଡେନଙ୍କ ଯୋଡି ସିଧାସଳଖ ୬-୨, ୬-୪ ସେଟରେ ରବର୍ଟୋ ବାଏନା ଓ ଫେଡେରିକୋ କୋରିଆଙ୍କ ଯୋଡିକୁ ପରାସ୍ତ କରିଥିଲେ। ଅନ୍ୟତମ ଭାରତୀୟ ଯୋଡି ଏନ୍ ଶ୍ରୀରାମ ବାଲାଜୀ-ଗୁଡିଓ ଆଣ୍ଡ୍ରେଓଜି ୭-୬(୭/୪), ୬-୪ ସେଟରେ ମାଇକେଲ ଭେନସ ଓ ନୀଲ ସ୍କୁପସ୍କିଙ୍କଠାରୁ ପରାଜିତ ହେବା ସହ ବିଦାୟ ନେଇଛନ୍ତି।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ